ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୦/୨୦୨୪ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 20/2024 Page 14 ₹ 7.00
୫୦ଶ ଭାଗ ୧୪୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 146 ମୂଲ୍ୟ₹୭/-



## ପବିତ୍ର ସାହୁଙ୍କୁ ବଡ଼ ସୁଯୋଗ

ହ୍ୱିଲଚେୟାର ଫେନ୍‌ସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ ଓଡ଼ିଶାର ପବିତ୍ର ସାହୁ ।

୧୨

୦୨

## ୩ ବର୍ଷ କାମ ଖୋଜୁଥିଲେ ଅର୍ଶଦ ୱାର୍ସି

ଫିଲ୍ମରେ କାମ କରିବାକୁ ଏକଦା ୩ ବର୍ଷ ଯାଏ ସୁଯୋଗ ପାଇ ନ ଥିଲେ ବୋଲି ବଲିଉଡ୍ ଅଭିନେତା ଅର୍ଶଦ ୱାର୍ସି ଏକ ସାକ୍ଷାତ୍‌କାରରେ କହିଛନ୍ତି।





ଆସାମର ନଗାଓଁସ୍ଥିତ ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପରେ ଜଣେ ମହିଳା ନିଜ ଅଙ୍ଗୁଳିର ଅଲିଭା କାଳି ଦେଖାଉଛନ୍ତି ।

# ଡଙ୍ଗାବୁଡ଼ି ୨ ମୃତ, ୭ ନିଖୋଜ

**ଝାରସୁଗୁଡ଼ା, (ସଞ୍ଜୟ ମାଲି) / ଭୁବନେଶ୍ୱର,(ଅନିଲ ଦାସ) ୧୯।୪**

ଝାରସୁଗୁଡ଼ା ଜିଲା ଲଖନପୁର ଦେଇ ପ୍ରବାହିତ ମହାନଦୀରେ ଶୁକ୍ରବାର ଅପରାହ୍ଣରେ ଏକ ଡଙ୍ଗା ବୁଡ଼ିଯାଇଛି। ଏହି ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ନିଖୋଜ ହୋଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ଛତିଶଗଡ଼ ଅତର୍ଲିଆ ଗ୍ରାମର ପ୍ରାୟ ୫୦ ଯାତ୍ରୀ ଏକ ମିନିବସ୍‌ରେ ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପଥରସେନିକୁ ପିକ୍‌ନିକ୍ କରିବାକୁ ବାହାରିଥିଲେ। ସେମାନେ ସକାଳେ ରାୟଗଡ଼ ଦେଇ ଝାରସୁଗୁଡ଼ା ଲଖନପୁର ବ୍ଲକ ଅନ୍ତର୍ଗତ ମହାନଦୀର ଶରଧା ଡଙ୍ଗାଘାଟରେ ପହଞ୍ଚିଥିଲେ। ସେଠାରୁ ଏକ ଡଙ୍ଗା ଯୋଗେ ମହିଳା, ପୁରୁଷ ଓ ଶିଶୁଙ୍କୁ ମିଶାଇ ସମସ୍ତ ୫୦ ଯାତ୍ରୀ ବରଗଡ଼ ଜିଲା ବାଞ୍ଜିପାଲି ଘାଟରେ ପହଞ୍ଚି ପିକ୍‌ନିକ୍ ସ୍ପଟ୍ ପଥରସେନି ଯାଇଥିଲେ। ସେମାନେ ପିକ୍‌ନିକ୍ ସାରି ଅନ୍ୟ ଏକ ଡଙ୍ଗାରେ ଶରଧା ଘାଟକୁ ବାହାରିଥିଲେ। କିନ୍ତୁ ଘାଟରେ ପହଞ୍ଚିବା ପୂର୍ବରୁ ଅଳ୍ପ ଦୂରରେ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ଏଥିରେ ବସିଥିବା ୫୦ ଯାତ୍ରୀ ପାଣିରେ ବୁଡ଼ିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ମହାନଦୀରେ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିଯାଇଥିଲେ। ସେମାନେ ଖୋଜାଖୋଜି କରି ୪୦ ଜଣଙ୍କୁ ଜୀବନ୍ତ ଉଦ୍ଧାର କରିଥିବାବେଳେ ଅନ୍ୟ ୨ ଜଣଙ୍କ ମୃତଦେହ ଠାବ କରିଥିଲେ। ଏହାସହ ୭ ଯାତ୍ରୀ ନିଖୋଜ ଥିବା ଜାଣିବାକୁ ପାଇଥିଲେ। ଉଦ୍ଧାର ହୋଇଥିବା ଲୋକଙ୍କୁ ନିକଟସ୍ଥ ଲଖନପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ରେଙ୍ଗାଲି ଥାନା ଅଧିକାରୀଙ୍କ ସହ ଝାରସୁଗୁଡ଼ା ଏସ୍‌ପି ସ୍ମିଥ୍ ପି. ପରମାର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ☞ପୃଷ୍ଠା-୧୧

## ଲାଇଫ୍ ଜାକେଟ୍ ନିୟମକୁ ଅଣଦେଖାରୁ ଯାଉଛି ଜୀବନ

**ଭୁବନେଶ୍ୱର, ୧୯।୪(ଅନିଲଦାସ)**

ବୋଟ୍ ଏବଂ ଡଙ୍ଗାରେ ଯିବାବେଳେ ଯାତ୍ରୀଙ୍କ ପାଇଁ ଲାଇଫ୍ ଜାକେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ସରକାରଙ୍କ ପକ୍ଷରୁ ଏହି ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସତ୍ତ୍ୱେ ତାହା ପ୍ରାୟତଃ କାର୍ଯ୍ୟକାରୀ ହେଉନାହିଁ। ଡଙ୍ଗା ପରିଚାଳନା କରିଥିବା ସଂସ୍ଥା କିମ୍ବା ବ୍ୟକ୍ତି ଏବଂ ଯାତ୍ରୀମାନେ ଲାଇଫ୍ ଜାକେଟ୍ ପରିଧାନକୁ ଅଣଦେଖା କରୁଛନ୍ତି। ପ୍ରଶାସନ ତରଫରୁ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଡଙ୍ଗାବୁଡ଼ିଲେ ଯାତ୍ରୀଙ୍କ ଜୀବନହାନି ଘଟୁଛି। ଏହାର ସଦ୍ୟ ଉଦାହରଣ ହେଲା ଝାରସୁଗୁଡ଼ାରେ ଶୁକ୍ରବାର ହୋଇଥିବା ଡଙ୍ଗାବୁଡ଼ି। ସେହିପରି କେତେକ ବଡ଼ ଡଙ୍ଗାବୁଡ଼ି ଘଟଣା ମହାନଦୀ, ଚିଲିକା, ହୀରାକୁଦ ଡ୍ୟାମ, କୋଲାବ ଜଳଭଣ୍ଡାର ଆଦିରେ ଘଟିଛି। ୨୦୧୪ ଫେବୃୟାରୀ ୯ରେ ହୀରାକୁଦ ଜଳଭଣ୍ଡାରରେ ମୋଟରଚାଳିତ ଡଙ୍ଗା ବୁଡ଼ିଯିବାରୁ ୩୧ଜଣଙ୍କ ଜୀବନହାନି ଘଟିଥିଲା।

ଜଳପଥରେ ଯିବା ଆସିବା କରୁଥିବା ଯାତ୍ରୀଙ୍କ ସୁରକ୍ଷାକୁ ଦେଖି ରାଜ୍ୟ ସରକାର ଓଡ଼ିଶା ନୌକା ନୀତି (ବୋଟ୍ ପଲିସି)-୨୦୦୪ କାର୍ଯ୍ୟକାରୀ କରୁଛନ୍ତି। ଏହି ନୀତି ଅନୁଯାୟୀ ରାଜ୍ୟର ନଦୀ ନାଳ, ହ୍ରଦ ଓ କେନାଲରେ ନୌକା ଚଳାଇବା ସକାଶେ ଡଙ୍ଗା ପଞ୍ଜୀକରଣ ସହ ☞ପୃଷ୍ଠା-୧୧

# ‘ଦୂରଦର୍ଶନର ଗୈରିକୀକରଣ’

**ନୂଆଦିଲ୍ଲୀ, ୧୯।୪**

ସରକାରୀ ନ୍ୟୁଜ୍ ଚ୍ୟାନେଲ୍ ‘ଡିଡି ନ୍ୟୁଜ୍’ ଏହାର ନୂଆ ଲୋଗୋ ଉନ୍ମୋଚନ କରିବା ପରେ ଏହାକୁ ନେଇ ସୋସିଆଲ ମିଡିଆରେ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ଥିବା ଲାଲ୍ ରଙ୍ଗର ଲୋଗୋକୁ ବଦଳାଯାଇ ମଙ୍ଗଳବାର ଦୂରଦର୍ଶନ ଗୈରିକ ରଙ୍ଗର ନୂଆ ଲୋଗୋ ଲଞ୍ଚ୍ କରିଥିଲା। ସରକାରୀ ପ୍ରସାରଣ ସଂସ୍ଥା ପ୍ରସାର ଭାରତୀ ଅଧୀନରେ ଥିବା ଡିଡି ନ୍ୟୁଜ୍ ଚ୍ୟାନେଲ୍‌ର ଗୈରିକୀକରଣ ହୋଇଥିବା ନେଇ ବିରୋଧୀ ଦଳ ଏବଂ ମିଡିଆ ବିଶେଷଜ୍ଞମାନେ ସମାଲୋଚନା କରିଛନ୍ତି। ଏହା ଆଉ ପ୍ରସାର ଭାରତୀ ହୋଇ ରହିନାହିଁ, ପ୍ରଚାର ଭାରତୀରେ ପରିଣତ ହୋଇଛି ବୋଲି ଏହାର ପୂର୍ବତନ ସିଇଓ ଜୱାହର ସିର୍‌କର ମନ୍ତବ୍ୟ ଦେଇଛନ୍ତି। ଗୈରିକ ରଙ୍ଗ ହିନ୍ଦୁତ୍ୱ ସହ ଜଡ଼ିତ ଏବଂ ଶାସକ ଭାଜପା ଏବଂ ଏହାର ମୂଳ ସଂଗଠନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ହିନ୍ଦୁତ୍ୱକୁ ନିଜର ଆଦର୍ଶ ଭାବେ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ପ୍ରସାର ଭାରତୀର ବର୍ତ୍ତମାନର ସିଇଓ ଗୌରବ ଦ୍ୱିବେଦୀ ସମାଲୋଚନାକୁ ଖଣ୍ଡନ କରିଛନ୍ତି। ଲୋଗୋକୁ କମଳା ରଙ୍ଗ କରାଯାଇଛି। ଜି୨୦ ସମ୍ମିଳନୀ ଆୟୋଜନ ପୂର୍ବରୁ ଆମେ ଡିଡି ଇଣ୍ଡିଆ (ଇଂଲିଶ ନ୍ୟୁଜ୍ ଚ୍ୟାନେଲର ଲୋଗୋକୁ ବଦଳାଇଥିଲୁ ବୋଲି ଗୌରବ କହିଛନ୍ତି। ଗତ କିଛି ଦଶନ୍ଧି ମଧ୍ୟରେ ଲୋଗୋର ରଙ୍ଗକୁ ଏକାଧିକ ଥର ବଦଳାଯାଇଛି ଏବଂ ବିଭିନ୍ନ ରଙ୍ଗର ମିଶ୍ରଣକୁ ପରୀକ୍ଷାମୂଳକ ଭାବେ ନିଆଯାଇଛି। ଚ୍ୟାନେଲକୁ ଅଲଗା କରିବା ପାଇଁ ଦୃଶ୍ୟ ସୌନ୍ଦର୍ଯ୍ୟବାଦରେ ପରିବର୍ତ୍ତନ ଆବଶ୍ୟକ ବୋଲି ଗୌରବ କହିଛନ୍ତି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚୟନ କରିଥିବା ଦୂରଦର୍ଶନର ପ୍ରଥମ ଲୋଗୋ ୧୯୭୬ ଏପ୍ରିଲ ୧ରେ ପଣ୍ଡିତ ରବିଶଙ୍କର ଏବଂ ଉସ୍ତାଦ ଅଲି ଅହମଦ ହୁସେନ୍ ଖାନ୍‌ଙ୍କ ସଙ୍ଗୀତ ଥେମ୍ ସହ ପ୍ରକାଶ ପାଇଥିଲା, ଯେଉଁଥିରେ ଲୋଗୋ ସବୁଜ ବ୍ୟାକ୍‌ଗ୍ରାଉଣ୍ଡରେ କମଳାରଙ୍ଗର ଥିଲା ବୋଲି ପ୍ରସାର ଭାରତୀ ସିଇଓ କହିଛନ୍ତି। ☞ପୃଷ୍ଠା-୪




# ୧୦୨ ଆସନରେ ୬୦% ମତଦାନ

**ନୂଆଦିଲ୍ଲୀ, ୧୯।୪(ପି.ଟି.)**

୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଆସନରେ ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୋଟିଂ ଶେଷ ସୁଦ୍ଧା ମତଦାନ ହାର ୬୦.୦୩ ପ୍ରତିଶତ ରହିଥିବାବେଳେ ତାହା ଅଧିକ ବଢ଼ିପାରେ ବୋଲି ନିର୍ବାଚନ କମିଶନ କହିଛନ୍ତି। ସନ୍ଧ୍ୟା ୬ଟାରେ ମତଦାନ ଶେଷ ହୋଇଥିବାବେଳେ ସେହି ସମୟରେ ଧାଡ଼ିରେ ଛିଡ଼ା ହୋଇଥିବା ଲୋକମାନଙ୍କୁ ମତାଧିକାର ସାବ୍ୟସ୍ତ ଲାଗି ଅଧିକ ସମୟ ଦିଆଯାଇଥିଲା। ୨୦୧୯ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ୬୯.୪୩ ପ୍ରତିଶତ ରହିଥିଲା।

ପଶ୍ଚିମବଙ୍ଗ ଏବଂ ମଣିପୁରରେ ମତଦାନ ବେଳେ ହିଂସାକାଣ୍ଡ ଘଟିଥିବାବେଳେ ଛତିଶଗଡ଼ରେ ଅକସ୍ମାତ ଏକ ଗ୍ରେନେଡ୍ ଲଞ୍ଚର ସେଲ୍ ବିସ୍ଫୋରଣ ଘଟି ସିଆର୍‌ପିଏଫ୍‌ର ଜଣେ ଯବାନ ନିହତ ହୋଇଛନ୍ତି। ମତଦାନ ପ୍ରକ୍ରିୟା ସୁଚାରୁ ରୂପେ ଏବଂ ଶାନ୍ତିଶୃଙ୍ଖଳାର ସହ ଆଗେଇ ଚାଲିଥିବା ନିର୍ବାଚନ କମିଶନଙ୍କ ମୁଖପାତ୍ର କହିଛନ୍ତି। ଲୋକ ସଭା ନିର୍ବାଚନ ସହ ଅରୁଣାଚଳପ୍ରଦେଶ ଏବଂ ସିକିମ୍‌ରେ ବିଧାନସଭା ନିର୍ବାଚନ ମଧ୍ୟ ଏକସଙ୍ଗେ ଅନୁଷ୍ଠିତ ହେଉଛି। ଅନେକ ନୂଆ ଭୋଟର ପ୍ରଥମ ଥର ଭୋଟ ଦେବା ଲାଗି ବୁଥ୍‌କୁ ଆସିଥିବାବେଳେ ନବବିବାହିତ ଦମ୍ପତି ପାରମ୍ପରିକ ପୋଷାକରେ ☞ପୃଷ୍ଠା-୪

## ହିନ୍ଦୀ ନ କହିବାରୁ କନ୍ନଡ଼ ଅଭିନେତ୍ରୀଙ୍କୁ ଆକ୍ରମଣ

**ବେଙ୍ଗାଲୁରୁ, ୧୯।୪**

କନ୍ନଡ଼ ଅଭିନେତ୍ରୀ ହର୍ଷିକା ପୁନାଚାଙ୍କୁ ୨ ଦିନ ତଳେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଥିବା ଶୁକ୍ରବାର ସେ ନିଜ ଫେସବୁକରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତେବେ ନିଜ ମାତୃଭାଷା କନ୍ନଡରେ କଥା ହେଉଥିବାରୁ ଦୁର୍ବୃତ୍ତମାନେ ଉତ୍ତେଜିତ ହୋଇ ସେ ଓ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ହର୍ଷିକା କହିଛନ୍ତି। ଏନେଇ ସେ ଫେସବୁକରେ କିଛି ଭିଡିଓ ମଧ୍ୟ ଶେୟାର କରିଛନ୍ତି। ତେବେ ଘଟଣାକୁ ନେଇ ହର୍ଷିକା ସ୍ଥାନୀୟ ଥାନାର ସହାୟତା ଲୋଡ଼ିଥିବା ବେଳେ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ଘଟଣା ସମ୍ପର୍କରେ ହର୍ଷିକା କହିଛନ୍ତି, ବେଙ୍ଗାଲୁରୁର ଫ୍ରେଜର ଟାଉନ ସ୍ଥିତ ଏକ ରେଷ୍ଟୁରାଣ୍ଟରେ ସେ ତାଙ୍କ ସ୍ୱାମୀଙ୍କ ସହ ନିକଟରେ ରାତ୍ରୀ ଭୋଜନ କରିବାକୁ ଯାଇଥିଲେ। ଯେତେବେଳେ ଉଭୟ ଭୋଜନ ସାରି କାର୍ ପାର୍କିଂ ସ୍ଥଳକୁ ଫେରିଲେ, ସେତେବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତାଙ୍କ ସ୍ୱାମୀଙ୍କ ସୁନା ଚେନ ଛଡ଼ାଇବାକୁ ଚେଷ୍ଟା ☞ପୃଷ୍ଠା-୪



ହର୍ଷିକା ପୁନାଚା

ଆଜିର ସମ୍ପାଦକୀୟ ନ୍ୟାୟିକ ବିଜୟ



## ସଂକ୍ଷେପରେ

### ତାମିଲନାଡୁରେ ମତଦାନ ବେଳେ ୨ ଭୋଟରଙ୍କ ମୃତ୍ୟୁ

**ସାଲେମ,୧୯।୪:** ତାମିଲନାଡୁର ସାଲେମ ଏବଂ କାଲ୍ଲାକୁରିଚି ଲୋକ ସଭା ଆସନର ଦୁଇଟି ବୁଥ୍‌ରେ ଶୁକ୍ରବାର ମତଦାନ ବେଳେ ୨ ଭୋଟରଙ୍କ ମୃତ୍ୟୁ ଘଟିଛି। ସାଲେମ ଜିଲା ସେନ୍ଥରାପଟ୍ଟି ଅଞ୍ଚଳର ୭୭ ବର୍ଷୀୟା ଆର୍ ଚିନ୍ନାପୋନ୍ନୁ ତାଙ୍କ ପୁଅଙ୍କ ସହ ଭୋଟ ଦେବାକୁ ବୁଥ୍‌କୁ ଆସିଥିଲେ। ସେ ଆଙ୍ଗୁଠିରେ କାଳି ଲଗାଇବା ପରେ ଇଭିଏମ୍ ନିକଟକୁ ଯାଉଥିବାବେଳେ ମୂର୍ଚ୍ଛାଯାଇଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ। ସେହିପରି ସୁରମଙ୍ଗଲମ୍‌ର ୬୯ ବର୍ଷୀୟ ଏନ୍ ପାଲାନିସାମୀ ବୁଥ୍ ଭିତରେ ମୂର୍ଚ୍ଛା ଯିବାରୁ ତାଙ୍କୁ ସାଲେମ ହସ୍ପିଟାଲକୁ ନିଆଯାଇଥିଲା। ତାଙ୍କର ମଧ୍ୟ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତର କହିଛନ୍ତି।

### ଇଭିଏମ୍ ନେଉଥିବା ଗାଡ଼ି ନଦୀରେ ବୁଡ଼ିଗଲା



**ଉତ୍ତର ଲକ୍ଷ୍ମୀପୁର (ଆସାମ), ୧୯।୪(ପି.ଟି.):** ଆସାମର ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀକୁ ଇଭିଏମ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଯାଉଥିବା ଏକ ଏସ୍‌ୟୁଭି ନଦୀରେ ବୁଡ଼ିଯାଇଛି। ଉକ୍ତ ଗାଡ଼ିଟି ଏକ ଯାନ୍ତ୍ରିକ ବୋଟ୍‌ରେ ଯାଉଥିବାବେଳେ ନଦୀରେ ଜଳସ୍ତର ହଠାତ ବଢ଼ିଯିବାରୁ ଏହାକୁ ଭସାଇ ନେଇଥିଲା। ଗାଡ଼ି ବୁଡ଼ିବା ପୂର୍ବରୁ ଡ୍ରାଇଭର ଏବଂ ପୋଲିଂ ଅଫିସର ବାହାରିଆସିଥିଲେ। ମତଦାନ କେନ୍ଦ୍ରରେ ଏକ ଇଭିଏମ୍‌ରେ ତ୍ରୁଟି ଦେଖାଦେବାରୁ ତାକୁ ବଦଳାଇବା ପାଇଁ ଉକ୍ତ ଗାଡ଼ିରେ ଇଭିଏମ୍ ନିଆଯାଉଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି।

### ଇରାନ କନ୍‌ସୁଲେଟ୍ ନିକଟରେ ବିସ୍ଫୋରଣ ଉଦ୍ୟମ

#### ସନ୍ଦିଗ୍ଧଙ୍କୁ ଅଟକ ରଖିଲା ଫ୍ରାନ୍ସ ପୋଲିସ

**ପ୍ୟାରିସ୍,୧୯।୪:** ପ୍ୟାରିସ୍‌ରେ ଥିବା ଇରାନର ବାଣିଜ୍ୟିକ ଦୂତାବାସ ନିକଟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ ଧମକ ଦେଇଥିବାବେଳେ ଫ୍ରାନ୍ସ ପୋଲିସ ତାଙ୍କୁ ଅଟକ ରଖିଛି। ସନ୍ଦିଗ୍ଧ ଜଣକ ଏକ ଗ୍ରେନେଡ୍ କିମ୍ବା ବିସ୍ଫୋରକ ବେଲ୍ଟ ସହ କନ୍‌ସୁଲେଟ୍ ବିଲ୍ଡିଂରେ ପ୍ରବେଶ କରିଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। କନ୍‌ସୁଲେଟ୍ ପକ୍ଷରୁ ପୋଲିସ ସୁରକ୍ଷା ଲୋଡ଼ାଯିବା ପରେ ସେଠାରେ ଅତିରିକ୍ତ ସୁରକ୍ଷା ବଳ ନିୟୋଜିତ କରାଯାଇଛି। ଇସ୍ରାଏଲ୍ ଉପରେ ଇରାନର ଡ୍ରୋନ୍ ଆକ୍ରମଣକୁ ଫ୍ରାନ୍ସ ସମେତ ଅନ୍ୟ ଦେଶଗୁଡ଼ିକ ନିନ୍ଦା କରିଥିଲେ।



ମାଓବାଦୀପ୍ରବଣ ବସ୍ତର ଜିଲାର ଏକ ବୁଥ୍‌ରେ ଭୋଟ ଦେବା ପାଇଁ ମହିଳାମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

# ଇରାନରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍

## ବହୁ ଡ୍ରୋନ୍‌କୁ ଖସାଇଲା ତେହେରାନ

ଦୁବାଇ,୧୯।୪



ଇରାନ୍ ଉପରେ ଇସ୍ରାଏଲୀ ସେନା ଶୁକ୍ରବାର ମିଶାଇଲ୍ ଆକ୍ରମଣ କରିଥିବା ଆମେରିକାର ଜଣେ ବରିଷ୍ଠ ସେନା ଅଧିକାରୀ ସୂଚନା ଦେଇଛନ୍ତି। ଇରାକ୍ ଓ ସିରିଆରେ ମଧ୍ୟ ବିସ୍ଫୋରଣ ଘଟିଛି। ଗତ ରବିବାର ତେହେରାନ୍ ଇସ୍ରାଏଲ୍ ଉପରେ ଏୟାରଷ୍ଟ୍ରାଇକ୍ କରିଥିବାବେଳେ ଏହାର ପ୍ରତିଶୋଧ ନେବ ବୋଲି ଇସ୍ରାଏଲ୍ କହିଥିଲା। ଇରାନର ଶତାଧିକ ଡ୍ରୋନ୍ ଏବଂ ମିଶାଇଲ୍ ଆକ୍ରମଣର ଜବାବ ଇସ୍ରାଏଲ୍ ଦେଇଥିବା କୁହାଯାଉଛି। ଅନ୍ୟପକ୍ଷରେ ଇରାନ୍ ସୈନ୍ୟ କେନ୍ଦ୍ରୀୟ ଇସ୍‌ଫାହାନ ସହର ନିକଟରେ ଥିବା ବୃହତ୍ ଏୟାରବେସ୍ ଏବଂ ଆଣବିକ କେନ୍ଦ୍ର ନିକଟରେ ଏୟାର ଡିଫେନ୍ସ ସହାୟତାରେ ଇସ୍ରାଏଲ୍ ଡ୍ରୋନ୍‌କୁ ଖସାଇଦେଇଛି। ତେବେ ଇସ୍ରାଏଲ୍‌ର ଆକ୍ରମଣ ସମ୍ଭାବନାକୁ ଇରାନର କୌଣସି ଅଧିକାରୀ ସିଧାସଳଖ ସ୍ୱୀକାର କରିନାହାନ୍ତି। ସେହିପରି ଇସ୍ରାଏଲୀ ସେନା ମଧ୍ୟ କୌଣସି ଉତ୍ତର ଦେବାକୁ ମନା କରିଦେଇଛି।

ଇରାନ ଏହାର ଅନେକ ସହରରେ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ସକ୍ରିୟ କରିଥିବା ସରକାରୀ ଗଣମାଧ୍ୟମରେ କୁହାଯାଇଛି। ଇରାନର ତୃତୀୟ ବୃହତ୍ ସହର ଇସ୍‌ଫାହାନ ନିକଟରେ ବିସ୍ଫୋରଣର ଶବ୍ଦ ଶୁଭିଥିବା ସରକାରୀ ପ୍ରସାରଣ ସଂସ୍ଥା କହିଛି। ଉକ୍ତ ସହରରେ ଅନେକ ଆଣବିକ କେନ୍ଦ୍ର ରହିଛି। ସେଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ଇରାନ୍‌ର ତାସ୍‌ନିମ ନ୍ୟୁଜ୍ ଏଜେନ୍ସି କହିଛି। ଇରାନ ଉପରେ ମିଶାଇଲ୍ ଆକ୍ରମଣ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବାବେଳେ ତେହେରାନ ଏହାକୁ ଖଣ୍ଡନ କରିଛି। ଇସ୍ରାଏଲ୍‌ର କେତେକ ଡ୍ରୋନ୍‌କୁ ଇରାନ୍ ଖସାଇଦେଇଥିବା କହିଛି।

# ହସ୍ତକ୍ଷେପ କଲେ ଅବ୍ୟବସ୍ଥା ସୃଷ୍ଟି ହେବ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୯।୪(ପି.ଟି.)

ନାମାଙ୍କନ ପତ୍ର ଖାରଜ ବିରୋଧରେ ଆବେଦନଗୁଡ଼ିକରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିବା ଆରମ୍ଭ କଲେ ଅବ୍ୟବସ୍ଥା ସୃଷ୍ଟି ହେବ ବୋଲି ଶୁକ୍ରବାର ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ବିହାରର ଜଣେ ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଚାହୁଁଥିବାବେଳେ ତାଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଥିଲା। ଏହା ବିରୋଧରେ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ନାମାଙ୍କନ ପତ୍ର ଖାରଜ ହେଲେ ଏହା ବିରୋଧରେ ନିର୍ବାଚନ ପିଟିଶନ ଦାଏର କର। ଅଭିଯୋଗ ନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୁଅନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୨ ଅନୁଯାୟୀ ଯଦି ସର୍ବୋଚ୍ଚ

## ନାମାଙ୍କନପତ୍ର ଖାରଜ ବିରୋଧରେ ଆବେଦନ

ଅଦାଲତ ନାମାଙ୍କନପତ୍ର ଖାରଜ ବିରୋଧରେ ପିଟିଶନଗୁଡ଼ିକରେ ହସ୍ତକ୍ଷେପ କରନ୍ତି ତେବେ ଅବ୍ୟବସ୍ଥା ଦେଖାଦେବ ବୋଲି ଖଣ୍ଡପୀଠ କହିଛନ୍ତି। ବିହାରର ବାଙ୍କା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ ଚାହୁଁଥିବା ଜବାହର କୁମାର ଝା ଉପଯୁକ୍ତ ଆଇନଗତ ପରାମର୍ଶ ନେବା ପାଇଁ ଖଣ୍ଡପୀଠ ତାଙ୍କ ଓକିଲଙ୍କୁ କହିଛନ୍ତି। ସିଜେଆଇ କହିଥିଲେ, ଯଦି ଆମେ ନୋଟିସ ଜାରି କରି ମାମଲାର ଶୁଣାଣି କରିବୁ ତେବେ ଏହା ନିର୍ବାଚନ ସମୟକୁ ଟପିଯିବ। ତେଣୁ ଆବେଦନକାରୀ ନିର୍ବାଚନ ଆଇନର ଶୃଙ୍ଖଳାକୁ ଅନୁପାଳନ କରିବାକୁ ହେବ। ଆବେଦନର ଶୁଣାଣିକୁ ଆମେ ମନା କରୁନାହୁଁ। ତେବେ ଆବେଦନକାରୀ ଆଇନରେ ଉପଲବ୍ଧ ଉପାୟ ଆପଣାଇବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

# ସନ୍ତାନକୁ ହେପାଜତକୁ ନେବା ପାଇଁ ବ୍ୟଭିଚାର କାରଣ ନୁହେଁ: ହାଇକୋର୍ଟ

ମୁମ୍ବାଇ,୧୯।୪

ଛାଡ଼ପତ୍ର ପାଇଁ ବ୍ୟଭିଚାରକୁ ଏକ କାରଣ ଭାବେ ଦର୍ଶାଯାଇପାରେ, କିନ୍ତୁ ସନ୍ତାନକୁ ନିଜ ହେପାଜତକୁ ନେବା ପାଇଁ ଏହାକୁ କାରଣ ଭାବେ ଦର୍ଶାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଏକ ୯ ବର୍ଷର ଝିଅକୁ ତାଙ୍କ ମାଆଙ୍କ ହେପାଜତରେ ଛାଡ଼ିବା ଅବସରରେ ଜଷ୍ଟିସ୍ ରାଜେଶ ପାଟିଲଙ୍କ ଖଣ୍ଡପୀଠ ଏହା କହିଛନ୍ତି। ୨୦୨୩ ଫେବୃଆରୀରେ ଏକ ପରିବାର ଅଦାଲତ ଝିଅଙ୍କୁ ତାଙ୍କ ମାଆଙ୍କ ଦାୟିତ୍ୱରେ ଛାଡ଼ିଥିବାବେଳେ ତାଙ୍କଠାରୁ ଅଲଗା ରହୁଥିବା ସ୍ୱାମୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆବେଦନକାରୀ ପୂର୍ବତନ ବିଧାୟକଙ୍କ ପୁଅ ହୋଇଥିବାବେଳେ ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଖବର ଅନୁଯାୟୀ ଏହି ଦମ୍ପତି ୨୦୧୦ରେ ବିବାହ କରିଥିବାବେଳେ ୨୦୧୫ରେ ସେମାନଙ୍କର ଏକ ଝିଅ ହୋଇଥିଲା। ୨୦୧୯ରେ ମହିଳାଙ୍କୁ ତାଙ୍କ ଶାଶୁଘରୁ ବାହାର କରିଦିଆଯାଇଥିବା ଅଭିଯୋଗ ହୋଇଥିବାବେଳେ ସେ ନିଜ ଇଚ୍ଛାରେ ଘର ଛାଡ଼ି ଚାଲିଯାଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ମହିଳା ଏକାଧିକ ଲୋକଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ସ୍ୱାମୀ ଅଭିଯୋଗ କରିବା ସହ ଝିଅର ଦାୟିତ୍ୱ ନେବା ପାଇଁ ଆବେଦନ କରିଥିଲେ। ତେବେ ଶିଶୁକୁ ହେପାଜତରେ ଦେବା ପାଇଁ ନିଷ୍ପତ୍ତି ନେଲା ବେଳେ ବ୍ୟଭିଚାରିତାକୁ ବିଚାରକୁ ନିଆଯାଇ ନ ଥାଏ ବୋଲି ଜଷ୍ଟିସ୍ ପାଟିଲ କହିଥିଲେ। ଭଲ ସ୍ତ୍ରୀ ନୁହନ୍ତି ଅର୍ଥ ନୁହେଁ ଯେ ମହିଳା ଜଣକ ଭଲ ମାଆ ନୁହନ୍ତି ବୋଲି ଖଣ୍ଡପୀଠ କହିବା ସହ ତାଙ୍କ ସ୍ୱାମୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି।

# ଇନ୍‌ଷ୍ଟାଗ୍ରାମ ରିଲ୍ କରିବା କାଳ ହେଲା

## ୟୁପିରେ ୨୧ ବର୍ଷୀୟ ଯୁବକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୯।୪

ଉତ୍ତରପ୍ରଦେଶର ଏକ ଗ୍ରାମରେ ଜଣେ ୨୧ ବର୍ଷୀୟ ଯୁବକ ଇନ୍‌ଷ୍ଟାଗ୍ରାମ ରିଲ୍‌କୁ ଭାଇରାଲ କରିବାକୁ ଉଦ୍ୟମ କରି ପ୍ରାଣ ହରାଇଛନ୍ତି। ଶିବମ୍ କୁମାର ନାମକ ଏହି ଯୁବକ ସ୍କୁଲ୍ ଛାତରେ ଥିବା ପତାକା ସ୍ତମ୍ଭରୁ ମୁଣ୍ଡ ତଳକୁ କରି ଝୁଲୁଥିବାବେଳେ ତାଙ୍କର କେତେଜଣ ସାଙ୍ଗ ଉକ୍ତ ଷ୍ଟଣ୍ଟକୁ ରେକର୍ଡିଂ କରୁଥିଲେ। ଶିବମ୍ ଝୁଲି ରହିଥିବା ଅବସ୍ଥାରେ ପତାକା ଉଠାଇବାକୁ ଚାହୁଁଥିଲେ। ତେବେ ସିମେଣ୍ଟରେ ତିଆରି ଉକ୍ତ ସ୍ତମ୍ଭଟି ଓଜନ ସମ୍ଭାଳି ନ ପାରି ଭାଙ୍ଗିପଡ଼ିବାରୁ ଶିବମ୍‌ଙ୍କର ମୃତ୍ୟୁ ଘଟିଥିଲା। ଜନପଦ ବନ୍ଦା ଅନ୍ତର୍ଗତ ଖଇରଡ଼ା ଗ୍ରାମରେ ଥିବା ଜୁନିୟର ହାଇସ୍କୁଲ୍‌ରେ ଗୁରୁବାର ସନ୍ଧ୍ୟାରେ ଏହି ଅଭାବନୀୟ ଘଟଣା ଘଟିଛି। ଶିବମ୍ ତାଙ୍କ ବାପାଙ୍କୁ ରେଳଷ୍ଟେଶନରୁ ଆଣି ଘରେ ଛାଡ଼ିବା ପରେ ଅପରାହ୍ନ ୫ଟାରେ ସ୍କୁଲରେ ପହଞ୍ଚିଥିଲେ। ସେଠାରେ



ଶିବମ୍ କୁମାର

ତାଙ୍କ ସାଙ୍ଗ ଅନୁ ଏବଂ ଅଙ୍କିତ ଅପେକ୍ଷା କରିଥିଲେ। ଛାତ ଉପରେ ଚଢ଼ି ସେମାନେ ଇନ୍‌ଷ୍ଟାଗ୍ରାମ ପାଇଁ ରିଲ୍ କରୁଥିବାବେଳେ ପତାକାସ୍ତମ୍ଭ ଭାଙ୍ଗିଯିବାରୁ ଶିବମ୍ ଏହା ତଳେ ଚାପିହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ପୂର୍ବରୁ ସେ ଅନେକ ଷ୍ଟଣ୍ଟ ଇନ୍‌ଷ୍ଟାଗ୍ରାମରେ ଛାଡ଼ିଥିଲେ।

# ଅତି ଜରୁରୀ ନ ଥିଲେ ଯାତ୍ରା କରନ୍ତୁ ନାହିଁ

ଆବୁଧାବି, ୧୯।୪

ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ରେ ଭୟଙ୍କର ବନ୍ୟା ମଧ୍ୟରେ ଫସିରହିଥିବା ଭାରତୀୟଙ୍କ ପାଇଁ ନୂଆ ଆଡ୍‌ଭାଇଜରି ଜାରି ହୋଇଛି। ଦୁବାଇରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଶୁକ୍ରବାର ଏହି ଆଡ୍‌ଭାଇଜରି ଜାରି କରାଯାଇଛି। ଚଳିତ ସପ୍ତାହରେ ୟୁଏଇରେ ହୋଇଥିବା ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ପରିସ୍ଥିତି ସାମାନ୍ୟ ହେବା ଯାଏଁ ଦୁବାଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅତି ଜରୁରି ନ ଥିଲେ ଯାତ୍ରା କରିବାକୁ ମନା କରାଯାଇଛି। ଏହି ସବୁ ଯାତ୍ରାଗୁଡ଼ିକୁ ପୁନଃ ନିର୍ଦ୍ଧାରଣ କରିବାକୁ ୟୁଏଇରେ



ଥିବା ଭାରତୀୟମାନଙ୍କୁ ପରାମର୍ଶ ଦିଆଯାଇଛି। ସ୍ଥିତିରେ ସୁଧାର ପାଇଁ ୟୁଏଇର ଅଧିକାରୀମାନେ କ୍ରମାଗତ କାର୍ଯ୍ୟ କରୁଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି। ସେହିପରି ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ

## ୟୁଏଇରେ ବନ୍ୟା: ଭାରତୀୟଙ୍କୁ ସତର୍କ କରାଇଲା ଦୂତାବାସ

ଭାରତୀୟ ନାଗରିକଙ୍କୁ ସହାୟତା ପାଇଁ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଅନ୍ୟପକ୍ଷରେ ଗତ ୩ ଦିନ ଧରି ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ସଠିକ ଭାବେ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ଏଠାକୁ ଏୟାର ଇଣ୍ଡିଆର ୧୨୦୦ରୁ ଅଧିକ ବିମାନ ଚଳାଚଳ ବାତିଲ କରାଯାଇଛି। ତେବେ ଏପ୍ରିଲ ୨୧ ପର୍ଯ୍ୟନ୍ତ ଯାତ୍ରା ନେଇ ବୈଧ ଟିକେଟ ଥିବା ଯାତ୍ରୀଙ୍କ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି।

## ଫୁର୍‌ସତ୍

# ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବିୟୁଟି ପାର୍ଲର

## ପ୍ରତିବାଦ କରିବାରୁ ସାଥୀ ଶିକ୍ଷୟିତ୍ରୀଙ୍କୁ କାମୁଡ଼ିଦେଲେ

ଉନ୍ନାଓ



କୌଣସି ମଧ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ବିଦ୍ୟାଳୟକୁ ଠିକ୍ ଭାବେ ଚଳାଇବା ସହ ଅନୁଶାସନ ବଜାୟ ରଖିବାର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଧାନ ଶିକ୍ଷକଙ୍କର ହୋଇଥାଏ। ତେବେ ଉତ୍ତରପ୍ରଦେଶର ଉନ୍ନାଓରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଚରଣ ସମ୍ପୃକ୍ତ ସ୍କୁଲର ସମ୍ମାନକୁ ହ୍ରାସ କରୁଥିବା ଦେଖାଯାଇଛି। ଉନ୍ନାଓର ବିଘାପୁରସ୍ଥିତ ଦାଦାମଉ ପ୍ରାଥମିକ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷା ଦେବା ପରିବର୍ତ୍ତେ ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ସିଂ ବିୟୁଟି ପାର୍ଲର ଚଳାଇଥିଲେ। ସେ ଜଣେ ପାର୍ଲର କର୍ମଚାରୀମାନଙ୍କୁ ଡାକି ସ୍କୁଲର ରୋଷେଇ ଘର ମଧ୍ୟରେ ନିଜର ଫେସିଆଲ କରାଉଥିଲେ। ଏହି ସମୟରେ ଅମନ୍ ଖାନ୍ ନାମକ ଜଣେ ସହକାରୀ ଶିକ୍ଷୟିତ୍ରୀ ସଂଗୀତାଙ୍କୁ ଦେଖି ତାଙ୍କର ଏକ ଭିଡିଓ କରିବା ଆରମ୍ଭ କରିଥିଲେ। ଏହାଦେଖି ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା କ୍ରୋଧିତ ହୋଇ ନିଜ ସାଥୀ ଶିକ୍ଷୟିତ୍ରୀ ଅମନ୍‌ଙ୍କୁ ଆକ୍ରମଣ କରିବା ସହ ତାଙ୍କ ହାତକୁ ଜୋର୍‌ରେ କାମୁଡ଼ି ଦେଇଥିଲେ। ସେହିପରି ଅମନ୍‌ଙ୍କ ହାତରେ ଫୋନ୍ ଥିବା ଦେଖି ସଂଗୀତା ଏହାକୁ ଛଡ଼େଇ ନେଇଥିଲେ। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସହକାରୀ ଶିକ୍ଷୟିତ୍ରୀ ଅମନ୍ ସ୍ଥାନୀୟ ଥାନାରେ ପ୍ରଧାନ ଶିକ୍ଷୟିତ୍ର ସଂଗୀତାଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି, ଯାହାପରେ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ତେବେ ମିଳିଥିବା ଅଭିଯୋଗ ଅନୁସାରେ ଏଫ୍‌ଆଇଆର୍ ରୁଜୁ ହୋଇଛି ଓ ଏହି ମାମଲାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉନ୍ନାଓ ପୋଲିସ ଏକ୍ସ’ରେ ସୂଚନା ଦେଇଛି।

## ୩ ବର୍ଷ କାମ ଖୋଜୁଥିଲେ ଅର୍ଶଦ ୱାର୍ସି



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅର୍ଶଦ ୱାର୍ସି ଶୁକ୍ରବାର ନିଜର ୫୬ ତମ ଜନ୍ମ ଦିବସ ପାଳନ କରିଛନ୍ତି। ଏହି ଅବସରରେ ଏକ ସାକ୍ଷାତ୍‌କାର ଦେଇ ଅର୍ଶଦ କହିଛନ୍ତି, ଦୀର୍ଘ ଦିନର ସଂଘର୍ଷ ପରେ ଅଭିନୟ ଜଗତରେ ସେ ସଫଳତା ହାସଲ କରିଛନ୍ତି। ୧୮ ବର୍ଷ ବୟସରେ ସେ ନିଜ ମାତାପିତାଙ୍କୁ ହରାଇଥିଲେ, ତେଣୁ ତାଙ୍କୁ ଅଧାରୁ ପଢ଼ା ଛାଡ଼ିବାକୁ ପଡ଼ିଥିଲା। ସେ କୋରିଓଗ୍ରାଫର ଭାବରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ଅଭିନେତ୍ରୀ ଜୟା ବଚ୍ଚନଙ୍କ ଅଫର ତାଙ୍କୁ ଅଭିନୟ ଜଗତରେ ପ୍ରବେଶ କରାଇପାରିଥିଲା। ଜୟା ତାଙ୍କ ଫିଲ୍ମ ‘ତେରେ ମେରେ ସପନେ’ରେ ଅଭିନୟ ପାଇଁ ଅର୍ଶଦଙ୍କୁ ସୁଯୋଗ ଦେଇଥିଲେ। ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ସଫଳ ହୋଇଥିଲା। କିନ୍ତୁ ପରେ ଅର୍ଶଦଙ୍କ କ୍ରମାଗତ ୮ଟି ଫିଲ ଫ୍ଲପ୍ ହୋଇଥିଲା। ଫଳରେ ତାଙ୍କୁ ସେ ସମୟରେ ଅଭିନୟ କ୍ଷେତ୍ରରେ ବିଶେଷ ସୁଯୋଗ ମିଳି ନ ଥିବା ଅର୍ଶଦ କହିଛନ୍ତି। ତେଣୁ ସେ ୩ ବର୍ଷ ଧରି ବେକାର ରହିବା ସହ ତାଙ୍କୁ କାମ ମିଳି ନ ଥିଲା। ସ୍ତ୍ରୀ ମାରିଆଙ୍କ ଦରମାରେ ସେହି ୩ ବର୍ଷ ସେ କଷ୍ଟେମଷ୍ଟେ ଚଳିଥିବା ଅର୍ଶଦ କହିଛନ୍ତି।

ତେବେ ୨୦୦୩ରେ, ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶିତ ‘ମୁନ୍ନା ଭାଇ ଏମ୍‌ବିବିଏସ୍’ ଚଳଚ୍ଚିତ୍ରରେ ସେ ସର୍କିଟ ଭୂମିକାରେ ଅଭିନୟ କରିଥିଲେ, ଯାହା ତାଙ୍କ କ୍ୟାରିୟରର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଭାବେ ପ୍ରମାଣିତ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଅର୍ଶଦଙ୍କ ଅଭିନୟକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ।




# ଗେଷ୍ଟ ହାଉସ୍‌ରେ ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ

## ବନ୍ଦ କୋଠରିରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୧୯।୪ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଗଜପତି ନଗରର ସୈନିକ ସ୍କୁଲ ନିକଟ ଏକ ଗେଷ୍ଟ ହାଉସରେ ଜଣେ ବ୍ୟବସାୟୀଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ତେରଗୁଡା ଅଞ୍ଚଳର ତପନ ପ୍ରସାଦ ଆଚାର୍ଯ୍ୟ (୪୫)। ସେ 'ଶୁଭମ୍ ବାୟୋ ସିଏନ୍‌ଜି ପ୍ରାଇଭେଟ୍ ଲିଃ'ର ମାଲିକ ବୋଲି ସୂଚନା ମିଳିଛି। ଗୁରୁବାର ସନ୍ଧ୍ୟାରେ ପୋଲିସ ଟିମ୍ ଉକ୍ତ ଗେଷ୍ଟ ହାଉସକୁ ଯାଇ ତପନ ରହୁଥିବା ୨୦୨ ନଂ. ରୁମ୍‌ର ତାଲା ଭାଙ୍ଗି ଗଳିତ ମୃତଦେହ ଜବତ କରିଥିଲା। ଶୁକ୍ରବାର କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ତପନଙ୍କ କିପରି ମୃତ୍ୟୁ ହେଲା ସେନେଇ ରହସ୍ୟ ଲାଗି ରହିଛି। ହୃଦ୍‌ଘାତ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ଆଶଙ୍କା କରୁଛି। ଏନେଇ ଗେଷ୍ଟ ହାଉସ୍ ମାଲିକଙ୍କ ରିପୋର୍ଟ ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ତପନଙ୍କ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ତପନ ବିଭିନ୍ନ କାମ ପାଇଁ ଭୁବନେଶ୍ୱର ଆସୁଥିବାବେଳେ ଅଧିକାଂଶ ସମୟ ଉକ୍ତ ଗେଷ୍ଟ ହାଉସରେ ରହୁଥିଲେ। ସେ ଗତ ମଙ୍ଗଳବାର ଏକ ବ୍ୟବସାୟିକ


ତପନ ପ୍ରସାଦ ଆଚାର୍ଯ୍ୟ

ବୈଠକ ସହ ଅନ୍ୟ କିଛି କାମ ପାଇଁ ଭୁବନେଶ୍ୱର ଆସିଥିଲେ। ସେହିଦିନ ହିଁ ସେ ଉକ୍ତ ଗେଷ୍ଟ ହାଉସ୍‌ରେ ରହିଥିଲେ। ତେବେ ବୁଧବାର ରାତିରୁ ଗୁରୁବାର ମଧ୍ୟାହ୍ନ ପର୍ଯ୍ୟନ୍ତ ତାଙ୍କ ରୁମ୍ ବନ୍ଦ ରହିଥିବାରୁ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଅପରାହ୍ନରେ ରୁମ୍‌ରୁ ଦୁର୍ଗନ୍ଧ ଆସିବାରୁ ଗେଷ୍ଟ ହାଉସ୍ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତକଙ୍କ ସମ୍ପର୍କରେ ଆବଶ୍ୟକ ତଥ୍ୟ ସଂଗ୍ରହ ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲା। ସେମାନେ ପହଞ୍ଚିବା ପରେ ରୁମ୍ ତାଲା ଭାଙ୍ଗି ପୋଲିସ ଭିତରେ ପଶିଥିଲା। ତେବେ ତପନଙ୍କ ମୃତଦେହ ଖଟ ପାର୍ଶ୍ୱ ଚଟାଣରେ ମୁହଁ ମାଡ଼ି ହୋଇ ପଡ଼ିରହିଥିଲା। ନାକ ଓ ପାଟିରୁ ରକ୍ତ ବୋହି ଥିବାବେଳେ ମୃତଦେହଟି ପଚିଯାଇଥିବାରୁ ସେଥିରୁ ପାଣି ବାହାରି ଚାରିଆଡକୁ ବ୍ୟାପି ଯାଇଥିବା ଦେଖିବାକୁ ମିଳିଥିଲା। ସେ କୌଣସି କାରଣରୁ ତଳେ ପଡିଯିବାରୁ ମୁଣ୍ଡ ମାଡ଼ ହୋଇ ରକ୍ତସ୍ରାବ ହୋଇଥିବା ପୋଲିସ ଅନୁମାନ କରୁଛି।

# ଏସିପି ଅମିତାଭ ମହାପାତ୍ରଙ୍କୁ ଜେରା

## ପୋଲିସକୁ ଭର୍ତ୍ତୃହରିଙ୍କ ଦୁର୍ବ୍ୟବହାର ମାମଲା

କଟକ,୧୯।୪ (କାର୍ତ୍ତିକ ସାହୁ)

୨୦୧୧ ଜାନୁଆରୀ ୨୩ ତାରିଖରେ ଜଣେ ପୋଲିସ ଏସ୍‌ଆଇଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ଦୁର୍ବ୍ୟବହାର ନେଇ ମାମଲା ରୁଜୁ କରିଥିବା ପୋଲିସ ଅଧିକାରୀ ତଥା ଏସିପି ଅମିତାଭ ମହାପାତ୍ର କଟକ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହୋଇଛନ୍ତି। ତାଙ୍କୁ ଜେରା କରାଯାଇଥିବାବେଳେ ତାହା ଅସମ୍ପୂର୍ଣ୍ଣ ରହିଛି। ଆସନ୍ତା ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ୨୦୧୧ ଜାନୁଆରୀ ୨୩ ତାରିଖ ନେତାଜୀ ଜୟନ୍ତୀରେ କଟକ ଓଡ଼ିଆବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମ୍ୟୁଜିୟମ୍‌ର ସୁରକ୍ଷା ଦାୟିତ୍ୱରେ ତତ୍କାଳୀନ ଏସ୍‌ଆଇ ମହାପାତ୍ର ରହିଥିଲେ। କଟକ ଡିସିପିଙ୍କ ନିର୍ଦ୍ଦେଶ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ ମ୍ୟୁଜିୟମ ମଧ୍ୟକୁ ଜନସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଥିଲା। ମହାପାତ୍ର ସେହି ନିର୍ଦ୍ଦେଶ ପାଳନ କରୁଥିଲେ। ଅପରାହ୍ନ ସାଢେ ୧୨ଟାରେ ମୁଖ୍ୟମନ୍ତ୍ରୀ ମ୍ୟୁଜିୟମ ଭିତରେ ପରିଦର୍ଶନ କରୁଥିବା ସମୟରେ ଭିତରକୁ କାହାରିକୁ ଯିବାକୁ ଏସ୍‌ଆଇ ମହାପାତ୍ର ଦେଉ ନ ଥିଲେ। ଏହି ସମୟରେ ମହତାବ ପଛରୁ ଆସିଲେ। ହେଲେ ତାଙ୍କୁ ଏସ୍‌ଆଇ ମହାପାତ୍ର ମ୍ୟୁଜିୟମ ଭିତରକୁ ଛାଡ଼ି ଦେଇଥିଲେ। ମାତ୍ର କୌଣସି ଦୋଷ ନ ଥାଇ ଭର୍ତ୍ତୃହରି ତାଙ୍କୁ ଗାଳି ଦେବା ସହ ଚାପୁଡ଼ା ମାରିଥିଲେ ବୋଲି ମହାପାତ୍ର ଦରଘାବଜାର ଥାନାରେ ଏତଲା ଦେଇଥିଲେ। ଫଳରେ ଭର୍ତ୍ତୃହରିଙ୍କ ବିରୋଧରେ ଆଇପିସିର ଦଫା ୩୪୧, ୩୨୩, ୨୯୪, ୩୫୩ ଓ ୫୦୬ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ତଦନ୍ତ କରାଯାଇଥିଲା। ଚଳିତ ସାଧାରଣ ନିର୍ବାଚନ ଭର୍ତ୍ତୃହରିଙ୍କ ୨୦୧୧ ମସିହା ମାମଲାକୁ ନେଇ ସ୍ୱତନ୍ତ୍ର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି। ଅଭିଯୋଗକାରୀ ମହାପାତ୍ର ସେତେବେଳେ ମଙ୍ଗଳାବାଗ ଥାନାରେ ଏସ୍‌ଆଇ ଥିଲେ। ମାତ୍ର ସେ ଏବେ କମିଶନରେଟ୍ ପୋଲିସରେ ଏସିପି ଭାବେ କାର୍ଯ୍ୟରତ ଅଛନ୍ତି।

# ସୁରଜିତ୍ କୁମାରଙ୍କୁ ସର୍ତ୍ତମୂଳକ ଜାମିନ

## ଜମି ଠକେଇ ମାମଲା

କଟକ,୧୯।୪(କାର୍ତ୍ତିକ ସାହୁ)

ଜମି ଠକେଇ ମାମଲାରେ ହାଇକୋର୍ଟ ଏକ ଅନ୍ ଲାଇନ୍ ନ୍ୟୁଜ୍ ପୋର୍ଟାଲ୍‌ର ମୁଖ୍ୟ ସମ୍ପାଦକ ସୁରଜିତ୍ କୁମାର ଧଳଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ୧ ଲକ୍ଷ ଟଙ୍କାର ବେଲ୍‌ବଣ୍ଡ ସହ ୧୦ ଲକ୍ଷ ଟଙ୍କାର ନଗଦ ଅର୍ଥ ଜାତୀୟକରଣ ବ୍ୟାଙ୍କରେ ପଇଠ କରିବା ସହିତ ୨ ଜଣ ଜାମିନଦାରଙ୍କ ବଦଳରେ ସେ ନିମ୍ନ ଅଦାଲତରୁ ଜାମିନ ପାଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ତାଙ୍କ ଜାମିନ ଆବେଦନର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ସୁରଜିତ୍ କୁମାର ଧଳଙ୍କ ବିରୋଧରେ ୧ କୋଟି ଟଙ୍କାର ଜମି ଠକେଇ ଅଭିଯୋଗ ହୋଇଛି।

# ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ପାସ୍‌ପୋର୍ଟ ଫେରାଅ: ହାଇକୋର୍ଟ

କଟକ,୧୯।୪ (କାର୍ତ୍ତିକ ସାହୁ)

ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତଙ୍କ ପାସ୍‌ପୋର୍ଟ ଫେରାଇବାକୁ ହାଇକୋର୍ଟ ସିବିଆଇକୁ ଆଦେଶ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଅଭିଯୁକ୍ତଙ୍କ ପାସ୍‌ପୋର୍ଟ ଫେରାଇବା ବିରୋଧରେ ସିବିଆଇ ଅଦାଲତ ଦେଇଥିବା ଆଦେଶକୁ ହାଇକୋର୍ଟ ଖାରଜ କରିଛନ୍ତି। ଏଡେନ୍ ଇନ୍‌ଫ୍ରା ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଚିଟ୍‌ଫଣ୍ଡ କମ୍ପାନୀର ମୁଖ୍ୟ ଇନ୍ଦ୍ରଜିତ୍ ଦେଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁସାରେ, ବାଲେଶ୍ୱର ଜିଲା ବାଲିଆପାଳରେ ଉପରୋକ୍ତ କମ୍ପାନୀ ମୁଖ୍ୟାଳୟ ଖୋଲି ସ୍ୱଳ୍ପ ସମୟରେ ଜମାଟଙ୍କା ଦୁଇଗୁଣା କରାଇଦେବାର ଲୋଭ ଦେଖାଇ ଜମାକାରୀଙ୍କ ନିକଟରୁ ୨ କୋଟି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସିବିଆଇ ପ୍ରାଇଜ୍ ଚିଟ୍ସ ଏଣ୍ଡ ମନି ସର୍କ୍ୟୁଲେସନ୍ (ସ୍କିମ୍) ବ୍ୟାନିଂ ଆକ୍ଟ ୧୯୭୮ ଆଧାରରେ କମ୍ପାନୀ ମୁଖ୍ୟ ଦେଙ୍କୁ ଗିରଫ କରିଥିଲା। ସିବିଆଇ ତାଙ୍କ ବିରୋଧରେ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ଏହି ମାମଲାରେ ସେ ଜାମିନ୍‌ରେ ମୁକୁଳିବାବେଳେ ସିବିଆଇ କୋର୍ଟରେ ନିଜର ପାସ୍‌ପୋର୍ଟ ୨୦୨୩ ଅକ୍ଟୋବର ୯ରେ ଦାଖଲ କରିଥିଲେ। ପରବର୍ତ୍ତୀ



ସମୟରେ ତାଙ୍କୁ ପାସ୍‌ପୋର୍ଟ ପ୍ରଦାନ କରିବାକୁ ସେ ସିବିଆଇ କୋର୍ଟରେ ଆବେଦନ କରିଥିଲେ ବି ତାହା ଖାରଜ ହୋଇଥିଲା। ପରବର୍ତ୍ତୀ ସମୟରେ ଏନେଇ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରି ଦୁଇମାସ ପର୍ଯ୍ୟନ୍ତ ତାଙ୍କୁ ପାସ୍‌ପୋର୍ଟ ପ୍ରଦାନ କରିବାକୁ ପ୍ରାର୍ଥନା କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ଆମେରିକାରେ ତାଙ୍କ ଶାଶୁ ଶଯ୍ୟାଶାୟୀ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଛୋଟ ଝିଅ ଓ ସ୍ତ୍ରୀ ମଧ୍ୟ ଆମେରିକାରେ ରହୁଛନ୍ତି। ଆମେରିକାରେ ତାଙ୍କୁ ଗ୍ରୀନ୍ କାର୍ଡ ମିଳିଥିବାବେଳେ ସେ ନିୟମିତ ଆମେରିକା ଯାଇଥାନ୍ତି ବୋଲି କୋର୍ଟଙ୍କୁ ଜଣାଇଥିଲେ। ହାଇକୋର୍ଟ ମାମଲାର ଶୁଣାଣିବେଳେ ଦର୍ଶାଇଛନ୍ତି, ପାସ୍‌ପୋର୍ଟ ମିଳିଗଲେ ସେ ଫ୍ଲାଇଟ୍‌ରେ ଦେଶ ଛାଡ଼ି ପଳାଇବେ ବୋଲି ଅନୁମାନ କରାଯାଇପାରେ, ମାତ୍ର ଆଇନ୍ ହାତରୁ ମୁକୁଳିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ଜେଲରେ ସାଥୀଙ୍କୁ ସାକ୍ଷାତବେଳେ ଗଞ୍ଜେଇ ର‍୍ୟାକେଟର ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୪(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାରେ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲରେ ବନ୍ଦୀ ଜୀବନ କାଟୁଥିବା ସାଥୀଙ୍କୁ ସାକ୍ଷାତ୍ କରିବାକୁ ଆସିଥିବାବେଳେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଛନ୍ତି। କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ଜେଲ ପରିସରରୁ ତାଙ୍କୁ ଗିରଫ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ରାହୁଲ ସେଠୀ (୨୬)। ତାଙ୍କଠାରୁ ଗୋଟିଏ କାର ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ତେବେ ରାହୁଲ ଗତ ୩ ବର୍ଷରୁ ଅଧିକ ହେଲା ଏହି କାରବାରରେ ଲିପ୍ତ ଥିଲେ। ସେ ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରୁ ଗଞ୍ଜେଇ ଆଣି ସହଯୋଗୀଙ୍କ ଜରିଆରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଦିଲ୍ଲୀ ଆଦି ବିଭିନ୍ନ ରାଜ୍ୟକୁ ପଠାଉଥିଲେ। ଏଥିସହ


ରାହୁଲ ସେଠୀ




## ୩୦୦ କେଜି ଗଞ୍ଜେଇ ଜବତ ମାମଲା

ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ମଧ ଯୋଗାଉଥିଲେ। ଏହି ର‍୍ୟାକେଟ୍‌ରେ ସେ ବିଭିନ୍ନ ରାଜ୍ୟର ଯୁବକଙ୍କୁ ସାମିଲ କରିଥିଲେ। ଏଥିରୁ ମିଳୁଥିବା ବିପୁଳ ଟଙ୍କାରେ ଅୟସ ଜୀବନ ବିତାଉଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ସୂଚନାନୁସାରେ, ଗତ ଫେବୃଆରୀ ୧୧ରେ ଅଭିଯୁକ୍ତମାନେ ଚିତ୍ରକୋଣ୍ଡାରୁ କାର୍‌ରେ ଗଞ୍ଜେଇ ଧରି ବ୍ରହ୍ମପୁର, ଭୁବନେଶ୍ୱର ଦେଇ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚାଲାଣ କରୁଥିଲେ। ଧରା ନ ପଡ଼ିବା ଲାଗି କାର୍‌ର ନମ୍ବରପ୍ଲେଟ୍‌କୁ ମଧ ବଦଳାଇ ଦେଇଥିଲେ। ତେବେ ଏମାନଙ୍କ ଉପରେ ନଜର ରଖିଥିବା ଭୁବନେଶ୍ୱର କମିଶନ୍‌ରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସନ୍ଦେହକରି ଉକ୍ତ କାରକୁ ପିଛା କରିଥିଲା। ପ୍ରାୟ ୩୦ କି.ମି. ଗୋଡ଼ାଇବା ପରେ ପୋଲିସ ପାହାଲ ନିକଟରେ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୩ଶହ କେଜି ଗଞ୍ଜେଇ ବାହାରିଥିଲା। ଏହାପରେ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ଗାଡ଼ିରେ ଥିବା ଝାଡ଼ଖଣ୍ଡର ୩ ନିଶାବେପାରୀ ରବି ଶଙ୍କର ଦାସ, ରାଜେଶ କିଶୋର ଦାସ ଓ ଲବ କିଶୋର ପ୍ରସାଦ ସହଦେବଙ୍କୁ ଗିରଫ କରିଥିଲା। ହେଲେ ର‍୍ୟାକେଟର୍ ମୁଖ୍ୟ ଅଭିଯୁକ୍ତ ରାହୁଲ ଗିରଫଦାରିରୁ ବର୍ତ୍ତିବା ପାଇଁ ଦୀର୍ଘଦିନ ଧରି ଫେରାର ଥିଲେ। ପୋଲିସ ତାଙ୍କ ଉପରେ ନଜର ରଖିଥିବାବେଳେ ଗୁରୁବାର ଝାରପଡ଼ା ଜେଲକୁ ସାଥୀଙ୍କୁ ଦେଖିବାକୁ ଆସିଥିବା ଖବର ପାଇ ପୋଲିସ ଟିମ୍ ତାଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା।

# ଗ୍ରୀଷ୍ମରେ ରେକର୍ଡ ସଂଖ୍ୟକ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୧୯।୪
(ଅନୁରାଧା ମହାରଣା)

ଗ୍ରୀଷ୍ମଋତୁରେ ଯାତ୍ରୀଭିଡ଼ ଏଡ଼ାଇବାକୁ ଭାରତୀୟ ରେଳପଥ ପକ୍ଷରୁ ରେକର୍ଡ ସଂଖ୍ୟକ ଟ୍ରେନ୍ ଚଳାଚଳ କରିଛି। ଏବେ ୯୧୧୧ଟି ଟ୍ରିପ୍ ଚଳାଚଳ କରୁଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ ଗ୍ରୀଷ୍ମରେ ସମୁଦାୟ ୬୩୬୯ଟି ଟ୍ରିପ୍ ପ୍ରଦାନ କରାଯାଇଥିବାବେଳେ ଚଳିତ ବର୍ଷ ୨୭୪୨ଟି ଟ୍ରିପ୍ ବୃଦ୍ଧି କରାଯାଇଛି। ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ ଓ ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଦିଲ୍ଲୀ ଭଳି ରାଜ୍ୟରୁ ଗ୍ରୀଷ୍ମକାଳୀନ ଯାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ଜୋନାଲ ରେଳପଥ ଏହି ଅତିରିକ୍ତ ଯାତ୍ରା କରିବାକୁ ପ୍ରସ୍ତୁତ ହୋଇଛି। ଏକ ନିର୍ଦ୍ଦିଷ୍ଟ ରୁଟ୍‌ରେ ଟ୍ରେନ୍‌ର ଚାହିଦା ଆକଳନ ପାଇଁ ପିଆର୍‌ଏସ୍ ପ୍ରଣାଳୀରେ ପ୍ରତୀକ୍ଷା ତାଲିକାରେ ଥିବା ଯାତ୍ରୀଙ୍କ ବିବରଣୀ ବ୍ୟତୀତ ଗଣମାଧ୍ୟମ ରିପୋର୍ଟ, ସୋସିଆଲ ମିଡିଆ ପ୍ଲାଟଫର୍ମ, ରେଲ୍‌ୱେ ଇଣ୍ଟିଗ୍ରେଟେଡ୍ ହେଲ୍ପଲାଇନ ନଂ.୧୩୯ ଭଳି ସମସ୍ତ ଯୋଗାଯୋଗ ଚ୍ୟାନେଲର ତଥ୍ୟ ଆଧାରରେ ଟ୍ରେନ ସଂଖ୍ୟା ଏବଂ ଟ୍ରିପ୍ ସଂଖ୍ୟା ବୃଦ୍ଧି କରାଯାଉଛି। ଅନ୍ୟପକ୍ଷରେ ରେଳଷ୍ଟେଶନରେ ପାନୀୟଜଳ ଉପଲବ୍ଧ କରାଇବା ପାଇଁ ଜୋନାଲ ରେଲ୍‌ୱେକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନରେ ଭିଡ଼ ନିୟନ୍ତ୍ରଣ ତଥା ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ବରିଷ୍ଠ ଅଧିକାରୀମାନେ ନିୟୋଜିତ ରହିଛନ୍ତି। ସାଧାରଣ ଶ୍ରେଣୀ ରେଳଡବାରେ ପ୍ରବେଶ ପାଇଁ ଧାଡ଼ି ବ୍ୟବସ୍ଥାର ତଦାରଖ ପାଇଁ ଆର୍‌ପିଏଫ୍ ଯବାନଙ୍କୁ ଷ୍ଟେଶନରେ ନିୟୋଜିତ କରାଯାଇଛି। ଜନଗହଳିପୂର୍ଣ୍ଣ ଅଞ୍ଚଳ ଉପରେ ନଜର ରଖିବା ଏବଂ ଯାତ୍ରୀମାନଙ୍କୁ ସହାୟତା ପ୍ରଦାନ ପାଇଁ ସିସିଟିଭି ନିୟନ୍ତ୍ରଣ କକ୍ଷରେ ଦକ୍ଷ ଆର୍‌ପିଏଫ୍ କର୍ମଚାରୀ ନିୟୋଜିତ ଅଛନ୍ତି। ସେହିପରି ପ୍ରବଳ ଭିଡ଼ରେ ଶୃଙ୍ଖଳା ରକ୍ଷା ପାଇଁ ସରକାରୀ ରେଳପଥ ପୋଲିସ (ଜିଆର୍‌ପି) ଏବଂ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) କର୍ମଚାରୀଙ୍କୁ ଫୁଟଓଭର ବ୍ରିଜ୍‌ରେ ନିୟୋଜିତ କରାଯାଇଥିବା ସୂଚନା ଦିଆଯାଇଛି।

## ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବଢ଼ିବ

୨୦୨୪ ଗ୍ରୀଷ୍ମ ସମୟରେ ପୂର୍ବତଟ ରେଳପଥ ୨୧ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ତଥା ୧୦୨ଟି ଟ୍ରିପ୍ ଚଳାଚଳ କରୁଥିବାବେଳେ ଏହି ସଂଖ୍ୟା ୩୦୭କୁ ବୃଦ୍ଧି କରିବାକୁ ଯୋଜନା ରହିଛି। ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକ ପୁରୀ, ଭୁବନେଶ୍ୱର, ବିଶାଖାପାଟଣା, ସମ୍ବଲପୁର, କଟକ ଏବଂ ବ୍ରହ୍ମପୁର ଆଦି ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନରୁ ବାହାରିବାର ଯୋଜନା ରହିଛି। ୭ ଯୋଡ଼ା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ପୁରୀରୁ ପାଟ୍‌ନା, ନିଜାମୁଦ୍ଦିନ, ଶାଲିମାର, ଭଞ୍ଜପୁର (ବାରିପଦା) ଏବଂ ସାନ୍ତ୍ରାଗାଛିକୁ ଯାତ୍ରା କରିବ। ସେହିଭଳି ୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଯଶୋବନ୍ତପୁର, ଧାନ୍‌ବାଦ ଏବଂ ଚେନ୍ନାଇ ଆଡ଼କୁ ଚଳାଚଳ କରିବ। ୩ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟ ସମ୍ବଲପୁରରୁ ଗୁଆହାଟୀ, ଏରୋଡ ଏବଂ ପୁଣେକୁ ଚଳାଚଳ କରିବ। ଏକ ଯୋଡ଼ା ସ୍ପେଶାଲ ଟ୍ରେନ୍ କଟକରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିବାକୁ ଥିବାବେଳେ ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ବ୍ରହ୍ମପୁରରୁ ସୁରଟ ଏବଂ ଏର୍ନାକୁଲମକୁ ଯାତ୍ରା କରିବାକୁ ଯୋଜନା କରାଯାଇଛି। ୬ ଯୋଡ଼ା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପାଟଣାରୁ ବେଙ୍ଗାଲୁରୁ, କୋଲାମ, ତିରୁପତି, ସିକନ୍ଦରାବାଦ ଏବଂ କୁର୍ନୁଲକୁ ଯାତ୍ରା କରିବା ଯୋଜନା ରହିଛି। ଏହା ବ୍ୟତୀତ ଗ୍ରୀଷ୍ମସମୟରେ ପ୍ରବଳ ତାତିକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ସମସ୍ତ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେଶନରେ ମଧ ଯାତ୍ରୀ ଭିଡ଼କୁ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି।

# ଖବରଦାତାଙ୍କ ୩ ଆକ୍ରମଣକାରୀ ଚିହ୍ନଟ

ଭୁବନେଶ୍ୱର,୧୯।୪
(ସତ୍ୟଜିତ ରାଉତ)

'ଧରିତ୍ରୀ' ଖବରଦାତା ସରୋଜ ଜେନାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁବାର ବିଳମ୍ବିତ ରାତିରେ ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଏହି ଘଟଣା କମିଶନରେଟ ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବଡ଼ଗଡ଼ ଥାନା ପୋଲିସ ଶୁକ୍ରବାର ଆଇପିସି ଦଫା ୨୭୯, ୩୪୧, ୩୨୪, ୨୯୪, ୫୦୬, ୩୪ରେ ମାମଲା (ନଂ.୨୭୨/୨୪) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ପୋଲିସ ସମସ୍ତ ୩ଜଣଙ୍କୁ ଚିହ୍ନଟ କରିଛି। ସେମାନେ ଫେରାର ଅଛନ୍ତି, ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ପୋଲିସ



## ସାମ୍ବାଦିକ ମିଳିତ ମଞ୍ଚର ନିନ୍ଦା

ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମ୍ବାଦିକ ମିଳିତ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ମଞ୍ଚର ଆବାହକ ଲିଙ୍ଗରାଜ ସାହୁ କହିଛନ୍ତି, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ହୋଇ ନ ଥିବାରୁ ଏପରି ଘଟଣାମାନ ଘଟୁଛି। କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ଦୁର୍ବୃତ୍ତମାନେ ଭୟ କରୁନାହାନ୍ତି। ରାଜଧାନୀରେ ଏମିତି ଘଟୁଥିବାବେଳେ ଗ୍ରାମାଞ୍ଚଳରେ କ'ଣ ଅବସ୍ଥା ହେଉଥିବ। ଭୁବନେଶ୍ୱରରେ ଏପରି ଘଟଣା ଲଜ୍ଜାର ବିଷୟ। ଏହି ଆକ୍ରମଣ ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି।

ସୂଚନାଯୋଗ୍ୟ, ସରୋଜ ଗୁରୁବାର ଅଫିସ୍‌ରୁ କାମ ସାରି ବଡ଼ଗଡ଼ସ୍ଥିତ ଘରକୁ ଚାଲି ଚାଲି ଯାଉଥିବାବେଳେ ରାତି ପ୍ରାୟ ୧୨ଟା ୫୫ରେ ବଡ଼ଗଡ଼ ଏସ୍‌ବିଆଇ ଏଟିଏମ୍ ପାଖରେ ୩ଜଣ ଦୁର୍ବୃତ୍ତ ସ୍କୁଟି (ଓଡି୦୨ଟି୨୫୦୯)ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସରୋଜ ଏହାର ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ଉତ୍ତକ୍ଷିପ୍ତ ହୋଇ ଇଟା, ପଥରରେ ତାଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହେବା ସହ ଶରୀରରେ ଆଘାତ ଲାଗିଥିଲା। ପିସିଆର୍ ଟିମ୍ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।



**ଆଜିର ମନ୍ତବ୍ୟ**

"ଲୋକ ସଭା ନିର୍ବାଚନରେ ଗୈରିକ ଦଳ ୪୦୦ରୁ ଅଧିକ ଆସନରେ ଜିତିଲେ ସମ୍ବିଧାନ ବଦଳିବ ବୋଲି କହୁଥିବା ଭାଜପା ନେତାଙ୍କ ବିରୋଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। **–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଓ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏସ୍‌ଭିଇଇପି କାର୍ଯ୍ୟକ୍ରମ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ସ୍କୋୟାର, ସମୟ: ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟତାବାଦୀ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୭ତମ ଜୟନ୍ତୀ ସମାରୋହ, ସ୍ଥାନ: ରାଜଭବନ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଗବେଷକ କେଦାରନାଥ ମହାପାତ୍ରଙ୍କ ୪୩ତମ ପୁଣ୍ୟତିଥି, ସ୍ଥାନ: ପୁରୁଣା ଭୁବନେଶ୍ୱରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସମୟ: ସକାଳ ୮ଟା ୩୦।
- ବାଦିପାଲାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ମା'ବନଦୁର୍ଗାଙ୍କ ପୀଠସ୍ଥଳୀ, ମହାନ୍ତିପାଟଣା ଗ୍ରାମ, ବାଲିଅନ୍ତା, ସମୟ: ସକାଳ ୯ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପରାମର୍ଶଦାତା ପ୍ରଫେସର ଡ. ସଚ୍ଚିଦାନନ୍ଦ ମହାନ୍ତି ୟୁଜିସିର ସଦସ୍ୟ ହେବା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ମିନ୍ତ୍ରା, ଦ ନିୟୁ ମାରିଅନ୍, ସମୟ: ଅପରାହ୍ନ ୩ଟା ୩୦।
- ଦି ସ୍କୁଲ ଅଫ୍ ରାଗ ସଙ୍ଗୀତର ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ, ସମୟ: ସନ୍ଧ୍ୟା ୬ଟା।
- ପପ୍‌ଟିକ୍ ଡ୍ୟାନ୍ସ ଏକାଡେମୀର ୯ମ ବାର୍ଷିକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ କେଦାରନାଥ ମହାପାତ୍ରଙ୍କ ୪୩ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, କେଦାରଗୌରୀ ମାର୍ଗ, ସମୟ: ସନ୍ଧ୍ୟା ୬ଟା।
- ୩୩ତମ ଗୋପୀନାଥ ମହାନ୍ତି ସ୍ମାରକୀ ବକ୍ତୃତା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବାଦିପାଲା ପରିବେଷଣ, ସ୍ଥାନ: ଗାଦି ଗୋସାଇଁଙ୍କ ପୀଠସ୍ଥଳୀ, ଦେୱାନପାଟଣା, ବାଲିଅନ୍ତା, ସମୟ: ରାତି ୭ଟା।
  ରାମଲୀଳା ନାଟକ 'ସୀତା ସ୍ୱୟମ୍ବର ଓ ପର୍ଶୁରାମ ଭେଟ', ସ୍ଥାନ: ଶ୍ରୀରାମ ମନ୍ଦିର ନିକଟ, ବେଣ୍ଟପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।
- ରାମଲୀଳା ନାଟକ 'ସୀତା ବିବାହ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋତଲିନ୍ଦା, ବାଲିଅନ୍ତା: ସମୟ: ରାତି ୧୧ଟା ୩୦।
- ରାମଲୀଳା ନାଟକ 'ରାମ ବନବାସ', ସ୍ଥାନ: ପତିତପାବନ ମନ୍ଦିର ନିକଟ, କାକରୁଦ୍ରପୁର, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।
- ରାମଲୀଳା ପରିବେଷଣ, ସ୍ଥାନ: ବ୍ରଜମୋହନ ଜୀଉଙ୍କ ମନ୍ଦିର ନିକଟ, ବଇଁଚୁଆ, ବାଲିଅନ୍ତା, ସମୟ: ରାତି ୧୧ଟା ୩୦।

## କଟକ

- ସିଡିଏ କର୍ମଚାରୀ ନେତା ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ସିଡିଏ ସଂଘ କାର୍ଯ୍ୟାଳୟ, ଅରୁଣୋଦୟ ମାର୍କେଟ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ସତ୍ୟଭାମାପୁର ଗ୍ରାମ ପଡ଼ିଆ, ସାଲେପୁର, ସମୟ: ଅପରାହ୍ନ ୫ଟା।
- ସ୍ୱାମୀ ଅସୀମାନନ୍ଦ ସରସ୍ୱତୀଙ୍କ ପ୍ରଥମ ପୁଣ୍ୟତିଥି ଅବସରରେ ଅଖଣ୍ଡ ନାମଯଜ୍ଞ, ସ୍ଥାନ: କଟକ ଚହଟାସ୍ଥିତ ଶ୍ରୀରାମ ନିଗମେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞର ସପ୍ତମ ଦିବସ, ସ୍ଥାନ: ମହାବୀର ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।
- ପ୍ରଭୁ ଶ୍ରୀମଦନମୋହନ, ରାଧାକୃଷ୍ଣ ଏବଂ ଚୈତନ୍ୟ ମହାପ୍ରଭୁଙ୍କ ରାସସ୍ଥଳୀ ଲୀଳାଖେଳ ସହିତ ରାସ ସଙ୍ଗୀତ ଗାନ, ସ୍ଥାନ: ରାସବିହାରୀ ମଠ, ନିମାପଡ଼ା, ସମୟ: ରାତି ୧୦ଟା।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ମା'ରାମଚଣ୍ଡୀଙ୍କ ପୀଠ, ଗଡ଼ମାଣତୀର, ବେଗୁନିଆ, ସମୟ: ସକାଳ ୭ଟା।
- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ବୈଠକ, ସ୍ଥାନ: ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ, ବୋଲଗଡ଼, ସମୟ: ସକାଳ ୮ଟା ୩୦।
- କବିତା ପାଠ ଓ ଆଲୋଚନାଚକ୍ର, ସ୍ଥାନ: ରାଧାମୋହନ ଦେବ ସର୍ବଶିକ୍ଷା କେନ୍ଦ୍ର, ଅଠରାଙ୍ଗ (ବେଗୁନିଆ), ସମୟ: ଅପରାହ୍ନ ୪ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବାଘମାରୀ ତଳସାହି(ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ଉତ୍ସବ, ସ୍ଥାନ: ରଘୁନାଥ ଦେବଙ୍କ ପୀଠ, ବେଗୁନିଆ ଉପକଣ୍ଠ କଡ଼ାମଲ୍ଲ, ସମୟ: ସନ୍ଧ୍ୟା ୭ଟା।
- ରାମଲୀଳା ନାଟକ ପରିବେଷଣ,ସ୍ଥାନ: ଛତ୍ରପଡା (ବେଗୁନିଆ), ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ହଳଦୀପଦା ମହାଯଜ୍ଞ ପରିବାର ଆନୁକୂଲ୍ୟରେ ୧୦୮ କଳସ ଶୋଭାଯାତ୍ରା ଓ ବିଶ୍ୱକଲ୍ୟାଣ ମହାଯଜ୍ଞ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହଳଦୀପଦା ପ୍ରାଣୀ ଡାକ୍ତରଖାନା ପଡ଼ିଆ, ସଦର ବ୍ଲକ, ସମୟ: ସକାଳ ୮ଟା। ଭଜନ ଓ ପ୍ରବଚନ, ସମୟ: ଅପରାହ୍ନ ୫ଟା ୩୦।
- 'ଗୁଗୁଲ୍ ଆର୍ଥ୍ ଇଞ୍ଜିନ୍ ଓ ଭୂ-ସ୍ଥାନିକ ବିଶ୍ଳେଷଣର ଉପଯୋଗିତା' ପ୍ରସଙ୍ଗରେ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ଉଦ୍‌ଯାପନୀ ଅବସରରେ ସଂକୀର୍ତ୍ତନ ମେଳି, ସମୟ: ସନ୍ଧ୍ୟା ୬ଟା।
- ୨୪ପ୍ରହର ନାମଯଜ୍ଞ ବିଶ୍ରାମ ଓ ପ୍ରସାଦ ସେବନ, ସ୍ଥାନ: ଜହତା ଚଉଦମାଦଳ ପଡ଼ିଆ, ରୂପ୍‌ସା, ସମୟ: ରାତି ୧୦ଟା।

## ମୟୂରଭଞ୍ଜ

- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ,ବାରିପଦା, ସମୟ:ସକାଳ ୯ଟା।

## ଭଦ୍ରକ

- ବିଜେଡି ନିର୍ବାଚନ ପ୍ରସ୍ତୁତି ବୈଠକ, ସ୍ଥାନ: ଗଡ଼ିଆଳି, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କର୍ମୀ ବୈଠକ, ସ୍ଥାନ: ଭଦ୍ରକ ବିଧାନସଭା ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଡି କର୍ମୀ ବୈଠକ, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ଅପରାହ୍ନ ୪ଟା। ସ୍ଥାନ: ବଡ଼ବର୍ଦ୍ଧକର୍ୟାଁ ପଞ୍ଚାୟତ, ବନ୍ତ, ସମୟ: ଅପରାହ୍ନ ୫ଟା।
- କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ମିରାକିଲ ପବ୍ଲିକ ସ୍କୁଲ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ବିଜେଡି ପାଟଣା ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମଶାଳା, ସ୍ଥାନ: ଭଗପଶି, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- ରାଧାରମଣ ସଙ୍କୀର୍ତ୍ତନ କମିଟି ପକ୍ଷରୁ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: କେନ୍ଦୁଝର କଲେଜ ରୋଡ, ସମୟ: ସନ୍ଧ୍ୟା ୬ ଟା।
- ରାଧାକୃଷ୍ଣ ମନ୍ଦିରରେ ଚବିଶ ପ୍ରହର ନାମଯଜ୍ଞ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ: ଯୋଡ଼ା, ସମୟ: ମଧ୍ୟାହ୍ନ ୧ଟା।

## ଗଞ୍ଜାମ

- ନାଟକ ଉଦ୍‌ଘାଟନ, ସ୍ଥାନ: ବୁଗୁଡା ବ୍ଲକ ବିରଞ୍ଚିପୁର, ସମୟ: ରାତି ୯ଟା।
- ବିଜେଡିର ୪୩ ନଂ ଜୋନସ୍ତରୀୟ ବୈଠକ, ସ୍ଥାନ: ବୁଗୁଡ଼ା ଭାମଶିଆଳି, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ମଝିଘରିଆଣୀଙ୍କ ଘଟ ପୂଜା ଓ ଚଣ୍ଡୀ ହୋମପାଠ, ସ୍ଥାନ: ରାୟଗଡ଼ା ମଝିଘରିଆଣୀ ମନ୍ଦିର, ସମୟ: ଅପରାହ୍ନ ୪ଟା ୩୦ ।

## କୋରାପୁଟ

- କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ କୋରାପୁଟର ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନ, ସ୍ଥାନ: ସୁନାବେଡାସ୍ଥିତ ବିଶ୍ୱ ବିଦ୍ୟାଳୟ ମୁଖ୍ୟ କ୍ୟାମ୍ପସ,ସମୟ: ସକାଳ ୯ଟା।

## ସମ୍ବଲପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଖଲିଆପାଲି ଗ୍ରାମ, ସମୟ: ସକାଳ ୯ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ଚବିଶପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଧମା ବରଗାଁ ଗ୍ରାମ, ସମୟ: ସକାଳ ୯ଟା ୩୦।
- ଶ୍ରୀରାମଙ୍କ ବନବାସ ବେଶ, ସ୍ଥାନ: କମଳିବଜାର ରାମଜୀ ମନ୍ଦିର, ସମୟ: ସକାଳ ୯ଟା ୩୦।
- ଶ୍ରୀରାମ ନବମୀରେ ରାମଲୀଳା ନାଟକ, ସ୍ଥାନ: କବରାପାଲି ଗ୍ରାମ, ସମୟ: ରାତି ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲୋଇସିଂହା ବ୍ଲକ ବୁର୍ଡା, ବାଦିବବାହାଲ ଓ କୁଟେନପାଲିରେ ମହିଳା ଚାଷୀଙ୍କୁ ଡଲୋମାଇଟ ସାର୍ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଖାରମୁଣ୍ଡା, ସମୟ: ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା।
- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ଖପ୍ରାଖୋଲ ବ୍ଲକ ମାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀର ମିଳିତ ବୈଠକ, ସ୍ଥାନ: ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା,ସ୍ଥାନ: ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତର ଘୁଷୁରାମୁଣ୍ଡା, ସମୟ: ଅପରାହ୍ନ ୫ଟା।
- ମୁରିବାହାଲ ପ୍ରଚାର ପ୍ରସାର କମିଟି ତରଫରୁ ଶ୍ରୀରାମ ନବମୀର ସୀତା ବିବାହ, ସ୍ଥାନ: ମୁରିବାହାଲ ଶ୍ରୀରାମ ଲୀଳା ମଣ୍ଡପ, ସମୟ: ରାତି ୯ଟା।
- ରାମଜୀ ନାଟ୍ୟ ସଂସଦ ପକ୍ଷରୁ ରାମଲୀଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଜଗନ୍ନାଥପଡା ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା୩୦।
- ଭାଗବତ କଥାର ସମାପନ, ସ୍ଥାନ: ମୁରିବାହାଲ ବ୍ଲକ ଘଣ୍ଟାବାହାଲ, ସମୟ: ରାତି ୧୧ଟା।

## ସୁବର୍ଣ୍ଣପୁର

- ଶ୍ରୀରାମ ନବମୀର ଚତୁର୍ଥ ଦିବସ, ସ୍ଥାନ: ଗୌଡଗାଡ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ ଟା।
- ଶ୍ରୀରାମ ନବମୀର ଚତୁର୍ଥ ଦିବସ, ସ୍ଥାନ: ମେଣ୍ଡାମାଳ ଓ ମୁର୍ଷୁଣ୍ଡି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାମ ନବମୀ ପାଇଁ ପୂଜାର୍ଚ୍ଚନା, ସ୍ଥାନ: ଘିଚାପାଲି, ବୀରମହାରାଜପୁର, ସମୟ:ପୂର୍ବାହ୍ନ ୧୧ଟା ୩୦।
- ସଙ୍କୀର୍ତ୍ତନ ଓ ସତସଙ୍ଗ କାର୍ଯ୍ୟକ୍ରମର ସପ୍ତମ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ,ବୀରମହାରାଜପୁର, ସମୟ: ଅପରାହ୍ନ ୪ ଟା।
- ଶ୍ରୀରାମଲୀଳାର ତୃତୀୟ ରଜନୀ, ସ୍ଥାନ: ଯୁବରାଜପୁର,ବୀରମହାରାଜପୁର, ସମୟ: ରାତି ୧୧ ଟା।
- ରାମଲୀଳା ନାଟକ ପରିବେଷଣ, ସ୍ଥାନ: ଖଇରମାଲ, ବୀରମହାରାଜପୁର, ସମୟ: ରାତି ୧୧ ଟା ।
- ଶ୍ରୀରାମ ଲୀଳା ନାଟକ, ସ୍ଥାନ: ଲୁମୁରଜେନା ଓ ସାଗଯୋରୀ, ବୀରମହାରାଜପୁର, ସମୟ: ରାତି ୧୧ଟା।
- ଶ୍ରୀରାମ ଲୀଳାରେ ଲୀଳା ନାଟକ ରାମ ବନବାସ ପରିବେଷଣ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତି ୧୧ ଟା।
- ଶ୍ରୀରାମ ଲୀଳାରେ ଭରତ ମିଳନ, ସ୍ଥାନ: ଅଡାଲ,ବୀରମହାରାଜପୁର, ସମୟ: ରାତି ୧ ଟା।

## ରାଉରକେଲା

- ବେଦବ୍ୟାସ ସଂସ୍କୃତ କଲେଜ କଲେଜରେ ଗ୍ରୀଷ୍ମକାଳୀନ ଶିବିର, ସ୍ଥାନ: କଲେଜ ପରିସର, ସମୟ: ସକାଳ ୮ଟା।
- ଅଂଶୁଘାତ ଜନିତ ସଚେତନତା ଶିବିର, ସ୍ଥାନ: ବିରଜାପାଲି ବସ୍ତି, ସମୟ: ସକାଳ ୮ଟା।
- ଜାତୀୟ କବି ବାଞ୍ଛାନିଧି ମହାନ୍ତି ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ରାମନବମୀ ମହୋତ୍ସବ ଉପଲକ୍ଷେ ମହିଳା ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ଼, ସମୟ: ସନ୍ଧ୍ୟା ୭ଟା।
- ବଡ଼ଗାଁ ରାମଲୀଳା ଯାତ୍ରାର ଚତୁର୍ଥ ଦିବସରେ ଅଭିନୀତ ହେବ ଶ୍ରୀରାମଙ୍କ ସହିତ ପର୍ଶୁରାମଙ୍କ ଭେଟ, ସ୍ଥାନ: ବଡ଼ଗାଁ ଦେବ ମଣ୍ଡପ, ସମୟ: ରାତି ୧୧ଟା।

## ବରଗଡ଼

- ମାରୱାଡ଼ି ଯୁବାମଞ୍ଚର ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ,ବରଗଡ଼, ସମୟ: ସନ୍ଧ୍ୟା ୭ଟା୩୦।
- ଶ୍ରୀରାମ ସୀତାଙ୍କ କଲ୍ୟାଣ ମହୋତ୍ସବ, ସ୍ଥାନ:ଭାଲୁଡୁଙ୍ଗୁରୀ, ଅତାବିରା, ସମୟ: ସକାଳ ୮ଟା।
- ରାମାୟଣ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ଗୌରେନମୁଣ୍ଡା ବଜରଙ୍ଗବଲୀ ମନ୍ଦିର, ସମୟ: ସକାଳ ୮ଟା।
- ରାମାୟଣ ପୁରାଣ ପଠନ, ସ୍ଥାନ: ଟୁର୍ଙ୍ଗା ନବନିର୍ମିତ ମନ୍ଦିର, ଗାଇସିଲେଟ୍, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ଭୋଇପାଲି ମହିମା ଆଶ୍ରମ, ଗାଇସିଲେଟ୍, ସମୟ: ସକାଳ ୯ଟା।
- କୁଳିତା ଦିବସ ପାଳନ, ସ୍ଥାନ: ସୋହେଲା, ସମୟ: ସକାଳ ୯ଟା।
- ସନ୍ଥ ତୁଲସୀ ଦାସ ରାମାୟଣ ପାରାୟଣ, ସ୍ଥାନ: କଠଉମାଲ ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- କୋଶଲ ବାଲ୍ମିକୀ ହେମଚନ୍ଦ୍ର ଜୟନ୍ତୀ ପାଳନ, ସ୍ଥାନ: ସୋହେଲା, ସମୟ: ପୂର୍ବାହ୍ନ ୧୧ଟା।
- ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି, ସ୍ଥାନ: ସଡ଼କପଡ଼ା, ପାଇକମାଲ,ସମୟ: ଅପରାହ୍ନ ୧ଟା୩୦।
- ମାଭରିକ୍ ୪୪୦ ବାଇକ୍‌ର ବଜାର ପ୍ରବେଶ କାର୍ଯ୍ୟକ୍ରମ, ସ୍ଥାନ: ଆକାଶ ମୋଟର୍ସ ବରଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ରାବଣ ଦରବାର କାର୍ଯ୍ୟକ୍ରମ, ସ୍ଥାନ: କଠଉମାଲ ଛକ, ଗାଇସିଲେଟ୍, ସମୟ: ରାତି ୮ଟା।
- ସନ୍ଥ କେଶବ ବାବାଙ୍କ ପ୍ରବଚନ, ସ୍ଥାନ: ଟୁର୍ଙ୍ଗା ନବନିର୍ମିତ ମନ୍ଦିର, ଗାଇସିଲେଟ୍, ସମୟ: ରାତି ୮ଟା।

## କଳାହାଣ୍ଡି

- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଭବାନୀପାଟଣା ୧୪ ନଂ. ୱାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ବି.ଆର. ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ଦେଦର, ସମୟ: ଅପରାହ୍ନ ୩ଟା।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋକସରା ବ୍ଲକ ଗୁଡହାଣ୍ଡି ଡୋକରିଚଞ୍ଚରା, ସମୟ: ଅପରାହ୍ନ ୪ଟା।
- ରାତ୍ରକାଳୀନ ଇଷ୍ଟର ବ୍ଲକ ଭଲିବଲ ଟୁର୍ନାମେଣ୍ଟ: ସ୍ଥାନ: କର୍ଲାମୁଣ୍ଡା ବ୍ଲକ ରେଙ୍ଗାଲି, ସମୟ: ଅପରାହ୍ନ ୫ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପ୍ରବଚନ, ସ୍ଥାନ: କେସିଙ୍ଗା ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀରାମ ନବମୀ ପୂଜା ଉପଲକ୍ଷେ ପୁରାଣ ପାଠ ଓ ଭଜନ ସମାରୋହ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡ଼ାବାହାଲି, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ କରଙ୍ଗାଭଟା ଗାଁ, ସମୟ: ସକାଳ ୯ଟା ୩୦।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ: ନୂଆପଡା ମହୁଲଭଟା, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀଙ୍କ ବିଶାଳ ଶୋଭାଯାତ୍ରା, ସ୍ଥାନ: ଖରିଆର ରୋଡରୁ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ, ସ୍ଥାନ: ନୂଆପଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ନାଟକ ଧନୁଭଙ୍ଗ, ସୀତା ବିବାହ, ପର୍ଶୁରାମ ଦର୍ପଭଞ୍ଜନ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବୌଦ୍ଧ ବ୍ଲକ , ସମୟ : ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଚତୁର୍ଥ ଦିବସ ନାଟକ ରାମ ବନବାସ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର,କଣ୍ଟାମାଳ , ସମୟ: ରାତି ୯ଟା ।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଚତୁର୍ଥ ଦିବସ ନାଟକ ସୀତା ବିବାହ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ, କଣ୍ଟାମାଳ ବ୍ଲକ,ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତ ମଲିକୁଦର ରାମାୟଣ ନାଟକର ଚତୁର୍ଥ ଦିବସ ନାଟକ ସୀତାବିବାହ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କଣ୍ଟାମାଳ, ସମୟ: ରାତି ୯ଟା ।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ଚତୁର୍ଥ ଦିବସର ନାଟକ ଖର ଦୂଷଣ, ତ୍ରିସିରା ବଧ, ସ୍ଥାନ: ଶ୍ରୀ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ: ରାତି ୧୦ଟା।
- ବଢିଙ୍ଗା ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବଢିଙ୍ଗା ରଘୁନାଥ ମନ୍ଦିର,ବୌଦ୍ଧ, ସମୟ: ରାତି ୧୦ଟା।
- ଦେବଗଡଠାରେ ରାମଲୀଳା ଯାତ୍ରାର ଚତୁର୍ଥ ଦିବସ, ସ୍ଥାନ: ଦେବଗଡ,ହରଭଙ୍ଗା, ସମୟ : ରାତି ୧୦ଟା।
- ବାଉଁଶୁଣୀ ରାମଲୀଳା ମହୋତ୍ସବର ଚତୁର୍ଥ ଦିବସର ନାଟକ ରାମ ବନବାସ, ସ୍ଥାନ: ବାଉଁଶୁଣୀ ଛକ, ବୌଦ୍ଧ, ସମୟ: ରାତି ୧୦ଟା।

## ଦେବଗଡ଼

- ବିଜେଡି ସମ୍ବଲପୁର ଲୋକସଭା ପ୍ରାର୍ଥୀଙ୍କ କର୍ମୀ ସମ୍ମିଳନୀ, ସ୍ଥାନ: ଦେବଗଡ଼ ନୂତନ କୋର୍ଟ ବିଲଡିଂ ନିକଟ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାମନବମୀ ମହୋତ୍ସବର ତୃତୀୟ ଦିବସ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଗାନ୍ଧୀମନ୍ଦିର ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ରାମଚରିତ ମାନସ ପାରାୟଣ ଓ ରାମଲିଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀରାମ ନଗର କାମାକ୍ଷାନଗର, ସମୟ: ମଧ୍ୟାହ୍ନ ୧୨ଟା।
- ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ଅଧିବେଶନ, ସ୍ଥାନ: ଆଉଖମା, ସମୟ: ଅପରାହ୍ନ ୪ ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଭୁବନ ଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।
- ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଭୁବନ ବାଜି ରାଉତ ଛକ, ସମୟ: ଅପରାହ୍ନ ୫ଟା।
- ସତରୁପା ପକ୍ଷରୁ କାରୁବାକୀ ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଟାଉନହଲ ଗଣେଶ ବଜାର, ଢେଙ୍କାନାଳ ସମୟ: ସନ୍ଧ୍ୟା ୬ ଟା ୩୦।

## ଅନୁଗୋଳ

- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ଛେଣ୍ଡିପଦା ବ୍ଲକ ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: କତଡା, ଜେରେଙ୍ଗ ଦେହୁରୀ ସାହି ଓ କୋରଡ଼ା, ସମୟ: ସକାଳ ୯ ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପୋଷ୍ଟାଲ ବାଲଟ୍ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।
- ଷ୍ଟ୍ରଙ୍ଗରୁମ୍ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ମା'ଜାଗୁଲାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ତିହୁଡା ନାଉଗାଁ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜଗନ୍ନାଥପୁର ପଞ୍ଚାୟତରେ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରଘୁନାଥପୁର ବ୍ଲକ ଜଗନାଥପୁର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## ନୟାଗଡ଼

- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୭ମ ଦିବସ ମ୍ୟାଚ, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟ।
- ପଣା ଯାତ୍ରାର ଅନ୍ତିମ ଦିବସ, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ରାମଲୀଳାର ୨ୟ ଦିବସରେ ତାଡକା ବଧ, ସ୍ଥାନ: ଖଣ୍ଡପଡ଼ା ଗଡ଼ ଭିତରସାହି, ସମୟ: ସନ୍ଧ୍ୟା ୭ଟା।
- ଲଙ୍କାପୋଡ଼ି ଯାତ୍ରାର ଚତୁର୍ଥ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଦଶପଲ୍ଲା ମହାବୀରଙ୍କ ପୀଠ, ସମୟ: ରାତି ୧୧ଟା।

## କେନ୍ଦ୍ରାପଡ଼ା

- କଳି କଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବଳରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ମୃତିରେ ଜୀବନବିନ୍ଦୁ ରକ୍ତଦାନ ଶିବିର, ସ୍ଥାନ: ଆଦ୍ୟାଶ୍ରୀ କଟେଜ, ଚାନ୍ଦୋଳ, ଡେରାବିଶ, ସମୟ: ସକାଳ ୮ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଡାମରପୁର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀ ତ୍ରିନାଥ ଦେବ ପୂଜା କମିଟି ପକ୍ଷରୁ ନୂତନ ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ, ସ୍ଥାନ: ଭଦକମଳ, ପାଟକୁରା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ:ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବିଜେଡି କର୍ମୀ ସମ୍ମିଳନୀ,ସ୍ଥାନ: ଯାଜପୁର ପୌର ପରିଷଦ ୬ନମ୍ବର ୱାର୍ଡର ବାହାବଳପୁର, ସମୟ: ସନ୍ଧ୍ୟା ୭ଟା।
- କଳିଙ୍ଗ ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ, ସ୍ଥାନ: ବ୍ୟାସନଗର ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନିଜ ରାଶିରେ ରବି ଓ ବୃହସ୍ପତି ଥିବାରୁ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଚନ୍ଦ୍ର ପ୍ରଭାବରୁ ପରିବହନ, ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେଇପାରେ। ସମସ୍ୟା ଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବ ତଥାପି ଔଷଧ ସେବନର ଆବଶ୍ୟକତା ଅପରିବର୍ତ୍ତିତ ରହିବ।

**ବୃଷ**
ବନ୍ଧୁଙ୍କ ସମ୍ପର୍କହାନି, ଆତ୍ମୀୟଙ୍କ ବେପରୁଆ ଚାଲିଚଳଣି ସାଙ୍ଗକୁ କାମ ଧିମେଇ ଯାଉଥିବାରୁ ଚିନ୍ତିତ ରହିବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। କର୍ମକ୍ଷେତ୍ରରେ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସାମାଜିକ ସ୍ତରରେ ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ସାମୟିକ ଖୁସି ରହିପାରନ୍ତି।

**ମିଥୁନ**
ଗ୍ରହମାନଙ୍କ ପ୍ରତିକୂଳ ପ୍ରଭାବରୁ ଯାହା କରନ୍ତୁନା କାହିଁକି ସନ୍ତୁଷ୍ଟ ହୋଇପାରିବେ ନାହିଁ। ବିବାଦୀୟ ପରିସ୍ଥିତି କିମ୍ବା ମାଲି ମକଦ୍ଦମାରେ ସଫଳତା ପାଇବେ। ଆର୍ଥିକ ସ୍ଥିତି ଭଲ ରହିବ ଏବଂ ପାରିବାରିକ ସ୍ଥିତି ମଧ୍ୟ ଠିକ୍ ରହିବାରେ କୌଣସି ବ୍ୟତିକ୍ରମ ହେବନାହିଁ। ଉପରିସ୍ଥଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**କର୍କଟ**
ଗ୍ରହଙ୍କ ଶୁଭତ୍ୱ କାରଣରୁ ଦିନଟି ଭଲରେ ଅତିବାହିତ ହେବ। ଯାହା ଓ ଯେମିତି ଚାହୁଁଛନ୍ତି ତାହାତ ପାଇବେ ମାତ୍ର ମନଗଢ଼ା କଥା, ଅନ୍ୟମନସ୍କତା ପରିହାର ନ କଲେ ଅସୁବିଧାରେ ପଡ଼ିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ କିଛିଦିନ ସକାଶେ ଅଟକି ରହିଯାଇପାରେ। ଲେଖାପଡ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇପାରନ୍ତି।

**ସିଂହ**
ସର୍ବଦା ମନରେ ଅସ୍ଥିରତା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। କୌଣସି ଗୋଟିଏ ସ୍ଥାନରେ ବସିଥିଲେ ମଧ୍ୟ ଇଆଡୁ ସିଆଡୁ ବାରକଥା ଭାବି ଭାବି ଅନ୍ୟମନସ୍କ ରହିବେ। ଉଚ୍ଚସ୍ଥ ମଙ୍ଗଳଜନିତ ଗୃହ, ଜମିଜମା ବିଷୟରେ ଯୋଗାଯୋଗ କଲେ ଉପକୃତ ହେବେ। ସାଧାରଣ କଥାରେ ବନ୍ଧୁଙ୍କ ଉପରେ ଅଭିମାନ କରି ମନସ୍ତାପ କରିପାରନ୍ତି।

**କନ୍ୟା**
ରାହୁ ଯୁକ୍ତ ବୁଧଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ହେତୁ କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ୍ଚ ଓ ବିତର୍କ ଘଟିପାରେ। ଯାତ୍ରା, ବାଣିଜ୍ୟ, ନିର୍ମାଣ ଓ ଯୋଗାଯୋଗ କ୍ଷେତ୍ରରୁ ଉପକୃତ ହେବେ। ବାତବ୍ୟାଧି ଜନିତ କ୍ରନିକ ରୋଗରେ ପୀଡ଼ାନୁଭବ କରିପାରନ୍ତି। ବିଶୃଙ୍ଖଳିତ ସନ୍ତାନ କିମ୍ବା ନିକଟ ସମ୍ପର୍କୀୟଙ୍କ କାର୍ଯ୍ୟକଳାପ ଅସହନୀୟ ହୋଇପାରେ।

**ତୁଳା**
କାମଗୁଡ଼ିକ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ ସମ୍ପନ୍ନ ହେବ ନିଜ ପାଇଁ ସେହିଭଳି ହୋଇ ନ ପାରେ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ଏଥିପାଇଁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରି ପଶ୍ଚାତ୍ତାପ କରିପାରନ୍ତି।

**ବିଛା**
ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ରାସ୍ତାରେ ପାଦଥାପି ଅସୁବିଧାରେ ପଡ଼ିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିବେ। ଗୁରୁବର୍ଗଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ବନ୍ଧୁଙ୍କଠାରୁ ସହଯୋଗ ଲାଭକରି ଦୁଃସାଧ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ।

**ଧନୁ**
କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବାରେ ସଫଳତା ହାସଲ କରିପାରିବେ। କଚେରି ମାମଲାର ଟେନସନ କିମ୍ବା ବିବାଦୀୟ ଘଟଣା ମାନସିକ ଅଶାନ୍ତିର କାରଣ ହେବ। ପ୍ରକାଶନ, ଏଜେନ୍ସି, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ।

**ମକର**
ଅନ୍ୟମାନଙ୍କ ଶୁଭଚିନ୍ତକ ହିସାବରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ନିନ୍ଦା ଶୁଣିବେ। କର୍ମକ୍ଷେତ୍ରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିବ। ଛୋଟ ଘଟଣାକୁ ବଡ଼ ଚିନ୍ତା କରି ବୃଥାରେ ସମୟର ଅପଚୟ କରିପାରନ୍ତି।

**କୁମ୍ଭ**
ସମ୍ପର୍କୀୟଙ୍କ ସହଯୋଗରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ।

**ମୀନ**
ବାହାରେ ଯେତିକି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ପାଇବେ ଘରେ କିମ୍ବା ନିଜ ଲୋକମାନଙ୍କଠାରେ ତାହା ଦୁର୍ଲ୍ଲଭ ହୋଇପଡ଼ିବ। ପାରିବାରିକ କ୍ଷେତ୍ରରେ ଆଲୋଚନା କରି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରନ୍ତି। ପରିବହନ, ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ।

ଆଜି ଏପ୍ରିଲ ୨୦ ତାରିଖ, ଚୈତ୍ର ଶୁକ୍ଳ ଦ୍ୱାଦଶୀ, ଶନିବାର, ଶ୍ରୀମନ୍ଦିରରେ ବନବାସ ଓ କନ୍ଦର୍ପ ଅଧିବାସ, ରାଶିନକ୍ଷତ୍ର-ଦିବା ଘ.୦୨।୦୪ ଗତେ ଉତ୍ତରା ଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୧୦।୧୧ ଗତେ ଘ.୦୧।୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୦୮।୩୭ ଗତେ ଘ.୧୦।୧୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### 'ଦୂରଦର୍ଶନର...

ଅଯୋଧ୍ୟାରେ ରାମ ଜନ୍ମ ହୋଇଥିବା ହିନ୍ଦୁମାନଙ୍କର ବିଶ୍ୱାସ ରହିଥିବାବେଳେ ସେଠାରେ ଥିବା ବାବ୍ରୀ ମସ୍‌ଜିଦ୍‌କୁ ୧୯୯୨ ଡିସେମ୍ବର ୩ରେ ହିନ୍ଦୁତ୍ୱବାଦୀ ଉଗ୍ରପନ୍ଥୀମାନେ ଭାଙ୍ଗିଦେଇଥିଲେ। ଉକ୍ତ ସ୍ଥଳୀରେ ରାମମନ୍ଦିର ନିର୍ମାଣାଧୀନ ଥିବାବେଳେ ଗତ ଜାନୁଆରୀ ୨୨ରେ ସେଠାରେ ଭଗବାନ ରାମଙ୍କ ମୂର୍ତ୍ତିର ପ୍ରାଣପ୍ରତିଷ୍ଠା କରାଯାଇଥିଲା। ରାମନବମୀ ପୂର୍ବରୁ ଡିଡି ନ୍ୟୁଜ୍ ଚ୍ୟାନେଲ ଲୋଗୋ ବଦଳାଯିବାକୁ ନେଇ ସମାଲୋଚନା ପ୍ରକାଶ ପାଇଛି।

### ୧୦୨ ଆସନରେ ...

ଆସି ମତାଧିକାର ସାବ୍ୟସ୍ତ କରିଥିଲେ। ଏପରିକି ଭିନ୍ନକ୍ଷମ ଏବଂ ବୟସ୍କ ଲୋକମାନଙ୍କୁ ଷ୍ଟ୍ରେଚର ଏବଂ ହୁଇଲ୍‌ଚେୟାରରେ ଅଣାଯାଇ ସେମାନଙ୍କୁ ମତଦାନର ସୁଯୋଗ ଦିଆଯାଇଥିଲା। ତାମିଲନାଡୁ, ଅରୁଣାଚଳପ୍ରଦେଶ, ଆଣ୍ଡାମାନ ନିକୋବର ଏବଂ ଆସାମର କେତେକ ବୁଥ୍‌ରେ ଇଭିଏମ୍‌ରେ ସାମାନ୍ୟ ତ୍ରୁଟି ଦେଖାଦେଇଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ଅଲଗା ରାଜ୍ୟ ଦାବିରେ ନାଗାଲାଣ୍ଡରେ ଆଦିବାସୀ ସଂଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ଡାକରା ଦିଆଯାଇଥିବାରୁ ୬ ଜିଲାରେ ଭୋଟ ଦେବାକୁ କେହି ଆସି ନ ଥିଲେ। ପଶ୍ଚିମବଙ୍ଗର କୁଚ୍‌ବିହାର ଆସନରେ ହିଂସାକାଣ୍ଡ ଦେଖାଦେଇଥିଲା। ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିବାବେଳେ ଉଭୟ ପକ୍ଷରୁ ଥାନାରେ ଏତଲା ହୋଇଛି। ହିଂସା କ୍ଷତିଗ୍ରସ୍ତ ମଣିପୁରରେ ମତଦାନ ବେଳେ ହିଂସାକାଣ୍ଡ ଦେଖାଦେବା ସହ ଇଭିଏମ୍ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ମଣିପୁର ଉପତ୍ୟକାର ଭୋଟକେନ୍ଦ୍ର ନିକଟରେ ୨ଟି ଗୁଳିକାଣ୍ଡ ଘଟିଛି। ଇମ୍ଫାଲ ଇଷ୍ଟର ଖୁରାଇ ବୁଥ୍ ନିକଟରେ ଗୁଳିମାଡ଼ରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ଛତିଶଗଡ଼ର ମାଓବାଦୀ ପ୍ରବଣ ବସ୍ତର ଲୋକ ସଭା ଆସନ ପାଇଁ ୫୮.୧୪ ପ୍ରତିଶତ ମତଦାନ ହୋଇଛି। ଭୁଲ୍‌ବଶତଃ ଗ୍ରେନେଡ୍ ବିସ୍ଫୋରଣରେ ଜଣେ ଯବାନ ନିହତ ହୋଇଥିବାବେଳେ ଆଇଇଡି ବିସ୍ଫୋରଣରେ ଜଣେ ଅଫିସର ଆହତ ହୋଇଛନ୍ତି। ତାମିଲନାଡୁର ସମସ୍ତ ୩୯ ଆସନରେ ଭୋଟିଂ ଚାଲିଥିବାବେଳେ ମତଦାନ ହାର ୪୦ ପ୍ରତିଶତରୁ ଅଧିକ ରହିଛି। ଇଭିଏମ୍‌ରେ ବୈଷୟିକ ତ୍ରୁଟି ପାଇଁ କେତେକ ବୁଥ୍‌ରେ ମତଦାନ ଘଣ୍ଟାଏ ବିଳମ୍ବ ହୋଇଥିଲା।

### ହିନ୍ଦୀ ନ କହିବାରୁ କନ୍ନଡ଼ ...

କରିବା ସହ ତାଙ୍କ କାରକୁ କ୍ଷତି ପହଞ୍ଚାଇଥିଲେ। ଏହାକୁ ବିରୋଧ କରିବାରୁ କାହିଁକି କନ୍ନଡରେ କଥା ହେଉଛ ବୋଲି କହି ଦୁର୍ବୃତ୍ତମାନେ ଉତ୍ତେଜିତ ହୋଇଥିଲେ। ହିନ୍ଦୀ ଓ ଉର୍ଦ୍ଦୁରେ କଥା ହେଉଥିବା ଏହି ଦୁର୍ବୃତ୍ତମାନେ କନ୍ନଡ଼ ଭାଷାରେ କଥା ହେବାକୁ ନେଇ ଆପତ୍ତି ଉଠାଇଥିଲେ। ଏହି ଘଟଣାକୁ ନେଇ ହର୍ଷିକା ନିଜ ଫେସବୁକ୍ ପୋଷ୍ଟରେ କେତେକ ପ୍ରଶ୍ନ ଉଠାଇଛନ୍ତି। ନିଜ ସହର ବେଙ୍ଗାଲୁରୁରେ ମାତୃଭାଷା କନ୍ନଡ଼ ବ୍ୟବହାର କରିବାରେ କ'ଣ ପ୍ରତିବନ୍ଧକ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ପାକିସ୍ତାନ ଓ ଆଫଗାନିସ୍ତାନ ପରି ଏଭଳି ନିନ୍ଦନୀୟ ଘଟଣା ବେଙ୍ଗାଲୁରୁରେ କିପରି ଘଟୁଛି ପ୍ରଶ୍ନ କରି ହର୍ଷିକା ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ସହରରେ ସେ ସୁରକ୍ଷିତ ଅଛନ୍ତି କି ନାହିଁ ବୋଲି କର୍ନାଟକ ସରକାର ଓ ପୋଲିସକୁ ହର୍ଷିକା ପ୍ରଶ୍ନ କରିଛନ୍ତି। ଏପରି ଘଟଣା ରୋକିବା ସହ ବେଙ୍ଗାଲୁରୁର ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ଅପିଲ କରିଛନ୍ତି। ତାଙ୍କ ଉପରେ ହୋଇଥିବା ଏହି ଆକ୍ରମଣକୁ ଗୁରୁତର ସହ ନେଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ହର୍ଷିକା ଦାବି କରିଛନ୍ତି।

# ଟିକେଟ ଆଶା କରିଥିଲି, ମତେ ବି ଦୁଃଖ ଲାଗୁଛି

## ଜଗତ୍‌ସିଂହପୁର ବିଧାନସଭା ଆସନ ଲାଗି ଫୁଲନଖରାରେ ବୈଠକ

ଜଗତ୍‌ସିଂହପୁର, ୧୯।୪
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲା ପରେ ଟିକେଟ ନ ପାଇ ସବୁଠାରୁ ଦୁଃଖରେ ଥିବା ସ୍ୱୀକାର କରିଛନ୍ତି। କେବଳ ଏତିକି ନୁହେଁ, ୨ ବର୍ଷ ହେବ କଂଗ୍ରେସ ଲୋକେ ନିର୍ଯାତିତ ଅବସ୍ଥାରେ ଥିଲେ, ଯେଉଁମାନେ ତାଙ୍କ ସହ ବିଜେଡିରେ ମିଶିଛନ୍ତି ସେମାନେ ଆଉ ସେଭଳି ଅସୁବିଧାରେ ପଡ଼ିବେ ନାହିଁ। ଧୈର୍ଯ୍ୟର ସହ ଜୁନ, ଜୁଲାଇ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତା'ପରେ ପାଣି-ପାଣି ଓ କ୍ଷୀର-କ୍ଷୀର ହୋଇଯିବ। ଶୁକ୍ରବାର କଟକ ଫୁଲନଖରାସ୍ଥିତ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ଶତାଧିକ କଂଗ୍ରେସ ନେତା ଓ କର୍ମୀଙ୍କୁ ଚିରଞ୍ଜୀବ ଏହି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସେ ପ୍ରଭୁ ଜଗନ୍ନାଥ ଓ ମା'ଶାରଳାଙ୍କ ନାଁ ନେଇ ଶପଥ କରିଛନ୍ତି। ଚିରଞ୍ଜୀବ କହିଛନ୍ତି, ଯେଉଁମାନେ ତାଙ୍କ ସହ ବିଜେଡିରେ ମିଶିଛନ୍ତି ସେମାନଙ୍କ ଦାୟିତ୍ୱ ସେ ନିଜେ ନେବେ। କେହି କୁଆଡେ ଯିବାକୁ ପଡ଼ିବ ନାହିଁ। ପ୍ରତି ମାସରେ ୩/୪ ଦିନ ଜଗତ୍‌ସିଂହପୁରରେ ପହଞ୍ଚିବେ। ସେଠାରେ ଯାହାର ଯାହା ଅଭାବ, ଅସୁବିଧା ରହିଛି ବୁଝିବେ। ଶାସକ ଦଳରେ ରହି ପ୍ରତ୍ୟେକେ ସମସ୍ତ ସୁବିଧା ପାଇବେ ବୋଲି କହି ସେ ବୁଝାଇବାକୁ ଚେଷ୍ଟା କରିଛନ୍ତି।

ଅନ୍ୟପଟେ ନିଜର ଦୁଃଖ ବଖାଣି କହିଛନ୍ତି, ସେ କଂଗ୍ରେସ ପରିବାରର ଲୋକ। କିନ୍ତୁ ବିନା କାରଣରେ କଂଗ୍ରେସ ତାଙ୍କୁ ଦଳରୁ ନିଲମ୍ବନ କରିଥିଲା। ଯାହା ତାଙ୍କୁ ଆଘାତ ଦେଇଥିଲା। ସେ ଆହୁରି କହିଥିଲେ, ଦଳ ୯ରୁ ୯୦ କରିବାକୁ ହେଲେ ଯୁବ, ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାକୁ ପଡ଼ିବ। ଗାଁ ଗହଳିକୁ ଯିବାକୁ ହେବ। କେବଳ ବାହାଦୁରି ଦେଖାଇ କଂଗ୍ରେସ ଭବନରେ କିଛି କହିଦେଲେ ହେବନାହିଁ, ଯାହା ଆଜି ପ୍ରମାଣିତ ହେବାକୁ ଯାଉଛି। କଂଗ୍ରେସ ୯ରୁ ୯୦ ବିଧାୟକ ହାତେଇବ ଅବା ୩, ୨ କିମ୍ବା ୦କୁ ଖସିଆସିବ ତାହା ସମୟ କହିବ। ତାଙ୍କୁ ଯେଉଁଦିନ ନିଲମ୍ବନ କରାଗଲା ସେହିଦିନଠାରୁ ଶରତ ପଟ୍ଟନାୟକ ପିସିସି ସଭାପତି ଥିବାଯାଏ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା ଚିରଞ୍ଜୀବ କହିଛନ୍ତି। ଏହାପରେ ବିଜେଡି ଡାକିବାରୁ ଏହି ଦଳରେ ଯୋଗଦେଇଥିଲେ। ଆଶା ଥିଲା ବିଜେଡି ତାଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଟିକେଟ ଦେବ। କିନ୍ତୁ ଦଳ ତାଙ୍କୁ କଟକରେ ପ୍ରାର୍ଥୀ ହେବା ପାଇଁ ସୁଯୋଗ ଦେଇଥିଲା। ଯେହେତୁ ଜଗତ୍‌ସିଂହପୁର ସହ ତାଙ୍କର ଜଡ଼ିତ ରହିବା ପାଇଁ ଇଚ୍ଛା ଅଛି, ତେଣୁ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଦଳ ତାଙ୍କ ପରିବର୍ତ୍ତେ ପ୍ରଶାନ୍ତ ମୁଦୁଲିଙ୍କୁ ପ୍ରାର୍ଥୀ ଘୋଷଣା କଲା। ଏହା ତାଙ୍କୁ ବହୁତ ଆଘାତ ଦେଇଛି। ତେଣୁ କେଉଁ ପରିସ୍ଥିତିରେ କ'ଣ ହେଲା ଏବଂ ଦଳ ତାଙ୍କୁ କାହିଁକି ଟିକେଟ ଦେଲାନି ସେ ବାବଦରେ ବିଜେଡି ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିଛନ୍ତି, ଯାହା କହିବା ସମ୍ଭବ ନୁହେଁ। ଏବେ ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ କରିବା ପ୍ରାଥମିକତା ରହିବା ଦରକାର ବୋଲି ଚିରଞ୍ଜୀବ କହିଛନ୍ତି। ନିଜ ସମର୍ଥକଙ୍କ ଉଦ୍ଦେଶ୍ୟରେ ଚିରଞ୍ଜୀବ କହିଛନ୍ତି, 'ଆପଣମାନେ ମୋ ଉପରେ ଥରକ ପାଇଁ ବିଶ୍ୱାସ କରନ୍ତୁ। ଭଗବାନଙ୍କ ନାଁ ନେଇ ଶପଥ କରୁଛି, ଯଦି ମୁଁ କଥା ନ ରଖିବି ଆପଣମାନେ ମୋ ମୁହଁରେ ଛେପ ପକାଇ ପଳେଇବେ।' ସେ ଏକଥା ମଧ୍ୟ କହିଛନ୍ତି, 'ଆମେ ଗୋଟିଏ ଦଳ ଛାଡ଼ି ଆଉ ଗୋଟିଏ ଦଳରେ ମିଶିଛେ। ସୁସଙ୍ଗଠିତ ହୋଇ ମୋ ସହିତ ରୁହନ୍ତୁ। ନିର୍ବାଚନ ସମୟରେ କିମ୍ବା ତା'ପରେ ଆପଣମାନଙ୍କ ଦାୟିତ୍ୱ ମୁଁ ନେବି। ଆପଣମାନେ ଯଦି ଭାବୁଥାନ୍ତି ପ୍ରଶାନ୍ତ ବିଧାୟକ ହେଲାପରେ ନିର୍ଯାତନା ଦେବେ, ସେଭଳି ସୁଯୋଗ ନାହିଁ।' ତେବେ ଚିରଞ୍ଜୀବ ଉପସ୍ଥିତ ଦଳୀୟ ନେତା ଓ କର୍ମୀଙ୍କୁ ବିଭିନ୍ନ ମାଧ୍ୟମରେ ବୁଝାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ଅଧିକାଂଶ ନିଜକୁ ବୁଝାଇ ପାରି ନ ଥିଲେ। ସେମାନେ ପ୍ରତିକ୍ରିୟାଶୀଳ ହୋଇପଡ଼ିଥିଲେ। କେତେଜଣ ଚିରଞ୍ଜୀବଙ୍କ ଆଡ଼କୁ ଆଙ୍ଗୁଠି ଉଠାଇ ବର୍ଷିଥିଲେ। କହିଥିଲେ, ଯେଉଁ ବିଜେଡି ତାଙ୍କ ନେତାଙ୍କୁ ଟିକେଟ ଦେଲାନାହିଁ ସେଭଳି ଦଳ ପ୍ରତି ଆନୁଗତ୍ୟ ଦେଖାଇବା ଅସମ୍ଭବ। ପ୍ରଶାନ୍ତ ବିଧାୟକ ହେଲା ପରେ କେଉଁ କ୍ଷମତା ବଳରେ ଚିରଞ୍ଜୀବ ସେମାନଙ୍କୁ ସହଯୋଗ କରିପାରିବେ ବୋଲି ଉପସ୍ଥିତ କେତେଜଣ କଂଗ୍ରେସ କର୍ମୀ ପାଲଟା ପ୍ରଶ୍ନ କରିଥିଲେ। କେବଳ ଏତିକି ନୁହେଁ, ଦୀର୍ଘ ବର୍ଷ ଧରି ବିଜେଡି ବିରୋଧରେ ଲଢ଼େଇ କରି ଏବେ ଏହି ଦଳ ନେତା ଓ କର୍ମୀଙ୍କ ପାଖରେ ଶରଣ ପଶିବା ସମ୍ଭବ ନୁହେଁ। ତେଣୁ ସେମାନଙ୍କ ବ୍ୟକ୍ତିଗତ ନିଷ୍ପତ୍ତିରେ ହସ୍ତକ୍ଷେପ ନ କରିବାକୁ କେତେଜଣ ରୋକଠୋକ୍ ମନା କରିଦେଇଛନ୍ତି। ଏପରି କି ଅଧିକାଂଶ ଚିରଞ୍ଜୀବଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବାରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ବୈଠକ ଖୁବ୍ କମ୍ ସମୟ ମଧ୍ୟରେ ସରି ଯାଇଛି। ଏହି ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଯୋଗଦେବାର କାର୍ଯ୍ୟକ୍ରମ ଥିଲେ ସୁଦ୍ଧା ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଶେଷ ସମୟରେ ବାତିଲ କରିଦିଆଯାଇଛି।


ବୈଠକରେ ସମର୍ଥକଙ୍କ ସହ ଚିରଞ୍ଜୀବ ବିଶ୍ୱାଳ ଆଲୋଚନା କରୁଛନ୍ତି।

# ପ୍ରାର୍ଥିପତ୍ର ଦାଖଲ କଲେ ସପ୍ତଗିରିଙ୍କ ସହ ୨ ବିଧାୟକ ପ୍ରାର୍ଥୀ

## କୋରାପୁଟରେ ମାମୁଁ ଭଣଜାଙ୍କ ଶକ୍ତି ପ୍ରଦର୍ଶନ

କୋରାପୁଟ,୧୯।୪(ଅମିତାଭ ବେହେରା )

ଆସନ୍ତା ମେ ୧୩ରେ ପ୍ରଥମ ପର୍ଯ୍ୟାୟରେ କୋରାପୁଟ ସଂସଦୀୟ କ୍ଷେତ୍ରରେ ମତଦାନ ହେବ । ଗୁରୁବାରଠାରୁ ପାର୍ଥିପତ୍ର ଦାଖଲ ଆରମ୍ଭ ହୋଇଥିବାବେଳେ କୋରାପୁଟ ବିଧାନସଭା ନିମନ୍ତେ କଂଗ୍ରେସରୁ କୃଷ୍ଣ କୁଲଦୀପ ପାର୍ଥିପତ୍ର ଦାଖଲ କରିଥିଲେ। ଶୁକ୍ରବାର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକାଙ୍କ ସମେତ ପଟ୍ଟାଙ୍ଗୀ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଓ କୃଷ୍ଣ କୁଲଦୀପ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି। କୃଷ୍ଣ ପୁଣି ଥରେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି।

କୋରାପୁଟ ଗୁଣ୍ଡିଚା ମନ୍ଦିରଠାରୁ ପ୍ରାର୍ଥୀମାନେ ଦଳୀୟ କର୍ମୀଙ୍କ ସହ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ଥିଲେ ଅଖିଳ ଭାରତ କଂଗ୍ରେସ କମିଟି ସମ୍ପାଦକ ଶାହା ନବାଜ ଚୌଧୁରୀ, ମୀନାକ୍ଷୀ ନଟରାଜନ, ରବୀନ୍ଦ୍ର ଡୋଲଭି ଓ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । କୋରାପୁଟ ଜିଲାର ୫ଟି ନିର୍ବାଚନ ମଣ୍ଡଳୀରୁ ୫ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଓ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲାକା ଜିଲାପାଳ ଭି.କୀର୍ତ୍ତିଭାସନଙ୍କ ପାଖରେ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ପଟ୍ଟାଙ୍ଗୀ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ରାମଚନ୍ଦ୍ର କାଡାମ ସହକାରୀ ଉପଜିଲାପାଳ ଓ କୋରାପୁଟ ବିଧାନସଭା ଆସନ ପାଇଁ ବିଧାୟକ ପ୍ରାର୍ଥୀ କୃଷ୍ଣ କୁଲଦୀପ ଉପ ଜିଲାପାଳ ବେଣୁଧର ଶବରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ପରେ କଂଗ୍ରେସ ଶିବିରରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇଛି। ଗତ ୫ବର୍ଷର କାର୍ଯ୍ୟକୁ ନେଇ ସେ ନିର୍ବାଚନ ଲଢିବେ ବୋଲି ସପ୍ତଗିରି କହିଛନ୍ତି। ଏଥିସହ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ନେଇ ଦୁଇ ବିଧାୟକ ପ୍ରାର୍ଥୀ ନିର୍ବାଚନ ପ୍ରଚାର କରିବେ ବୋଲି ପ୍ରକାଶ କରିଛନ୍ତି। ତେବେ ତାରା ପ୍ରସାଦ ବାହିନୀପତି ସପ୍ତଗିରିଙ୍କ ମାମୁ ବୋଲି ଜଣାପଡିଛି। ଆଗାମୀ ଦିନରେ ମାମୁ ଭଣଜାଙ୍କ ରଣ କୌଶଳ ସାଧାରଣ ଲୋକେ ଦେଖିବାକୁ ପାଇବେ ବୋଲି ସାଧାରଣରେ ଆଲୋଚନା ହେଉଛି।


ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି କଂଗ୍ରେସର କୋରାପୁଟ ଏମ୍‌ପି ପ୍ରାର୍ଥୀ ସପ୍ତଗିରି ଶଙ୍କର ଉଲ୍ଲାକା।

# ବବିଙ୍କ 'ଏକ୍ସ'ପୋଷ୍ଟକୁ ନେଇ ଭାଜପାର ଟାର୍ଗେଟ୍

## 'ଏଥର ରାଜ୍ୟରେ ସରକାର ପରିବର୍ତ୍ତନ କରିବେ ଓଡ଼ିଶା ଲୋକ'

ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଏମ୍‌ପି ପ୍ରାର୍ଥୀ ତଥା ତାଙ୍କ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ହାରିବା ସୁନିଶ୍ଚିତ ବୋଲି ଜାଣିବା ପରେ ଭୟରେ ଗୁରୁବାର ଏକ ଭୁଲ୍ ଫଟୋ ନିଜ ସାମାଜିକ ଗଣମାଧ୍ୟମରେ ପକାଇଥିଲେ। ୨୦୨୧ ମସିହାର ଏକ ପୁରୁଣା ଫଟୋକୁ ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରି ସାଂସଦ ପ୍ରାର୍ଥୀ ତାକୁ ପୋଷ୍ଟକରି ମିଥ୍ୟା ଅଭିଯୋଗ କରିବା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ। ଏବେ ମଧ୍ୟ ବିଜେଡିର ଜଣେ ରାଜ୍ୟ ସଭା ସଦସ୍ୟ ସେହିଭଳି ମିଥ୍ୟା ଅଭିଯୋଗ ଆଣିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରିୟତା ପ୍ରତି ବିଜେଡିର ଭୟକୁ ପ୍ରମାଣିତ କରୁଛି ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି।

ଅନିଲ ଆହୁରି କହିଛନ୍ତି, ବିଜେଡି ଯେତେ ମିଥ୍ୟା ଅଭିଯୋଗ କଲେ ମଧ୍ୟ ଓଡ଼ିଶା ଲୋକ ଏଥର ରାଜ୍ୟରେ ସରକାର ପରିବର୍ତ୍ତନ କରିବେ। ଏନ୍‌ଏଚ୍-୫୫ର କାମ ୮୩% ସରିସାରିଛି। ଯେଉଁଠି କାମ ବିଳମ୍ବିତ ହୋଇଛି ସେଥିପାଇଁ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣରେ ବିଳମ୍ବିତ କରିବା ହିଁ ମୁଖ୍ୟ କାରଣ। 'ସବୁ କେନ୍ଦ୍ରର ଦୋଷ'ର ପୁରୁଣା ଗୀତ ଆଉ ବିଜେଡି ଯେତେ ଗାଇଲେ ବି ଚଳିତ ନିର୍ବାଚନରେ ଉଭୟ ଲୋକ ସଭା ଓ ବିଧାନସଭା କ୍ଷେତ୍ରରେ ପରାଜୟରୁ ବର୍ତ୍ତିପାରିବ ନାହିଁ ବୋଲି ଅନିଲ କହିଛନ୍ତି।

# ବଢ଼ିଲା ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଅଡୁଆ

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅତିରିକ୍ତ ଡିଜିଙ୍କୁ ତଦନ୍ତ ନିର୍ଦ୍ଦେଶ

ଗୁଣପୁର,୧୯।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ରଘୁବାରିଠାରେ ବିଜେଡି ନେତା ଗ୍ରାମବାସୀଙ୍କୁ ମାରପିଟ କରିବା ନେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ନାଁରେ ଥାନାରେ ଏତଲା ଦିଆଯାଇଛି। ଏ ସମ୍ପର୍କରେ ଭାଜପା ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶୁକ୍ରବାର ଏହାକୁ ଗୁରୁତ୍ୱର ସହ ନେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। ଏହାର ବିଧିବଦ୍ଧ ତଦନ୍ତକରି ୨୪ ଘଣ୍ଟା ମଧ୍ୟରେ କ'ଣ ପଦକ୍ଷେପ ନିଆଯାଇଛି ତା'ର ରିପୋର୍ଟ ଦେବାକୁ ଅତିରିକ୍ତ ଡିଜି (ଆଇନ ଶୃଙ୍ଖଳା)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏହି ଆଦେଶ ପରେ ମନ୍ତ୍ରୀ ସାରକାଙ୍କ ଅଡୁଆ ବଢ଼ିଛି।

ସୂଚନାଯୋଗ୍ୟ, ମୁନିଗୁଡା ବ୍ଲକ ରଘୁବାରି ଗ୍ରାମରେ ଗତ ୧୪ ତାରିଖରେ ପାଣି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଏହି ସମୟରେ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ ଓ ନେତାମାନେ ସେହି ରାସ୍ତା ଦେଇ ମୁନିଗୁଡ଼ା ବ୍ଲକର ପାଇକପଡ଼ାଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ଏହି ସମୟରେ ଗ୍ରାମବାସୀ ସେମାନଙ୍କ ସମସ୍ୟା ଜଣାଇବାକୁ ମନ୍ତ୍ରୀଙ୍କ ଗାଡ଼ି ଅଟକାଇଥିଲେ। ଗ୍ରାମବାସୀ କାହିଁକି ମନ୍ତ୍ରୀଙ୍କ ଗାଡ଼ି ଅଟକାଇଲେ ବୋଲି ପଚାରିବାରୁ ବିଜେଡି ନେତା ଓ ଗ୍ରାମବାସୀଙ୍କ ମଧ୍ୟରେ ଯୁକ୍ତିତର୍କ ସହ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଜେଡି ନେତାମାନେ ସ୍ଥାନୀୟ ଯୁବକଙ୍କୁ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଗ୍ରାମର ହରେକୃଷ୍ଣ ବେହେରା ମନ୍ତ୍ରୀ ଜଗନ୍ନାଥ ସାରକା, ସୁଧୀର ଦାସ ଏବଂ ଅନ୍ୟ ବିଜେଡି ନେତାଙ୍କ ନାମରେ ଅମ୍ବାଦଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଜୟନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରି ଅଭିଯୋଗ ହେବା ପରେ ମାମଲାର ତଦନ୍ତକରି କ'ଣ ପଦକ୍ଷେପ ନିଆଯାଇଛି ସେ ଦିଗରେ ଜଣାଇବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଅତିରିକ୍ତ ଡିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ ସେ ମିଟିଂରେ ବ୍ୟସ୍ତ ଥିବା କହି କଥାକୁ ଏଡାଇ ଦେବାକୁ ଚେଷ୍ଟା କରିଥିଲେ।


Election Urgent
By E-Mail/Post

चुनाव का पर्व DESH KA GARV

CHIEF ELECTORAL OFFICER, ODISHA
HOME (ELECTIONS) DEPARTMENT
Behind Lok Seva Bhawan, Unit-V, Bhubaneswar, Pin-751001
E-mail-ceoorissa@gmail.com

File No EC-CON-COE-0077-2024- [illegible] /Elec. Dated [illegible]

From
Sabyasachi Hota, OAS,
Officer on Special Duty

To
The Addl. DG of Police (L&O)-Cum-SPNO, Odisha

Sub: Allegations of Jayanta Kumar Jena & others of BJP against Shri Jagannath Saraka, Hon'ble Minister, Law and his henchmen/goons for assaulting with filthy languages and adopting violence as a tool to win Election-regarding.

Sir,
In inviting a reference to the subject noted above, I am directed to forward herewith a copy of the allegation petition of Jayanta Kumar Jena & others of BJP bearing Letter No. BJPOECR/97/24, dated 19.04.2024 along with its enclosures (01 photo, copy of FIR of Sri Harekrushna Behera filed before IIC Ambadala & one video clip) which is self-explanatory.
It is, therefore, requested to enquire into the allegations and furnish the action taken report within 24 Hrs.

Yours faithfully,
Officer on Special Duty

Memo No. [illegible] /Elec. Dated [illegible]
Copy forwarded to Shri Jayanta Kumar Jena, Legal Cell, BJP, Qtr No. 4R-3/2, Unit-III, Janpath, Bhubaneswar-751001 (email : [illegible]) for information w.r.t. their Letter No. BJPOECR/97/24, dated 19.04.2024.
Officer on Special Duty

Memo No. [illegible] /Elec. Dated [illegible]
Copy forwarded to the Sr.PS to CEO, Odisha for kind information of CEO, Odisha/ PS to Addl. Chief Electoral Officer, Odisha for kind information of Addl. Chief Electoral Officer, Odisha.
Officer on Special Duty

ନିର୍ବାଚନର ପର୍ବ, ଆମ ଦେଶର ଗର୍ବ

# ପର୍ଯ୍ୟବେକ୍ଷକଙ୍କ ଆଗରେ ଅସନ୍ତୋଷ ଝାଡ଼ିଲେ ଛାମୁଆ ନେତା

## ୪ ଆସନରେ ବିଜେଡି ପ୍ରାର୍ଥୀ ଘୋଷଣାରେ ବିଳମ୍ବ

ବାଲେଶ୍ୱର, ୧୯।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ବାମପଦାସ୍ଥିତ ନୋସି ବିଜିନେସ ପାର୍କରେ ଶୁକ୍ରବାର ବିଜେଡିର ବାଲେଶ୍ୱର ସଂସଦୀୟ କ୍ଷେତ୍ରର ନିର୍ବାଚନୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଘୋଷଣା ବିଳମ୍ବକୁ ନେଇ ଝଡ଼ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବୈଠକରେ ବିଜେଡି ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଉପସ୍ଥିତ ଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଏବଂ ଜିଲା ସଭାପତି ଅଶ୍ୱିନୀ ପାତ୍ର ଥିଲେ।

ବାଲେଶ୍ୱର ଲୋକ ସଭା ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦଳର କର୍ମୀ ଓ ନେତାଙ୍କ ସହ ଲେଖାଶ୍ରୀଙ୍କୁ ପରିଚିତ କରାଇବା ପାଇଁ ଜିଲା କମିଟି ସଦସ୍ୟ, ଜିଲାରୁ ଥିବା ରାଜ୍ୟ କମିଟି ସଦସ୍ୟ, ବ୍ଲକ ଓ ଏନ୍‌ଏସିର ଦଳୀୟ ସଭାପତି, ନିର୍ବାଚିତ ଚେୟାରମ୍ୟାନ୍, ଜିଲା ପରିଷଦ ସଦସ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଲୋକ ସଭା କ୍ଷେତ୍ରର ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି ବିଧାନସଭା କ୍ଷେତ୍ରରେ ସମସ୍ତ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲା ପର୍ଯ୍ୟବେକ୍ଷକ ଲେଖାଶ୍ରୀଙ୍କୁ ପରିଚିତ କରାଇବା ସହ ଚଳିତ ନିର୍ବାଚନରେ ବିଜେଡିର ସମସ୍ତ ପ୍ରାର୍ଥୀ ବିଜୟକୁ ନେଇ ମନ୍ତ୍ର ଦେଇଥିଲେ। ଅପରପକ୍ଷରେ ନୀଳଗିରି, ଭୋଗରାଇ ଓ ରେମୁଣା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣାକୁ ନେଇ ବିଳମ୍ବ ହେଉଥିବା ନେଇ କର୍ମୀମାନେ ପର୍ଯ୍ୟବେକ୍ଷକଙ୍କୁ ପ୍ରଶ୍ନ ପଚାରିଥିଲେ ଏବଂ ଉକ୍ତ ଅଞ୍ଚଳର ଛାମୁଆ ନେତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ଉତ୍ତରରେ ପର୍ଯ୍ୟବେକ୍ଷକ ପ୍ରତାପ ଦେବ କହିଥିଲେ କି, ବାଲେଶ୍ୱର ଜିଲାରେ ନିର୍ବାଚନ ଶେଷ ପର୍ଯ୍ୟାୟରେ ହେବାର ଅଛି। ଯେଉଁ ଯେଉଁ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଚୟନ କରାଯାଇନାହିଁ ତାହା ଖୁବ୍‌ଶୀଘ୍ର ହେବ। ବିଭିନ୍ନ ରିପୋର୍ଟ ଆଧାରରେ ବିଜୟୀ ସମ୍ଭାବନା ଥିବା ଆଶାୟୀମାନଙ୍କୁ ପ୍ରାର୍ଥିତ୍ୱ ପ୍ରଦାନ କରାଯିବାର ଦଳ ସମୀକ୍ଷା କରୁଥିବା କହିଥିଲେ।

# ଭାଜପା ପ୍ରାର୍ଥିନୀଙ୍କୁ ଦଳରେ ବିରୋଧ

## ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ

ବାରିପଦା,୧୯।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥିନୀ ସଞ୍ଜଲି ମୁର୍ମୁଙ୍କୁ ନେଇ ବିବାଦ ଦେଖାଦେଇଛି। ଅସନ୍ତୁଷ୍ଟ ଦଳୀୟ କର୍ମୀ ଓ କର୍ମକର୍ତ୍ତାମାନେ ତାଙ୍କୁ ବିରୋଧ କରିବା ସହ ପ୍ରାର୍ଥୀ ବଦଳାଇବା ପାଇଁ ଭାଜପା ରାଜ୍ୟ ସଭାପତିଙ୍କ ନିକଟରେ ଦାବି କରିଛନ୍ତି। ଏନେଇ ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପ୍ରତିନିଧିତ୍ୱ କରୁଥିବା ଏହି ବିଧାନସଭା କ୍ଷେତ୍ର ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଚଳିତ ନିର୍ବାଚନରେ ଏଠାରେ କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ଏହି ସ୍ଥାନରେ ଗତ ନିର୍ବାଚନରେ ପରାଜିତ ପ୍ରାର୍ଥୀ ଶୁଗୁଦା ମୁର୍ମୁଙ୍କ ଝିଅ ସଞ୍ଜଲିଙ୍କୁ ଭାଜପା ପ୍ରାର୍ଥୀ ଘୋଷଣା କରିବା ପରେ ଦଳୀୟ କର୍ମୀ ମହଲରେ ଅସନ୍ତୋଷ ବଢ଼ିଯାଇଛି। ଦଳରେ ଗୋଷ୍ଠୀକନ୍ଦଳ ମୁଣ୍ଡ ଟେକିବା ଆରମ୍ଭ କରିଥିବା ବେଳେ କର୍ମୀଙ୍କ ମଧ୍ୟରେ ଫାଟ ଦେଖାଦେଇଛି। ପରିବାର ରାଜନୀତି ବନ୍ଦକରି ଉପଯୁକ୍ତ ପ୍ରାର୍ଥୀ ଘୋଷଣା କରିବାକୁ ଦାବି କରାଯାଉଛି। ଅଭିଯୋଗ ଅନୁଯାୟୀ, ୨୦୧୯ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଶୁଗୁଦା କାର୍ଯ୍ୟକର୍ତ୍ତାଙ୍କୁ ଉପେକ୍ଷା କରିଥିଲେ। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶୁଗୁଦାଙ୍କ ସ୍ତ୍ରୀ ଓ ବର୍ତ୍ତମାନର ପ୍ରାର୍ଥୀ ସଞ୍ଜଲି ସମିତିସଭ୍ୟା ପଦବୀ ପାଇଁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ସଙ୍ଗଠନ ଦାୟିତ୍ୱ ପାଇବା ପରେ ବରିଷ୍ଠ କର୍ମୀଙ୍କୁ ଅଣଦେଖା କରିଥିଲେ। ଫଳରେ ଗତ ସାଧାରଣ ନିର୍ବାଚନରେ ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା। ଏପରିକି ଦଳୀୟ ପାଣ୍ଠି ହଡ଼ପ କରିବା ଉଦ୍ଦେଶ୍ୟରେ ନିଜ ଝିଅକୁ ଦଳରୁ ଟିକେଟ ଦେବାରେ ଶୁଗୁଦା ସକ୍ଷମ ହୋଇଛନ୍ତି ବୋଲି ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ, ରାଜ୍ୟ ଆଦିବାସୀ ମୋର୍ଚ୍ଚାର ରାଜ୍ୟ ଉପସଭାପତି ଫାଗୁ ହାଁସ୍‌ଦା, ପୂର୍ବତନ ଜିଲା ପରିଷଦ ସଦସ୍ୟ ସଲମିତ ଟୁଡୁଙ୍କ ସମେତ ବିଭିନ୍ନ ମଣ୍ଡଳରୁ ଆସିଥିବା ପୂର୍ବତନ ଓ ବର୍ତ୍ତମାନର ସଭାପତିମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଏହି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଶୁଗୁଦା କୁହନ୍ତି, ଏଭଳି ଅଭିଯୋଗ ପୂର୍ବରୁ କରା ନ ଯାଇ ଏବେ କାହିଁକି କରାଯାଉଛି। ତାଙ୍କ ବିରୋଧରେ ହେଉଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସ୍ୱାର୍ଥବାଦୀ ହୋଇ ବିରୋଧଭାବ ପ୍ରକାଶ କରୁଥିବା କର୍ମକର୍ତ୍ତାଙ୍କ କୌଣସି ପ୍ରଭାବ ନିର୍ବାଚନ ଉପରେ ପଡ଼ିବ ନାହିଁ। ଦଳ ଦେଇଥିବା କାର୍ଯ୍ୟକୁ ସେ ସୁଚାରୁରୂପେ ସମ୍ପାଦନ କରୁଛନ୍ତି। ଜଣେ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ଭରସା କରି ଦଳ ତାଙ୍କ ଝିଅକୁ ପ୍ରାର୍ଥୀ କରିଛି ବୋଲି ସେ କହିଛନ୍ତି।

# ଏକହୋଇ ଲଢ଼ିବାକୁ ପ୍ରଣବଙ୍କ ପରାମର୍ଶ

## ଶଙ୍ଖ ଭବନରେ ବଡ଼ଚଣାର ୩ ଗୋଷ୍ଠୀ ନେତା

- ଭିଡିଓ କନଫରେନ୍ସରେ କଥା ହେଲେ ବିଜେଡି ସାଙ୍ଗଠନିକ ସମ୍ପାଦକ
- ଆସିଲେନି ବିଧାୟକ ଅମର ପ୍ରସାଦ ଶତପଥୀ

ଚଣ୍ଡିଖୋଲ,୧୯।୪
(ପ୍ରଦୀପ୍ତ କୁମାର ପୃଷ୍ଟି)


ଶଙ୍ଖଭବନରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସହ ବଡ଼ଚଣା ବିଜେଡିର ନେତାମାନେ।

ଯାଜପୁର ଜିଲାର ବଡ଼ଚଣା ଏକ ପ୍ରମୁଖ ବିଧାନସଭା ନିର୍ବାଚନମଣ୍ଡଳୀ। ହେଲେ ଏ ପର୍ଯ୍ୟନ୍ତ ବିଜେଡି ଏଠାରେ ପ୍ରାର୍ଥୀ ଘୋଷଣା କରିନାହିଁ। ଶୁକ୍ରବାର ଏହି ନିର୍ବାଚନମଣ୍ଡଳୀର ୩ ଗୋଷ୍ଠୀ ନେତା ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଭୁବନେଶ୍ୱର ଶଙ୍ଖ ଭବନକୁ ଡାକି ଏକତ୍ରିତ କରିଛନ୍ତି ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ହେଲେ ସେଠାରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅନୁପସ୍ଥିତ ଦେଖିବାକୁ ମିଳିଛି। ଅମରଙ୍କ ଅନୁପସ୍ଥିତି ଦଳ ପାଇଁ କ୍ଷତି ପହଞ୍ଚାଇପାରେ ବୋଲି କୁହାଯାଉଛି। ପ୍ରଣବ କାର୍ଯ୍ୟକର୍ତ୍ତାମାନଙ୍କ ସହିତ ଭିଡିଓ କନଫରେନ୍ସ ମାଧ୍ୟମରେ କଥା ହୋଇଛନ୍ତି। ଗୋଷ୍ଠୀ ବିବାଦ ନ କରି ସମସ୍ତେ ଏକହୋଇ ଲଢ଼ିବାକୁ ସେ ପରାମର୍ଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଓ ମୁଖ୍ୟମନ୍ତ୍ରୀ ଯାହାକୁ ପ୍ରାର୍ଥୀ ଘୋଷଣା କରିବେ ତାଙ୍କୁ ସମସ୍ତେ ଗ୍ରହଣ କରି ଏକତ୍ରିତ ହୋଇ ଲଢ଼ିବାକୁ ସେ କହିଛନ୍ତି।

ଯାଜପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିଜେଡି ରାଜ୍ୟ ସମ୍ପାଦକ ଜନ୍ମେଜୟ ଲେଙ୍କା, କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ପ୍ରମୁଖ ବହୁ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ।

ବଡ଼ଚଣା ବିଜୁ ଜନତା ଦଳରେ ଏବେ ୩ ଗୋଷ୍ଠୀ ସକ୍ରିୟ ରହିଛନ୍ତି। ଲଗାତରଭାବେ ନିର୍ବାଚିତ ହୋଇ ଆସୁଥିବା ବିଧାୟକ ଅମର ପ୍ରସାଦ ଶତପଥୀ ଏଠାରୁ ୬ ଥର ବିଧାୟକ ହୋଇଛନ୍ତି। ୨୦୧୯ରେ କଂଗ୍ରେସ ପରିତ୍ୟାଗ କରି ଆସିଥିବା ଜନ୍ମେଜୟ ଲେଙ୍କା ବିଜେଡିରେ ଯୋଗ ଦେବାପରେ ରାଜ୍ୟ ସାଧାରଣ ସମ୍ପାଦକ ପଦବୀରେ ଅବସ୍ଥାପିତ ହେବା ସହ ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ସମ୍ଭାଳିଛନ୍ତି। ସେହିପରି ବଡ଼ଚଣାରେ କଂଗ୍ରେସ ଦଳର ନେତୃତ୍ୱ ନେଉଥିବା କ୍ୟାପଟେନ ରାଜନାରାୟଣ ମହାପାତ୍ର ମାର୍ଚ୍ଚ ୬ରେ ଦଳରୁ ଇସ୍ତଫା ଦେଇଥିଲେ। ପରେ ସେ ତାଙ୍କର ସମର୍ଥକଙ୍କ ସହ ଯାଇ ବୁଧବାର ବିଜେଡିରେ ଯୋଗ ଦେଇଛନ୍ତି। ଏହି ୩ ହେଭିୱେଟ ନେତା ଗୋଟିଏ ଦଳରୁ ହୋଇଥିବାରୁ ପ୍ରାର୍ଥୀ ଚୟନ ଦଳ ସଭାପତିଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ସେଥିପାଇଁ ୩ ଗୋଷ୍ଠୀର ନେତୃତ୍ୱମାନଙ୍କୁ ଡାକି ବୁଝାସୁଝା କରିବା ଉଦ୍ୟମ ଆରମ୍ଭ ହୋଇଛି। ଏବେ ଦେଖିବାକୁ ଅପେକ୍ଷା ପ୍ରାର୍ଥୀ ଘୋଷଣାକୁ। ପ୍ରାର୍ଥୀ ଘୋଷଣା ପରେ ସବୁନେତାଙ୍କ ଗତିବିଧି ସ୍ପଷ୍ଟ ଜଣାପଡ଼ିବ ବୋଲି ବଡ଼ଚଣାରେ ଆଲୋଚନା ହେଉଛି।

ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ନ୍ୟାୟିକ ବିଜୟ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଏକ ଦଶନ୍ଧିରୁ ଅଧିକ ପୁରୁଣା ମାମଲାରେ ସୁପ୍ରିମକୋର୍ଟ ତାଙ୍କ ପୂର୍ବ ନିର୍ଦ୍ଦେଶକୁ ରଦ୍ଦକରି ଦିଲ୍ଲୀ ମେଟ୍ରୋ ରେଳ ନିଗମ (ଡିଏମ୍ଆର୍‌ସି)କୁ ଏକ ବଡ଼ ବିଜୟ ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ଶୀର୍ଷ ଅଦାଲତ ଡିଏମ୍ଆର୍‌ସିଙ୍କୁ ଅନିଲ ଅମ୍ବାନୀଙ୍କ ଫାର୍ମ ଦିଲ୍ଲୀ ବିମାନବନ୍ଦର ମେଟ୍ରୋ ଏକ୍ସପ୍ରେସ୍ ଲିମିଟେଡ୍ (ଡିଏମ୍ଇପିଏଲ୍)କୁ ୮,୦୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପ୍ରତ୍ୟାହାର ନ୍ୟାୟର ଏକ ବଡ଼ ଦୁରୁପଯୋଗକୁ ଦର୍ଶାଉଛି। ଫଳସ୍ୱରୂପ ଦିଲ୍ଲୀ ହାଇକୋର୍ଟରେ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ବନ୍ଦ ହୋଇଗଲା ଏବଂ ଡିଏମ୍ଆର୍‌ସି ଅତ୍ୟଧିକ ବାଧ୍ୟତାମୂଳକ ଦେୟରୁ ବଞ୍ଚିତ ହେଲା। ତେବେ ଉଭୟ ପକ୍ଷଙ୍କୁ ସେମାନଙ୍କର ପୂର୍ବ ରାୟର ସ୍ଥିତିକୁ ଫେରାଇ ଆଣିବା ଲକ୍ଷ୍ୟ ରଖି ଡିଏମ୍ଆର୍‌ସି ଦ୍ୱାରା ଜମା ହୋଇଥିବା ଅର୍ଥ ଫେରସ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଇନଗତ ବିବାଦ ଦିଲ୍ଲୀ ବିମାନବନ୍ଦର ମେଟ୍ରୋ ଏକ୍ସପ୍ରେସ୍ ଲାଇନ ନିର୍ମାଣ, ପରିଚାଳନା ଏବଂ ତା'ର ରକ୍ଷଣାବେକ୍ଷଣ ପାଇଁ ୨୦୦୮ରୁ ହୋଇଥିବା ଏକ ରିହାତି ଚୁକ୍ତିରୁ ସୃଷ୍ଟି ହୋଇଥିଲା। ୨୦୧୨ରେ ଡିଏମ୍ଆର୍‌ସିର ଗଠନମୂଳକ ତ୍ରୁଟି ଦାବିକରି ଡିଏମ୍ଇପିଏଲ୍ ଚୁକ୍ତିନାମାକୁ ଶେଷ କଲାପରେ ବିବାଦ ବଢ଼ିଥିଲା। ୨୦୧୭ରେ ନ୍ୟାୟିକ ଲଢ଼େଇରେ ଡିଏମ୍ଇପିଏଲ୍ ଜିତିଥିଲା, ଅନୀଲ ଅମ୍ବାନୀ ଫାର୍ମକୁ ଡିଏମ୍ଆର୍‌ସି ୮,୦୦୦ କୋଟି ଟଙ୍କା ପ୍ରଦାନ କରିବାକୁ କୋର୍ଟ କହିଥିଲେ। ବର୍ତ୍ତମାନ ସେହି ମାମଲା ବନ୍ଦ ହୋଇଯାଇଛି। କିନ୍ତୁ ଏହି ନିଷ୍ପତ୍ତି ସରକାରୀ ଏବଂ ବେସରକାରୀ ସଂସ୍ଥା ସହ ଜଡ଼ିତ ମଧ୍ୟସ୍ଥତା ବିବାଦରେ ଥିବା ଜଟିଳତାକୁ ସୂଚିତକରେ। ୧୨ବର୍ଷ ଧରି ଚାଲିଥିବା ଏକ ମାମଲା ମଧ୍ୟ ଦର୍ଶାଏ ଯେ ଭାରତରେ ନ୍ୟାୟିକ ପ୍ରକ୍ରିୟା କେତେ ଲକ୍ଷ୍ୟ ବିହୀନ ଓ ମନ୍ଥର। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମାମଲାକୁ ପ୍ରଭାବୀ ଓ ସ୍ୱଚ୍ଛ ଭାବେ ଉପସ୍ଥାପନ କରିବାରେ ସରକାରୀ ବାବୁମାନଙ୍କର ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତାର ଗମ୍ଭୀରତାକୁ ପ୍ରତିଫଳନ କରିଛି।

### ମୃତ୍ୟୁର ତଦନ୍ତ ଦାବି

ନିକଟରେ ମେଘାଳୟରେ ଜଣେ ସହକର୍ମୀଙ୍କ ଆତ୍ମହତ୍ୟା ଯୋଗୁ ଭାରତୀୟ ବନ ସେବା (ଆଇଏଫ୍ଏସ୍) ଅଧିକାରୀମାନେ ବଡ଼ ସମସ୍ୟାରେ ପଡ଼ିଛନ୍ତି। ମୁଖ୍ୟ ବନ ସଂରକ୍ଷକ ଏନ୍. ଲୁଇଖାମ ନିକଟରେ ତାଙ୍କ ସରକାରୀ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ଏହି ଦୁର୍ଭାଗ୍ୟଜନକ ଘଟଣାରେ ଆଇଏଫ୍ଏସ୍ ଆସୋସିଏସନର କେନ୍ଦ୍ରୀୟ ୟୁନିଟ୍ ଲୁଇଖାମ୍‌ଙ୍କ ମୃତ୍ୟୁର ଅନୁସନ୍ଧାନ ଏବଂ ତାଙ୍କୁ ଏଭଳି ନିଷ୍ପତ୍ତି ନେବାକୁ ପ୍ରେରିତ କରିଥିବା ବ୍ୟକ୍ତିଙ୍କ ଉପରେ ତଦନ୍ତ କରିବା ଲାଗି ଦାବି କରିଛି। ସୂଚନା ମୁତାବକ, ଆସୋସିଏସନର ସମ୍ପାଦକ ଜେନେରାଲ ସୁନୀଶ ବକ୍ସି ମେଘାଳୟର ମୁଖ୍ୟ ଶାସନ ସଚିବ ଡୋନ୍‌ଲାଣ୍ଡ ଫିଲିପ୍ସ ୱାହଲାଙ୍ଗ୍‌ଙ୍କୁ ଚିଠି ଲେଖି କହିଛନ୍ତି ଯେ ଗତ ମାସରେ ଜଣେ ଜୁନିୟର ମହିଳା ସହକର୍ମୀ ତାଙ୍କ ବିରୋଧରେ ମିଥ୍ୟା ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ଏବଂ ଏହି ଅଭିଯୋଗ ଯୋଗୁ ସେ ମାନସିକ ଆଘାତ ପାଇଥିଲେ। ଖଣି ଲବି ଉପରେ ଲୁଇଖାମ୍ କାର୍ଯ୍ୟାନୁଷ୍ଠାନ ନେବା ପରେ ସେମାନଙ୍କ ଚାପରେ ଏଭଳି ଅଭିଯୋଗ କରାଯାଇଥିବା କୁହାଯାଉଛି। ଅଧିକାରୀଙ୍କ ବିରୋଧରେ କୌଣସି ପ୍ରମୁଖ ପ୍ରମାଣ ନ ଥିବା ସତ୍ତ୍ୱେ ତାଙ୍କ ପ୍ରତିଷ୍ଠାରେ ଆଞ୍ଚ ଅଣାଯାଇଥିଲା। ଅଧିକାରୀଙ୍କ ମୃତ୍ୟୁର ପ୍ରଭାବ ସମଗ୍ର ଆଇଏଫ୍ଏସ୍ ଗୋଷ୍ଠୀ ମଧ୍ୟରେ ଗଭୀର ଭାବରେ ଅନୁଭୂତ ହୋଇଛି, ଯାହା ଦେଶବ୍ୟାପୀ ଅଧିକାରୀଙ୍କ ମନୋବଳକୁ ଏକ ଝଟକା ବୋଲି କୁହାଯାଇପାରେ। ଲୁଇଖାମ୍‌ଙ୍କ ଆତ୍ମହତ୍ୟା ଘଟଣାରେ ସିବିଆଇ ତଦନ୍ତ ପାଇଁ ଆସୋସିଏସନ ଦାବି କରିଛି। ଏଭଳି ଅଘଟଣ ପାଇଁ ପରିବେଶ ସୃଷ୍ଟିକରିବାରେ ଯେଉଁମାନେ ଉତ୍ତରଦାୟୀ ଓ ମୁଖ୍ୟ ଭୂମିକା ନେଇଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ ନିର୍ଣ୍ଣାୟକ ଭୂମିକା ନେବା ଲାଗି ଲୁଇଖାମ୍‌ଙ୍କ ପୂର୍ବ ସହକର୍ମୀମାନେ ଜିଦ ଧରିଛନ୍ତି।

### ଇସିଙ୍କ ଚାପ

ଗୁଜରାଟ ସରକାରଙ୍କ ଉପରେ ନିର୍ବାଚନ ଆୟୋଗ (ଇସିଆଇ) ଧ୍ୟାନ ଦେଇଛି। ୨୬ ଲୋକ ସଭା ଆସନ ଏବଂ ୫ ବିଧାନସଭା ଆସନ ପାଇଁ ନାମାଙ୍କନ ଚାଲିଥିବାବେଳେ ରାଜ୍ୟରେ ଖାଲିଥିବା ପଦବୀ ପୂରଣ ପାଇଁ ଆଇପିଏସ୍ ଅଧିକାରୀଙ୍କ ତାଲିକା ଶୀଘ୍ର ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ବାଚନ କମିଟି ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁହେବା ପରେ ଏହି ପଦକ୍ଷେପ ନିଆଯାଇଛି, ଯେଉଁଥିରେ କୌଣସି ନିଯୁକ୍ତି କିମ୍ବା ପଦୋନ୍ନତି ଦେବା ପୂର୍ବରୁ ରାଜ୍ୟ ସରକାର ନିର୍ବାଚନ ଆୟୋଗଙ୍କ ଅନୁମୋଦନ ନେବା ବାଧ୍ୟତାମୂଳକ। ନିର୍ବାଚନ ପ୍ରକ୍ରିୟାରେ କୌଣସି ଅନୁଚିତ ପ୍ରଭାବ ରୋକିବା ଏହି ପଦକ୍ଷେପର ଲକ୍ଷ୍ୟ। ମାସରୁ ଅଧିକ ସମୟ ଧରି ସୁରଟ ପୋଲିସ କମିଶନର ଏବଂ ୩ ରେଞ୍ଜ ଇନ୍ସପେକ୍ଟର ଜେନେରାଲଙ୍କ ପଦବୀ ଖାଲି ପଡ଼ିଛି। ଏହା ସହ ଖେଡା ଓ ମେହସାନାର ଏସ୍‌ପି ପଦବୀ ୨ ମାସ ହେଲା ଖାଲି ରହିଛି। ପର୍ଯ୍ୟବେକ୍ଷକମାନେ କହନ୍ତି, ଏହି ବିଳମ୍ବର ବିଭିନ୍ନ କାରଣ ଦର୍ଶାଯାଇଛି । ଯେପରିକି ଗତ ବର୍ଷ କେନ୍ଦ୍ରୀୟ ଡେପୁଟେଶନରେ କାର୍ଯ୍ୟ କରୁଥିବା ୪ଜଣ ଆଇପିଏସ୍ ଅଧିକାରୀ ଏବଂ ଗୋଟିଏ ଲୋକ ସଭା ନିର୍ବାଚନମଣ୍ଡଳୀରେ ୩ ବର୍ଷ ଲାଗି କାର୍ଯ୍ୟକାଳ ବୃଦ୍ଧି କରାଯାଇ ନିର୍ବାଚନ ଆୟୋଗଙ୍କ ଦ୍ୱାରା ୫ଜଣ ଅଧିକାରୀଙ୍କୁ ଲିଭ୍ ରିଜର୍ଭରେ ରଖାଯାଇଥିଲା। ଅବଶ୍ୟ, ବିଳମ୍ବ ପାଇଁ ଅନ୍ୟ ଏକ କାରଣ ଥିଲେ ବି ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇ ନାହିଁ। ଗୁଜରାଟର ବରିଷ୍ଠ ସରକାରୀ ନିଯୁକ୍ତି କେବଳ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ସବୁଜ ସଙ୍କେତ ପରେ ହିଁ କରାଯାଇଥାଏ। କିନ୍ତୁ ଏବେ ନିର୍ବାଚନ ଆୟୋଗ ଏହି ନିଯୁକ୍ତିକୁ କାର୍ଯ୍ୟକାରୀ କରିବେ।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | 1 | | | | |
| | | | | | | | | |
| 2 | | | | 8 | 6 | | | |
| 4 | | | 5 | 2 | | | | 3 |
| | 3 | | | 7 | | | 1 | 9 |
| | 9 | | | | | | | |
| | 8 | 3 | 4 | | | 9 | | |
| | | | | 9 | | 5 | | |
| | 1 | 7 | | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 1 | 9 | 3 | 7 | 8 | 2 | 5 |
| 9 | 2 | 5 | 6 | 8 | 4 | 3 | 7 | 1 |
| 3 | 8 | 7 | 1 | 2 | 5 | 4 | 6 | 9 |
| 4 | 6 | 9 | 3 | 7 | 2 | 5 | 1 | 8 |
| 7 | 1 | 8 | 5 | 9 | 6 | 2 | 3 | 4 |
| 2 | 5 | 3 | 8 | 4 | 1 | 7 | 9 | 6 |
| 1 | 7 | 6 | 2 | 5 | 8 | 9 | 4 | 3 |
| 5 | 3 | 2 | 4 | 1 | 9 | 6 | 8 | 7 |
| 8 | 9 | 4 | 7 | 6 | 3 | 1 | 5 | 2 |

ଗତକାଲିର ଉତ୍ତର

# ଫ୍ରିବି ମାନେ ରାଜକୋଷରେ କଳାକନା



ସହଦେବ ସାହୁ

ରାଜନୈତିକ ଦଳଗୁଡ଼ିକ ନିର୍ବାଚନ-ପ୍ରଚାର ସମୟରେ କହୁଛନ୍ତି ଆମକୁ ଭୋଟ ଦିଅ, ଆମେ ଅମୁକ ସମୁକ ସାମଗ୍ରୀ ମାଗଣା ବା ନାମମାତ୍ର ଦରରେ ଯୋଗାଇବୁ। ଯୁକ୍ତିଯୁକ୍ତ କାରଣ ନ ଥାଇ ଯାହା ମାଗଣା ଦିଆଯାଏ ତାହା ଏକ ଫ୍ରିବି, ମାଗଣା ରାଜସେବା। ଏହାକୁ ଫ୍ରିବି ସଂସ୍କୃତି କୁହାଯାଉଛି। ଏମାନେ ଦିନେ ରାଜକୋଷରେ କଳାକନା ବୁଲାଇଦେବେ! ସବୁ ଦଳ କୌଣସି ନା କୌଣସି ଫ୍ରିବି ଦେବାକୁ ଘୋଷଣା କରୁଥିବାରୁ ଫ୍ରିବି ଉପରେ ସମାଲୋଚନା ଥମିଗଲାଣି, ପାଟି କରିବାକୁ କେହିନାହିଁ। ଫ୍ରିବି ଏକପ୍ରକାରର ଭୋଟ୍‌କିଣା, କିନ୍ତୁ ଆଦର୍ଶ ଆଚରଣବିଧି ଲାଗୁହେବା ପୂର୍ବରୁ ଦଳଗୁଡ଼ିକର ସଂଜ୍ଞା ଠିକ୍ ନ ଥିବାରୁ ବ୍ୟୟ ବି ନିର୍ଦ୍ଦିଷ୍ଟ ନୁହେଁ। ୨୦୨୨ର ଗୁଜରାଟ ନିର୍ବାଚନ ଅଭିଯାନରେ ଏଏପି ତା' ନିର୍ବାଚନୀ ଇସ୍ତାହାରରେ ମାଗଣା ବିଜୁଳି ଯୋଗାଇବା ପ୍ରତିଶ୍ରୁତି ଦେବାରୁ ମୋଦିଙ୍କ କେନ୍ଦ୍ର ସରକାର ସମାଲୋଚନା କଲେ। ପରେ ୨୦୨୩ରେ ଫ୍ରିବିକୁ ମାଗଣା ରାବିଡ଼ି ମିଠା ସହ ତୁଳନା କରିଥିବା ମୋଦିଙ୍କ ଭାଜପା ସରକାର ବି ୮୦ କୋଟି ଲୋକଙ୍କୁ ଆଉ ୫ ବର୍ଷ ପାଇଁ ମାଗଣା ରାଶନ (ଚାଉଳ, ଗହମ ବା ମାଣ୍ଡିଆ) ଦେବା ଘୋଷଣା କରିଛନ୍ତି। ଏହି ୮୦ କୋଟିଯାକ କ'ଣ ଗରିବ? ପ୍ରକୃତରେ କ'ଣ ଏତେଲୋକ ଭୋକିଲା? ଟଙ୍କା ନ ଦେଇ ଜିନିଷ ଦେଲେ କ'ଣ ଭୋଟ କିଣିବା ସାଙ୍ଗେ ସମାନ ହେଲାନାହିଁ? ମାଗଣାରେ ବା ବଜାର ମୂଲ୍ୟରୁ ଶସ୍ତାରେ ଯୋଗାଇଲେ ଭୋଟର ହେବେ ଉପଭୋକ୍ତା, ଉପଭୋଗ କରିବେ, ଯାହାକୁ ବଡ଼ ଲୋକମାନେ ପ୍ରିଭିଲେଜ୍ କୁହନ୍ତି।

ଫ୍ରିବି ସଂସ୍କୃତି ତ ଆଜିକାର ନୂଆକଥା ନୁହେଁ। ୧୯୬୭ରେ ଡିଏମ୍‌କେର ପ୍ରତିଷ୍ଠାତା ସି.ଏନ୍. ଆନ୍ନାଦୁରାଇ କହିଥିଲେ, ମୋତେ ବିଜୟୀ କଲେ ମୁଁ ଟଙ୍କାକରେ ୪.୫ କିଲୋ ଚାଉଳ ଦେବି। ଗତ ୫୭ ବର୍ଷ ହେଲା ଦଳଗୁଡ଼ିକ ଭିତରେ ପ୍ରତିଯୋଗିତା ଚାଲିଛି କିଛି ନା କିଛି ପ୍ରକାରର ନୂଆ ଫ୍ରିବି ଯୋଗାଇବେ। ଏଆଇଏଡିଏମ୍‌କେ ୨୦୦୬ରେ ୨ ଲକ୍ଷ ସାଇକେଲ ଛାତ୍ରମାନଙ୍କୁ ଦେଇଥିଲା। ୨୦୧୧ରେ ଗର୍ଭବତୀ ମହିଳାଙ୍କୁ ୧୨,୦୦୦ରୁ ୧୮,୦୦୦ ଟଙ୍କାକୁ, ମାତୃତ୍ୱ ଛୁଟି ୪ରୁ ୯ ମାସକୁ ବଢ଼ାଇ ଘୋଷଣା କଲା। ବାହାଘରରେ ମଙ୍ଗଳସୂତ୍ର ପାଇଁ ୪ ଗ୍ରାମ୍ ସୁନାରୁ ୮ ଗ୍ରାମ୍, ଧୀବର ପରିବାରକୁ ୪ରୁ ୫ ହଜାର ଟଙ୍କା ଦିଆଯିବ ଘୋଷଣା ହେଲା, ଏମାନେ ନାମମାତ୍ର ଗରିବ ହୋଇଥିଲେ ବି। ଡିଏମ୍‌କେ ମିକ୍ସର, ଗ୍ରାଇଣ୍ଡର ଦେଲା ତ ଏଆଇଏଡିଏମ୍‌କେ ତା' ସାଙ୍ଗକୁ ପଙ୍ଖାଟିଏ ଅଧିକା ଯାଚିଲା। ୨୦ ଲିଟର ପାଣି ଓ ୨୦ କିଲୋ ଚାଉଳ ବିପିଏଲ୍ ପରିବାରକୁ ପ୍ରଥମେ ଯାଚିଥିଲା, ପରେ ୩୫ କିଲୋକୁ



ବଢ଼ାଇଥିଲା। ୨୦୧୬ ମେ' ୧୬ରେ ଜୟଲଳିତା ତାଙ୍କର ଆମ୍ମା କ୍ୟାଣ୍ଟିନ ଘୋଷଣା କଲାବେଳକୁ ତାମିଲନାଡୁର ଋଣଭାର ୮୦% ବଢ଼ିଯାଇଥିଲା। ଆମ୍ମା କ୍ୟାଣ୍ଟିନ ସର୍ବସାଧାରଣ ହୋଇଥିବା ବେଳେ ପ୍ରତି ପରିବାରକୁ ୧୦୦ ୟୁନିଟ୍ ମାଗଣା ବିଜୁଳି, ପ୍ରତି ପରିବାରର ଜଣକୁ ଚାକିରି, ପରିବାରର ଶ୍ରେଣୀ ୧୦ ଓ ୧୧ରେ ପଢୁଥିବା ପିଲାଙ୍କୁ ଫ୍ରି ଲାପ୍‌ଟପ୍ ଓ ଇଣ୍ଟରନେଟ୍ ଯଚାଗଲା। ମହିଳାମାନଙ୍କୁ ଅନ୍ୟାନ୍ୟ ସୁବିଧା ସହିତ କର୍ମଜୀବୀ ମହିଳାଙ୍କୁ ୫୦% ରିହାତିରେ ସ୍କୁଟର ଦିଆଯିବା ଘୋଷଣା ହେଲା। ପୁଣି ତ ଫ୍ରି ଗ୍ରାଇଣ୍ଡର, ମିକ୍ସର, ଲାପ୍‌ଟପ୍, ଦୁଧିଆଳି ଗାଈ ଓ ଛେଳି ଆଦି ଅଛି। ଓଡ଼ିଶାରେ ମାଗଣା ଚାଉଳ ବୋହିବା ପାଇଁ ବ୍ୟାଗ୍ ଆଉ ହଜାରେ ଟଙ୍କା, ମହିଳାମାନଙ୍କୁ ମାଗଣା ବସ୍ ସେବା ବା ୫ ଟଙ୍କାରେ ଯେକୌଣସି ନିକଟବର୍ତ୍ତୀ ସହରକୁ ଯାତ୍ରା। 'ପ୍ରସାଦ', 'ମମତା', 'କାଳିଆ', 'ଲକ୍ଷ୍ମୀ' ଧର୍ମୀୟ ଶବ୍ଦ ଲଗାଇ ଫ୍ରିବି (ସରକାରୀ ସେବା) ଦିଆଯାଉଛି। ସ୍କୁଲ୍‌ପିଲାଙ୍କୁ ମେଧା ନିର୍ବିଶେଷରେ ବୃତ୍ତି, ମନ୍ଦିର ମସ୍‌ଜିଦ୍ ଆଦିର ବେଢ଼ା ନିର୍ମାଣ ଭଳି ଫ୍ରିବି ତାଲିକା ବହୁତ ଲମ୍ବା- ସବୁ ଲେଖିଲେ ଏ ପ୍ରବନ୍ଧର ବନ୍ଧ ଭାଙ୍ଗିଯିବ। ଅଳ୍ପଦିନ ତଳେ ହୋଇଥିବା ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ ଓ ତେଲଙ୍ଗାନାରେ ଫ୍ରିବିର ଲମ୍ବାତାଲିକା ଭିତରେ ପ୍ରତି ପରିବାରକୁ ୫୦୦ ଟଙ୍କାରେ ଗ୍ୟାସ୍‌ଭରା ସିଲିଣ୍ଡର ଅଛି। ମଧ୍ୟପ୍ରଦେଶରେ ଲାଡ୍‌ଲି ବେହେନା ରୋଜଗାର ଯୋଜନାରେ ୧.୩୨ କୋଟି ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଚୌହାନ୍ ୧୨୫୦ ଟଙ୍କାରୁ ୩୦୦୦ ଯାଏ ଯାଚିଲେ ନାହିଁ, ଦେଇଦେଲେ।

ଫ୍ରିବି କୁହାଯାଉଥିବା ସବୁ ଜିନିଷ ଅକାରଣ ନୁହେଁ, ଯଥା ଶିକ୍ଷା ଓ ସ୍ୱାସ୍ଥ୍ୟ, ମଧ୍ୟାହ୍ନଭୋଜନ, ଜୀବିକାସ୍ତରର ମଜୁରି (ଲିଭିଂ ୱେଜେସ୍) ଭଳି କେତେଗୁଡ଼ିଏ ସୁବିଧା ନିଶ୍ଚୟ ଦରକାର। ଫ୍ରିବି ସ୍ୱଳ୍ପକାଳୀନ (ନିର୍ବାଚନରେ ଜିତିବା) ଲାଭ ଦିଏ। ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟ କହେ, ଲାଡ୍‌ଲୀ ବେହେନା ସ୍କିମ୍ ମାର୍ଜିନାଲାଇଜ୍‌ଡ ମହିଳାମାନଙ୍କ ଆଚରଣରେ ଭଲ ଫଳ ଦେଖାଇଛି, ସେମାନେ ଦୋକାନରୁ କିଣାଖର୍ଚ୍ଚ ୩.୫ ଗୁଣ ବଢ଼ାଇ ପାରିଛନ୍ତି।

ଗରିବ ସୀମାରେଖା ତଳେ ଥିବାଙ୍କ ସଂଖ୍ୟା ଓ ସେମାନଙ୍କ ଉପରେ ଥିବା ନାମମାତ୍ର-ସ୍ୱଚ୍ଛଳଙ୍କ ସଂଖ୍ୟା ମିଶି ଆମଦେଶର ଜନସଂଖ୍ୟାର ୫୦%ରୁ ବେଶି, ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ବା ଭଲକରି ବଞ୍ଚିବାର ଆବଶ୍ୟକତା କ'ଣ ବୁଝନ୍ତିନାହିଁ। ଦିଗଣ୍ଡା ଖାଇବାକୁ ମିଳିଗଲେ ଖୁସି, ଆଜି ତ ବଞ୍ଚିଗଲି କାଲିକି ଦେଖିବା। ମାଗଣା ଖାଦ୍ୟ ମିଳିଗଲେ ସେମାନେ କୃତକୃତ୍ୟ ଦେବେ, ଭୋଟ ଦେଇଦେବେ। ଦିନମଜୁରିଆ ସ୍ତରରୁ ଉପରେ ଥିବା ଲୋକ ଶିକ୍ଷା ଓ ସ୍ୱାସ୍ଥ୍ୟ କଥା ଭାବେ, ସେମାନଙ୍କୁ ପାଠପଢ଼ାର ସାମଗ୍ରୀ ଯୋଗାଇ ଓ ସ୍ୱାସ୍ଥ୍ୟଖର୍ଚ୍ଚର କାର୍ଡ ଯୋଗାଇଦେଲେ ସେମାନଙ୍କ ଭୋଟ ମିଳିଯାଇପାରେ। କିନ୍ତୁ ଏ ତ ଫ୍ରିବି ହେବା କଥା ନୁହେଁ। ରାଇଟ୍ ଟୁ ଲାଇଫ୍ ମାନେ ତ ଏସବୁ ସରକାରୀ କାମ ହେବାକଥା। ସମ୍ବିଧାନର ୨୧ ଧାରା କହୁଛି- ପ୍ରତ୍ୟେକ ବ୍ୟକ୍ତିର ବଞ୍ଚିବାର ଅଧିକାର ଅଛି, ତା'ମାନେ ଖାଦ୍ୟ ଓ ସ୍ୱାସ୍ଥ୍ୟ ମୌଳିକ ଅଧିକାର। ୬ରୁ ୧୬ ବର୍ଷର ପିଲାଙ୍କ ଶିକ୍ଷା ପାଇବା ଅଧିକାର ନ କହି ସରକାର ୨୦୦୨ରେ ୯୬ତମ ସମ୍ବିଧାନ ସଂଶୋଧନ ଆକ୍ଟ ଆଣି ୨୧କ' ଧାରା ଯୋଡ଼ିଲେ ସିନା ତାକୁ ଡାଇରେକ୍ଟିଭ୍ ପ୍ରିନ୍ସିପ୍ଲ - ସମ୍ବିଧାନର ପାର୍ଟ ୪ ଭଳି କରିଦେଲେ, ରାଷ୍ଟ୍ର ଉଦ୍ୟମ କରିବ ବୋଲି କହିଦେଲେ। ମାଗଣା ଶିକ୍ଷା ବ୍ୟବସ୍ଥା ବ୍ୟକ୍ତିର ବଞ୍ଚି ରହିବାର ଓ ସ୍ୱାଧୀନ ମତବ୍ୟକ୍ତ କରିବାର ପରିସ୍ଥିତି ତିଆରି କରେ, ତେଣୁ ଏହାକୁ ଫ୍ରିବି କହି କାହିଁକି ଭୋଟରମାନଙ୍କୁ ଫୁସୁଲା ଯାଉଛି? ଦଳଗୁଡ଼ିକ ଫ୍ରିବିର ମାଧୁର୍ଯ୍ୟ ଚାଖିଲେଣି, ତେଣୁ ସରକାରର କାମକୁ ଫ୍ରିବି ରୂପେ ଘୋଷଣା କରିଦେଉଛନ୍ତି। ଫ୍ରିବି ସଂସ୍କୃତି ସମ୍ପଦର ରାସ୍ତା ନୁହେଁ, ଆର୍ଥିକ ଧ୍ୱଂସ (ଫିସ୍କାଲ୍ ଡିଜାଷ୍ଟର)ର ଏକ ପାସ୍‌ପୋର୍ଟ ବୋଲି ୧୫ଶ ଫାଇନାନ୍ସ କମିଶନ କହିଥିଲେ।

ପ୍ରଥମତଃ ଟିକସଦାତାଙ୍କ ପଇସା ରାଜନୀତିକ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି, ଦ୍ୱିତୀୟତଃ ପ୍ରଦେଶମାନଙ୍କରେ 'ରାଜସ୍ୱ ନିଅଣ୍ଟ' ରୋଗ ବଢୁଛି, ଖଣିଜ ଦ୍ରବ୍ୟରୁ ପ୍ରଚୁର ରାଜସ୍ୱ ଆଦାୟ କରୁଥିବା ଝାଡ଼ଖଣ୍ଡ ଓ ଓଡ଼ିଶା ଭଳି ରାଜସ୍ୱ-ବଳକା ପ୍ରଦେଶ ବି ଋଣଭାରରେ ନଇଁପଡ଼ିଲେଣି। ପଞ୍ଜାବ, ହିମାଚଳ ପ୍ରଦେଶ, କେରଳ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ହରିୟାଣା ଆଦି ପ୍ରଦେଶର ରାଜକୋଷରେ ଶାସକ ଦଳ କଳାକନା ବୁଲାଇ ଦେଲେଣି। କେତେକ ପ୍ରଦେଶରେ ଦଳଗୁଡ଼ିକ ପୁରୁଣା ପେନ୍‌ସନ ବ୍ୟବସ୍ଥାକୁ ଫେରିବାକୁ ଚାହୁଁଛନ୍ତି। ସରକାରୀ କର୍ମଚାରୀଙ୍କ ଭିତରେ ଏକ ଭୋଟ୍ ବ୍ୟାଙ୍କ ତିଆରି କରିବାକୁ, ଏବର ନ୍ୟାଶନାଲ ପେନ୍‌ସନ ସ୍କିମ୍ ତୁଳନାରେ ବ୍ୟୟଭାର ସାଢ଼େ ଚାରିଗୁଣ ହୋଇଯିବ: ପୂର୍ବର ସବୁ ସଂସ୍କାରର ଫଳ ଓଲଟିଯିବ, ପରପିଢ଼ିର ସ୍ୱାର୍ଥ ଚୁଲିକୁ ଯିବ।

sahadevas@yahoo.com

# ପୂଜ୍ୟ ପ୍ରଣାମ



ନିଶାକର ରାଉତ

ଯେଉଁ କେତେଜଣ ଯଶସ୍ୱୀ, ପୁଣ୍ୟାତ୍ମା, ସଂଗ୍ରାମୀ, କବି, ସାହିତ୍ୟିକ ଏ ଉତ୍କଳରେ ଜନ୍ମଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ, ଫକୀର ମୋହନ ସେନାପତି, ବିପ୍ଳବୀ ଚକ୍ରଧର ବେହେରା, ମୁରଲୀଧର ଜେନା, ନୀଳମଣି ରାଉତରାୟ, ମଧୁସୂଦନ ଦାସ, ବାଞ୍ଛାନିଧି ମହାନ୍ତି, କମଳା ପ୍ରସାଦ କର ଓ ଅନେକ କ୍ରାନ୍ତିକାରୀ ଭାରତ ସ୍ୱାଧୀନତା ସଂଗ୍ରାମର ଜଣେ ଜଣେ ବୀର ସୈନିକ ଥିଲେ। ଏମାନଙ୍କର ବିଚାରଧାରା ସ୍ୱଚ୍ଛ, ନିର୍ମଳ ଓ ଜାତୀୟତାଭାବ। ଏମାନେ ପଦପଦବୀର ଊର୍ଦ୍ଧ୍ୱରେ ରହି ଦେଶ ମାତୃକାର ମୁକ୍ତି ପାଇଁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ।

ଏଭଳି ଜଣେ କାନ୍ତିକାରୀ ତଥା ଜାତୀୟବାଦୀ ବାଞ୍ଛାନିଧି ମହାନ୍ତି ୨୦ ଏପ୍ରିଲ ୧୮୯୭ରେ ଇରମ ଚକଡାରେ ଜନ୍ମିଥିଲେ। ସେ ରେଭେନ୍‌ଶାରୁ ବି.ଏ. ପାସ୍ କରିବା ସହିତ 'ଲ' ମଧ୍ୟ ପାସ୍ କରିଥିଲେ। ୧୯୧୬ରେ ତାଙ୍କ ଅନିଚ୍ଛା ସତ୍ତ୍ୱେ ଅନନ୍ତପୁର ଜମିଦାର ରାଧାଶ୍ୟାମ ଦାସ ପଟ୍ଟନାୟକଙ୍କ ଝିଅ ହେମଲତାଙ୍କ ସହିତ ବିବାହ ହୋଇଥିଲା। ସେ ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବାରୁ ଜମିଦାରଙ୍କ ସବୁ ଯୌତୁକକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ମାତ୍ର ବହୁ ଅନୁରୋଧ ପରେ ୨୦୦ ଟଙ୍କା ନେଇଥିଲେ, ଯାହାକୁ ସେ ତାଙ୍କ ଥିଏଟର ଓ ଯାତ୍ରାପାର୍ଟିରେ ବିଭିନ୍ନ ସରଞ୍ଜାମ କିଣାରେ ଖର୍ଚ୍ଚ କରିଥିଲେ।

ବାଞ୍ଛାନିଧି ବାବୁଙ୍କ ହୃଦୟରେ ଦେଶମାତୃକାର ମୁକ୍ତିର ଲେଲିହାନ୍ ବହ୍ନି ପ୍ରଜ୍ୱଳିତ ହୋଇଥିଲା ଜାଲିଆନାୱାଲାବାଗ ନରସଂହାର, ଯେଉଁଥିରେ ୪୦୦ ନିରୀହ ଲୋକ ପ୍ରାଣବଳି ଦେବା ସହିତ ଅନେକ ହଜାର ଲୋକ ଆହତ ହୋଇ ବଞ୍ଚିବା ପାଇଁ ଚିତ୍କାର କରୁଥିଲେ। ଏହି ସମୟରେ ମହାତ୍ମା ଗାନ୍ଧୀ ଆଫ୍ରିକାରୁ ଆସି ଭାରତରେ ପହଞ୍ଚିଥିଲେ ଓ ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେଇଥିଲେ। ମହାତ୍ମା ଗାନ୍ଧୀ ଅହିଂସା ମାର୍ଗରେ ୧୯୨୧ରେ ଭାରତରେ ବ୍ରିଟିଶରଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଥିଲେ। ଓଡ଼ିଶାରୁ ବାଞ୍ଛାନିଧି ବାବୁଙ୍କ ସହିତ ଅନେକ କ୍ରାନ୍ତିକାରୀ ସକ୍ରିୟ ଯୋଗ ଦେଇ ଏହି ଆନ୍ଦୋଳନକୁ ଗତିଶୀଳ କରିଥିଲେ।

ବାଞ୍ଛାନିଧି ବାବୁ ୧୯୧୯ରୁ ୧୯୩୮ ଏହି ପ୍ରାୟ ୨୦ବର୍ଷ ସ୍ୱାଧୀନତା ଆନ୍ଦୋଳନ, କନିକା ପ୍ରଜା ଆନ୍ଦୋଳନ, ଲବଣ ଆନ୍ଦୋଳନ, ଓଡ଼ିଆ ଭାଷା ଓ ଓଡ଼ିଶା ପ୍ରଦେଶ ଏକତ୍ରୀକରଣ ଆନ୍ଦୋଳନରେ ସକ୍ରିୟ ସହଯୋଗୀ ଥିଲେ। ସେ ଆନ୍ଦୋଳନକୁ ଘରେ ଘରେ ପହଞ୍ଚାଇ ଲୋକଙ୍କୁ ସଚେତନ କରି ଆନ୍ଦୋଳନରେ ଯୋଗଦେବା ପାଇଁ ସାଇକେଲରେ ହାରମୋନିୟମ ଧରି ସୁମଧୁର ଜାତୀୟ ସଙ୍ଗୀତ ଗାଇ ଲୋକଙ୍କ ମନ ଜିତୁଥିଲେ। ଶିକ୍ଷିତ ଓ ଧନୀ ଲୋକଙ୍କୁ

**ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ଅବସରରେ**



ଗୋଲାମି ଚାକିରି ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ପାଇଁ ସଙ୍ଗୀତ ମାଧ୍ୟମରେ ପ୍ରେରିତ କରୁଥିଲେ। ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରିବା ନିଶ୍ଚୟ ତାଙ୍କର ଦେଶପ୍ରେମ ବିଚାରଧାରା ଥିଲା। ତାଙ୍କର ଏହି ସବୁ ଆନ୍ଦୋଳନରେ ସକ୍ରିୟ ଯୋଗଦାନ ପାଇଁ - ବିପ୍ଳବୀ ଚକ୍ରଧର ବେହେରା ବନ୍ଦୀର ବିଳାପରେ ଲେଖିଥିଲେ-

ବାଞ୍ଛାନିଧି ବାବୁ ଇରମ ସନ୍ତାନ - ଦୁଃଖିନୀ
କନିକା ସହୋଦର ପ୍ରାଣ,
ମର୍ତ୍ତ୍ୟେ ଥିବା ଯାଏ ଚନ୍ଦ୍ର ଛାୟା ପତି - ଗାଇବ
କନିକା ତୁମ ଯଶ ଗୀତି।

ସେ ଜଣେ କର୍ମଯୋଗୀ ଥିଲେ। ମାତ୍ର ୪୧ ବର୍ଷ ବୟସରେ ୧୯୩୮ ଏପ୍ରିଲ୍ ୧୯ରେ କାଳୀ ବସନ୍ତ ରୋଗରେ ପୀଡ଼ିତ ହୋଇ ଇହଧାମ ତ୍ୟାଗ କରିଥିଲେ। ହେ! ବରେଣ୍ୟ, ଦରଦୀ ହୃଦୟ ତୁମ ଅମ୍ଳାନ ସ୍ମୃତି ସଦାସର୍ବଦା ଏ ଆଙ୍କୁଡ଼ା ଓ କନିକା ମାଟିରେ ଚିର ଜୀବନ୍ତ ଥାଉ। ଏ ମାଟି ତୁମ ପାଇଁ ଥିଲା ମର୍ତ୍ତ୍ୟ ବୈକୁଣ୍ଠ। ଆମ ବିପଦ ଆପଦରେ ତୁମର ସେହି ସାହାଯ୍ୟର ହାତ ଓ ସ୍ୱର କେଉଁ ଅଜଣା ରାଇଜରୁ ଶୁଭୁଥାଉ ସୃଷ୍ଟିର ଶେଷ ଦିଗନ୍ତ ଯାଏ।

ମହାତ୍ମା ଗାନ୍ଧୀଙ୍କ ଡାକରାରେ ସାରା ଭାରତବର୍ଷରେ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହାଥିଲା ଶେଷ ସ୍ୱାଧୀନତା ଆନ୍ଦୋଳନ 'କର ବା ମର' ଅର୍ଥାତ୍ ମରିବା ପଛେ, ବିଦେଶୀଙ୍କୁ ଭାରତ ମାଟିରୁ ବିଦା କରିବା, ଆମ ମା'ଙ୍କୁ ମୁକ୍ତ କରିବା, ଆମ ଦେଶ ହେବ ସ୍ୱାଧୀନ। ଯେହେତୁ ବାଞ୍ଛାନିଧିବାବୁ ନ ଥିଲେ, ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ତାଙ୍କ ମୁଖ୍ୟ ସହକର୍ମୀ କମଳା ପ୍ରସାଦ କର (ଶଙ୍ଖାରୁ, ବାରାପୁର)। ୧୯୪୨ ସେପ୍ଟେମ୍ବର ୨୮ରେ ସେ ଡାକିଥିଲେ ଏକ ସଭା, ଏହା ଇରମ, ଚକଡ଼ା ମେଳଣ ପଡ଼ିଆରେ ଆରମ୍ଭ ହୋଇଥିଲା।

ସଭା ହେବା ଖବର ଇରମର ଜମିଦାର ପୋଲିସଙ୍କୁ ଆଗରୁ ଜଣାଇ ଦେଇଥିଲେ। ତେଣୁ ପୋଲିସ ସେପ୍ଟେମ୍ବର ୨୭ ରାତିରେ ଆସି ଜମିଦାରଙ୍କ ଘରେ ରହିଯାଇଥିଲେ। ସକାଳେ ସକାଳେ ହଜାର ହଜାର ସ୍ୱାଧୀନତାଲିପ୍‌ସୁ ଉତ୍ସାହୀ ଜନତା ମେଳଣ ପଡ଼ିଆରେ ରୁଣ୍ଡ ହୋଇଥିଲେ। ପୋଲିସ ଆସି ସେମାନଙ୍କୁ ସଭା ନ କରିବା ପାଇଁ ବାରଣ କଲା। ମାତ୍ର କମଳାବାବୁ, ଗଣେଶବାବୁଙ୍କ ନେତୃତ୍ୱରେ ଲୋକମାନେ ସେମାନଙ୍କ ବାରଣ ମାନିଲେ ନାହିଁ। ଆଗକୁ ମାଡ଼ି ଚାଲିଲେ। ପ୍ରଥମେ ଫାଙ୍କା ଗୁଳିଚାଳନା ହେଲା, ଜନତା ନାରା ଦେଲେ ଡେସ୍‌ରୁ ଗୁଳି ଶେଷ। ତା'ପରେ ହେଲା ପ୍ରକୃତ ଗୁଳିଚାଳନା। ଏଥିରେ ସଭାସ୍ଥଳରେ ୨୯ଜଣ ପ୍ରାଣ ହରାଇଥିଲେ, ହଜାର ହଜାର ଲୋକ ଖଣ୍ଡିଆଖାବରା ହୋଇଥିଲେ। ଏହି ଗୁଳିକାଣ୍ଡରେ ପଚ୍ଚୁଁଆରୁ ସର୍ବାଧିକ ଲୋକ ପ୍ରାଣ ହରାଇଥିଲେ। ୧୨ବର୍ଷର ପିଲା ବିଜୁଳି ଓ ହରିଜନ ମହିଳା ପରି ବେୱା ମଧ୍ୟ ପ୍ରାଣ ହରାଇଥିଲେ। ଏହା ଥିଲା ଦ୍ୱିତୀୟ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ। ଆଜି ଏଠାରେ ବଳିଦାନର ସ୍ମାରକୀ ରକ୍ତତୀର୍ଥ ଇରମ ଶହୀଦ ସ୍ତମ୍ଭ ନିର୍ମାଣ ହୋଇଛି। ଜାତୀୟ କବି, ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧି ମହାନ୍ତିଙ୍କ ୧୨୭ ତମ ଜୟନ୍ତୀ ଅବସରରେ ରକ୍ତତୀର୍ଥ ଇରମ ଓ ଭୁବନେଶ୍ୱର ସ୍ମୃତି ସଂସଦର ବିନମ୍ର ଶ୍ରଦ୍ଧାଞ୍ଜଳି।

ମୋ : ୭୦୦୮୨୩୯୪୫୪

## ଏଇ ଭାରତରେ

ଶିଖିବା ଓ ସଫଳତା ପାଇବାରେ ବୟସର କୌଣସି ସୀମା ନ ଥାଏ। ଏମିତି ଜଣେ ସଫଳ ମହିଳା ହେଉଛନ୍ତି ମଣିପୁରର ଶୁଭ ଭଟନାଗର। ୬୩ ବର୍ଷୀୟା ଶୁଭ କେଶର ଚାଷରେ ଦକ୍ଷତା ଦେଖାଇ ଏକ ଉଦାହରଣ ସୃଷ୍ଟି କରିପାରିଛନ୍ତି। ସବୁଠୁ ବଡ଼ କଥା ହେଉଛି ସେ ଘର ଭିତରେ ୫୦୦ ବର୍ଗଫୁଟ ଜାଗାରେ ଏରୋପୋନିକ୍ସ (ଆର୍ଦ୍ର ବାୟୁ ପରିବେଶରେ ଚାଷ) ପଦ୍ଧତିରେ ଏହି ଚାଷ କରୁଛନ୍ତି। ପରିବାର ଅର୍ଥାତ୍ ଇଞ୍ଜିନିୟର ପୁଅ, ବୋହୂ ଓ ସ୍ୱାମୀଙ୍କ ସହଯୋଗରେ ସେ 'ଶୁଭାନି ସ୍ମାର୍ଟ ଫାର୍ମ' ଗଠନ କରି କେଶର ଚାଷ କରି ଅକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହି ଚାଷରେ ସେ ଆଖପାଖ ଗାଁର ୨୫ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ଅଗଷ୍ଟ ୨୦୨୩ରେ ଏହି ଚାଷ ଆରମ୍ଭ କରିଥିଲେ। ୩ ମାସ ପରେ ପ୍ରଥମ କେଶର ଉତ୍ପାଦନ କଲେ ଓ ଚଳିତ ବର୍ଷ ପ୍ରାରମ୍ଭରେ ୨ କେ.ଜି. କେଶର ବିକ୍ରି କରି ୮ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ଶୁଭ ହିନ୍ଦୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି, କିନ୍ତୁ ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଚାଷରେ ତାହାକୁ କାର୍ଯ୍ୟକାରୀ କରିବାରେ ଏଭଳି ସଫଳତା ଅନେକଙ୍କ ପାଇଁ ଆଶା ସଞ୍ଚାର କରିଛି। ଏହି ଚାଷ ଲାଗି ଶୁଭ କଶ୍ମୀରର ନାମକରା କୃଷକଙ୍କଠାରୁ ପ୍ରଶିକ୍ଷଣ ନେଇଛନ୍ତି। ପାରମ୍ପରିକ ପଦ୍ଧତିରେ ୧.୫ ଏକରରୁ ଯେଉଁ ପରିମାଣର କେଶର ଉତ୍ପାଦନ ହୁଏ ସେତିକି ପରିମାଣ ଏରୋପୋନିକ୍ସ ପଦ୍ଧତିରେ ୫୦୦ ବର୍ଗଫୁଟ ଜାଗାରେ ଉତ୍ପାଦନ କରୁଛନ୍ତି ଶୁଭ।

## ଚିରନ୍ତନୀ

ନିବିଡ଼ ଆଶ୍ଳେଷେ ଆଜି
ନିବିଡ଼ ଏ ଘନରାଜି
ଆବୋରିଛି ଆକାଶର ବକ୍ଷ,
ବ୍ୟଥିତ ଧରଣୀ ପରେ
ଏକା ମୁଁ ବେଦନାଭରେ
ନୀରବ ନିଶୂନ୍ୟ ମୋର କକ୍ଷ !
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଫେରାଇ ଅଣାଯାଉ

ମହାଶୟ,

ସାରା ବିଶ୍ୱର ବିଭିନ୍ନ ଦେଶ ବର୍ତ୍ତମାନ ଯୁଦ୍ଧର ବିଭୀଷିକାରେ ଆତଙ୍କିତ, ଏପରିକି ଆଣବିକ ଯୁଦ୍ଧର ଆଶଙ୍କାରେ ଜର୍ଜରିତ ବିଶ୍ୱର ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ। ସମ୍ଭାବ୍ୟ ନିଶ୍ଚିତ ନିର୍ଣ୍ଣାୟକ ଯୁଦ୍ଧର ଭୟାଭୟତା ହିଂସ୍ର ରୂପ ନେବା ପୂର୍ବରୁ ସମଗ୍ର ୟୁରୋପ, ଋଷିଆ, ଇସ୍ରାଏଲ , ଇରାକ, ଇରାନ, ସିରିଆ,ଜୋର୍ଡାନ, ଆଜାର୍ବାଇଜାନ ଆର୍ମାନିଆରେ ଥିବା ବିଭିନ୍ନ ଭାରତୀୟ ଦୂତାବାସକୁ ବନ୍ଦ କରି ଭାରତୀୟ କୂଟନୀତିଜ୍ଞ ଓ କର୍ମଚାରୀ ମାନଙ୍କ ସହ ସେଠାରେ ବସବାସ କରୁଥିବା ଅନ୍ୟ ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସୁରକ୍ଷିତ ଭାବେ ସ୍ୱଦେଶକୁ ଫେରାଇ ଆଣିବା ଉପରେ ଆବଶ୍ୟକୀୟ ପଦକ୍ଷେପ ନେବା ଉଚିତ। ଏହା ସହ ସେଦେଶଗୁଡ଼ିକୁ ନ ଯିବା ଉପରେ ଭାରତ ସରକାର ମାର୍ଗଦର୍ଶିକା ଜାରି କରିବା ଆବଶ୍ୟକ। ଇସ୍ରାଏଲ, ଆମେରିକା ଓ ନାଟୋ ସଂଗଠନ ଯୁଦ୍ଧ ସମୟରେ କରୁଥିବା ଆକ୍ରମଣରେ ଯୁଦ୍ଧର କୌଣସି ନୀତିନିୟମକୁ ଭ୍ରୂକ୍ଷେପ କରନ୍ତି ନାହିଁ। ଯୁଦ୍ଧବେଳେ ବ୍ୟାପକ ମାନବ ଅଧିକାର ଉଲ୍ଲଙ୍ଘନ ହେଉଥିବାର ବହୁ ପ୍ରାମାଣିକ ତଥ୍ୟ ରହୁଥିବା ସତ୍ତ୍ୱେ ସେମାନଙ୍କ ବିରୋଧରେ ଯୁଦ୍ଧ-ଅପରାଧ ଆଇନ ଲାଗୁ କରି ଦଣ୍ଡିତ କରିବାରେ ଜାତିସଂଘର ଆନ୍ତର୍ଜାତିକ ନ୍ୟାୟାଳୟ ସମ୍ପୂର୍ଣ୍ଣ ରୂପେ ବିଫଳ ହେବା ଦେଖାଯାଏ। ଯୁଦ୍ଧ ପ୍ରବଣ ଦେଶରେ ଯଦି ଭାରତୀୟ ଦୂତାବାସର କର୍ମଚାରୀ ଓ ନାଗରିକ ମାନଙ୍କ ମୃତ୍ୟୁ ହୁଏ, ତେବେ ପ୍ରତିକ୍ରିୟାରେ ସେମାନେ ସ୍ପଷ୍ଟୀକରଣ ଦେବେ ଯେ ଯୁଦ୍ଧ ସମୟରେ ଏପରିହେବା ଏକ ସ୍ୱାଭାବିକ ଘଟଣା। ସେମାନଙ୍କର ଏଭଳି ଲଜ୍ଜାଜନକ ଉତ୍ତରକୁ ଭାରତ ସରକାର ଯଦି ଜାତିସଂଘ ନିରାପତ୍ତା ପରିଷଦରେ ଆପତ୍ତି ଜଣାଏ, ତେବେ ତା' ନିରର୍ଥକ ହେବାର ସମ୍ଭାବନା ଅଧିକ। କାରଣ ବହୁ ବିକାଶଶୀଳ ଓ ବିତ୍ତଶାଳୀ ରାଷ୍ଟ୍ରଗୁଡ଼ିକ ହାତରେ ଜାତିସଂଘ କ୍ରୀଡ଼ନକ ସାଜିଛି ।

-ଅଶୋକ କୁମାର ଆଢ଼୍ୟ,
ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖଣି ବିଭାଗର ଡ୍ରୋନ୍ କ୍ୟାମେରାରେ ମାପଚୁପ

ଯାଜପୁର,୧୯।୪ (ହର୍ଷବର୍ଦ୍ଧନ ବେହେରା)


ଭିସିଆଇ ଜମି ପରିସରରେ ମାଙ୍କଡ଼ା ପଥର ରଖାଯାଇଛି।

ଦ୍ରୁତ ଶିଳ୍ପାୟନ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟ ସରକାର ଦାବି କରୁଛନ୍ତି। ହେଲେ ଶିଳ୍ପ କାରଖାନାଗୁଡ଼ିକର ବେଖାତିର ମନୋଭାବ ଏବଂ ସ୍ଥାନୀୟ ନିଯୁକ୍ତି ପ୍ରତିଶ୍ରୁତିକୁ ଉପେକ୍ଷା ପ୍ରଶାସନକୁ ଅଡୁଆରେ ପକାଉଛି। କେବଳ ସେତିକି ନୁହେଁ, ଇଡ୍କୋ ଜରିଆରେ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଜମି ଅକ୍ତିଆର କରି କାରଖାନା ନିର୍ମାଣ ଆରମ୍ଭ ନ କରି ଗତ ପ୍ରାୟ ୩ ମାସ ହେବ ମୋରମ ଲୁଟରେ ମାତିଥିବା ଅଭିଯୋଗ ହୋଇଛି। ଜମି ପାଇଁ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ଦାଖଲ କରି ମୋରମ ଲୁଟ ବାବଦରେ ପ୍ରାୟ ୨୫ କୋଟି ଟଙ୍କା ଆୟ କରି ସାରିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ପରିସ୍ଥିତି କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ କମ୍ପାନୀ ଜମିରେ ସୃଷ୍ଟି ହୋଇଥିବାବେଳେ ବିସ୍ଥାପିତ ଓ ଜମିହରା ଲୋକେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଏନେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ଯାଜପୁର ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ଗତ ୧୨ ତାରିଖରେ ଚଢ଼ାଉ କରିବା ସହ ଗତ ୨ ଦିନ ହେବ ଡ୍ରୋନ କ୍ୟାମେରାରେ ମାପଚୁପ ଚାଲିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କମ୍ପାନୀକୁ କାରଖାନା ପ୍ରତିଷ୍ଠା ପାଇଁ ୨୨ ଏକର ଜମି ଇଡ୍କୋ ଜରିଆରେ ଯୋଗାଇ ଦିଆଯାଇଛି। ୨୯।୧୧।୨୦୨୩ରେ କାରଖାନା ପ୍ରତିଷ୍ଠା ପାଇଁ ହୋଇଥିବା ଜନଶୁଣାଣିରେ ଅଞ୍ଚଳବାସୀ ବିଭିନ୍ନ ସର୍ତ୍ତ ରଖି ସମର୍ଥନ କରିଥିଲେ। ବିଶେଷକରି ସେମାନେ ସ୍ଥାନୀୟ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ, ପାରିପାର୍ଶ୍ୱିକ ଉନ୍ନୟନ ଭଳି

## ଶିଳ୍ପ ପାଇଁ ଜମି ନେଇ ମୋରମ ଲୁଟ ଅଭିଯୋଗ ମାମଲା

■ ସିଟିଓ, ଇସି, ସିଟିଇ ଆଇନକୁ ଉଲ୍ଲଂଘନ

ଅନେକ ଦାବି କରିଥିଲେ। ଏହାପରେ ଉକ୍ତ ୨୨ ଏକର ଜମିରେ ୧.୦ ଏଲ୍‌ଟିପିଏ କ୍ଷମତାବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏକ ଠିକାସଂସ୍ଥାକୁ ଏହାର ଦାୟିତ୍ୱ ଦେଇଥିଲା ଭିସିଆଇ କମ୍ପାନୀ। କିନ୍ତୁ ଉକ୍ତ ଜମିରେ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ମୋରମ ଦେଖି କମ୍ପାନୀ କର୍ତ୍ତୃପକ୍ଷଙ୍କ ଲୋଭ ବଢ଼ି ଯାଇଥିଲା। ଫଳରେ କାରଖାନା ନିର୍ମାଣସ୍ଥଳରେ ରାତିରେ ମୋରମ ଉତ୍ତୋଳନ କରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଆଇନ ଅନୁସାରେ ପରିବେଶ ମଞ୍ଜୁର(ଇସି), କନସେଣ୍ଟ ଟୁ ଅପରେଟ(ସିଟିଓ) ଓ କନସେଣ୍ଟ ଟୁ ଏଷ୍ଟାବ୍ଲିସ(ସିଟିଇ) ଇତ୍ୟାଦିକୁ ଉଲ୍ଲଂଘନ କରି ମେଶିନ ସହାୟତାରେ ମୋରମ ଉତ୍ତୋଳନ କରାଯାଇ ଯଖପୁରା-ବାଂଶପାଳ ରେଳଲାଇନ ସମ୍ପ୍ରସାରଣ କାର୍ଯ୍ୟରେ ବିନିଯୋଗ କରାଯାଇଥିଲା। ଏନେଇ ଅଞ୍ଚଳବାସୀ ସ୍ଥାନୀୟ ରାଜସ୍ୱ ବିଭାଗ, ପୋଲିସ ଏବଂ ଖଣି ବିଭାଗର ଦୃଷ୍ଟିଆକର୍ଷଣ କରିଥିଲେ ହେଁ କେହି ଶୁଣି ନ ଥିଲେ। ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଲଘୁ ଖଣି ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ଏଥିରେ ଲଘୁ ଖଣି ବିଭାଗ ମଧ୍ୟ କମ୍ପାନୀ ଫାଶରେ ଫସି ମୋରମ୍ ଲୁଟ୍ ହେଉନି ବରଂ ଜମି ସମତୁଲ କରାଯାଉଛି ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଚପଦସ୍ଥ ଅଧିକାରୀ ଚାପ ଯୋଗୁ ଲଘୁ ଖଣି ବିଭାଗ ପକ୍ଷରୁ ଗତ ୧୨ ତାରିଖରେ ଚଢ଼ାଉ କରାଯାଇ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୁରୁବାରଠାରୁ ଲଘୁ ଖଣି ବିଭାଗ ପକ୍ଷରୁ ମୋରମ୍ ଉତ୍ତୋଳନ ହୋଇଥିବା ସ୍ଥାନରୁ ଡ୍ରୋନ୍ କ୍ୟାମେରାରେ ଫଟୋ ଉତ୍ତୋଳନ ସହ ମାପଚୁପ ଆରମ୍ଭ ହୋଇଛି। ତେବେ ଖଣି ବିଭାଗର ତଦନ୍ତରେ ବିପୁଳ ପରିମାଣର ବାଲି ଓ ମାଙ୍କଡା ପଥର ଜମି ପରିସରରେ ମିଳିଥିବା ଜଣାପଡିଛି। ଏହାପରେ ଲଘୁ ଖଣି ବିଭାଗ ପକ୍ଷରୁ ମୋରମ ଉତ୍ତୋଳନ ନ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ କମ୍ପାନୀ ଏହି ନିର୍ଦ୍ଦେଶକୁ ନ ମାନି ପୁଣି ମୋରମ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା। ଏଥିରେ କେତେକ ପ୍ରଭାବଶାଳୀ ନେତାଙ୍କ ସହଯୋଗ ଥିବାରୁ ଲଘୁ ଖଣି ବିଭାଗର କାର୍ଯ୍ୟାନୁଷ୍ଠାନରେ ତତ୍ପରତା ପ୍ରକାଶ ପାଇ ନ ଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମୋରମ ଲୁଟ ଅଞ୍ଚଳର ପରିସୀମା ବଡ଼ ହୋଇଥିବାରୁ ଫଟୋ ଓ ମାପଚୁପ ପାଇଁ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯାଉଛି। ତଦନ୍ତ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲାସ୍ତରୀୟ କନଭେନ୍‌ସନ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ରସୁଲପୁର,୧୯।୪(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଶୁକ୍ରବାର ଜିଲାସ୍ତରୀୟ କନଭେନ୍‌ସନ ଅନୁଷ୍ଠିତ ହୋଇଯାଇଛି। ଏହି କନଭେନସନ୍ ନିର୍ବାଚନୀ ସଭାରେ ପରିଣତ ହୋଇଛି। ଶ୍ରମିକନେତାମାନେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶ୍ରମିକମାନଙ୍କୁ ଏକଜୁଟ୍ କରାଇ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି। ଶ୍ରମିକନେତା ଜଗନ୍ନାଥ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କନଭେସନ୍‌ରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ସୁବାସ ସିଂହ ଯୋଗଦେଇ ନୀବନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ନିବେଦନ କରିଛନ୍ତି। ରାଜ୍ୟରେ ୪୨ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ ହୋଇ ସାଢେ ୩ହଜାର କୋଟିର ବିଭିନ୍ନ ଯୋଜନାରେ ସହାୟତା ପାଇଛନ୍ତି। ଯାଜପୁର ଜିଲାରେ ୧.୬୫ଲକ୍ଷ ଶ୍ରମିକ ପଞ୍ଜୀକୃତ ହୋଇ ୨୭.୫୭କୋଟି ଟଙ୍କାର ସହାୟତା ରାଶି ହାତେଇ ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ସଂଗଠନ ଉପଦେଷ୍ଟା ରାଜୀବ ମହାନ୍ତି ଓ ସମ୍ପାଦକ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କୁ ବିଜେଡି ସପକ୍ଷରେ ଭୋଟ ଦେବାକୁ ପ୍ରବର୍ତ୍ତାଇଛନ୍ତି। ଶ୍ରମିକନେତା ଅମୂଲ୍ୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଧୀରେନ୍ଦ୍ର ସାହୁ ଧନ୍ୟବାଦ ଦେଇଛନ୍ତି।

# ସ୍ତ୍ରୀଙ୍କ ସହ ଅନୈତିକ ସମ୍ପର୍କ ପାଇଁ ଯୁବକଙ୍କୁ ହତ୍ୟା

## ଥାନାରେ ଆତ୍ମସମର୍ପଣ କଲେ ଅଭିଯୁକ୍ତ

ଯାଜପୁର ଟାଉନ,୧୯।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)


ଜୟଦେବ ମହାଳିକ

ଅନୈତିକ ସମ୍ପର୍କକୁ ନେଇ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। ଯାଜପୁର ସହରର ସାନବଜାର ଅଞ୍ଚଳରେ ରହୁଥିବା ଜୟଦେବ ମହାଳିକ ଓରଫ ଚିନୁ (୨୮)ଙ୍କୁ ବଡ଼ବଜାର ଅଞ୍ଚଳର ଜଣେ ଯୁବକ ହତ୍ୟା କରିଛନ୍ତି। ପରେ ସେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ୨ବର୍ଷ ତଳେ ଚିନୁ ଅଭିଯୁକ୍ତଙ୍କ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ବଳାତ୍କାର କରିଥିଲେ। ଏନେଇ ହୋଇଥିବା ଅଭିଯୋଗକୁ କେନ୍ଦ୍ରକରି ଚିନୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସ୍ଥାନୀୟ ଭଦ୍ରଲୋକଙ୍କ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। କିଛିଦିନ ପରେ ଚିନୁ ପୁନର୍ବାର ଅଭିଯୁକ୍ତଙ୍କ ସ୍ତ୍ରୀଙ୍କ ସହ ସମ୍ପର୍କ ରଖିଆସୁଥିଲେ ବୋଲି କୁହାଯାଉଛି। ଏପରି କି ଚିନୁ ଉକ୍ତ ମହିଳାଙ୍କ କିଛି ଅଶ୍ଳୀଳ ଫଟୋ ପାଖରେ ରଖି ବ୍ଲାକ୍‌ମେଲିଂ କରୁଥିବା ଅଭିଯୁକ୍ତ ପରିବାରୁ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏଭଳି ଅଭିଯାଗକୁ ଚିନୁଙ୍କ ପରିବାର ଲୋକେ ଖଣ୍ଡନ କରିଛନ୍ତି। ଉକ୍ତ ମହିଳା ଓଲଟା ଚିନୁଙ୍କ ସହ ସମ୍ପର୍କ ରଖି ୪ ଲକ୍ଷ ଟଙ୍କା ନେଇଯାଇଛନ୍ତି। ଉକ୍ତ ଟଙ୍କା ମାଗିବାରୁ ମହିଳାଙ୍କ ସ୍ୱାମୀ କ୍ରୋଧାନ୍ୱିତ ହୋଇ ହତ୍ୟା କରିଥିବା ଚିନୁଙ୍କ ପରିବାର ପକ୍ଷରୁ କୁହାଯାଇଛି।

ଶୁକ୍ରବାର ମହିଳାଙ୍କ ସ୍ୱାମୀ ଯାଜପୁରରୋଡ୍‌ରେ କାର୍ଯ୍ୟରେ ଥିବାବେଳେ ମଧ୍ୟାହ୍ନ ୧୨ଟାରେ ତାଙ୍କ ଘରେ ଚିନୁ ପଶି ଅଭଦ୍ରୋଚିତ ବ୍ୟବହାର କରିଥିଲେ। ଏନେଇ ନିଜ ମାମୁଙ୍କଠାରୁ ଖବର ପାଇ ଅଭିଯୁକ୍ତ ଜଣକ ଚିନୁଙ୍କ ଘରେ ପହଞ୍ଚି ଏକ ଧାରୁଆ ଅସ୍ତ୍ର ଯୋଗେ ତାଙ୍କ ବେକକୁ କାଟି ପକାଇଥିଲେ। ପରିବାର ଲୋକେ ଚିନୁଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଟୋଯୋଗେ ନେବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀଙ୍କୁ ବାରମ୍ବାର ହଇରାଣ ହରକତ କରିବା ଫଳରେ ଚିନୁଙ୍କୁ ମାରିଦେଇଥିବା ଅଭିଯୁକ୍ତ ଥାନାରେ କହିଛନ୍ତି। ଚିନୁଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିବ ବୋଲି ଥାନାଧିକାରୀ ଜଣାଇଛନ୍ତି।

# ୭୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁରରୋଡ୍,୧୯।୪(ପବିତ୍ର ରଞ୍ଜନ ମହାନ୍ତି)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଉଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଯାଜପୁରରୋଡ୍ ଅବକାରୀ ନିରୀକ୍ଷକ ନାରାୟଣ ବେହେରା ଯାଜପୁର ରୋଡ୍ ଥାନା ମିଟୁଆଣୀ ପୋଖରୀ ଅଞ୍ଚଳରେ ଚଢ଼ାଉ କରିଛନ୍ତି। ଏହି ସମୟରେ ଜଣେ ବ୍ୟକ୍ତିଙ୍କ ନିକଟରୁ ୭୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ସେ ବ୍ରାଉନସୁଗାର ବିକିବାକୁ ପୋଖରୀ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଅଞ୍ଚଳର ରବୀନ୍ଦ୍ର ପାତ୍ର। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ନଂ.୫।୨୪ ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ ଶ୍ରୀକାନ୍ତ କୁମାର ପଣ୍ଡା, ବିଭୁ ପ୍ରସାଦ ସାହୁ, କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀ ମାନେ ସାମିଲ ହୋଇଥିଲେ। ଗତ କିଛି ଦିନତଳେ ରବୀନ୍ଦ୍ରଙ୍କ ସ୍ତ୍ରୀ ୪୫ ଗ୍ରାମ ବ୍ରାଉନ ସୁଗାର ସହ ଧରାପଡି ଜେଲ ଯାଇଥିଲେ। ଏହି ଅଞ୍ଚଳ ବିଭିନ୍ନ ଚୋରା ନିଶା କାରବାରର ପେଣ୍ଠସ୍ଥଳ ପାଲଟିଥିବାବେଳେ ନାମକୁ ମାତ୍ର ଚଢ଼ାଉ କରି ଅବକାରୀ ବିଭାଗ କର୍ତ୍ତବ୍ୟ ନିର୍ବାହ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ କେତେଜଣ ପୋଲିସ ଅଧିକାରୀ ଓ ଅବକାରୀ ବିଭାଗର କେତେଜଣ ଅଧିକାରୀ ନିଶା ବେପାରୀଙ୍କଠାରୁ ମୋଟା ଅଙ୍କର ମାସିକିଆ ନେଇ ଚୁପ ରହୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।


**PARADIP PORT AUTHORITY**
**MARINE DEPARTMENT**
No.-MD/ACCTS/WK/R-18/2023-415 Date: 16.04.2024
e-Tender Call Notice (e-TCN) No. MD/ACCTS/WK/R-18/2023/161 dtd.07/02/2024
Name of the Work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: Rs.86,35,39,812/- With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 17:00 Hours on dt. 07/05/2024. Technical Bids shall be opened at 16:00 hours on dt.08/05/2024. For details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR-01/2024-2025 dtd.18.04.2024

**ଦ.ପୂ. ରେଳପଥ ଟେଣ୍ଡର**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ. (୧) ସିକେପି-ଇଷ୍ଟ-୨୪-୨୫-୦୬, (୨) ସିକେପି-ଇଷ୍ଟ-୨୪-୨୫-୦୪ ତାରିଖ ୧୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଏଡିଇଏନ୍/II/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ଆର୍‌କେଏସ୍‌ଏନ୍-ବିଆର୍‌ଏମ୍ ମଧ୍ୟରେ କିମି ୨୯୪/୧୭-୧୯ଠାରେ ଏଲସି ନଂ.୧୬୩ସ୍ଥିତ ଏଲ୍‌ଏଚ୍‌ଏସ୍‌ରେ ପାଣି ଜମିବାକୁ ପ୍ରତିରୋଧ କରିବା ଲାଗି ଆପ୍ରୋଚ୍/ପାର୍ଶ୍ୱବର୍ତ୍ତୀ ରୋଡ୍ ଉପରେ ଆଚ୍ଛାଦିତ ଶେଡ୍, ସମ୍ପ ୱେଲ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା। **(୨)** ଚକ୍ରଧରପୁର ଡିଭିଜନରେ ଗମ୍ହାରିଆ ଏବଂ କାଣ୍ଡ୍ରା ମଧ୍ୟରେ ବିରାଜପୁରଠାରେ ପିଏଫ୍ ନଂ.୧ଠାରୁ ନୂଆ ଷ୍ଟେଶନ ବିଲ୍ଡିଂ ପର୍ଯ୍ୟନ୍ତ ବିଦ୍ୟମାନ ଏଫ୍‌ଓବିର ସମ୍ପ୍ରସାରଣ କରିବା। **ଟେଣ୍ଡର ମୂଲ୍ୟ:** ₹୨,୩୩,୪୧,୨୧୦.୪୭ (କ୍ର.ସଂ. ୧ ପାଇଁ) ଏବଂ ₹୧,୪୯,୭୭,୫୮୪.୮୩ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୨,୬୬,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୨,୨୪,୯୦୦/- (କ୍ର.ସଂ. ୨ ପାଇଁ)। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-59)

**ଦ.ପୂ. ରେଳପଥ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ ପାଇଁ ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ପ୍ରଣାଳୀରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ., ନୋଟିସ୍ ନଂ., କାର୍ଯ୍ୟର ବର୍ଣ୍ଣନା: (୧) ସିଓଏମ୍‌ଡି-ସିଏଟିଜି-ଆର୍‌୨-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ଏ.ଏଚ୍. ହ୍ୱିଲର (ଏମ୍‌ପିଏସ) ଏବଂ ପାର୍ସଲ ଅଫିସ ନିକଟରେ ରାଉରକେଲା ଷ୍ଟେଶନର ପିଏଫ୍ ନଂ.-୧ଠାରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ)ନଂ.ଆର୍/୨ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୨) ସିଓଏମ୍‌ଡି-ସିଏଟିଜି-ଆର୍‌୫-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍‌ନଂ.-୨/୩, ସ୍ତମ୍ଭ ନଂ. ୮ ଓ ୯ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ) ନଂ.ଆର୍/୫ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୩) ସିଓଏମ୍‌ଡି-ସିଏଟିଜି-ଆର୍‌୫ଏ-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନର ପିଏଫ୍‌ନଂ.-୨/୩ରେ ଖୁଣ୍ଟ ନଂ. ୩୮ ଓ ୩୯ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ) ନଂ.ଆର୍/୫ଏରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୪) ସିଓଏମ୍‌ଡି-ସିଏଟିଜି-ଟି୧-ଟାଟା-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ଟାଟାନଗର ରେଳ ଷ୍ଟେଶନର ପିଏଫ୍‌ନଂ. ୧ଠାରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ) ନଂ.ଟି/୧ (ସ୍ଥାନ ହେଉଛି ଅଦ୍ୱୈତ ଆଶ୍ରମ ବୁକ୍ ଷ୍ଟଲ ଏବଂ ସର୍ବୋଦୟ ବୁକ୍ ଷ୍ଟଲ ମଝିରେ)ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୫) ସିଓଏମ୍‌ଡି-ସିଏଟିଜି-ଆର୍‌୮-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୬୩ ଓ ୬୪ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୮ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୬) ସିଓଏମ୍‌ଡି-ସିଏଟିଜି-ଆର୍‌୯-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୭୨ ଓ ୭୩ (ଜେଏସ୍‌ଜି ପାର୍ଶ୍ୱ)'ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୯ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୭) ସିଓଏମ୍‌ଡି-ସିଏଟିଜି-ଆର୍‌୭-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୫୪ ଓ ୫୫ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୭ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। ସମ୍ପୂର୍ଣ୍ଣ ସୂଚନା ପାଇଁ ବିଡରମାନଙ୍କୁ ରେଳପଥ ସାଇଟ୍ **www.ireps.gov.in** ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। ଟେଣ୍ଡର ପାଇଁ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟରେ ପ୍ରକାଶିତ ହେବ। ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଉଚିତ। **ଟେଣ୍ଡର ଦସ୍ତାବିଜ ଜାରି:** ତା୧୭।୦୪।୨୦୨୪ରିଖ (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୧୬।୦୪।୨୦୨୪ରିଖ (କ୍ର.ସଂ. ୭ ପାଇଁ)। **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ:** ତା୦୯।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୦୮।୦୫।୨୦୨୪ରିଖ ୧୫.୩୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୭ ପାଇଁ)। **ଟେଣ୍ଡର ଖୋଲାଯିବ:** ତା୦୯।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୦୮।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୭ ପାଇଁ)। (PR-56)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Metso
**METSO OUTOTEC INDIA Pvt. Ltd.**
www.metso.com
**WALK IN INTERVIEWS**
on Friday, 26th April, 2024 (9-5 PM)
at Hotel Park Prime, Near Morabadi Maidan Lane No 4, Anandgram, Ranchi
Need Go - Getters to work in a Multinational Company which is World leader in Aggregates & Mining Industry.
**Requirement**
SITE ENGINEER – OPERATIONS & MAINTENANCE, AGGREGATES
No of Position - 20
**Job Profile** To take care of Operation & Maintenance of Metso Outotec crushing & screening equipment anywhere in India
**Experience** Minimum 2+Years of Experience on operation and Maintenance of Crushing & Screening equipment
**Education** Diploma/B.tech in Mechanical/Electrical
**Compensation** Best in the industry with attractive site allowances and other benefits
Looking forward to meet you during the Walk in interview day
For any queries, please call on 09667214442
or email at : kapil.sharma@metso.com

**REQUIREMENT**
For a Construction Site
(Experienced Only)
• Site Engineer
• Site Supervisor
• Data Entry Operator
Ph - 7873907777
sitekhorda@gmail.com

**JAN SHIKSHAN SANSTHAN, CUTTACK, ODISHA**
(Sponsored by MSDE, Govt. of India)
Skill India
**NOTIFICATION FOR VACANCY**
The Jan Shikshan Sansthan, Cuttack invites application for the following posts:

| Sl. No. | Name of the Post | No. of Vacancy | Age | Qualification | Salary | Experience |
|---|---|---|---|---|---|---|
| 01 | Field Assistant-cum- Clerk | 01 | 21 yrs.- 40 yrs. | Intermediate Pass & Higher qualification preferable | 12000/- | 2 yrs. experience in skill development or any other related field experience |
| 02 | Driver-cum-Attendant | 01 | 25 yrs. - 40 yrs. | 10th Pass | 10000/- | 3 yrs. working experience in driving of 4 wheelers |

It is purely on contract basis for 3 yrs. Only shortlisted candidates will call for interview. Send CV with desired documents through email: jsscuttack1985@gmail.com or Speed Post addressing to the Director, Jan Shikshan Sansthan, Plot No.841/521 (P), Sector-8, CDA, Cuttack- 753014. Apply within 15 days of publication of the advertisement.
Sd./- DIRECTOR


# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର


ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି।

■ ଯାଜପୁରରେ ଶ୍ରୀରାମ ଶୋଭାଯାତ୍ରା
■ ସାମିଲ ହେଲେ ହଜାର ହଜାର ଶ୍ରଦ୍ଧାଳୁ

ଯାଜପୁର ଟାଉନ,୧୯।୪(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଶ୍ରୀରାମ ନବମୀ ଅବସରରେ ଶ୍ରୀରାମସେବା ସମିତି ପକ୍ଷରୁ ଯାଜପୁର ସହରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ସାମିଲ ହୋଇ ଶୋଭାଯାତ୍ରାର ଶୋଭା ବୃଦ୍ଧି କରିଥିଲେ। ମହିଳାଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଜୟ ଶ୍ରୀରାମ ଧ୍ୱନି ଉଚ୍ଚାରଣ କରିବାରୁ ସହର କମ୍ପି ଉଠିଥିଲା। ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ସହର ପରିକ୍ରମା କରାଯାଇଥିଲା। ରାତି ୧୦ଟାରେ ଦେବୀଗଡ଼ା ଘାଟଠାରେ ମୂର୍ତ୍ତିଗୁଡ଼ିକୁ ବିଷର୍ଜନ କରାଯାଇଥିଲା। ଯାଜପୁର ସହର ଯାଉଁଳିବନ୍ଧ ସ୍ଥିତ ମଙ୍ଗଳା ମନ୍ଦିର ନିକଟରୁ ଶୋଭାଯାତ୍ରା ବାହାରି କୁଆଁସରପୁର, ଯୋଡ଼ିକୁଅ, ଗରିଆପୁର, ମେଡିକାଲଛକ, ଗାନ୍ଧିଛକ, ହାବେଳିବଜାର, ହରପାର୍ବତୀଛକ, ବଡବଜାରଛକ ଦେଇ ସହର ପରିକ୍ରମା କରି ଦେବୀଗଡା ଘାଟରେ ପହଞ୍ଚିଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜଳପାନ ବ୍ୟବସ୍ଥା କରାଯାଇଥିଲା। ଯାଜପୁରସହରର ସମସ୍ତ ବ୍ୟବସାୟୀ ସଂଘ, ପୂଜା କମିଟି, ଯୁବକ ସଂଘ ଓ ଅନ୍ୟ ସଂଘ ଏକତ୍ରିତ ହୋଇ ଶୋଭାଯାତ୍ରାକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।


**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA**
**BHUBANESWAR -09**
Web-site: - www.ssbodisha.ac.in / E-mail: - ssbdeptofhe@gmail.com
No. SSB (EX) 01 / 2024 -56/ SSB, Dated 19.04.2024
**NOTICE**
No.:N-2: It is for information of all applicants who have registered themselves for recruitment against different posts pursuant to Advertisement No.s 02/03/04 and 05/2024 of the State Selection Board that on verification, huge discrepancy has been found between the number of candidates registered and number of candidates who have made successful payment against the post applied for. This has been due to deposit of the application fee against a different post or through a wrong Challan or through a wrong ID. As a result, the applicants have not been able to download their application forms.
Hence, with a view to giving an opportunity to those applicants, the State Selection Board shall open the **"Payment Related Query Portal"** from 23.04.2024 to 26.04.2024, so that applicants can correct their mistakes so committed. On successful reconciliation of the data to be provided by the applicants in the portal, the applicants will be able to download their application form from 01.05.2024 to 04.05.2024.
No further opportunity in this regard will be granted after this timeline.
OIPR-11015/11/0002/2425 Sd./-Secretary, SSB

**National Entrance Screening Test (NEST) 2024**
**Admission to 5-year Integrated MSc Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)**
(Autonomous institutions under the Department of Atomic Energy, Government of India)
The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2024 will be conducted in over 120 towns and cities all over India on **June 30, 2024 (Sunday).**
**The candidates admitted to the programme are eligible to receive an annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs.20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**
For detailed information on NEST 2024 application procedure and previous years' question papers please visit NEST 2024 website: **www.nestexam.in**
**Application:** Through ONLINE portal ONLY. Visit **www.nestexam.in** to apply. Online portal is open and accepting registration & closes on May 31, 2024
**Examination:** ONLINE/computer based ONLY. Date of examination: June 30, 2024 (Sunday) Time: 9:00 AM - 12:30 PM (1st session) 2:30 PM - 6:00 PM (2nd session) **Results announcement : July 10, 2024**
**Address for correspondence :**
**The Chief Coordinator, NEST 2024**
NISER Bhubaneswar,
P.O.: Jatni, Dist: Khurda,
Odisha - 752050, India
E-mail: **nest-exam@niser.ac.in**
Website: **www.nestexam.in**
**Fees structure and mode of payment :**
Male (General and OBC categories): **Rs.1400/-**
Male (SC and ST categories) : **Rs.700/-**
Female (all categories): **Rs.700/-**
Divyangjan candidates: **Rs.700/-**
Pay ONLY via Net banking/ Credit card/ Debit card/ UPI

## ୭୦ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଯାଜପୁରରୋଡ୍,୧୯।୪
(ପବିତ୍ର ରଞ୍ଜନ ମହାନ୍ତି)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଉଛି। ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଯାଜପୁରରୋଡ୍ ଅବକାରୀ ନିରୀକ୍ଷକ ନାରାୟଣ ବେହେରା ଯାଜପୁର ରୋଡ୍‌ଥାନା ମିଶୁଆଣୀ ପୋଖରୀ ଅଞ୍ଚଳରେ ଚଢ଼ାଉ କରିଛନ୍ତି। ଏହି ସମୟରେ ଜଣେ ବ୍ୟକ୍ତିଙ୍କ ନିକଟରୁ ୭୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିସହିତ ତାଙ୍କୁ ଗିରଫ କରାଯାଇଛି। ସେ ବ୍ରାଉନସୁଗାର ବିକିବାକୁ ପୋଖରୀ ନିକଟରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ଅଞ୍ଚଳର ରବୀନ୍ଦ୍ର ପାତ୍ର। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ନଂ.୫।୨୪ ରୁଜୁ ହୋଇଛି। ଚଢ଼ାଉରେ ଏସ୍‌ଆଇ ଶ୍ରୀକାନ୍ତ କୁମାର ପଣ୍ଡା, ବିଭୁ ପ୍ରସାଦ ସାହୁ, କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ଗତ କିଛି ଦିନତଳେ ରବୀନ୍ଦ୍ରଙ୍କ ସ୍ତ୍ରୀ ୪୫ ଗ୍ରାମ ବ୍ରାଉନ ସୁଗାର ସହ ଧରାପଡି ଜେଲ ଯାଇଥିଲେ।

# ୬ ମାସ ହେବ ପାନୀୟ ଜଳ ପ୍ରକଳ୍ପ ଅଚଳ






ତହସିଲ କାର୍ଯ୍ୟାଳୟରେ ଅଚଳ ହୋଇଯାଇଥିବା ଆକ୍ୱାଗାର୍ଡ ଓ ପାନୀୟଜଳ ପ୍ରକଳ୍ପ।

## ନାଉଗାଁ ତହସିଲ କାର୍ଯ୍ୟାଳୟ
### ଗ୍ରୀଷ୍ମ ପ୍ରବାହରେ ପାଣି ପାଇଁ ଲୋକେ ଉହଳବିକଳ

ନାଉଗାଁ,୧୯।୪(ସୁଧା ବେହୁରା)

ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବାବେଳେ ସକାଳ ୯ଟା ପରେ ଘରୁ ବାହାରିବା କଷ୍ଟସାଧ ହୋଇପଡୁଛି। ଏନେଇ ପାନୀୟ ଜଳର ସମସ୍ୟା ଯେପରି ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ନାଉଗାଁ ତହସିଲ କାର୍ଯ୍ୟାଳୟରେ ପାନୀୟ ଜଳର ସମସ୍ୟା ଦେଖିବାକୁ ମିଳିଛି।

ଏହି କାର୍ଯ୍ୟାଳୟ ବାହାରେ ପାରାଦୀପ ପୋର୍ଟ ସହାୟତାରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ବ୍ୟବସ୍ଥା କରାଯାଇଥିଲା। ସେହିପରି କାର୍ଯ୍ୟାଳୟ ମଧ୍ୟରେ ଏକ ଆକ୍ୱାଗାର୍ଡ ଲଗାଯାଇଥିଲା। ତହସିଲ କାର୍ଯ୍ୟାଳୟ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ହୋଇଥିବାବେଳେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ପାଇଁ ବ୍ଲକର ୧୬ ପଞ୍ଚାୟତର ଜନସାଧାରଣ ଏହି କାର୍ଯ୍ୟାଳୟକୁ ଆସିଥାନ୍ତି। ଜନସାଧାରଣ ସୁବିଧାରେ ପାନୀୟ ଜଳ ପାଇବା ଉଦ୍ଦେଶ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ଏବେ ଗ୍ରୀଷ୍ମ ପ୍ରବାହ ସମୟରେ ଅଧିକ ପାନୀୟ ଜଳ ଆବଶ୍ୟକ ହେଉଥିବାବେଳେ ଉକ୍ତ ୨ଟି ଯାକ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ୬ ମାସ ହେବ ଅଚଳ ହୋଇଯାଇଛି। ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମିରଞ୍ଜନ ଦାସଙ୍କ କହିବା ମୁତାବକ, ଉକ୍ତ ପ୍ରକଳ୍ପର ରକ୍ଷଣାବେକ୍ଷଣ ଦାୟିତ୍ୱ ତହସିଲ କାର୍ଯ୍ୟାଳୟର। କିନ୍ତୁ ତହସିଲ୍ ପ୍ରଶାସନ ପକ୍ଷରୁ ଠିକ୍‌ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଜନସାଧାରଣ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ତହସିଲ କାର୍ଯ୍ୟାଳୟକୁ ଆସି ବହୁ ସମୟ ଅପେକ୍ଷା କରୁଥିବାବେଳେ ପାନୀୟଜଳ ପାଇଁ ଉହଳବିକଳ ହେଉଛନ୍ତି। ଏନେଇ ତୁରନ୍ତ ଉକ୍ତ ପାନୀୟ ଜଳ ପ୍ରକଳ୍ପ ଦ୍ୱୟକୁ କାର୍ଯ୍ୟକ୍ଷମ କରିବାକୁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ତହସିଲଦାର ଶୁଭାଶିଷ ପରିଡାଙ୍କୁ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ।

## ମୋଦି ଲାଭାର୍ଥୀ ହିତାଧିକାରୀଙ୍କ ସମାବେଶ



ସମାବେଶରେ ଯୋଗ ଦେଇଥିବା ହିତାଧିକାରୀ ଓ ଭାଜପା କର୍ମୀମାନେ।

ରାଜକନିକା, ୧୯।୪
(ସଞ୍ଜୟ କୁମାର ଦାଶ)

ଭାରତ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ମହିଳା ସଶକ୍ତୀକରଣ, ଲୋକାଭିମୁଖୀ ଯୋଜନା ଆଦି ପ୍ରଣୟନ ହୋଇଥିବା ନେଇ ସମସ୍ତ ହିତାଧିକାରୀଙ୍କ ନିକଟରେ ତାହା ପହଞ୍ଚିବାକୁ ପ୍ରୟାସ ଜାରି ରହିଛି। ଏହିକ୍ରମରେ ଶୁକ୍ରବାର ରାଜକନିକା ଚନ୍ଦନ ପୋଖରୀ ଛକଠାରେ ପ୍ରାଧାପକ ବୈକୁଣ୍ଠନାଥ ପରିଡ଼ାଙ୍କ ନେତୃତ୍ୱରେ ମୋଦି ଲାଭାର୍ଥୀ ହିତାଧିକାରୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପୂର୍ବତନ ସେନାନିବୃତ୍ତ ଅଧିକାରୀ ଉମେଶ ନାୟକ, ରାଜକନିକା ଭାଜପା ମାର୍ଗଦର୍ଶକ ସୁଧୀର ବେହେରା, ୨୯ ନଂ. ଜୋନ୍ ପୂର୍ବତନ ଭାଜପା ସଭାପତି ସହଦେବ ରାଉତ, ଆଳି, ଦେସାହି ପଞ୍ଚାୟତର ସକ୍ରିୟ ଭାଜପା ସଭ୍ୟ ଅଶୋକ ବେହୁରିଆ, ଆଳି, ମାଣିକପାଟଣାର ସକ୍ରିୟ ଭାଜପା ସଭ୍ୟ ସଞ୍ଜୟ ଦାସ, ଆଳି ଧୋୟା କୃଷକ ମୋର୍ଚ୍ଚାର ସକ୍ରିୟ ଭାଜପା ସଭ୍ୟ ପ୍ରସନ୍ନ ଦାସ ପ୍ରମୁଖ ସିକୋ ପଞ୍ଚାୟତ ବିଶ୍ୱକର୍ମା ଯୋଜନା ସଂଯୋଜକ ବୈକୁଣ୍ଠନାଥ ବେହେରା ଓ ୨୮ ନଂ. ଜୋନ୍ ବିଶ୍ୱକର୍ମା ଯୋଜନା ସଂଯୋଜକ ବିଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଦଳିତ, ନିଷ୍ପେସିତ ଓ ପଛୁଆ ବର୍ଗରେ ରହି ସଂଗ୍ରାମ କରୁଥିବା ସମସ୍ତ କର୍ମଜୀବୀ ମଣିଷଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାରିଦ୍ର୍ୟ ସୀମାରେଖା ତଳୁ ଉଠାଇବାକୁ ପ୍ରୟାସ ଜାରି ରଖିବା ଏବଂ ଲାଭାର୍ଥୀ ଲୋକାଭିମୁଖୀ ଜନହିତକର ଯୋଜନାଗୁଡିକର ସଫଳ ରୂପାୟନ ଓ ସଚେତନ ପାଇଁ ସଦା ଚେଷ୍ଟା ଜାରି ରଖିବା ନେଇ ସମଗ୍ର ବିଶ୍ୱରେ ପ୍ରଶଂସା ସାଉଁଟୁଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ତା'ର ସଫଳ ରୂପାୟନ ଓ ସଚେତନତା ଅଭାବ ନେଇ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ହାତମୁଠାକୁ ଟାଣ କରିବାକୁ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ସହଯୋଗ କରିବାକୁ ନିବେଦନ କରିଥିଲେ। ଏହି ସମାବେଶରେ ଶତାଧିକ ନେତା, କର୍ମୀ ଓ ସାଧାରଣ ଜନତା ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

# କ୍ରୀଡ଼ା ଶରୀର, ମନକୁ ଫୁର୍ତ୍ତି ରଖେ

## ମୁଣ୍ଡାଳ କାପା ବାବା କ୍ରିକେଟ
### ହ୍ୱାଇଟ ଗାଲାକ୍ସି ଚାମ୍ପିୟନ

ରଘୁନାଥପୁର,୧୯।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେତୁଆ ପଞ୍ଚାୟତ ମୁଣ୍ଡାଳ ଖେଳ ପଡିଆରେ ୫ ଓଭର ବିଶିଷ୍ଟ ଦିନିକିଆ ନାଇଟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ହ୍ୱାଇଟ ଗାଲାକ୍ସି କଟକ ଓ ଜୟ ଶ୍ରୀରାମ କ୍ରିକେଟ୍ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ହ୍ୱାଇଟ୍ ଗାଲାକ୍ସି ବିଜୟୀ ହୋଇ ଚାମ୍ପିୟନ ହେବାର ଆଖ୍ୟା ଅର୍ଜନ କରିଛି। ରେତୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଗୁରୁବାର ରାତି ୯ଟାରେ ତିର୍ତ୍ତୋଲ ବିଜେଡି ବିଧାୟକ ପ୍ରାର୍ଥୀ ଡ.ରମାକାନ୍ତ ଭୋଇ ମ୍ୟାଚ ସ୍ଥଳରେ ପହଞ୍ଚି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଆନୁଷ୍ଠାନିକ ଭାବେ କ୍ରିକେଟ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ କ୍ରୀଡା ଶରୀରକୁ ଫୁର୍ତ୍ତି ରଖିବା ସହ ମନକୁ ପ୍ରଫୁଲ୍ଲିତ ରଖେ ବୋଲି ଡ.ଭୋଇ କହିଥିଲେ। ସେହିପରି ବ୍ଲକ ବିଜେଡି ସଭାପତି ଦେବାଶିଷ ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରିନାରାଣୀ ମଲ୍ଲିକ, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ଛପଡା ସରପଞ୍ଚଙ୍କ ପ୍ରତିନିଧି ନିରାକାର ଖୁଣ୍ଟିଆ, ସମିତିସଭ୍ୟ ବିଶ୍ୱଜିତ ଦାଶ, ପଞ୍ଚାୟତ ସଭାପତି ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ, ରବୀନ୍ଦ୍ରନାଥ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହ୍ୱାଇଟ ଗାଲାକ୍ସି ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୬୯ ରନ କରିଥିଲେ। ଜବାବରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ୫ ଓଭରରେ ମାତ୍ର ୬୬ ରନ କରି ଅଲ୍‌ଆଉଟ ହୋଇଯାଇଥିଲେ। ଜ୍ୟୋତିରଞ୍ଜନ ଲେଙ୍କା ମ୍ୟାନ ଅଫ ଦି ସିରିଜ, ସତ୍ୟରଞ୍ଜନ ଦାସ ମ୍ୟାନ ଅଫ ଦି ମ୍ୟାଚ, ଚିନ୍ମୟ ଜେନା ବେଷ୍ଟ ବୋଲର ଏବଂ ସତ୍ୟଜିତ ମହାନ୍ତି ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଦୋଳଗୋବିନ୍ଦ ମିଶ୍ର ଓ ଲରେଶ ମିଶ୍ର ଅମ୍ପାୟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଦଳକୁ ଟ୍ରଫି ସହ ମାନପତ୍ର ଏବଂ ରନର୍ସ ଅପ ଦଳକୁ କପ ପ୍ରଦାନ କରାଯାଇଥିଲା। ରେତୁଆ ସୋସାଇଟି ସଭାପତି ପ୍ରଦୀପ୍ତ କିଶୋର ମହାନ୍ତି, ଅମରେନ୍ଦ୍ର ମିଶ୍ର,ଧୀରେନ୍ଦ୍ର ମିଶ୍ର, ରାଜେଶ ମିଶ୍ର ଓ ବୈଷ୍ଣବ ଚରଣ ରାଉତଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କ୍ରିକେଟ୍ ଟୁର୍ନାମେଣ୍ଟ ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ


**PARADIP PORT AUTHORITY**
**MARINE DEPARTMENT**
No.-MD/ACCTS/WK/R-18/2023-415 Date: 16.04.2024
e-Tender Call Notice (e-TCN) No. MD/ACCTS/WK/R-18/2023/161 dtd.07/02/2024
Name of the Work: Hiring of 01 No.60 ton Bollard pull Tug along with manning crew for Marine Operation at SPMs and inside Harbour at Paradip for a period of 07 (seven) years. Estimated cost put to tender: Rs.86,35,39,812/- With reference to above e-tender, revised tender document has been published in the e-procurement website with extension. Last date & time of submission of bids through on-line bidding is 17:00 Hours on dt. 07/05/2024. Technical Bids shall be opened at 16:00 hours on dt.08/05/2024. For details, please log on to the Website: https://eprocure.gov.in/eprocure/app.
Sd/- Deputy Conservator, Paradip Port Authority
PPA/PR-01/2024-2025 dtd.18.04.2024



**ଦ.ପୂ. ରେଳପଥ ଟେଣ୍ଡର**
**ଇ-ଟେଣ୍ଡର ବିଜ୍ଞପ୍ତି ନଂ. (୧) ସିକେପି-ଇଷ୍ଟ-୨୪-୨୫-୦୬, (୨) ସିକେପି-ଇଷ୍ଟ-୨୪-୨୫-୦୪ ତାରିଖ ୧୮।୦୪।୨୦୨୪।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ନାମ: (୧)** ଏଡିଇଏନ୍/।।/ଟାଟାଙ୍କ କ୍ଷେତ୍ରାଧିକାର ଅଧୀନରେ ଆର୍‌କେଏସ୍‌ଏନ୍-ବିଆର୍‌ଏମ୍ ମଧ୍ୟରେ କିମି ୨୯୪/୧୭-୧୯ଠାରେ ଏଲ୍‌ସି ନଂ.୧୬୩ସ୍ଥିତ ଏଲ୍‌ଏଚ୍‌ଏସ୍‌ରେ ପାଣି ଜମିବାକୁ ପ୍ରତିରୋଧ କରିବା ଲାଗି ଆପ୍ରୋଚ/ପାର୍ଶ୍ୱବର୍ତ୍ତୀ ରୋଡ୍ ଉପରେ ଆଚ୍ଛାଦିତ ଶେଡ୍, ସମ୍ପ୍ ୱେଲ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା। **(୨)** ଚକ୍ରଧରପୁର ଡିଭିଜନରେ ଗମ୍ହାରିଆ ଏବଂ କାଣ୍ଡ୍ରା ମଧ୍ୟରେ ବିରାଜପୁରଠାରେ ପିଏଫ୍ ନଂ.୧ଠାରୁ ନୂଆ ଷ୍ଟେସନ ବିଲ୍ଡିଂ ପର୍ଯ୍ୟନ୍ତ ବିଦ୍ୟମାନ ଏଫ୍‌ଓବିର ସମ୍ପ୍ରସାରଣ କରିବା। **ଟେଣ୍ଡର ମୂଲ୍ୟ:** ₹୨,୩୩,୪୧,୨୧୦.୪୭ (କ୍ର.ସଂ. ୧ ପାଇଁ) ଏବଂ ₹୧,୪୯,୭୭,୫୮୪.୮୩ (କ୍ର.ସଂ. ୨ ପାଇଁ)। **ଇଏମ୍‌ଡି:** ₹୨,୬୬,୭୦୦/- (କ୍ର.ସଂ. ୧ ପାଇଁ) ଏବଂ ₹୨,୨୪,୯୦୦/- (କ୍ର.ସଂ. ୨ ପାଇଁ)। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୦.୦୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୫।୦୫।୨୦୨୪। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସିଗନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **(PR-59)**



**ଦ.ପୂ. ରେଳପଥ ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (କମର୍ସିଆଲ), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ ପାଇଁ ପ୍ରତିଯୋଗିତାମୂଳକ, ଦୁଇ ପ୍ୟାକେଟ୍, ଖୋଲା ଟେଣ୍ଡର ପ୍ରଣାଳୀରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ., ନୋଟିସ୍ ନଂ., କାର୍ଯ୍ୟର ବର୍ଣ୍ଣନା: (୧) ସିଓଏମ୍‌ବ-ସିଏଟିଜି-ଆର୍‌୨-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ଏ.ଏଚ୍. ହ୍ୱିଲର୍ (ଏମ୍‌ପିଏସ୍) ଏବଂ ପାର୍ସଲ ଅଫିସ ନିକଟରେ ରାଉରକେଲା ଷ୍ଟେଶନର ପିଏଫ୍ ନଂ.-୧ଠାରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ)ନଂ.ଆର୍/୨ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୨) ସିଓଏମ୍‌ବ-ସିଏଟିଜି-ଆର୍‌୫-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍‌ନଂ.-୨/୩, ସ୍ତମ୍ଭ ନଂ. ୮ ଓ ୯ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ) ନଂ.ଆର୍/୫ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୩) ସିଓଏମ୍‌ବ-ସିଏଟିଜି-ଆର୍‌୫ଏ-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନର ପିଏଫ୍‌ନଂ.-୨/୩ରେ ଖୁଣ୍ଟ ନଂ. ୩୮ ଓ ୩୯ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ) ନଂ.ଆର୍/୫ଏରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୪) ସିଓଏମ୍‌ବ-ସିଏଟିଜି-ଟି୧-ଟାଟା-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ଟାଟାନଗର ରେଳ ଷ୍ଟେଶନର ପିଏଫ୍‌ନଂ. ୧ଠାରେ ଜେନେରାଲ ମାଇନର୍ ୟୁନିଟ୍ (ଟି ଷ୍ଟଲ୍) ନଂ.ଟି/୧ (ସ୍ଥାନ ହେଉଛି ଅଦ୍ୱୈତ ଆଶ୍ରମ ବୁକ୍ ଷ୍ଟଲ୍ ଏବଂ ସର୍ବୋଦୟ ବୁକ୍ ଷ୍ଟଲ୍ ମଝିରେ)ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୫) ସିଓଏମ୍‌ବ-ସିଏଟିଜି-ଆର୍‌୮-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୬୩ ଓ ୬୪ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୮ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୬) ସିଓଏମ୍‌ବ-ସିଏଟିଜି-ଆର୍‌୯-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୭୨ ଓ ୭୩ (ଜେଏସ୍‌ଜି ପାର୍ଶ୍ୱ)'ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୯ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। **(୭) ସିଓଏମ୍‌ବ-ସିଏଟିଜି-ଆର୍‌୭-ଆରଓୟୁ-୨୪, ତାରିଖ: ୧୭।୦୪।୨୦୨୪।** ୫ ବର୍ଷ ଅବଧି ପାଇଁ ରାଉରକେଲା ଷ୍ଟେଶନ, ପିଏଫ୍ ନଂ.-୪/୫ରେ ଖୁଣ୍ଟ ନଂ. ୫୪ ଓ ୫୫ ମଧ୍ୟରେ ଜେନେରାଲ ମାଇନର୍ ୟୁନିଟ୍ (ମହିଳା) ନଂ.ଆର୍/୭ରେ କ୍ୟାଟେରିଂ ସେବାର ବ୍ୟବସ୍ଥା। ସମ୍ପୂର୍ଣ୍ଣ ସୂଚନା ପାଇଁ ବିଡରମାନଙ୍କୁ ରେଳପଥ ସାଇଟ୍ www.ireps.gov.in ପରିଦର୍ଶନ କରିବା ଲାଗି ଅନୁରୋଧ କରାଯାଉଛି। ଟେଣ୍ଡର ପାଇଁ ପରବର୍ତ୍ତୀ ଶୁଦ୍ଧିପତ୍ର, ଯୋଗପତ୍ର, ସଂଶୋଧନ, ସମୟ ବୃଦ୍ଧି, ସ୍ପଷ୍ଟୀକରଣ, ଯଦି ଥାଏ, କେବଳ ଉପରୋକ୍ତ ୱେବ୍‌ସାଇଟରେ ପ୍ରକାଶିତ ହେବ। ନିଜକୁ ସୂଚିତ ରଖିବା ପାଇଁ ବିଡରମାନେ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଉଚିତ। **ଟେଣ୍ଡର ଦସ୍ତାବିଜ ଜାରି:** ତା୧୭।୦୪।୨୦୨୪ରିଖ (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୧୬।୦୪।୨୦୨୪ରିଖ (କ୍ର.ସଂ. ୭ ପାଇଁ)। **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ:** ତା୦୯।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୦୮।୦୫।୨୦୨୪ରିଖ ୧୫.୩୦ ଘଟିକା ପର୍ଯ୍ୟନ୍ତ (କ୍ର.ସଂ. ୭ ପାଇଁ)। **ଟେଣ୍ଡର ଖୋଲାଯିବ:** ତା୦୯।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୧ରୁ ୬ ପାଇଁ) ଏବଂ ତା୦୮।୦୫।୨୦୨୪ରିଖ ୧୫.୩୦ ଘଟିକା (କ୍ର.ସଂ. ୭ ପାଇଁ)। **(PR-56)**



CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com


# ଭାଜପା ଆଡ଼େ ଢଳୁଛନ୍ତି ବିଜେଡି ବିଦ୍ରୋହୀ

କୁଜଙ୍ଗ,୧୯।୪
(ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ବିରୋଧ କରୁଥିବା ବିଜେଡି ଅସନ୍ତୁଷ୍ଟ କର୍ମୀମାନେ ଭାଜପା ମୁହାଁ ହୋଇଥିବା ଚର୍ଚ୍ଚା ହେଉଛି। ବିଦ୍ରୋହୀ ଶିବିର ନେତୃତ୍ୱ ନେଉଥିବା ନେତୃମଣ୍ଡଳୀମାନେ ଦଳୀୟ ଶୃଙ୍ଖଳା ଆଳରେ ନୀରବ ରହୁଥିବାବେଳେ ସମର୍ଥକମାନଙ୍କୁ ପ୍ରଚ୍ଛଦପଟରେ ଇଙ୍ଗିତ ଦେଇ ଭାଜପା ଶିବିରକୁ ପଠାଇ ଦେଉଥିବା କୁହାଯାଉଛି।

ଏହିକ୍ରମରେ ଅଗପାଳ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଭାଜପାରେ ଯୋଗ ଦେଇଥିବାବେଳେ ଗୋଟିଏ ଦିନ ପୂର୍ବରୁ ଭୁତମୁଣ୍ଡାଇ ପଞ୍ଚାୟତର ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ଦୁଇ ପଞ୍ଚାୟତରେ ବିଜେଡିର ସରପଞ୍ଚ ଥିଲେ ସୁଦ୍ଧା ସେମାନେ ବିଧାୟକ ବିରୋଧୀ ଭୂମିକାରେ ଖୁଲମଖୁଲା ଅବତୀର୍ଣ୍ଣ ହୋଇଛନ୍ତି। ଏ ସମ୍ପର୍କରେ ବିଦ୍ରୋହୀ ଶିବିରର ନେତୃମଣ୍ଡଳୀଙ୍କୁ ଯୋଗାଯୋଗ କରିବାରେ ସେମାନେ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ବଂଶବାଦ ରାଜନୀତିକୁ ହଟାଇବାକୁ ହେଲେ ସାଧାରଣ ଲୋକଙ୍କୁ ଅନ୍ୟ ଶିବିରକୁ ପଠାଇବା ଛଡା ଅନ୍ୟ କୌଣସି ଉପାୟ ନାହିଁ।

ଏ ସମ୍ପର୍କରେ ଜଣେ ପୂର୍ବତନ ସରପଞ୍ଚ ନାମ ଗୋପନ ରଖି କହିଛନ୍ତି, ବିଧାୟକଙ୍କ ବିରୋଧୀମାନେ ବିଜେଡିରେ ରହି ନୀରବ ରହିବେ ନା ଦଳ ଛାଡି ଅନ୍ୟ ରାଜନୈତିକ ଦଳରେ ଯୋଗଦେବେ ସେନେଇ ଆଗାମୀ ୨ ଦିନ ମଧ୍ୟରେ ନିଷ୍ପତ୍ତି ନିଆଯିବ। ଏଭଳିସ୍ଥିତିରେ ବିଜେଡିରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ଆଗକୁ କେଉଁ ରୂପ ନେଉଛି ତାହା ଦେଖିବାକୁ ବାକି ରହିଲା।


Metso
**METSO OUTOTEC INDIA Pvt. Ltd.**
www.metso.com
**WALK IN INTERVIEWS**
on Friday, 26th April, 2024 (9-5 PM)
at Hotel Park Prime, Near Morabadi Maidan
Lane No 4, Anandgram, Ranchi
Need Go - Getters to work in a Multinational Company which is World leader in Aggregates & Mining Industry.
**Requirement**
SITE ENGINEER – OPERATIONS & MAINTENANCE, AGGREGATES
No of Position - 20
**Job Profile** To take care of Operation & Maintenance of Metso Outotec crushing & screening equipment anywhere in India
**Experience** Minimum 2+Years of Experience on operation and Maintenance of Crushing & Screening equipment
**Education** Diploma/B.tech in Mechanical/Electrical
**Compensation** Best in the industry with attractive site allowances and other benefits
Looking forward to meet you during the Walk in interview day
For any queries, please call on 09667214442
or email at : kapil.sharma@metso.com



**REQUIREMENT**
For a Construction Site
(Experienced Only)
• Site Engineer
• Site Supervisor
• Data Entry Operator
Ph - 7873907777
sitekhorda@gmail.com


## ଭକ୍ତ ଅନ୍ତର୍ଯ୍ୟାମୀଙ୍କ ସ୍ମୃତିଚାରଣ ସଭା

ରାଜନଗର, ୧୯।୪(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଜଗଦ୍‌ଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ରାଜନଗର ଆଞ୍ଚଳିକ ଭକ୍ତଗୋଷ୍ଠୀ ଆଶ୍ରମ ପରିସରରେ ପୂର୍ବତନ ସମ୍ପାଦକ ଅନ୍ତର୍ଯ୍ୟାମୀ ପରିଡାଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସେବକ ଅଭୟ ବାବାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାକୁ ସ୍ମୃତିଚାରଣ କମିଟି ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ପଣ୍ଡିତ ଶଙ୍କର୍ଷଣ ମିଶ୍ର ବେଦପାଠ ଓ ଗୀତାପାଠ କରିଥିଲେ। ଏହି ସଭାରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବ ରାଜନଗର ଆଞ୍ଚଳିକ ଶାଖା ସଂଘର ସଭାପତି ବିଜୟ କୁମାର ଜେନା, ସାମାଜିକ କର୍ମୀ କୃପାସିନ୍ଧୁ ସାମଲ, ଦୁଃଶାସନ ନାୟକ, ନାରାୟଣ ସାମଲ, କୈଳାସ ସାମଲ, ମଧୁସୂଦନ ପ୍ରଧାନ, ବସନ୍ତ କୁମାର ରାଉତ, ସର୍ବେଶ୍ୱର ରାଉତ, ରବି ନାରାୟଣ ଲେଙ୍କା, ନିରଞ୍ଜନ ମହାରଣା, ପାରେଶ୍ୱର ଜେନା, ମହେଶ୍ୱର ରାଉତ, ଶରତ ଚନ୍ଦ୍ର ସାହୁ, ମଥୁରାନନ୍ଦ ମଳିକ, ହରିହର ମଳିକ, ରଞ୍ଜନ କୁମାର ମଳିକ, ବିଷ୍ଣୁଚରଣ ସାହାଣୀ, ତରଣିସେନ ରାଉତ ପ୍ରମୁଖ ଯୋଗଦେଇ ଅନ୍ତର୍ଯ୍ୟାମୀଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାଖା ସଂଘର ସଭାପତି ଦିବାକର ପରିଡ଼ା, ଗୋଲେଖ ବିହାରୀ ରାଉତ, ଯାମିନୀକାନ୍ତ ସାହୁ, ପରିକ୍ଷିତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।


**STATE SELECTION BOARD**
**DEPARTMENT OF HIGHER EDUCATION**
**GOVT. OF ODISHA**
**BHUBANESWAR -09**
Web-site: - www.ssbodisha.ac.in / E-mail: - ssbdeptofhe@gmail.com
No. SSB (EX) 01 / 2024 -56/ SSB, Dated 19.04.2024
**NOTICE**
No.:N-2: It is for information of all applicants who have registered themselves for recruitment against different posts pursuant to Advertisement No.s 02/03/04 and 05/2024 of the State Selection Board that on verification, huge discrepancy has been found between the number of candidates registered and number of candidates who have made successful payment against the post applied for. This has been due to deposit of the application fee against a different post or through a wrong Challan or through a wrong ID. As a result, the applicants have not been able to download their application forms.
Hence, with a view to giving an opportunity to those applicants, the State Selection Board shall open the **"Payment Related Query Portal"** from 23.04.2024 to 26.04.2024, so that applicants can correct their mistakes so committed. On successful reconciliation of the data to be provided by the applicants in the portal, the applicants will be able to download their application form from 01.05.2024 to 04.05.2024.
No further opportunity in this regard will be granted after this timeline.
OIPR-11015/11/0002/2425 Sd./-Secretary, SSB



**National Entrance Screening Test (NEST) 2024**
Admission to 5-year Integrated MSc Programmes in Biology, Chemistry, Mathematics, and Physics at NISER (Bhubaneswar) and UM-DAE CEBS (Mumbai)
(Autonomous institutions under the Department of Atomic Energy, Government of India)
The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER), Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2024 will be conducted in over 120 towns and cities all over India on **June 30, 2024 (Sunday).**
**The candidates admitted to the programme are eligible to receive an annual scholarship of Rs 60,000 through DISHA program of Department of Atomic Energy, Government of India. In addition, the scholarship recipients receive a grant of Rs.20,000 per annum for summer internship. Candidates selected by DST for the INSPIRE-SHE program are endorsed for INSPIRE scholarship by NISER and CEBS.**
For detailed information on NEST 2024 application procedure and previous years' question papers please visit NEST 2024 website: **www.nestexam.in**
**Application:**
Through ONLINE portal ONLY.
Visit **www.nestexam.in** to apply.
Online portal is open and accepting registration & closes on May 31, 2024
**Examination:**
ONLINE/computer based ONLY.
Date of examination: June 30, 2024 (Sunday)
Time: 9:00 AM - 12:30 PM (1st session)
2:30 PM - 6:00 PM (2nd session)
**Results announcement : July 10, 2024**
**Address for correspondence :**
**The Chief Coordinator, NEST 2024**
NISER Bhubaneswar,
P.O.: Jatni, Dist: Khurda,
Odisha - 752050, India
E-mail: **nest-exam@niser.ac.in**
Website: **www.nestexam.in**
**Fees structure and mode of payment :**
Male (General and OBC categories): **Rs.1400/-**
Male (SC and ST categories) : **Rs.700/-**
Female (all categories): **Rs.700/-**
Divyangjan candidates: **Rs.700/-**
Pay ONLY via Net banking/ Credit card/ Debit card/ UPI



**JAN SHIKSHAN SANSTHAN, CUTTACK, ODISHA**
**(Sponsored by MSDE, Govt. of India)**
Skill India
**NOTIFICATION FOR VACANCY**
The Jan Shikshan Sansthan, Cuttack invites application for the following posts:

| Sl. No. | Name of the Post | No. of Vacancy | Age | Qualification | Salary | Experience |
|---|---|---|---|---|---|---|
| 01 | Field Assistant-cum- Clerk | 01 | 21 yrs.- 40 yrs. | Intermediate Pass & Higher qualification preferable | 12000/- | 2 yrs. experience in skill development or any other related field experience |
| 02 | Driver-cum-Attendant | 01 | 25 yrs. - 40 yrs. | 10th Pass | 10000/- | 3 yrs. working experience in driving of 4 wheelers |

It is purely on contract basis for 3 yrs. Only shortlisted candidates will call for interview. Send CV with desired documents through email: jsscuttack1985@gmail.com or Speed Post addressing to the Director, Jan Shikshan Sansthan, Plot No.841/521 (P), Sector-8, CDA, Cuttack- 753014. Apply within 15 days of publication of the advertisement.
Sd./- DIRECTOR

# ମୁଗଚାଷ ସ୍ଥିତି ପରଖିଲେ କୃଷି ଅଧିକାରୀ

**ରସୁଲପୁର,୧୯।୪(ରଞ୍ଜିତ ରାଉତ)**

ଡାଲି ଜାତୀୟ ଫସଲକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଏହି କ୍ରମରେ ରସୁଲପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ହୋଇଥିବା ମୁଗ ଚାଷରେ କେତେଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହେବାପରେ ଏହାର ତଦନ୍ତ କରାଯାଇଛି। ଜିଲା କୃଷି ନିର୍ଦ୍ଦେଶାଳୟ ଧର୍ମଶାଳା ଜୋନର ଅତିରିକ୍ତ ଜିଲା କୃଷି ଅଧିକାରୀ ରାଜଶ୍ରୀ ବେହେରା, ରସୁଲପୁର ବ୍ଲକ କୃଷି ଅଧିକାରୀ ବିଶ୍ୱଜୟୀ ମିଶ୍ର, ସହକାରୀ କୃଷି ଅଧିକାରୀ ଅରଜିତ ଉପାଧ୍ୟାୟ ପ୍ରମୁଖ ଅର୍ଥଗାଁ, ମୁଗୁପାଳ ଓ ଭୋଟକା ଆଦି ପଞ୍ଚାୟତର ମୁଗ କ୍ଷେତ ବୁଲି ସ୍ଥିତି ପରଖିଛନ୍ତି। କେତେକ ସ୍ଥାନରେ ଚାଷୀଙ୍କ ଅଭିଯୋଗରେ ସତ୍ୟାସତ୍ୟ ରହିଥିବା ଜଣାପଡ଼ିଛି। ଏହି ବିହନକୁ ସଅଳ ବ୍ୟବହାର କରି ଚାଷୀ ଲାଭବାନ ହୋଇଥିବାବେଳେ ପଛୁଆ ଚାଷ କରି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ କାରଣ ଖୋଜିବାରୁ ପରିବର୍ତ୍ତିତ ପାଣିପାଗ ଓ ଅଦିନିଆ ବର୍ଷା ପାଇଁ ଏଭଳି ହୋଇଥାଇ ପାରେ ବୋଲି ଅନୁମାନ ଲଗାଯାଉଛି। କୃଷି


କୃଷି ଅଧିକାରୀମାନେ ମୁଗଚାଷ ସ୍ଥିତି ପରଖୁଛନ୍ତି।

ଅଧିକାରୀମାନେ କ୍ଷେତରୁ ନମୁନା ସଂଗ୍ରହ କରିଛନ୍ତି। ତାହାକୁ ପରୀକ୍ଷା କରାଯିବା ପରେ ମୁଗ ଗଛରେ ଫୁଲଫଳ ନ ଆସିବା କାରଣ ଜଣାପଡ଼ିବ ବୋଲି କହିଛନ୍ତି।

ସୂଚନା ମୁତାବକ, ଏଠାରେ ଉନ୍ନତ କିସମର ସରକାରୀ ସ୍ୱୀକୃତିପ୍ରାପ୍ତ ମୁଗବିହନ 'ଶିଖା' ପ୍ରଦାନ କରାଯାଇଥିଲା। ଚାଷୀଙ୍କୁ ଅଣ ସରକାରୀ ସଂଗଠନ ଜରିଆରେ ଏହା ଦିଆଯାଇଥିଲା।

**କେତେଜଣ ଚାଷୀ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ**

ବୈଜ୍ଞାନିକ ପଦ୍ଧତିରେ ମୁଗଚାଷ କରି ଲାଭବାନ ହେବା ପାଇଁ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିହନ ସହ କୀଟନାଶକ ଓ ଅଣୁସାର ମଧ୍ୟ ଯୋଗା ଯାଇଥିଲା। ଉନ୍ନତ କିସମର ବିହନ ଶିଖାକୁ ବ୍ୟବହାରକରି କେତେଜଣ ଚାଷୀ ଲାଭବାନ ହୋଇଥିବା ବେଳେ ଆଉ କେତେକ ସ୍ଥାନରେ ମୁଗ ଚାଷରେ ଫୁଲଫଳ ହୋଇ ନ ଥିଲା। ଗଛଗୁଡ଼ିକ ଘଞ୍ଚ ହୋଇ ବଢ଼ିଥିଲା । ମାତ୍ର ଫଳ ଆସି ନ ଥିଲା। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ନୈରାଶ୍ୟ ମନୋଭାବ ସୃଷ୍ଟି ହୋଇଥିଲା। କ୍ଷତିଗ୍ରସ୍ତ ଚାଷୀମାନେ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ୟୁପିଏସ୍‌ସି ପରୀକ୍ଷାରେ ପଦ୍ମନାଭଙ୍କ ସଫଳତା

**ସିଂହପୁର,୧୯।୪(ଅନଙ୍ଗ ଉଦୟ ବେଉରିଆ)**

କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି)-୨୦୨୩ ପରୀକ୍ଷା ଫଳପ୍ରକାଶ ପାଇଛି। ଏଥିରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ପଦ୍ମନାଭ ମିଶ୍ର ସଫଳତା ହାସଲ କରିଛନ୍ତି। ସେ ଏହି ପରୀକ୍ଷାରେ ୧୭୬ ର୍‍ୟାଙ୍କରେ ରହିଛନ୍ତି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସେବାନିବୃତ୍ତ କର୍ମଚାରୀ ତ୍ରିମୋଚନ ମିଶ୍ର ଓ ମିନତି ମିଶ୍ରଙ୍କ ସାନପୁଅ ପଦ୍ମନାଭ ୨ୟ ଥର ପ୍ରଚେଷ୍ଟାରେ କୃତକାର୍ଯ୍ୟ ହୋଇଛନ୍ତି। ରାଉରକେଲା ଛେଣ୍ଡ କଲୋନିରେ ରହିଆସୁଥିବା ପଦ୍ମନାଭ କଠିନ ପରିଶ୍ରମ ଦ୍ୱାରା ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପରେ ରାଉରକେଲା ଓ ତାଙ୍କ ଗ୍ରାମରେ ଖୁସିର ଲହରି ଖେଳିଯାଇଛି।

ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଶିକ୍ଷାବିତ୍ ସତ୍ୟଶେଖର ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୁରୁପ୍ରସାଦ ମିଶ୍ର, ଶିକ୍ଷାବିତ୍ ରମାକାନ୍ତ ସାମଲ, ଗୋଲେଖ ମିଶ୍ର, ବସନ୍ତ କୁମାରୀ ମିଶ୍ର, ଅକ୍ଷୟ ମିଶ୍ର, ଅଧ୍ୟାପକ ମନୋଜ ମିଶ୍ର, ଇଂ. ସୁଶାନ୍ତ ମିଶ୍ର, ବରୁଣେଶ୍ୱର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଡା. ରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ଲୀଳାମ୍ବରୀ ମିଶ୍ର, ଅଧ୍ୟାପକ ପ୍ରତାପ ବେହେରା, ପ୍ରମୋଦ ମିଶ୍ର, ବିନୟ କୁମାର ମିଶ୍ର, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା ଓ ଅବସରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ଗୁରୁ ପ୍ରମୁଖ ପଦ୍ମନାଭଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଜେନାପୁର,୧୯।୪(ଅଶୋକ ଦାସ)**

ଜେନାପୁର ଥାନା ଅଧୀନ ବାଲିସାହି ଛକଠାରେ ଥିବା ଏକ ଘରେ ଜଣେ ମହିଳାଙ୍କ ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଗୋଡ଼ିପାଟିଆ ଗ୍ରାମର ଅଞ୍ଜନା ରାଉତ ଓରଫ୍ ଡଲି(୪୨)। ସେ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ବାଲିସାହି ଛକରେ ଥିବା ଏକ ଘରର ଦୁଇ ମହଲାରେ ଏକ ଘର ଭଡ଼ା ନେଇ ଟେଲର କାର୍ଯ୍ୟ କରୁଥିଲେ। ଶୁକ୍ରବାର ଅପରାହ୍ନରେ ସେହି ଘରେ ଡଲି ବେକରେ କପଡ଼ା ବାନ୍ଧି ପଙ୍ଖାରେ ଝୁଲୁଥିବା ନଣ୍ଡା ନାମକ ମିସ୍ତ୍ରୀ ଦେଖିବାକୁ ପାଇଥିଲେ। ଫଳରେ ସଙ୍ଗେସଙ୍ଗେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ନେଇ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ଅଞ୍ଜନାଙ୍କ କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ।

### ବଜରଙ୍ଗ ଦଳର ଶୋଭାଯାତ୍ରା

**ଝୁମ୍ପୁରୀ,୧୯।୪(ସରୋଜ ନାୟକ)**

ଶ୍ରୀରାମ ନବମୀ ଅବସରରେ ଦଶରଥପୁର ପ୍ରଖଣ୍ଡ ବଜରଙ୍ଗ ଦଳ ତରଫରୁ ଶୁକ୍ରବାର ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ବ୍ଲକ୍‌ର ଈଶ୍ୱରପୁରଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଦଶରଥପୁର ପଞ୍ଚାୟତର ଜୟନ୍ତରା, ତରପଦା ସହ କସପା ପଞ୍ଚାୟତ ପରିକ୍ରମା କରି ପଲ୍ଲାସାହିଠାରେ ସମାପନ ହୋଇଛି। ବଜରଙ୍ଗ ଦଳର ବ୍ଲକ୍ ପ୍ରମୁଖ ପ୍ରଭୁଦେବ ପଣ୍ଡା, ବ୍ଲକ୍ ସୁରକ୍ଷା ପ୍ରମୁଖ ଅଜିତ ନାୟକ, ସୌରଭ ଦାସ, ସୁବ୍ରତ ପାଣିଗ୍ରାହୀ ଓ କୈଳାସ ବାରିକ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ୨ ହଜାରରୁ ଊର୍ଦ୍ଧ୍ୱ ବାଇକ୍‌ରେ ବଜରଙ୍ଗ ଦଳର କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ଜୟ ଶ୍ରୀରାମ ନାରା ଦେଇ ପରିକ୍ରମା କରିଥିଲେ। ଶୋଭାଯାତ୍ରା ଖୁବ୍ ଚିତ୍ତାକର୍ଷକ ହୋଇଥିଲା। ବିଭିନ୍ନ ଶାଖା ତରଫରୁ ଶୋଭାଯାତ୍ରାରେ ସାମିଲ କର୍ମୀମାନଙ୍କୁ ବାଟରେ ଜଳ ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାକୁ ନେଇ ଚର୍ଚ୍ଚା ଲାଗିରହିଛି। ଭାଜପାର କେତେଜଣ ଛାମୁଆ କାର୍ଯ୍ୟକର୍ତ୍ତା ପରଦା ଆଢୁଆଳରେ ରହି ଶୋଭାଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ବୋଲି କୁହାଯାଉଛି।

### ମାଙ୍କଡ଼ ଆକ୍ରମଣରେ ବୃଦ୍ଧ ଗୁରୁତର

**ପଟ୍ଟାମୁଣ୍ଡାଇ,୧୯।୪(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ମାଙ୍କଡ଼ ଉପଦ୍ରବ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ମାଙ୍କଡ଼ମାନେ ଦଳ ଦଳ ହୋଇ ଆସି ବିଲ ବାଡ଼ି ବଗିଚାରେ ଥିବା ଫସଲ ନଷ୍ଟ କରିବା ସହ ବିଭିନ୍ନ ଚାଳ ଛପର ଘରର ମଧ୍ୟ କ୍ଷତି ଘଟାଉଛନ୍ତି। ଏପରିକି ମାଙ୍କଡ଼ ଆକ୍ରମଣର ଶିକାର ହୋଇ ବହୁ ଲୋକ ଆହତ ହେଉଛନ୍ତି। ଶୁକ୍ରବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମର ପ୍ରଭାତ ବେହେରା ନାମକ ବୃଦ୍ଧ ପଟ୍ଟାମୁଣ୍ଡାଇ ବଜାର ଆସିବା ବାଟରେ ଏକ କେନାଲ ନିକଟରେ ପାତି ମାଙ୍କଡ଼ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପେଟ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ରାଜନଗର ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଭିତ୍ତିହୀନ: ପରିଚାଳନା କମିଟି


ଖବରଦାତା ସମ୍ମିଳନୀରେ ଉପସ୍ଥିତ ସରପଞ୍ଚ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଭ୍ୟମାନେ।

**ଧର୍ମଶାଳା,୧୯।୪(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଥାନୁଆଳ ପଞ୍ଚାୟତ ମୁରାରୀପୁରସ୍ଥିତ ଗୋପାଳଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ ପ୍ରଧାନ ଶିକ୍ଷକଙ୍କ ରମେଶଚନ୍ଦ୍ର ସେଠୀଙ୍କ ବିରୋଧରେ ଆଣିଥିବା ଅଭିଯୋଗ ଭିତ୍ତିହୀନ ବୋଲି ସ୍କୁଲ୍ ପରିଚାଳନା କମିଟି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି।

ସ୍କୁଲକୁ ବଦନାମ କରିବାକୁ ଶିକ୍ଷୟିତ୍ରୀ ଜଣକ ଉଦ୍ୟମ କରିଥିବା ସ୍ଥାନୀୟ ସରପଞ୍ଚ, ପରିଚାଳନା କମିଟି ସଭାପତି ଓ ସଭ୍ୟମାନେ ଅଭିଯୋଗ କରିଛନ୍ତି। ଥାନୁଆଳ ପଞ୍ଚାୟତ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସରପଞ୍ଚ ନର୍ମଦା ସ୍ୱାଇଁ, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରବୋଧ ଜେନା ଓ ସଭ୍ୟମାନେ ଯୋଗଦେଇ କହିଛନ୍ତି, ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ଅବହେଳା ପ୍ରଦର୍ଶନ କରିଥିଲେ। ଏଭଳି ତ୍ରୁଟି ସୁଧାରିବା ପାଇଁ ପ୍ରଧାନଶିକ୍ଷକ ତାଙ୍କୁ ପରାମର୍ଶ ଦେବା ସହ ଏସମ୍ପର୍କରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକଙ୍କ ବିରୋଧରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ତାଙ୍କୁ ନିର୍ଯାତନା ଦେଉଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଶିକ୍ଷୟିତ୍ରୀଙ୍କ ଏହି ଅଭିଯୋଗ ଉପରେ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଆଲୋଚନାରେ ପରେ ଏହା ଭିତ୍ତିହୀନ ବୋଲି ସେମାନେ ଜାଣିବାକୁ ପାଇଥିବା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୋ ସ୍କୁଲ ଅଭିଯାନ ସଭାପତି ପ୍ରସନ୍ନ କୁମାର ରାଉତ ଓ ପୁରାତନ ଛାତ୍ର ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଚାର ଆରମ୍ଭ କଲେ ଆରତୀ

**ବରୀ,୧୯।୪(ମହେନ୍ଦ୍ର ସ୍ୱାଇଁ)**

ବରୀ ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥିନୀ ଆରତୀ ଦେଓ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଆରତୀ ଶୁକ୍ରବାର ନିର୍ବାଚନମଣ୍ଡଳୀ ଅଧୀନ ଗୋଲକୁଣ୍ଡ ମା'ବଟମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଜାତୀୟ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଧରି ସେ ଗୋଲକୁଣ୍ଡ, ବାଲିଆ, ଚନ୍ଦନପୁର, ରତ୍ନଗିରି ଓ ଅଜାଣ ଅଞ୍ଚଳକୁ ଯାଇ ଲୋକଙ୍କୁ ବୁଝାଇବା ସହ ଭୋଟ୍ ଭିକ୍ଷା କରିଛନ୍ତି। ଅନ୍ୟପକ୍ଷରେ ଶାସକ ବିଜେଡି ଓ ଭାଜପାର ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ ସେମାନଙ୍କ କର୍ମୀମାନେ ନିରବତା ଅବଲମ୍ବନ କରିଥିବା ଦେଖିବାକୁ ମିଳିଛି।

# ଦିବ୍ୟାଙ୍ଗ ପରିବାରର ୨ ବଖରା ଜଳିଗଲା


ଜଳିଯାଇଥିବା ଦିବ୍ୟାଙ୍ଗଙ୍କ ଘର।

**ରସୁଲପୁର,୧୯।୪(ରଞ୍ଜିତ ରାଉତ)**

ରସୁଲପୁର ତହସିଲ ଅନ୍ତର୍ଗତ ଗନ୍ଧଣ ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ଦିବ୍ୟାଙ୍ଗ ପରିବାରର ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ବିପନ୍ନ ହେଲେ ଗ୍ରାମର ନାରାୟଣ ସାହୁଙ୍କ ପୁଅ ବୀରବର। ସ୍ଥାନୀୟ ଲୋକେ ଓ ରସୁଲପୁର ଅଗ୍ନିଶମ ବାହିନୀର ମିଳିତ ସହଯୋଗରେ ନିଆଁକୁ ଆୟତ କରାଯାଇଛି। ଖବର ପାଇ ମଧୁବନ ରାଜସ୍ୱ ନିରୀକ୍ଷକ ପହଞ୍ଚି ଘଟଣାର ଯାଞ୍ଚ କରିଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ବିପନ୍ନ ପରିବାରକୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧର୍ମଶାଳା କଂଗ୍ରେସର ନିର୍ବାଚନୀ ପ୍ରଚାର, ମିଶ୍ରଣ ପର୍ବ

**ଧର୍ମଶାଳା,୧୯।୪(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ କିଷାନ ପଣ୍ଡା କର୍ମୀଙ୍କ ଗହଣରେ ଶୁକ୍ରବାର ପାଟପୁର ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ କଂଗ୍ରେସ ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରିବା ସହ ଭୋଟ ଭିକ୍ଷା କରିଛନ୍ତି। ଏହି ଅବସରରେ ପାଟପୁର ପଞ୍ଚାୟତର ନାଏବ ସରପଞ୍ଚ ସୁରେନ୍ଦ୍ର ଦାସ, ପୂର୍ବତନ ନାଏବ ସରପଞ୍ଚ ନିରଞ୍ଜନ ମଲିକ, ପୂର୍ଣ୍ଣଚନ୍ଦ୍ର ମଲିକ, ରାଜେନ୍ଦ୍ର କୁମାର ମଲିକ, ସୁକାନ୍ତ କୁମାର ମଲିକ, ଚକ୍ରଧର ମଲିକ, ଦୀପକ ମଲିକ, ପପୁନା ମଲିକ ଓ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ସେମାନଙ୍କୁ ପଣ୍ଡା ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ପ୍ରାର୍ଥୀ ପଣ୍ଡାଙ୍କ ସହିତ କୃଷକ ନେତା ବସନ୍ତ ପରିଡ଼ା ଓ ପ୍ରଫୁଲ୍ଲ କୁମାର ରାୟ ପ୍ରମୁଖ ବହୁ କର୍ମୀ ପ୍ରଚାରରେ ସାମିଲ ହୋଇଥିଲେ।

# ବୁଥ୍ ସଭାପତିସ୍ତରୀୟ ନିର୍ବାଚନୀ ବୈଠକ


ବୈଠକରେ ଉପସ୍ଥିତ ବୁଥ୍‌ସ୍ତରୀୟ ସଭାପତିମାନେ।

**ଧର୍ମଶାଳା,୧୯।୪(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଶୁକ୍ରବାର ଧର୍ମଶାଳା ନିର୍ବାଚନମଣ୍ଡଳୀ ମହିଳା ବିଜେଡି ପକ୍ଷରୁ ବୁଥସ୍ତରୀୟ ସଭାପତିମାନଙ୍କୁ ନେଇ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛଶାସନ ଓ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ମହିଳାମାନେ ଆଗକୁ ଆସି କାର୍ଯ୍ୟକରିବା ସହ ନବୀନ ସରକାର ନାରୀମାନଙ୍କୁ ଦେଇଥିବା ଅଧିକାର ସମ୍ପର୍କରେ ବିଧାୟକ ଆଲୋକପାତ କରିଛନ୍ତି। ବୈଠକରେ ନିର୍ବାଚନମଣ୍ଡଳୀର ସମସ୍ତ ୨୬୪ ବୁଥର ମହିଳା ସଭାନେତ୍ରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ନିର୍ବାଚନମଣ୍ଡଳୀ ବିଜେଡି ମହିଳା ସଭାନେତ୍ରୀ ରେଣୁବାଳା ଶତପଥୀ ନାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ଅଧିକାର ସମ୍ପର୍କରେ ଅବଗତ କରିବା ସହ ବିଜେଡି ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ।

# ୪ ଦିନ ହେଲା ବିଭିନ୍ନ ସ୍ଥାନରେ ଲାଗୁଛି ନିଆଁ

**ଚଣ୍ଡିଖୋଲ,୧୯।୪(ପ୍ରଦୀପ୍ତ କୁମାର ପୃଷ୍ଟି)**

ବଡ଼ଚଣା ବ୍ଲକ କୁନ୍ଦଳ ପଞ୍ଚାୟତ ଅଧୀନ ଦାଣ୍ଡ ହରିପୁର ଗ୍ରାମରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି। ୪ଦିନ ହେବ ଗ୍ରାମର ବିଭିନ୍ନ ସ୍ଥାନରେ ନିଆଁ ଲାଗୁଛି। ଫଳରେ କେଉଁଠି ଘର ପୋଡ଼ିଯାଉଛି ତ ଆଉ କେଉଁଠି ଛଣଗଦା ନିଆଁ ଲାଗି ଜଳିଯାଉଛି। ଆଉ କେଉଁଠି ଦୋକାନ ପୋଡ଼ିଯାଉଛି। ଏଭଳି ଘଟଣାକୁ ନେଇ ଗ୍ରାମବାସୀ ବିଭିନ୍ନ ପ୍ରକାର ସନ୍ଦେହ ପ୍ରକାଶ କରିଛନ୍ତି। ରାତି

**ଗ୍ରାମରେ ଭୟର ବାତାବରଣ**

ସାରା ଉଜାଗର ରହି ଗ୍ରାମ ଜଗୁଛନ୍ତି। ପ୍ରଥମେ ଗ୍ରାମର ବାବାଜୀ ସାମଲଙ୍କ ଦୋକାନ କ୍ୟାବିନରେ ନିଆଁ ଲାଗିଥିଲା। ଏହା ପରଦିନ ହଳଧର ସାମଲଙ୍କ ଘର ଓ ଛଣ ଗଦାରେ ନିଆଁ ଲାଗିଥିଲା। ସେହିପରି ଜଗବନ୍ଧୁ ସାମଲଙ୍କ ଦୋକାନ ଘରେ ନିଆଁ ଲାଗି ଯାଇଥିଲା। ପରେ ବିଦ୍ୟାଳୟ ନିକଟରେ ଥିବା ଛଣ ଗଦା ଓ ଧାନ ଗଦାରେ ନିଆଁ ଲାଗି ଜଳିଯାଇଥିଲା। ଗୁରୁବାର ଜଗମୋହନ ସାମଲଙ୍କ ଛଣ ଗଦାରେ ନିଆଁ ଲାଗି ଜଳିଯାଇଥିଲା। ପ୍ରତ୍ୟେକ ଦିନ ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇପଡୁଛି। ନିଆଁ ଲାଗିବାର କାରଣ ଜଣା ପଡୁ ନ ଥିଲେ ମଧ୍ୟ କେତେଜଣ ଗ୍ରାମବାସୀ ଦୈବୀଶକ୍ତି କହୁଥିଲାବେଳେ ଆଉ କେତେଜଣ ପ୍ରବଳଗ୍ରୀଷ୍ମ ପ୍ରବାହ ଯୋଗୁ ଏଭଳି ଘଟିଥାଏ ପାରେ ବୋଲି ପ୍ରକାଶ କରିଛନ୍ତି।

# ନବ ଉତ୍କଳ ମହିଳା ସମିତି ପକ୍ଷରୁ ଜଳଛତ୍ର


ଅତିଥି ଜଳଛତ୍ର ଉଦ୍‌ଘାଟନ କରୁଛନ୍ତି।

**ଯାଜପୁରରୋଡ୍,୧୯।୪(ପବିତ୍ର ରଞ୍ଜନ ମହାନ୍ତି)**

ବ୍ୟାସନଗର ସହରର ମୁଖ୍ୟ ସ୍ଥାନଭାବେ ପରିଚିତ ପୌର ପରିଷଦ କାର୍ଯ୍ୟାଳୟ ଓ ବ୍ୟାସନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ନବଉତ୍କଳ ମହିଳା ସମିତି ପକ୍ଷରୁ ଏକ ଜଳଛତ୍ର ଖୋଲାଯାଇଛି। ଏହାକୁ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଓ ତହସିଲର ବରିଷ୍ଠ କିରାଣି ସୁକାନ୍ତ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦେଇଥିଲେ। ଏହି ୨ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇଦେବା ଉଦ୍ଦେଶ୍ୟରେ ଜଳଛତ୍ର ଖୋଲା ଯାଇଥିବା ସମିତି ସମ୍ପାଦିକା ଜୟନ୍ତୀ ଜେନା କହିଛନ୍ତି। ଗ୍ରୀଷ୍ମ ପ୍ରବାହ ଥିବା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଜାରି ରହିବ ବୋଲି ସମିତି ସଭାନେତ୍ରୀ ଅମୂଲୀ ପହି କହିଛନ୍ତି। ମମତା ବର୍ଦ୍ଧନ, ଯେମାମଣି କଅଁର, ପ୍ରଭାତୀ ଲେଙ୍କା, ସ୍ୱପ୍ନାରାଣୀ ସିଂ, ସୁନିତା ଦାସ, ଜଞ୍ଜାଳି ମଲ୍ଲିକ, ସୁଜାତା ମହାନ୍ତି, ଗୀତାରାଣୀ ନାୟକ, ସାମାଜିକ କର୍ମୀ ରତ୍ନାକର ଜେନା ଓ ପରମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବନି କୋରେଇ ସଂଗ୍ରାମ ସମିତି

**ଯାଜପୁରରୋଡ୍,୧୯।୪(ପବିତ୍ର ରଞ୍ଜନ ମହାନ୍ତି)**

କୋରେଇ ସଂଗ୍ରାମ ସମିତି ପକ୍ଷରୁ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ କୋରେଇ ନିର୍ବାଚନମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ଦଳର ପ୍ରାର୍ଥୀଙ୍କ ପ୍ରଚାରରେ ସାମିଲ ନ ହେବା ପାଇଁ ଏକ ଘୋଷଣା ପତ୍ର ଜାରି କରାଯାଇଛି। ଏଥିରେ କୋରେଇ ବୁଥ କମିଟିରେ ଥିବା ୬୪ କାର୍ଯ୍ୟକର୍ତ୍ତା ନିଜ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଏକ ପତ୍ରରେ ପ୍ରକାଶ କରିଛନ୍ତି।

ଆଲୋଚନାଚକ୍ରରେ କୁହାଯାଇଛିଯେ, କୋରେଇ ନିର୍ବାଚନମଣ୍ଡଳୀରେ ୧୫ ବର୍ଷଧରି ବିଭିନ୍ନ ଜନସମସ୍ୟାକୁ ନେଇ ସଂଗ୍ରାମ ସମିତି ଆନ୍ଦୋଳନ କରିଆସୁଥିବାରୁ ରାଜନୈତିକ ଦଳର ଆକ୍ରୋଶର ଶିକାର ହୋଇଛି। ବହୁ କାର୍ଯ୍ୟକର୍ତ୍ତାଙ୍କ ଉପରେ ମିଥ୍ୟା ମକଦ୍ଦମା

**କୋରେଇ ସଂଗ୍ରାମ ସମିତି ପକ୍ଷରୁ ଆଲୋଚନାଚକ୍ର**

ଚାଲୁରହିଛି। ବହୁ ସମୟଧରି ଏଠାରେ ବିଜେଡି, ଭାଜପାର ବିଧାୟକମାନେ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇନାହାନ୍ତି। ରଣପୁରଠାରୁ ମକୁନ୍ଦପୁର, ବନ୍ଦାଳୋ, ଅମୃତିଆ ଦେଇ ମୂଳାପାଳ ପର୍ଯ୍ୟନ୍ତ ଯାଇଥିବା ଆଡିବନ୍ଧ ଠିକ ଭାବେ ନିର୍ମାଣ ନ ହେବା ଦ୍ୱାରା ବନ୍ୟାସମୟରେ ବହୁ ଧନ ଜୀବନ ଓ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। କୋରେଇ ଅଞ୍ଚଳରେ ଜଳସେଚନ ନ ହୋଇପାରି ଶହଶହ ଏକର ଜମି ପଡିଆପଡ଼ିଛି। ଚାଷୀକୁଳ ସର୍ବସ୍ୱାନ୍ତ ହେଉଥିବାବେଳ ବୈତରଣୀ ନଦୀକୂଳରେ ୭ ବାଲି ଘାଟ ବେଆଇନ ଭାବେ ଚାଲିଛି। ନିର୍ବାଚନମଣ୍ଡଳୀରେ ବ୍ଲକଠାରୁ ଆରମ୍ଭ କରି ତହସିଲ ପର୍ଯ୍ୟନ୍ତ



ଆଲୋଚନାଚକ୍ରରେ ଉପସ୍ଥିତ କୋରେଇ ସଂଗ୍ରାମ ସମିତିର କର୍ମକର୍ତ୍ତାମାନେ।

ମାଫିଆ କାର୍ଯ୍ୟାଳୟଗୁଡିକୁ ଦଖଲ କରି ଦୁର୍ନୀତି କରୁଛନ୍ତି। ବ୍ୟାସନଗର ପୌରାଞ୍ଚଳରେ ରହିଥିବା ଜମିଜମା ମାମଲା ଫଇସଲା ନ ହେବା ଦ୍ୱାରା ବିକ୍ରି ଖରିଦ ହୋଇପାରୁ ନାହିଁ। ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ପିଇବା ପାଣି ସମସ୍ୟା ରହିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି ନ ଦେଇ ବାହର ଲୋକଙ୍କୁ ନିଯୁକ୍ତି ଦିଆଯାଇଛି ଓ ବ୍ୟାସନଗର ଅଞ୍ଚଳରେ ବିଭିନ୍ନ ସରକାରୀଦପ୍ତରକୁ ଯାଜପୁରକୁ ଉଠାଇ ନେବାକୁ ପଦକ୍ଷପ ନିଆଯାଉଛି। ସଂଗ୍ରାମ ସମିତି ସଭାପତି ମହାନ୍ତିଙ୍କୁ କଂଗ୍ରେସ କୋରେଇ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଚୟନ କରି ଶେଷରେ ପରିବର୍ତ୍ତନ କରିବା ନେଇ କର୍ମୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

ଏହି ଆଲୋଚନାଚକ୍ରରେ ସଂଗ୍ରାମ ସମିତି ସାଧାରଣ ସମ୍ପାଦକ ଅଭିମନ୍ୟୁ ମିଶ୍ର ବିଭିନ୍ନ ଆନ୍ଦୋଳନ ଓ ଏହାର ସଫଳତା ଉପରେ ଆଲୋକପାତ କରିଥିଲେ। ସମିତି ଉପସଭାପତି ଆଲୋକ ମହାନ୍ତି, ନିତ୍ୟାନନ୍ଦ ମହାଲିକ, ମହେନ୍ଦ୍ର ନାୟକ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, ପ୍ରଫୁଲ ନାୟକ, ରାମଚନ୍ଦ୍ର ଦାଶ, ପଦ୍ମନାଭ ନାୟକ, ପରିକ୍ଷିତ ମଲିକ, ସତ୍ୟାନନ୍ଦ କାଣ୍ଡି, ବିଦ୍ୟାଧର ଜେନା, ବସନ୍ତ ଜେନା, ମହେନ୍ଦ୍ର ମହାପାତ୍ର, ଦିଲୀପ ରଥ, ସୁକାନ୍ତ ରଣା, ଅଜୟ ପଣ୍ଡା, ଅଶୋକ ଜେନା, ବେଣୁଧର ରଣା, ରାଘବ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ମଧୁସୂଦନ ରାଉତ, ଆଲୋକ ଜେନା, ବ୍ରଜକିଶୋର ପଟ୍ଟନାୟକ ଓ ମାଗୁଣି ଓଝା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମାଙ୍କଡ଼ ଆକ୍ରମଣରେ ବୃଦ୍ଧ ଗୁରୁତର

ପଟ୍ଟାମୁଣ୍ଡାଇ,୧୯।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ମାଙ୍କଡ଼ ଉପଦ୍ରବ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ମାଙ୍କଡ଼ମାନେ ଦଳ ଦଳ ହୋଇ ଆସି ବିଲ ବାଡ଼ି ବଗିଚାରେ ଥିବା ଫସଲ ନଷ୍ଟ କରିବା ସହ ବିଭିନ୍ନ ଚାଳ ଛପର ଘରର ମଧ୍ୟ କ୍ଷତି ଘଟାଉଛନ୍ତି। ଏପରିକି ମାଙ୍କଡ଼ ଆକ୍ରମଣର ଶିକାର ହୋଇ ବହୁ ଲୋକ ଆହତ ହେଉଛନ୍ତି। ଶୁକ୍ରବାର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ଷଣ୍ଢପଲ୍ଲୀ ଗ୍ରାମର ପ୍ରଭାତ ବେହେରା ନାମକ ବୃଦ୍ଧ ପଟ୍ଟାମୁଣ୍ଡାଇ ବଜାର ଆସିବା ବାଟରେ ଏକ କେନାଲ ନିକଟରେ ପାଠି ମାଙ୍କଡ଼ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପେଟ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏହି ଘଟଣା ଦେଖି ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ମାଙ୍କଡ଼ କବଳରୁ ବୃଦ୍ଧଙ୍କୁ ଉଦ୍ଧାର କରିବା ସହ ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ବୃଦ୍ଧ ପ୍ରଭାତ ଚିକିତ୍ସାଧୀନ ଅଛନ୍ତି। ଏଥି ପୂର୍ବରୁ ଷଣ୍ଢପଲ୍ଲୀ ଗ୍ରାମରେ ବହୁ ଲୋକ ମାଙ୍କଡ଼ ଆକ୍ରମଣର ଶିକାର ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଓ ରାଜନଗର ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ବିହିତ ପ୍ରତିକାର କରିବାକୁ ସାଧାରଣରେ ଦାବି ହେଉଛି।

# ଛାତ୍ରୀଛାତ୍ରଙ୍କ ଦୁର୍ଦ୍ଦଶାର ହେଉନି ଅନ୍ତ

**ଡେରାବିଶ ଆଦର୍ଶ ବିଦ୍ୟାଳୟ**

- ଟଙ୍କା ଥାଇ ମଧ ଚେୟାର, ବେଞ୍ଚ ମିଳୁନି
- ତଳେ ବସି ପଢୁଛନ୍ତି ପିଲା

ଡେରାବିଶ, ୧୯।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ କୁରୁଜଙ୍ଗାଠାରେ ୨୦୨୨ରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟ ଏବେ ବି ସମସ୍ୟା ଘେରରେ। ଏହି ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ୨୦୨୩ରୁ ବେଞ୍ଚ, ଡେସ୍କ ଓ କାର୍ଯ୍ୟାଳୟ ଉପକରଣ ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ଦିଆଯାଇଥିଲେ ମଧ୍ୟ ଇତିମଧ୍ୟରେ ବର୍ଷାଧିକ କାଳ ଅତିକ୍ରମ କରିସାରିଛି। ମାତ୍ର ଜିଲା ଶିକ୍ଷା ଅଧିକାରୀଙ୍କ ମନମାନି ପାଇଁ ଛାତ୍ରୀଛାତ୍ରମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟୁନି। ଏହି ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ୧୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପିଲାମାନେ ତଳେ ବସି ଅଧ୍ୟୟନ କରୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଜରିଆରେ ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ମାତ୍ର ଏଠାରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟ ଏହି ଅବ୍ୟବସ୍ଥା ପାଇଁ ଜିଲା ପ୍ରଶାସନର ସ୍ଥାଣୁତା ଓ ଜିଲା ଶିକ୍ଷା ଅଧିକାରୀଙ୍କ ମନମାନୀ ନୀତି ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଶିକ୍ଷାବିତ୍ ଶରତ ଚନ୍ଦ୍ର କର କ୍ଷୋଭ ପ୍ରକାଶ କରିଛନ୍ତି। କରଙ୍କ ସୂଚନା ଅନୁଯାୟୀ, ଆର୍ଥିକ ଅନୁଦାନ ଥାଇ ମଧ ଜିଲା ଶିକ୍ଷା ଅଧିକାରୀ ଟେଣ୍ଡର ପ୍ରକ୍ରିୟା ନାମରେ ବର୍ଷାଧିକ କାଳ ସମୟ ନେଇ ସାରିଲେଣି। ଏବେ ବି ଶିକ୍ଷା ଅଧିକାରୀ କେବେ ଏହି ବିଦ୍ୟାଳୟକୁ ବେଞ୍ଚ, ଡେସ୍କ ଯୋଗାଇ ଦିଆଯିବ ସେ ନେଇ କୌଣସି ସ୍ପଷ୍ଟ ଉତ୍ତର ଦେଇନାହାନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ରହିଛି। ତେଣୁ ନିର୍ବାଚନ ପରେ ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଶେଷ କରି ଜୁଲାଇ ମାସ ସୁଦ୍ଧା ସମ୍ପୃକ୍ତ ବିଦ୍ୟାଳୟକୁ ବେଞ୍ଚ, ଡେସ୍କ ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ। ଅପରପକ୍ଷରେ ଏହି ବିଦ୍ୟାଳୟରେ ଅଧକ୍ଷଙ୍କୁ ମିଶାଇ ସମୁଦାୟ ୯ ଜଣ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ସେମାନଙ୍କ ପାଇଁ ଚେୟାର ଟେବୁଲ ଅଭାବ ଥିବାରୁ ଛିଡା ହୋଇ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଏହା ଜିଲା ଶିକ୍ଷା ବିଭାଗର ଦାୟିତ୍ୱହୀନତା ବୋଲି ସାମାଜିକ କର୍ମୀ ହଳଧର ଦାଶ କହିଛନ୍ତି। ଅନ୍ୟପକ୍ଷରେ ଏହି ବିଦ୍ୟାଳୟ ପାଇଁ ୨୦୨୨ରୁ କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଥିବା ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବତା ବିଷୟରେ ବାରମ୍ବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ସମ୍ପୃକ୍ତ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ନବନିର୍ମିତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ତତ୍ପରତା ପ୍ରକାଶ ପାଇଛି। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରେ ଆସନ୍ତା ମେ ଦ୍ୱିତୀୟ ସପ୍ତାହ ସୁଦ୍ଧା ବିଦ୍ୟାଳୟର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ସ୍ତରରେ ଉଦ୍ୟମ କରାଯାଉଛି। ତେବେ ଶିକ୍ଷାବର୍ଷ ଆରମ୍ଭରେ ବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କ ନାମଲେଖା ଚାଲିଥିବା ଅଧକ୍ଷ ପ୍ରିୟବ୍ରତ ସ୍ୱାଇଁ ସୂଚନା ଦେଇଛନ୍ତି।



ବେଞ୍ଚ, ଡେସ୍କ ନ ଥିବାରୁ ପିଲା ତଳେ ବସି ପଢୁଛନ୍ତି।

# ତାଳଚୁଆ ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ।

ରାଜନଗର, ୧୯।୪(ଭାସ୍କର ରାଉତରାୟ)

ବିଜେଡିର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ମିଳିତ ଭାବେ ରାଜନଗରରେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବନ୍ଧୁମିଳନ ନାଁରେ ବିଜେଡି କର୍ମୀ ଓ ଅଂଶୁମାନଙ୍କ ସହ ଦଳରେ ସାମିଲ ହୋଇଥିବା କର୍ମୀ ମିଳିତ ଭାବେ ବୈଠକ କରି କୋଳାଗ୍ରତ ହେବା ସହ ଏକ୍ ହୋଇ ବିଜେଡି ପାଇଁ କାମ କରିବାକୁ ଶପଥ ନେଇଛନ୍ତି।

ରାଜନଗର ବ୍ଲକର ତାଳଚୁଆ ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ପ୍ରାର୍ଥୀ ମହାନ୍ତି ଏବଂ ବିଧାୟକ ପ୍ରାର୍ଥୀ ସାହୁ ଯୋଗଦେଇ ରାଜନଗର ଓ କେନ୍ଦ୍ରାପଡ଼ାର ବିକାଶ ପାଇଁ ଆମେ ଦୁଇଭାଇ ଏକାଠି ହୋଇଛୁ। ଆମେ ସମସ୍ତେ ଏକ୍ ହୋଇ କାମକଲେ ବିଜେଡି ଆଗାମୀ ଦିନରେ ଅଧିକ ଶକ୍ତିଶାଳୀ ହେବ। ଆମେ ସମସ୍ତେ ଏକ୍। ସାମିଲ ହୋଇଥିବା ସମସ୍ତ କର୍ମୀ ଦଳରେ ଉଚିତ ସମ୍ମାନ ପାଇବେ। ସମସ୍ତେ ଏକ୍ ହୋଇ ରାଜନଗରରେ ଇତିହାସ ରଚିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଆମ୍ବା ଅଧକ୍ଷ ଗୋବର୍ଦ୍ଧନ ପ୍ରଧାନ, ମହିଁଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନରହରି ଜେନା, ବିଜେଡି ନେତା ମଦନ ଦେବନାଥ, ତାଳଚୁଆ ପଞ୍ଚାୟତ ସଭାପତି ଅମଳ ପ୍ରଧାନ, ଲକ୍ଷ୍ମୀଧର ବାରିକ, ସପନ ପାତ୍ର, ସୁଧୀର ପାଲ, ରାଖାଲ ପାତ୍ର, ରଘୁବୀର ବେହେରା, ଦେବ ଦୁଲାଲ ମଣ୍ଡଳ, ଦୟାଲ ଗିରି, ଏସ୍‌କେ ଜଲିଲ, ଗୋପାଳ ସାହୁ, ସନ୍ତୋଷ ବାହାରି, ବାପି ବେରା, ସ୍ୱଦେଶ ମଣ୍ଡଳ, ଦଳାଇ ବେରା, ଅବ୍‌ଦୁଲ ଅଲ୍ଲୀ ସାହା, ସପନ ପାତ୍ର, ମିର ମଣ୍ଡଳ, ମାଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାର ପ୍ରତିଭା ପ୍ରସ୍ଫୁଟିତ ହେବାକୁ ବାଟ ଖୋଲିଛି



ଅତିଥିମାନେ ସଙ୍ଗତଜ୍ଞ ପ୍ରେମାନନ୍ଦଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଧନୁର୍ଜୟ ବିଶ୍ୱାଳ ଟ୍ରଷ୍ଟର ପୂଜ୍ୟପୂଜା ସମାରୋହ**

କେନ୍ଦ୍ରାପଡ଼ା, ୧୯।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ବସୁପୁରସ୍ଥ ମା' ବାସନ୍ତୀ ଦୁର୍ଗାପୂଜା ପୀଠରେ ସାମାଜିକ, ସାଂସ୍କୃତିକ ତଥା ସେବା ଅନୁଷ୍ଠାନ ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟର ୧୭ତମ ବାର୍ଷିକ ପୂଜ୍ୟପୂଜା ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଅଜୟ କୁମାର ସାମଲ, ବରିଷ୍ଠ ନେତା ଗଣେଶ୍ୱର ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ଭଗବାନ୍ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଟ୍ରଷ୍ଟ ପକ୍ଷରୁ ଜିଲାର ସ୍ୱାର୍ଥ ଓ ଉନ୍ନୟନ ପକ୍ଷରୁ ହେଉଥିବା କାର୍ଯ୍ୟ ମାନବବାଦୀ ବୋଲି ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, ଏହି ଅନୁଷ୍ଠାନ ଦ୍ୱାରା ସାମାଜିକ ସେବା, ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ବିଜ୍ଞାନ, କ୍ରୀଡ଼ା ଆଦି ବିଭାଗର ପ୍ରତିଭାଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସିଛି। ଏହାଦ୍ୱାରା ଜିଲାର ପ୍ରତିଭା ପ୍ରସ୍ଫୁଟିତ ହେବା ପାଇଁ ବାଟ ଖୋଲିଛି। ଏଥିସହ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଆଦି ସମସ୍ୟାର ସମାଧାନ ଦିଗରେ ବହୁ ପଦକ୍ଷେପ ନେଇଛି। ଏହି ଅବସରରେ କେନ୍ଦ୍ରାପଡ଼ାର ରତ୍ନ ଭାବେ ପୁନର୍ବାସ ଅନୁଷ୍ଠାନ, ବରପୁତ୍ର ଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି, କେନ୍ଦ୍ରାପଡ଼ା ଗୌରବ ସମ୍ମାନପ୍ରାପ୍ତ ଶିକ୍ଷାବିତ୍ ଡ. ନୀଳମଣି ଲେଙ୍କା, କବି ଡ. ଆଲୋକ କୁମାର ରାୟ, ଗବେଷକ ଡ. ପ୍ରଭାତ ରଞ୍ଜନ ଲେଙ୍କା, କବି ତୁହିନା ମିଶ୍ର, ସାମାଜିକ କର୍ମୀ ଉପମା କୁମାରୀ ବିଶ୍ୱାଳ, ଖବରଦାତା ପରେଶ ଚନ୍ଦ୍ର ଦାସ, ଭରତ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ସୁରେଶ ଚନ୍ଦ୍ର ଦାସଙ୍କୁ ଶିଳ୍ପକଳାରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଗ୍ରାମର ସମସ୍ତ ବିବାହିତା ଝିଅଙ୍କୁ ଏକତ୍ର କରାଯାଇ ଭଉଣୀଚାରାର ଉଦାହରଣ ଦିଆଯାଇଥିଲା। ଏହି ସଭାକୁ ସତ୍ୟବାନ୍ ବିଶ୍ୱାଳ, ଦୀପ୍ତିରଞ୍ଜନ ବିଶ୍ୱାଳ, ଜ୍ୟୋତିର୍ମୟ ଦାସ, ସଞ୍ଜୟ କୁମାର ଜେନା, ବୈଲୋଚନ ବିଶ୍ୱାଳ, ପ୍ରମୋଦ ବିଶ୍ୱାଳ, ଅଶୋକ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ଅସୁରକ୍ଷିତ କମ୍ୟୁନିଟି ସେଣ୍ଟରରେ ଶିଶୁ ପଢୁଛନ୍ତି

**ଅଧାପନ୍ତରିଆ ଇଟାକଣ୍ଡିଆ ଅଙ୍ଗନୱାଡି କେନ୍ଦ୍ର**

ମହାକାଳପଡ଼ା,୧୯।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ୩୧୧ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥି ମଧ୍ୟରୁ କେତେଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଫଳରେ ବାଧହୋଇ କେଉଁ ଯୁବକ ସଂଘ ଗୃହ ହେଉ କି ଗାଁ କମ୍ୟୁନିଟି କେନ୍ଦ୍ର, ମନ୍ଦିର ବାରଣ୍ଡାରେ ଶିଶୁମାନଙ୍କୁ ବସାଇ ପଢ଼ାଉଥିବା ଅଭିଯୋଗ ହେଉଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳୁଛି ମହାକାଳପଡ଼ା ବ୍ଲକ ବଡିଡ଼ି ପଞ୍ଚାୟତର ଇଟାକଣ୍ଡିଆ ଅଙ୍ଗନୱାଡି କେନ୍ଦ୍ର କ୍ଷେତ୍ରରେ। ଏଠାରେ ଗୃହ ନ ଥିବାରୁ ଶିଶୁମାନେ ଗାଁ ମନ୍ଦିର ନିକଟ ଏକ କମ୍ୟୁନିଟି ସେଣ୍ଟରରେ ପଢୁଥିବା ଦେଖିବାକୁ ମିଳିଛି। ଏହି କେନ୍ଦ୍ରର ଗୃହ ଅଧାପନ୍ତରିଆ ଥିବାରୁ ଶିଶୁମାନେ ବାଧ ହୋଇ ଖୋଲାମେଲା ଘରେ ପଢୁଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ବ୍ଲକ ସିଡିପିଓ କବିତା ମଲିକଙ୍କୁ ପଚାରିବାରେ ବ୍ଲକରେ ୩୧୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୭୩ ନୂତନ ଗୃହରେ ପାଠପଢା ଚାଲିଛି। ସେହିପରି ୧୨୫ଟି କେନ୍ଦ୍ରର ଗୃହ ନିର୍ମାଣକାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ କାରଣ ପାଇଁ ୧୩ଟି କେନ୍ଦ୍ରର ଗୃହ ନାହିଁ। ୧୩ଟି କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଅନୁମୋଦନ ଲାଗି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି।



କମ୍ୟୁନିଟି ସେଣ୍ଟରରେ ଶିଶୁମାନେ ପଢୁଛନ୍ତି।

# ମାଇକ୍ ବଜାକୁ ନେଇ ମାରପିଟ

ରାଜନଗର, ୧୯।୪(ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତ ଗୋଖଣୀ ଗ୍ରାମରେ ଶ୍ରୀହନୁମାନଙ୍କ ପୂଜା ସମୟରେ ଅଧିକ ଶବ୍ଦରେ ମାଇକ୍‌ବଜାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଛି। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହି ଗ୍ରାମର ମେନକା ମହାନ୍ତିଙ୍କ ଲିଖିତ ଅଭିଯୋଗ ଅନୁସାରେ, ଶ୍ରୀହନୁମାନ ଜୀଉଙ୍କ ପୂଜାରେ ଅଧିକ ଶବ୍ଦ ଦେଇ ମାଇକ୍ ବଜାଉଥିଲେ। ମୋ ଭାଇ ମାଇକ୍ ସାଉଣ୍ଡ କମାଇବା ପାଇଁ କହିବାରୁ ଅପରେଟର ନଳିନୀ ସ୍ୱାଇଁ ଭାଇ ସହ ଆମ ପରିବାରକୁ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ନଳିନୀଙ୍କ ସମେତ ସୁରେଶ ସ୍ୱାଇଁ, ହରି ସ୍ୱାଇଁ, ସୁର ସ୍ୱାଇଁ, ନିଲୁ ସ୍ୱାଇଁ, କାଙ୍ଗାଳି ସ୍ୱାଇଁ, ବୁଲୁ ନାୟକ ପ୍ରମୁଖ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଆହତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ରାଜନଗର ଥାନାରେ ନଂ.୧୪୧/୨୪ରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷେ ମାଇକ୍ ଅପରେଟର ନଳିନୀ ସ୍ୱାଇଁଙ୍କ ଅଭିଯୋଗ ପ୍ରକାରେ ନଂ.୧୪୩/୨୪ରେ ଅନ୍ୟ ଏକ ମାମଲା ରୁଜୁକରି ଘଟଣାର ଛାନ୍‌ଭିନ୍ କରାଯାଉଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ପାଟକୁରା,୧୯।୪(ରବୀନ୍ଦ୍ର ନାଥ ବାରିକ )

ସାଧାରଣ ନିର୍ବାଚନ ପୂର୍ବରୁ ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ କଂଗ୍ରେସ କାର୍ଯ୍ୟାଳୟ ବନ୍ଦସାହିଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର କଂଗ୍ରେସ ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋଙ୍କ ଦୃଢ଼ ନେତୃତ୍ୱକୁ ଭରସା ଓ ପରିବର୍ତ୍ତନ ସ୍ରୋତରେ ସାମିଲ ହୋଇ ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତର ସାମାଜିକ କର୍ମୀ ଅନନ୍ତ ପ୍ରହରାଜ ଓ ପ୍ରୟାସ ସାହୁଙ୍କ ନେତୃତ୍ୱରେ ସଦାନନ୍ଦ ମଲ୍ଲ, ରାଜକୁମାର ରାଉତ, ଧୀରେନ ସାମଲ, ପ୍ରଭାତ ବାରିକ, ନାରାୟଣ ସାହୁ, ପ୍ରଭାତ ସ୍ୱାଇଁ, ଦେବଦତ୍ତ ମହାନ୍ତି, ପଞ୍ଚାନନ ସ୍ୱାଇଁ, ବିକ୍ରମ ଜେନା, ପରାକ୍ରମ ଜେନା, ସ୍ମୃତି ରଞ୍ଜନ ସ୍ୱାଇଁ, ବିଶ୍ୱଜିତ ବେହେରା, ଜ୍ୟୋତି ରଞ୍ଜନ ବେହେରା, ଚନ୍ଦନ ମଲ୍ଲିକ, ବିଜ୍ଞାନ ନାୟକ, ଦୟାନିଧି ସାମଲ, ଦିଲୀପ ବାରିକ, ଅମରଜ୍ୟୋତି ଜେନାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଯୁବକ ବିଭିନ୍ନ ଦଳ ପରିତ୍ୟାଗ କରି କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ବ୍ଲକ କଂଗ୍ରେସର ବରିଷ୍ଠ ନେତା ସୁବାସ ସାମଲ, ବ୍ଲକ କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ପରିଡା, କୁମାର ପାଣି, ହେମନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ଗହଣରେ ଅନ୍ୟ ଦଳର ଯୁବକମାନେ ହାତ ଧରୁଛନ୍ତି।

# ନାଉକୋଣାରେ ବାସନ୍ତିକ ଦୁର୍ଗାପୂଜା



ବାସନ୍ତିକ ଦୁର୍ଗା ପୂଜାରେ ଡ.ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜନଗର, ୧୯।୪(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣାରେ ଚୈତ୍ର ବାସନ୍ତିକ ଦୁର୍ଗାପୂଜା ଉଦ୍‌ଯାପିତ ହୋଇଯାଇଛି। ଚଳିତ ମାସ ୧୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ଗୁରୁବାର ବିଳମ୍ବିତ ରାତ୍ରିରେ ସମାପନ ହୋଇଛି। ଦୀର୍ଘ ୫୬ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ପୂଜାରେ ଗୋପୂଜନ ଓ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ଡକ୍ଟରେଟ ଉପାଧି ପାଇଥିବା ଗାଁ ପୁଅ ଡ. ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. କେଲୁଚରଣ ସ୍ୱାଇଁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ସୁନାକର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ପଢ଼ିହାରୀ, ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ଶିକ୍ଷାବିତ୍ ଅକ୍ଷୟ କୁମାର ପଢ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳସଙ୍କଟ ଦୂର ପାଇଁ ପୌରାଧିକାରୀଙ୍କୁ ଦାବିପତ୍ର

**ପଟ୍ଟାମୁଣ୍ଡାଇ ପୌରାଞ୍ଚଳ**

ପଟ୍ଟାମୁଣ୍ଡାଇ, ୧୯।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପାରଦ ଉପରମୁହାଁ ହୋଇ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ପୌରାଞ୍ଚଳରେ ପାନୀୟ ଜଳସଙ୍କଟ ଦେଖାଦେଇଛି। ପଟ୍ଟାମୁଣ୍ଡାଇ ବିଜୁ ପଟ୍ଟନାୟକ ଛକ ସମ୍ପ୍ରତି ଏକ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ପରିଣତ ହୋଇଥିବାରୁ ପ୍ରତ୍ୟହ ହଜାର ହଜାର ଲୋକ ବସ୍ ଯୋଗେ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ଯାତାୟାତ କରୁଛନ୍ତି। ଏଠାରେ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ଯାତ୍ରୀ ଓ ସାଧାରଣ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହାଛଡ଼ା ପଟ୍ଟାମୁଣ୍ଡାଇର କିମ୍ବଦନ୍ତୀ କଚେରି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। କଚେରି ପୋଖରୀ ସମ୍ପୂର୍ଣ୍ଣ ଶୁଷ୍କ ପଡ଼ିଥିବାରୁ ଏହା ଉପରେ ସ୍ନାନ ପାଇଁ ନିର୍ଭର କରୁଥିବା ଜନସାଧାରଣ ଓ ପାଣି ପିଇବା ଲାଗି ପଶୁପକ୍ଷୀମାନେ ହଇରାଣ ହେଉଛନ୍ତି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ସାମାଜିକ କର୍ମୀ ନୃସିଂହ ପ୍ରସାଦ ଚୌଧୁରୀ, ବ୍ରଜେନ୍ଦ୍ର ବର୍ମା ଓ ଗୌରାଙ୍ଗ ଦାଶ ପ୍ରମୁଖ ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ଗିରିଙ୍କୁ ଭେଟି ପଟ୍ଟାମୁଣ୍ଡାଇ ବାଇପାସ୍ ବିଜୁ ପଟ୍ଟନାୟକ ପାର୍କ, ପଟ୍ଟାମୁଣ୍ଡାଇ ପୋଲ ପାଖ ରାଜନଗର ବସ୍‌ଷ୍ଟାଣ୍ଡ, ମେଡିକାଲ ଛକଠାରେ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରିବା ଓ କଚେରି ପୋଖରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରି ପାଣି ଛାଡ଼ିବା ପାଇଁ ଦାବି କରିଥିଲେ।



ପୌର ନିର୍ବାହୀ ଅଧିକାରୀଙ୍କୁ ଲୋକେ ପାଣି ଯୋଗାଣ ଲାଗି ଅଭିଯୋଗ କରୁଛନ୍ତି।

# ଖଣି ବିଭାଗର ଡ୍ରୋନ୍ କ୍ୟାମେରାରେ ମାପଚୁପ

**ଶିଳ୍ପ ପାଇଁ ଜମି ନେଇ ମୋରମ ଲୁଟ ଅଭିଯୋଗ ମାମଲା**

- ସିଟିଓ, ଇସି, ସିଟିଇ ଆଇନକୁ ଉଲ୍ଲଂଘନ

ଯାଜପୁର,୧୯।୪ (ହର୍ଷବର୍ଦ୍ଧନ ବେହେରା)

ଦ୍ରୁତ ଶିଳ୍ପାୟନ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଜ୍ୟ ସରକାର ଦାବି କରୁଛନ୍ତି। ହେଲେ ଶିଳ୍ପ କାରଖାନାଗୁଡ଼ିକର ବେଖାତିର ମନୋଭାବ ଏବଂ ସ୍ଥାନୀୟ ନିଯୁକ୍ତି ପ୍ରତିଶ୍ରୁତିକୁ ଉପେକ୍ଷା ପ୍ରଶାସନକୁ ଅଡୁଆରେ ପକାଉଛି। କେବଳ ସେତିକି ନୁହେଁ, ଇଡ୍‌କୋ ଜରିଆରେ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ଜମି ଅକ୍ତିଆର କରି କାରଖାନା ନିର୍ମାଣ ଆରମ୍ଭ ନ କରି ଗତ ପ୍ରାୟ ୩ ମାସ ହେବ ମୋରମ ଲୁଟରେ ମାତିଥିବା ଅଭିଯୋଗ ହୋଇଛି। ଜମି ପାଇଁ ପ୍ରାୟ ୨ କୋଟି ଟଙ୍କା ରାଜସ୍ୱ ଦାଖଲ କରି ମୋରମ ଲୁଟ ବାବଦରେ ପ୍ରାୟ ୨୫ କୋଟି ଟଙ୍କା ଆୟ କରି ସାରିଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ପରିସ୍ଥିତି କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ କମ୍ପାନୀ ଜମିରେ ସୃଷ୍ଟି ହୋଇଥିବାବେଳେ ବିସ୍ଥାପିତ ଓ ଜମିହରା ଲୋକେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ଏନେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ଯାଜପୁର ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ଗତ ୧୨ ତାରିଖରେ ଚଢ଼ାଉ କରିବା ସହ ଗତ ୨ ଦିନ ହେବ ଡ୍ରୋନ କ୍ୟାମେରାରେ ମାପଚୁପ ଚାଲିଛି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ କମ୍ପାନୀକୁ କାରଖାନା ପ୍ରତିଷ୍ଠା ପାଇଁ ୨୨ ଏକର ଜମି ଇଡ୍‌କୋ ଜରିଆରେ ଯୋଗାଇ ଦିଆଯାଇଛି। ୨୯।୧୧।୨୦୨୩ରେ କାରଖାନା ପ୍ରତିଷ୍ଠା ପାଇଁ ହୋଇଥିବା ଜନଶୁଣାଣିରେ ଅଞ୍ଚଳବାସୀ ବିଭିନ୍ନ ସର୍ତ୍ତ ରଖି ସମର୍ଥନ କରିଥିଲେ। ବିଶେଷକରି ସେମାନେ ସ୍ଥାନୀୟ ନିଯୁକ୍ତି, ପ୍ରଦୂଷଣ ନିୟନ୍ତ୍ରଣ, ପାରିପାର୍ଶ୍ୱିକ ଉନ୍ନୟନ ଭଳି ଅନେକ ଦାବି କରିଥିଲେ। ଏହାପରେ ଉକ୍ତ ୨୨ ଏକର ଜମିରେ ୧.୦ ଏଲ୍‌ଟିପିଏ କ୍ଷମତାବିଶିଷ୍ଟ ଗ୍ରୀନ ଫିଲ୍ଡ କୋଲଟାର ଡିଷ୍ଟିଲେଶନ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଏକ ଠିକାସଂସ୍ଥାକୁ ଏହାର ଦାୟିତ୍ୱ ଦେଇଥିଲା ଭିସିଆଇ କମ୍ପାନୀ। କିନ୍ତୁ ଉକ୍ତ ଜମିରେ ବିପୁଳ ପରିମାଣର ଲଘୁ ଖଣିଜ ଦ୍ରବ୍ୟ ମୋରମ ଦେଖି କମ୍ପାନୀ କର୍ତ୍ତୃପକ୍ଷଙ୍କ ଲୋଭ ବଢ଼ି ଯାଇଥିଲା। ଫଳରେ କାରଖାନା ନିର୍ମାଣସ୍ଥଳରେ ରାତିରେ ମୋରମ ଉତ୍ତୋଳନ କରୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଆଇନ ଅନୁସାରେ ପରିବେଶ ମଞ୍ଜୁର(ଇସି), କନସେଣ୍ଟ ଟୁ ଅପରେଟ(ସିଟିଓ) ଓ କନସେଣ୍ଟ ଟୁ ଏଷ୍ଟାବ୍ଲିସ(ସିଟିଇ) ଇତ୍ୟାଦିକୁ ଉଲ୍ଲଂଘନ କରି ମେଶିନ ସହାୟତାରେ ମୋରମ ଉତ୍ତୋଳନ କରାଯାଇ ଯଖପୁରା-ବାଂଶପାଳ ରେଳଲାଇନ ସମ୍ପ୍ରସାରଣ କାର୍ଯ୍ୟରେ ବିନିଯୋଗ କରାଯାଇଥିଲା। ଏନେଇ ଅଞ୍ଚଳବାସୀ ସ୍ଥାନୀୟ ରାଜସ୍ୱ ବିଭାଗ, ପୋଲିସ ଏବଂ ଖଣି ବିଭାଗର ଦୃଷ୍ଟିଆକର୍ଷଣ କରିଥିଲେ ହେଁ କେହି ଶୁଣି ନ ଥିଲେ। ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଲଘୁ ଖଣି ବିଭାଗ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଇଥିଲା। ଏଥିରେ ଲଘୁ ଖଣି ବିଭାଗ ମଧ କମ୍ପାନୀ ଫାଶରେ ଫସି ମୋରମ୍ ଲୁଟ୍ ହେଉନି ବରଂ ଜମି ସମତୁଲ କରାଯାଉଛି ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଚ୍ଚପଦସ୍ଥ ଅଧିକାରୀ ଚାପ ଯୋଗୁ ଲଘୁ ଖଣି ବିଭାଗ ପକ୍ଷରୁ ଗତ ୧୨ ତାରିଖରେ ଚଢାଉ କରାଯାଇ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୁରୁବାରଠାରୁ ଲଘୁ ଖଣି ବିଭାଗ ପକ୍ଷରୁ ମୋରମ୍ ଉତ୍ତୋଳନ ହୋଇଥିବା ସ୍ଥାନରୁ ଡ୍ରୋନ୍ କ୍ୟାମେରାରେ ଫଟୋ ଉତ୍ତୋଳନ ସହ ମାପଚୁପ ଆରମ୍ଭ ହୋଇଛି। ତେବେ ଖଣି ବିଭାଗର ତଦନ୍ତରେ ବିପୁଳ ପରିମାଣର ବାଲି ଓ ମାଙ୍କଡା ପଥର ଜମି ପରିସରରେ ମିଳିଥିବା ଜଣାପଡିଛି। ଏହାପରେ ଲଘୁ ଖଣି ବିଭାଗ ପକ୍ଷରୁ ମୋରମ ଉତ୍ତୋଳନ ନ କରିବାକୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ କମ୍ପାନୀ ଏହି ନିର୍ଦ୍ଦେଶକୁ ନ ମାନି ପୁଣି ମୋରମ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା। ଏଥିରେ କେତେକ ପ୍ରଭାବଶାଳୀ ନେତାଙ୍କ ସହଯୋଗ ଥିବାରୁ ଲଘୁ ଖଣି ବିଭାଗର କାର୍ଯ୍ୟାନୁଷ୍ଠାନରେ ତତ୍ପରତା ପ୍ରକାଶ ପାଇ ନ ଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମୋରମ ଲୁଟ ଅଞ୍ଚଳର ପରିସୀମା ବଡ଼ ହୋଇଥିବାରୁ ଫଟୋ ଓ ମାପଚୁପ ପାଇଁ ଡ୍ରୋନ୍ କ୍ୟାମେରାର ସହାୟତା ନିଆଯାଉଛି। ତଦନ୍ତ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଜଳିଗଲା ଘର

ଦାରିଙ୍ଗବାଡି, ୧୯।୪ (ଅରୁଣ ସାହୁ):

ଦାରିଙ୍ଗବାଡ଼ି ବ୍ଲକ କିରିକୁଟି ଗାଁ ଶାସ୍ତ୍ରୀ ନଗରରେ ଶୁକ୍ରବାର ସନ୍ଧ୍ୟାରେ ଶର୍ଟ ସର୍କିଟରୁ ନିଆଁ ଲାଗି ଘର ଜଳିଯାଇଛି। ଉକ୍ତ ସାହିର ଇନ୍ଦ୍ର ବେହେରାଙ୍କ ଘରେ ଘଟିଛି ଏହି ଘଟଣା। ଘରେ ଥିବା ଆସବାବ ପତ୍ର ସହିତ ଏକ ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ଋଣ ବାବଦରେ ଆଣିଥିବା ଓ ଘରେ ରଖିଥିବା ନଗଦ ୩୦ହଜାର ଟଙ୍କା ପୋଡ଼ି ନଷ୍ଟ ହୋଇଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି । ସେହିପରି ଘରେ ଥିବା ଇନ୍ଦ୍ର ବେହେରାଙ୍କ ବୋହୂ ସୀତାରାଣୀ ବେହେରା ଆହତ ହୋଇଥିବା ବେଳେ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ପୀଡିତା ପରିବାର ଲୋକଙ୍କୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବିଦ୍ୟାଳୟ ଲାବରେଟୋରିରେ ଧୂଆଁ

ଖଲ୍ଲିକୋଟ, ୧୯।୪ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ କନକମଞ୍ଜରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାଇନ୍ସ ଲାବୋରୋଟରୀରୁ ଶୁକ୍ରବାର ପ୍ରବଳ ଧୂଆଁ ବାହାରିବା ନେଇ ଭୟ ସୃଷ୍ଟି ହୋଇଥିଲା। ଖବରପାଇ ଖଲ୍ଲିକୋଟ ଦମକଳ ବାହିନୀ ପହଞ୍ଚି ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରି ଉକ୍ତ ଘରର ସମସ୍ତ କବାଟ ଓ ଝରକା ଖୋଲା ରଖିଥିଲେ। କିଛି ସମୟ ପରେ ଆଉ ଧୂଆଁ ଦେଖାଯାଇ ନ ଥିଲା। କେମିକାଲ ତଳେ ଢାଳି ହୋଇ ଗ୍ୟାସ ହୋଇଯାଇଥିଲା। ଶିକ୍ଷୟତ୍ରୀ, ଶିକ୍ଷକ ଭୟରେ ପଦାକୁ ବାହାରି ଆସିଥିଲେ। ଗ୍ରୀଷ୍ମପ୍ରବାହ ଯୋଗୁ ଛୁଟିଥିବାରୁ ଛାତ୍ରୀମାନେ ଅନୁପସ୍ଥିତ ଥିଲେ। ଶଟ ସର୍କିଟରୁ ଏପରି ଘଟିଥାଇ ପାରେ ବୋଲି ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରକାଶ କରିଥିଲେ।

### ୬ଗାଁ ବୁଲିଲେ ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ



ପାତ୍ରପୁର, ୧୯।୪ (ଉମା ଚରଣ ନେପାକ):

ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେବ ତାଙ୍କ ମା' ତଥା ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଶୁକ୍ରବାର ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତର ୬ଟି ଗ୍ରାମରେ ପଦଯାତ୍ରା ସହ ପ୍ରଚାର କରିଛନ୍ତି। ପଞ୍ଚାୟତର କୋଳିହଳା, ଗୋଠଗାଁ, ଖରଣିପଡା, ନନ୍ଦିଗାଁ, ଆମୁଣ୍ଡି, ଚୈତନ୍ୟଚନ୍ଦ୍ରପୁର ଗ୍ରାମ ପରିକ୍ରମା କରି ସମସ୍ତ ଗ୍ରାମରେ ସାଧାରଣ ସଭା କରିଥିଲେ। ମଞ୍ଚାସୀନ କର୍ମୀମାନେ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ କହିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ସବୁ ଗ୍ରାମରେ ବିଧାୟକ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପକାରି ବନାଞ୍ଚଳରେ ନିଆଁ

ଦାରିଙ୍ଗବାଡି, ୧୯।୪ (ଅରୁଣ ସାହୁ):

### ସଚେତନ କରାଯିବା ସହ ଦୁର୍ବୃତ୍ତଙ୍କୁ ଧରିବାକୁ ବନ ବିଭାଗର ପ୍ରୟାସ

ଏବେ ସାରା ରାଜ୍ୟରେ ତାପମାତ୍ରା ବିଭିନ୍ନ ଜିଲାରେ ୪୪ ଡିଗ୍ରୀ ଛୁଇଁଲାଣି। କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଦାରିଙ୍ଗବାଡିରେ ମଧ୍ୟ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି। ଗୋଟିଏ ପଟେ ରୌଦ୍ର ତାପରେ ଲୋକେ ଆଉଟୁପାଉଟୁ ହେଉଥିବା ବେଳେ ଅନ୍ୟପଟେ ବଣ, ଜଙ୍ଗଲରେ ନିଆଁ ଲାଗି ଗରମ ଓ ଗୁଳୁଗୁଳି ଦ୍ୱିଗୁଣିତ ହେଉଛି। ତେବେ ଜନସଚେତନ ଓ ବନ ବିଭାଗର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ପୂର୍ବାପେକ୍ଷା ଏବେ ପୋଡୁ ଚାଷ ପାଇଁ କିଛି ଅଞ୍ଚଳରେ ନିଆଁ ଲଗାଯାଉଥିବା ଜଣାପଡିଛି। ତେବେ ପାହାଡ଼ରେ ଚଲା ରାସ୍ତା ପାଇଁ ସୁବିଧା ଓ ସଲପ ରସ ପିଇବାକୁ ଯାତାୟତରେ ସୁବିଧା ହେବ ବୋଲି ଦୁର୍ବୃତ୍ତମାନେ ପାହାଡ଼ରେ ନିଆଁ ଲଗାଇଦେଉଥିବା ବେଳେ କିଛି ଶିକାରୀ ଜଙ୍ଗଲର ଜୀବଜନ୍ତୁଙ୍କୁ ଧରିବା ବା ତାଙ୍କ ପ୍ରାଣ ହାନୀ କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଫାଇଦା ନେଉଥିବା ବନ ବିଭାଗ ଜାଣିସାରିଛି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗର ଟିମ ଚେଷ୍ଟା



ଡିଏଫଓ ବିଶ୍ୱରାଜ ପଣ୍ଡା ଜଙ୍ଗଲରେ ନିଆଁ ଲିଭାଉଛନ୍ତି।

ଚଳାଇଥିବା ବାଲିଗୁଡା ଏସ୍‌ସିଏଫ ତଥା ଦାରିଙ୍ଗବାଡି ବନାଞ୍ଚଳ ଅଧିକାରୀ ସତିଶ କୁମାର ଧାରୁଆ କହିଛନ୍ତି। ବାଲିଗୁଡ଼ା ବନ ଉପଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଏବଂ ଏସ୍‌ସିଏଫ ସତୀଶ କୁମାର ଧାରୁଆଙ୍କ ସମେତ ବନ କର୍ମଚାରୀଙ୍କ ବୁଢ଼ାଗୁଡା ସେକ୍ସନ ପକାରୀ ବନାଞ୍ଚଳରେ ନିଆଁ ଲିଭାଇବାରେ ଡିଏଫଓ ସାମିଲ ହୋଇ ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ।

ପ୍ରକାଶ ଯେ, ସଂରକ୍ଷିତ ଜଙ୍ଗଲ ସମେତ ରାଜସ୍ୱ ଜଙ୍ଗଲ ଓ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଦୁର୍ବୃତ୍ତମାନେ ନିଆଁ ଲଗାଇଦେଉଥିବାରୁ ଦାରିଙ୍ଗବାଡି ଓ ବ୍ରାହ୍ମଣୀଗାଁ ବନାଞ୍ଚଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହ ଦାରିଙ୍ଗବାଡି ବନାଞ୍ଚଳରେ ୩୦ ଜଣ ନିଆଁ ଜଗୁଆଳିଙ୍କୁ ୭ଟି ଦଳରେ ବିଭକ୍ତ କରାଯାଇ ବିଭିନ୍ନ ଜଙ୍ଗଲକୁ ସୁରକ୍ଷା ଯୋଗାଇବା କାର୍ଯ୍ୟ କରୁଛନ୍ତି। ସେହିପରି ଦାରିଙ୍ଗବାଡି ବନାଞ୍ଚଳରେ ୨୮ଟି ବନ ସଂରକ୍ଷଣ ସମିତି ସମେତ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମ ମିଶି ମୋଟ ୧୯୩ ଟି ଗ୍ରାମରେ ସଚେତନତା ବୈଠକ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଇଥିବା ବେଳେ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରା, ଭାରପ୍ରାପ୍ତ ବନପାଳ ଦୀପକ ପଟ୍ଟନାୟକଙ୍କ ନେତୃତ୍ୱରେ ମୋଟ ୫୭ଟି ବନ ସଂରକ୍ଷଣ ସମିତି ସମେତ ୧୪୩ଟି ବୈଠକ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସଚେତନତା କରାଯାଇଛି। ଏଥିସହ ୧୦ଜଣ ଅଗ୍ନି ନିରାପତ୍ତା ବାହିନୀ, ୧୫ଜଣ ପ୍ରୋଟେକ୍ସନ ସ୍କ୍ୱାର୍ଡ ଏବଂ ୧୫ଜଣ ନିଆଁ ଜଗୁଆଳି, ୮ ଜଣ ଅଫିସର ଓ ଅନ୍ୟ କର୍ମଚାରୀ ଜଙ୍ଗଲ ସୁରକ୍ଷାରେ ଦାୟିତ୍ୱରେ ରହିଛନ୍ତି।

## ନନ୍ଦିନୀ ନଦୀ, ରୁଷିକୂଲ୍ୟା କେନାଲ ଶୁଖିଲା

### ୨୫ ରୁ ଅଧିକ ଗ୍ରାମରେ ଜଳକଷ୍ଟ



ଶୁଖିଲା ପଡିଥିବା ନନ୍ଦିନୀ ନଦୀ ।

ଶେରଗଡ଼, ୧୯।୪ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକର ୫ ପଞ୍ଚାୟତ ଦେଇ ନନ୍ଦିନୀ ନଦୀ ଯାଇଥିବା ବେଳେ ରୁଷିକୂଲ୍ୟା କେନାଲ ବ୍ଲକର ୫ ପଞ୍ଚାୟତ ଦେଇ ଯାଇଛି। ଚଳିତ ବର୍ଷ ଦୁଇଟି ଯାକ ଜଳଉତ୍ସ ଶୁଖିଲା ପଡିଛି। ଉକ୍ତ ୧୦ ପଞ୍ଚାୟତର ୨୫ରୁ ଅଧିକ ଗ୍ରାମବାସୀ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବର୍ତ୍ତମାନ ଏହା ଶୁଖିଲା ପଡ଼ିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଅଭାବରୁ ଏ ପ୍ରକାର ଅବସ୍ଥା ସୃଷ୍ଟି ହୋଇଛି। ଗାଇ ଗୋରୁମାନେ ପିଇବା ପାଇଁ ପାଣି ଟୋପାଏ ମଧ୍ୟ ପାଉନାହାନ୍ତି। ପଦ୍ମପୁର, କିର୍ତ୍ତିପୁର, ଅଣ୍ଡରାସିଂହ, କାଟଖଣ୍ଡି, କୃଷ୍ଣଛାଇ, ବାଜିଳିକଣା, ଡେଙ୍ଗାପଦର, ବି.ବ୍ରହ୍ମପୁର, କମଳାଦେଇପୁର ସମେତ ୨୫ରୁ ଅଧିକ ଗ୍ରାମର ଏ ପ୍ରକାର ଅବସ୍ଥା ସୃଷ୍ଟି ହୋଇଛି। ଏ ଅବସ୍ଥା ସଂପର୍କରେ ବ୍ଲକ ପ୍ରଶାସନ ଖବର ପାଇବା ପରେ ବିଡିଓ ଶିବାଶିଷ ବରାଳଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ କରାଯାଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଛି। ଜଳଯୋଗାଣ ବିଭାଗ ଏହାକୁ ଗୁରୁତର ଭାବେ ନେଇ ତୁରନ୍ତ ଜଳସମସ୍ୟା ଦୂର କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ଉପସ୍ଥିତ ଛାତ୍ରୀ ଛାତ୍ର ଏବଂ ଅତିଥି ମାନେ।

ଭଞ୍ଜନଗର, ୧୯।୪ (ବାବୁଲା ପ୍ରଧାନ):

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଇତିହାସ ବିଭାଗ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧକ୍ଷ ରାଜେନ୍ଦ୍ର ଦାସ, ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ଅଧ୍ୟାପକ ଡ. ରବୀନ୍ଦ୍ର ମିଶ୍ର, ବିଦେଶୀ ରାଉତ ପ୍ରମୁଖ ଉଦବୋଧନ ଦେଇଥିଲେ।

# ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ପର୍କିତ ସମୀକ୍ଷା



ସମୀକ୍ଷା ବୈଠକରେ ଅଧିକାରୀମାନେ।

ପାରଳାଖେମୁଣ୍ଡି, ୧୯।୪ (ଗିରିଧାରୀ ପରିଚ୍ଛା):

ଭାରତ ନିର୍ବାଚନ କମିଶନ ଦ୍ୱାରା ଗଜପତି ଜିଲା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଚଣ୍ଡିଗଡର ଭାରତୀୟ ରେଳ ଲେଖା ସେବା ଚନ୍ଦ୍ରିକା ଗର୍ଗ, ଗୁରୁବାରଠାରୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା, ପାରଳାଖେମୁଣ୍ଡି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପରିଦର୍ଶନ କରି ନିର୍ବାଚନ ଖର୍ଚ୍ଚ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳ ସହିତ ଆଲୋଚନା କରିଛନ୍ତି। ପାରଳାଖେମୁଣ୍ଡିସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଗୁରୁବାର ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଖର୍ଚ୍ଚ ସମ୍ବନ୍ଧୀୟ ଟିମ ସମେତ ଫ୍ଲାଇଙ୍ଗ ସ୍କ୍ୱାର୍ଡ, ଭିଡିଓ ସର୍ଭେଲାନସ ଟିମ ଓ ଭିଡିଓ ଭ୍ୟୁଅରଙ୍ଗ ଟିମର ନିୟୋଜିତ ଅଧିକାରୀ ଓ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନ ଖର୍ଚ୍ଚର ସଠିକ ହିସାବ ଓ ଏହାର ସଠିକ ପରିଚାଳନା ନିମନ୍ତେ ସବୁ ଦିନରେ ସୂଚନା ଆଦାନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା ନିମନ୍ତେ ସମସ୍ତେ ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ସହ ଅବକାରୀ ଚଢ଼ାଉ ଆଦି ସମ୍ପର୍କିତ ବିଭିନ୍ନ ଯାଞ୍ଚ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ ଓ ରାଜେନ୍ଦ୍ର ମିଞ୍ଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଡ଼.ଗୁଣନିଧି ନାୟକ, ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ରାଜେନ୍ଦ୍ର କହଁର, ଉପ-ଜିଲାପାଳ ଅନୁପ ପଣ୍ଡାଙ୍କ ସମେତ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳର ଅଧିକାରୀ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହା ସହ ପର୍ଯ୍ୟବେକ୍ଷକ ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲା ନିର୍ବାଚନ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଚତୁର୍ଥ ସେମିଷ୍ଟାର ପରୀକ୍ଷା ସମୟ ବଦଳିଲା

ଭଞ୍ଜନଗର, ୧୯।୪ (ବାବୁଲା ପ୍ରଧାନ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ମଙ୍ଗଳବାରଠାରୁ ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର୍ ପରୀକ୍ଷା ହେବ। କିନ୍ତୁ ପରୀକ୍ଷା ସମୟ ଅପରାହ୍ନ ୨ ଟା ରୁ ୫ ଟା ରଖାଯାଇଥିଲା। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶିତ ପରେ ଶୁକ୍ରବାର ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦକ୍ଷିଣ ଓଡିଶାରେ ତାପମାତ୍ରା ବୃଦ୍ଧିକୁ ଦେଖି ପରୀକ୍ଷା ସମୟ ବଦଳାଇଛନ୍ତି। ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ସକାଳ ୯ଟାରୁ ଦିବା ୧୨ଟା ମଧ୍ୟରେ ପରୀକ୍ଷା ହେବ। ଏଥିସହ ଯେଉଁଦିନ ଯେଉଁ ବିଷୟ ଥିଲା ତାହା ହିଁ ପରୀକ୍ଷା ହେବ। ଲିଖିତ ପରୀକ୍ଷା ସରିବା ପରେ ପ୍ରାକ୍ଟିକାଲ ପରୀକ୍ଷା ହେବ।

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ଆସିକା, ୧୯।୪ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଉପଖଣ୍ଡ ଚିକିତ୍ସାଳୟଠାରେ ଶୁକ୍ରବାର ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡାକ୍ତରଖାନାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ଚିକିତ୍ସାଧୀନ ରୋଗୀଙ୍କୁ କିଭଳି ସ୍ଥାନାନ୍ତର କରାଯିବ ଏବଂ ଅଗ୍ନିକୁ ଆୟତ କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଅଗ୍ନିଶମ ବିଭାଗର ଅଧିକାରୀ କୈଳାସ ସାହୁଙ୍କ ତତ୍ତ୍ୱାବଧାନରେ ସୁଶାନ୍ତ ବେହେରା, ପ୍ରକାଶ କହଁର, ବିଶ୍ୱନାଥ ବାଗର୍ତ, ବିଭୂପ୍ରସାଦ ବଡଜେନା ପ୍ରମୁଖ ଅଗ୍ନି ନିରାପତ୍ତା କୌଶଳ ପ୍ରଦର୍ଶନ କରିଥିଲେ । ଡାକ୍ତରଖାନା ଅଧୀକ୍ଷକ ଡା. ଦୀପକ ସାମନ୍ତରା, ଡା. ଆଶୁତୋଷ ମହାପାତ୍ର, ଡା. ଆଶୁତୋଷ ପଟ୍ଟନାୟକଙ୍କ ସମେତ ଡାକ୍ତରଖାନା କର୍ମଚାରୀମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

## ବିଜେଡି ପ୍ରାର୍ଥିନୀ ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ସମ୍ବର୍ଦ୍ଧନା



ଧରାକୋଟ, ୧୯।୪ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ସାନଖେମୁଣ୍ଡି ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ଧରାକୋଟ ବ୍ଲକ ସୁଲକ୍ଷଣା ଗୀତାଞ୍ଜଳି ଦେବୀଙ୍କୁ ପ୍ରାର୍ଥୀ କରାଯାଇଛି। ରାଜ୍ୟ ନେତୃବୃନ୍ଦଙ୍କୁ ସେ ସାକ୍ଷାତ କରି ଫେରିବା ପରେ ଶୁକ୍ରବାର ଧରାକୋଟ ବ୍ଲକର ପ୍ରବେଶପଥ ରେଞ୍ଜୀ ଦାମୋଦରପଲ୍ଲୀଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକ ବିଜେଡି ତରଫରୁ ବ୍ଲକ ସଭାପତି ସଞ୍ଜୟ ପାତ୍ର, ଜିଲା ଉପସଭାପତି ରବୀନ୍ଦ୍ର ଘୋଷ, ଜିଲା ମହିଳା ବିଜେଡି ଉପସଭାପତି ରୁକ୍ମିଣୀ ରେଡ୍ଡୀ, ବ୍ଲକ ଉପାଧ୍ୟକ୍ଷ ମନୋଜ ସାହୁ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଏକ ବିଶାଳ ବାଇକ ରାଲି ସହ ରୋଡ ସୋ କରି ସୁଲକ୍ଷଣା ଗୀତାଞ୍ଜଳିଙ୍କୁ ଧରାକୋଟ ପର୍ଯ୍ୟନ୍ତ ଅଣାଯାଇଥିଲା। ବାଟରେ ଜାତୀୟ ରାଜପଥ ୫୯ର ଡ଼ଉଗାଁ, କେ. ରାମଚନ୍ଦ୍ରପୁର, କୁସରାବ, ସରଧାପୁର, ଭଣ୍ଡାରିବସା, ହନୁମାନ ଦ୍ୱାରଠାରେ ଉପସ୍ଥିତ ଲୋକେ ମଧ୍ୟ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାଇକ ଶୋଭାଯାତ୍ରା ଧରାକୋଟ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ବିଧାୟକ ପ୍ରାର୍ଥିନୀ ଓ ତାଙ୍କ ମା' ତଥା ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ପ୍ରମୁଖ ଠାକୁରଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ସମସ୍ତେ ମିଳିମିଶି କାର୍ଯ୍ୟକରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସୁଲକ୍ଷଣା ଗୀତାଞ୍ଜଳି ନିବେଦନ କରିଥିଲେ ।

## ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି ଶିକ୍ଷକ ନିଲମ୍ବିତ

ଦାରିଙ୍ଗବାଡି, ୧୯।୪ (ଅରୁଣ ସାହୁ):

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଏକ ଛାତ୍ରୀନିବାସରେ ଜଣେ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରି କାର୍ଯ୍ୟରତ ଶିକ୍ଷକ ନିଲମ୍ବିତ ହୋଇଛନ୍ତି। ତାଙ୍କ ବିରୋଧରେ ଦାରିଙ୍ଗବାଡି ଥାନାରେ ବିଇଓ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାଟି ୧ ମାସ ବିତିଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମାର୍ଚ୍ଚ ୧୩ରେ ଛାତ୍ରୀନିବାସ ଭିତରେ ଶିକ୍ଷକ ଜଣକ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏହାକୁ ଅନ୍ୟ ଶିକ୍ଷୟତ୍ରୀଙ୍କ ନଜରକୁ ଆସିଥିଲା ଏବଂ ଶିକ୍ଷୟତ୍ରୀ ଏନେଇ ଜିଲା ପ୍ରଶାସନକୁ ଲିଖିତ ଅବଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଘଟଣାର ତଦନ୍ତ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଶିକ୍ଷକଙ୍କୁ ନିଲମ୍ବିତ କରାଯିବା ସହ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲା ପ୍ରଶାସନ ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମାମଲାରେ ନିଲମ୍ବିତ ଶିକ୍ଷକ କୁଆଡ଼େ ପଞ୍ଚାୟତ ନିର୍ବାଚନ ସମୟରେ ନିଲମ୍ବିତ ହୋଇ ଅଳ୍ପ କିଛି ମାସ ତଳେ କାର୍ଯ୍ୟରେ ଯୋଗଦାନ କରିଥିଲେ। ସେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ହୋଇଥିବା ବେଳେ ଶିକ୍ଷକ ଅଭାବରୁ ତାଙ୍କୁ ଜିଲା ମଙ୍ଗଳ ବିଭାଗର ଏକ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା।

## ଭୋଟ୍ ହାର ବୃଦ୍ଧି ନିମନ୍ତେ ସ୍ୱିପ ଅଭିଯାନରେ ସଚେତନତା

ପାରଳାଖେମୁଣ୍ଡି, ୧୯।୪ (ଗିରିଧାରୀ ପରିଚ୍ଛା):

ଜିଲାରେ ଭୋଟ୍ ହାର ବୃଦ୍ଧି ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱିପ ଅଭିଯାନରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଛି। ସ୍ଥାନୀୟ ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲାର ଭିନ୍ନକ୍ଷମ ବ୍ୟକ୍ତି ବିଶେଷମାନଙ୍କୁ ନେଇ ଭୋଟର ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଯାଇଅଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭୋଟର ସଚେତନତା କରାଇଥିଲେ। ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ ଆୟୋଜନ କରାଯାଉଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡିକରେ ସଚେତନତା ସଭା ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତାମାନଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଇଛି। ଜିଲାର ସମସ୍ତ ବୁଥରେ ସ୍ୱିପ ଅଭିଯାନରେ ୱାକାଥନ, ଦସ୍ତଖତ ଅଭିଯାନ, ପୋଷ୍ଟ କାର୍ଡ ମାଧ୍ୟମରେ ନିର୍ବାଚନ ପାଠଶାଳା ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଅଛି। ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟିଏ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ 'ସ୍ୱିପ' ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।



# ବ୍ରହ୍ମପୁର ଲୋକ ସଭା ଓ ବିଧାନସଭା ପାଇଁ ୪ ପ୍ରାର୍ଥିପତ୍ର ଦାଖଲ



ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବଶଙ୍କର ଦାସ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ଏମପି ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

### ନାମାଙ୍କନ ଦାଖଲର ଦ୍ୱିତୀୟ ଦିବସ

ଛତ୍ରପୁର, ୧୯।୪ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିନରେ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ୨ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ବ୍ରହ୍ମପୁର ବିଧାନସଭା ପାଇଁ ୨ ଜଣ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ଲୋକସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଭି. ଚନ୍ଦ୍ର ଶେଖର ନାଇଡୁ ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ରିଟର୍ଣ୍ଣିଂ ଅଫିସର ମଧୁମିତାଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ଏହି ଲୋକସଭା ଆସନ ପାଇଁ ଏସୟୁସିଆଇ ପକ୍ଷରୁ ସୋମନାଥ ବେହେରା ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସ୍ୱାଧିନ ପ୍ରାର୍ଥୀ ଶିବଶଙ୍କର ଦାଶ (ପିଣ୍ଟୁ) ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି ଏହି ବିଧାନସଭା ଆସନ ପାଇଁ ଏସୟୁସିଆଇ ପକ୍ଷରୁ ନିମାଇଁ ଚରଣ ସାହୁ ମଧ୍ୟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ରିଟର୍ଣ୍ଣିଂ ଅଫିସରମାନଙ୍କ କାର୍ଯ୍ୟାଳୟର ୧୦୦ ମିଟର ପର୍ଯ୍ୟନ୍ତ ବ୍ୟାରିକେଟ କରାଯାଇଛି।

# ସମ୍ପତ୍ତି ହଡ଼ପ ପାଇଁ ହତ୍ୟା କରିଥିଲେ ସ୍ୱାମୀ

ବିଞ୍ଝାରପୁର, ୧୯।୪ (ରାମକୃଷ୍ଣ ଦାସ)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ମଧୁସୁଦନପୁର ଗ୍ରାମର ବହୁ ଚର୍ଚ୍ଚିତ ଅବସରପ୍ରାପ୍ତ ଏଏନ୍ଏମ୍ ବିନୋଦିନୀ ସାହୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ନିଜ ସ୍ତ୍ରୀଙ୍କୁ ହତ୍ୟା କରି ସ୍ୱାମୀ ସମ୍ପତ୍ତି ଲୁଟିବା ଭଳି ସାଙ୍ଘାତିକ ଷଡ଼ଯନ୍ତ୍ର କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସମ୍ପତ୍ତି ହଡ଼ପ ଓ ପାରିବାରିକ କଳହ ପାଇଁ ଯୋଜନାବଦ୍ଧ ଭାବେ ସ୍ୱାମୀ ଅଲେଖ ବେହେରା ଏବଂ ତାଙ୍କ ସହଯୋଗୀ ବାଦଲ ବେହେରା ମିଶି ବିନୋଦିନୀଙ୍କୁ ଅତି ନିର୍ମମଭାବେ ହତ୍ୟା କରିଛନ୍ତି। ଶୁକ୍ରବାର ବିଞ୍ଝାରପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଗତ ୧୫ ତାରିଖ ଭୋର ସମୟରେ ବିନୋଦିନୀ ଫୁଲ ତୋଳିବାକୁ ଯାଇଥିଲେ। ସକାଳୁ ସ୍ଥାନୀୟ ମଧୁସୁଦନପୁର ଆତଙ୍କ ନାଶନ ଉଚ୍ଚ ବିଦ୍ୟାଳୟର ବାଳକ ଶୌଚାଳୟରେ ବିନୋଦିନୀଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ସାଇଣ୍ଟିଫିକ୍ ଟିମ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହା ଏକ ହତ୍ୟା ଘଟଣା ବୋଲି ବିନୋଦିନୀଙ୍କ ସ୍ୱାମୀ ଥାନାରେ ଅଲେଖ ଲିଖିତ ଅଭିଯୋଗ କରିଥିଲେ। ତେବେ ବିନୋଦିନୀଙ୍କ ମୃତଦେହ ଜବତ ବେଳେ ତାଙ୍କ କାନ ଚିରାଯାଇଥିଲା ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହାକୁ ଦେଖି ପୋଲିସଠାରୁ ଆରମ୍ଭ କରି ଦେଖଣାହାରୀ ସମସ୍ତେ ସୁନା ଅଳଙ୍କାର ଲୁଟ ପାଇଁ ଏହି ହତ୍ୟାକାଣ୍ଡ ଘଟିଥିବା କହିଥିଲେ।


ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି।


ଗିରଫ ୨ ଅଭିଯୁକ୍ତ।

**ବିନୋଦିନୀ ସାହୁ ହତ୍ୟା ଘଟଣା**

- ଜେଲ ଗଲେ ଅଭିଯୁକ୍ତ ମହିଳାଙ୍କ ସ୍ୱାମୀ ଓ ସହଯୋଗୀ

ଯାଜପୁର ଏସ୍‌ପି ଭିନୀତ୍ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ବିଞ୍ଝାରପୁର ଥାନା ଅଧିକାରୀ ଅଂଶୁମାଳା ଦାସ ଘଟଣାର ତଦନ୍ତ ଭାର ଗ୍ରହଣ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ସିସିଟିଭି ଫୁଟେଜ ଓ ଅନ୍ୟ ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା ଯେ, ସମ୍ପତ୍ତି ଲୋଭରେ ଅଲେଖ ତାଙ୍କ ସ୍ତ୍ରୀଙ୍କୁ ରାସ୍ତାରୁ ହଟାଇବା ପାଇଁ ବାଦଲ ସହିତ ଯୋଜନା କରିଥିଲେ। ଯୋଜନାକୁ ସଫଳ କରିବା ପାଇଁ ବାଦଲଙ୍କୁ ଅର୍ଥ ଲୋଭ ଦେଖାଇଥିଲେ। ବାଦଲଙ୍କ ସହାୟତାରେ ଏହି ହତ୍ୟାକାଣ୍ଡ ଘଟାଇବାରେ ସ୍ୱାମୀ ସଫଳ ହୋଇ ନାଟକୀୟ ଢଙ୍ଗ ଦେବାକୁ ପ୍ରୟାସ କରିଥିଲେ। ଏକ ଲୁହା ରଡ୍‌ରେ ସ୍କୁଲ ହତାରେ ବିନୋଦିନୀଙ୍କୁ ପିଟି ଅଲେଖ ହତ୍ୟା କରିଥିଲେ। ପରେ ଦୁହେଁ ମିଶି ମୃତଦେହକୁ ଶୌଚାଳୟ ଭିତରେ ପକାଇ ଦେଇ ପଳାଇ ଆସିଥିଲେ। ପୋଲିସକୁ ବାଟବଣା କରିବାକୁ ଅଭିଯୁକ୍ତମାନେ ସୁନା ଲୁଟର କାହାଣୀ ରଚିଥିଲେ। ଘଟଣା ସମ୍ପୂର୍ଣ୍ଣ ଜଣାପଡ଼ିବାପରେ ପୋଲିସ ୨ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମସିନ ରିକ୍ରେଏଶନ କରିଥିଲା ଓ ହତ୍ୟାରେ ବ୍ୟବହୃତ ଲୁହା ରଡ୍ ଏବଂ ଅଭିଯୁକ୍ତଙ୍କ ମୋବାଇଲ ଫୋନ ଆଦିକୁ ଜବତ କରିଥିଲା। ପରେ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଯାଜପୁର ସବ୍‌ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି। ଏନେଇ ଥାନାରେ ଦଫା ୩୯୪, ୩୦୨ ଆଇପିସି ଆନୁଯାୟୀ ଏକ ମାମଲା ନଂ.୨୪୬।୨୪ ରୁଜୁ ହୋଇଛି।

# ରାଜନଗର ଭାଜପା ବିଧାୟକ ଟିକେଟକୁ ନେଇ ବିରୋଧ


ଲଳିତଙ୍କ ପ୍ରାର୍ଥିତ୍ୱକୁ ବିରୋଧକରି ଅଲେଖ ଜେନାଙ୍କ ସମର୍ଥକମାନେ ଶୁକ୍ରବାର ପଟ୍ଟାମୁଣ୍ଡାଇ ଛୁଆଳିଆ ପୀଠଠାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୧୯।୪ (କଳ୍ପତରୁ ନାୟକ)

- ପୁନର୍ବିଚାର କରାଯିବାକୁ ଦାବି
- ବିଚାର କରା ନ ଗଲେ ସମୂହ ଇସ୍ତଫା

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା କ୍ଷେତ୍ର ପାଇଁ ମଙ୍ଗଳବାର ଭାଜପା ଯୁବନେତା ଲଳିତ ବେହେରାଙ୍କ ନାମ ଘୋଷଣା ହେବା ପରେ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ତେବେ ଲଳିତଙ୍କ ପ୍ରାର୍ଥିତ୍ୱକୁ ବିରୋଧକରି ଅଲେଖ ଜେନାଙ୍କ ସମର୍ଥକମାନେ ଦଳୀୟ ନିଷ୍ପତ୍ତିକୁ ବିରୋଧ କରି ଶୁକ୍ରବାର ପଟ୍ଟାମୁଣ୍ଡାଇ ଛୁଆଳିଆ ପୀଠରେ ୫ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଟିକେଟ ଉପରେ ପୁନଃ ବିଚାର କରିବାକୁ ଦାବି କରିଛନ୍ତି। ଯଦି ପ୍ରାର୍ଥୀ ବଦଳା ନ ଯାଏ ତେବେ ସେମାନେ ସମୂହ ଇସ୍ତଫା ଦେବେ ବୋଲି ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଜଣାଇଛନ୍ତି।

ରାଜନଗର ନିର୍ବାଚନମଣ୍ଡଳୀ ଭାଜପାର ସମସ୍ତ କର୍ମୀ ଏବଂ ବୁଥ୍‌ସ୍ତରର ନେତାମାନଙ୍କ ସହ ପୂର୍ବତନ ବିଧାୟକ ଅଲେଖ ଜେନା ମା’ ଛୁଆଳିଆ ପୀଠରେ ଏକାଠି ହୋଇ ଏକ ସଭା ଆୟୋଜନ କରିଥିଲେ। ରାଜନଗର ବିଧାନସଭା ଆସନ ପାଇଁ ଭାଜପାର ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଜାହିର କରି ଅଭିଯୋଗ କରିଛନ୍ତି, କାହିଁକି କୌଣସି ଦଳୀୟ ସଙ୍ଗଠନ ନ କରି ଦଳର ଲୋକଙ୍କୁ ନ ଜାଣିଥିବା ବ୍ୟକ୍ତିଙ୍କୁ ଭାଜପା ଟିକେଟ ଦିଆଯାଇଛି। ଯେଉଁମାନେ ବର୍ଷ ବର୍ଷ ଧରି ଦଳ ପାଇଁ କାର୍ଯ୍ୟ କରିଛନ୍ତି ଏବଂ ଦଳକୁ ସଙ୍ଗଠିତ କରିବା ସହ ବିଭିନ୍ନ ସମୟରେ ସାଥ୍ ଦେଇଛନ୍ତି ସେମାନଙ୍କୁ ଅଣଦେଖା କରାଯାଇଛି। ଏଭଳି ପ୍ରଶ୍ନ ଉଠାଇ ଅସନ୍ତୁଷ୍ଟ କର୍ମୀ ଏବଂ ନେତା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପଣ୍ଡାଙ୍କୁ ଚିଠି ଲେଖିଛନ୍ତି। ରାଜନଗର ବିଧାନସଭା କ୍ଷେତ୍ର ଟିକେଟକୁ ନେଇ ପୁନଃ ବିଚାର କରାଯିବାକୁ ଦାବି କରିଛନ୍ତି। ଏହାର ବିଚାର କରା ନ ଗଲେ ଭବିଷ୍ୟତରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମୂହ ଇସ୍ତଫା ଦେବେ ବୋଲି କଣ୍ଟାବଣ ମଣ୍ଡଳ ସଭାପତି ବନମାଳୀ ମହାପାତ୍ର, ଶ୍ରୀରାମପୁର ସଭାପତି ନୃସିଂହ ସାହୁ, ଦିଲୀପ ରାଉତ, ଶଙ୍କର ସେଠୀ, କୈଳାସ ପରିଡ଼ା, ନୀଳମଣି ସାହାଣୀ, ମାଗୁଣି ନାୟକ, ଶ୍ରୀମନ୍ତ ରାୟ, ଅଜୟ ସାହୁ, ଗଗନ ପରିଡ଼ା, ପ୍ରହ୍ଲାଦ ଗଣା, ପଙ୍କଜ ମଲିକ, ସବ୍ୟସାଚୀ ରାଉତ, ସୁରେନ୍ଦ୍ର ସ୍ୱାଇଁ, ମିଥୁନ ମଲିକ, ଦିବାକର ବେହେରା, ଶ୍ରୀନିବାସ ରଣା, ପ୍ରଦୀପ ଦାଶ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଚେତାବନୀ ଦେଇଛନ୍ତି।

## ଏଟିଏମ୍ କାର୍ଡ ବଦଳାଇ ଅର୍ଥ ହଡ଼ପ

### ଅଧିକାରୀ ପରିଚୟ ଦେଇ ଲୁଟିଲେ

ପାଣିକୋଇଲି, ୧୯।୪ (ବିକାଶ ମଲ୍ଲିକ)

ଯାଜପୁର ସଦର ଥାନା କୁନିନ୍ଦା ଗ୍ରାମର ସେକ୍ ହାପିଜୁଦ୍ଦିନ ପାଣିକୋଇଲି ବଜାର ଟ୍ରେକର ଷ୍ଟାଣ୍ଡ ନିକଟ ଏସ୍‌ବିଆଇ ଏଟିଏମକୁ ଟଙ୍କା ଉଠାଇବାକୁ ଯାଇଥିବାବେଳେ ଠକାମିର ଶିକାର ହୋଇଛନ୍ତି। ଜଣେ ବ୍ୟକ୍ତି ନିଜକୁ ଏଟିଏମ ଅଫିସର କହି ତାଙ୍କ ଏଟିଏମ୍ କାର୍ଡ ବଦଳାଇ ପରେ ଟଙ୍କା ହଡ଼ପ କରିଛନ୍ତି। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ହାପିଜୁଦ୍ଦିନ ସେଠାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ଏଟିଏମ କାର୍ଡ ଦେବା ସହ ସିକ୍ରେଟ ନମ୍ବର କହିଥିଲେ। ବ୍ୟକ୍ତି ଜଣଙ୍କ ୩ ହଜାର ଟଙ୍କା ଉଠାଇବା ପରେ ଟଙ୍କା ସହ ଏଟିଏମ କାର୍ଡଟି ଫେରାଇ ଦେଇଥିଲେ। ହାପିଜୁଦ୍ଦିନ ଟଙ୍କା ନେଇ ପଳାଇଥିଲେ। ପରେ ପୁଣି ଟଙ୍କା ଦରକାର ପଡିବାରୁ ସେ କୁନିନ୍ଦା ଲକ୍ଷ୍ମୀଛକରେ ଥିବା ଏଟିଏମକୁ ଯାଇଥିଲେ। ମାତ୍ର ସେଠାରେ ଏଟିଏମ କାର୍ଡଟି ତାଙ୍କ କାର୍ଡ ଭଳି ଦେଖାଯାଉଥିଲେ ବି ତାହା ତାଙ୍କର ନୁହେଁ ବୋଲି ଜଣିବାକୁ ପାଇଥିଲେ। ପାଣିକୋଇଲି ଏଟିଏମରେ ଅଧିକାରୀ ପରିଚୟ ଦେଇଥିବା ବ୍ୟକ୍ତି ଚଞ୍ଚକତା ପୂର୍ଣ୍ଣ ଭାବେ କାର୍ଡ ବଦଳ କରିଥିବା ତାଙ୍କର ସନ୍ଦେହ ଉପୁଜିଥିଲା। ସେ ନିକଟ ଗ୍ରାହକ ସେବା କେନ୍ଦ୍ରରେ ଯାଇ ଯାଞ୍ଚ କରିବାରୁ ଖାତାରେ ଥିବା ୩୬ ହଜାର ୮୪୫ଟଙ୍କାରୁ ୩୬ ହଜାର ୪୦୦ ଟଙ୍କା ଉଠିଥିବା ଜାଣିବାକୁ ପାଇଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସ୍ମିତପ୍ରଜ୍ଞା


@ ସୌମ୍ୟ


@ ରୌମ୍ୟରଞ୍ଜନ


@ ଶୁଭେନ୍ଦ୍ର


@ ରାଜେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖରସ୍ରୋତାରେ ନିଖୋଜ ୨ ଭାଇଙ୍କ ମୃତଦେହ ମିଳିଲା

**ବ୍ୟାସନଗର ଅଞ୍ଚଳରେ ଶୋକାକୁଳ ପରିବେଶ**


ମୃତଦେହ ମିଳିବା ପରେ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗି ପଡିଛନ୍ତି।

ଯାଜପୁରରୋଡ୍, ୧୯।୪ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ସହରର ଅନତି ଦୂରରେ ଥିବା ଖରସ୍ରୋତା ନଦୀର ଜୋକଡିଆ ବ୍ରିଜ୍ ନିକଟକୁ ଗାଧୋଇବାକୁ ଯାଇ ବୁଡ଼ି ନିଖୋଜ ହୋଇଯାଇଥିବା ୨ ଭାଇଙ୍କ ମୃତଦେହ ମିଳିଛି। ମୃତକ ହେଲେ ବ୍ୟାସନଗର ପୌର ପରିଷଦର ଫେରୋକ୍ରୋମ କଲୋନି ନିକଟ ଶିବାନନ୍ଦ ନଗରର ଶେଖରଚନ୍ଦ୍ର ସ୍ୱାଇଁଙ୍କ ୨ ପୁଅ ଶାଶ୍ୱତ ସ୍ୱାଇଁ (୨୪) ଓ ସ୍ୱସ୍ତିକ ସ୍ୱାଇଁ (୨୧)। ଶୁକ୍ରବାର ସକାଳୁ ଓଡ୍ରାଫ ଟିମ୍ ନଦୀରୁ ୨ ଭାଇଙ୍କ ମୃତଦେହ ବାହାର କରିବାପରେ ଯାଜପୁରରୋଡ୍ ପୋଲିସକୁ ହସ୍ତାନ୍ତର କରିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣାକୁ ନେଇ ସମଗ୍ର ବ୍ୟାସନଗର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶାଶ୍ୱତ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

ସୂଚନା ମୁତାବକ, ଗୁରୁବାର ୨ ଭାଇ ସାଙ୍ଗମାନଙ୍କ ସହିତ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ବଡ଼ ଭାଇ ଶାଶ୍ୱତ ବୁଡି ଯାଇଥିଲେ। ସ୍ୱସ୍ତିକ ଭାଇଙ୍କୁ ବଞ୍ଚାଇବାକୁ ଯାଇ ସେ ମଧ୍ୟ ବୁଡି ଯାଇଥିଲେ। ଖବର ପାଇ ଯାଜପୁରରୋଡ୍ ଓ କୁଆଖିଆ ପୋଲିସ ସହ ଯାଜପୁରରୋଡ୍, ରସୁଲପୁର ଅଗ୍ନିଶମ ବାହିନୀ ଓ କଟକରୁ ଓଡ୍ରାଫ୍ ଟିମ ପହଞ୍ଚି ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ହେଲେ ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା।

# ବଢୁଛି ଖରା, ପିଇବାକୁ ପାଣି ନାହିଁ

କେନ୍ଦ୍ରାପଡ଼ା, ୧୯।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଉତ୍ତାପ ୪୨ ଡିଗ୍ରୀ ଉପରେ ଅଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମ୍‌ରେ ଥିବା ୭ ନଦୀ ଶୁଖିଲା ପଡ଼ିଲାଣି। ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀ ଜଳପଥ ଏହି ଜିଲାରେ ଥିବାବେଳେ ପାଣି ପାଇଁ ଜିଲାବାସୀ ତଡ଼ଳବିକଳ ହେଉଛନ୍ତି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ଟ୍ୟୁବ୍‌ୱେଲ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ତଥ୍ୟରେ ଉଲ୍ଲେଖ ଅଛି। ଏହାସତ୍ତ୍ୱେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ମସିହା ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେ ବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି ଯେ, ୭ ନଦୀ ପ୍ରବାହିତ ହେଉଥିବା କେନ୍ଦ୍ରାପଡ଼ା ଜିଲାରେ ପାନୀୟ ଜଳସଙ୍କଟ ଏକ ମୁଖ୍ୟ ସମସ୍ୟା। ସମୁଦ୍ର ତଟବର୍ତ୍ତୀ ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣା ହୋଇଯାଇଛି। ଟାଙ୍କିଗୁଡ଼ିକ ପ୍ରାୟ ଶୁଖିଲା ରହୁଛି। ଗୋଟିଏ ଟ୍ୟୁବ୍‌ୱେଲ ଖୋଳିଲେ ଅନ୍ୟୁନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସେଥିରେ ମଧ୍ୟ ଲୁଣା ପାଣି ବାହାରୁଛି। ସେହିପରି ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ଆଦି ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏହା ଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇ ପାରୁ ନ ଥିବାରୁ ପାନୀୟ ଜଳ ସ୍ଥିତି ମହାକାଳପଡ଼ା ବ୍ଲକ ପରି ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ ହୋଇଛି। ଏହି ଅଭିଯାନରେ ପ୍ରତି ଟ୍ୟୁବ୍‌ୱେଲରେ ସକିଂ ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ ମାରିଛି। ଫଳରେ ଭୂତଳ ଜଳ ରିଚାର୍ଜ ହୋଇପାରୁନାହିଁ। ଅପରପକ୍ଷରେ ୨୦୨୪ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଛି। ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ ପଚାରିବାରେ ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବ ବୋଲି ସେ କହିଛନ୍ତି।


କାଳପଡାଠାରେ ଲୁଣାନଦୀ ଶୁଖିଲା ପଡିଛି।


ଓଭରହେଡ୍ ପାଣିଟାଙ୍କି।

- ୧୦ହଜାରରୁ ଊର୍ଦ୍ଧ୍ୱ ଟ୍ୟୁବ୍‌ୱେଲରୁ ବାହାରୁଛି ଲୁଣାପାଣି
- ଟ୍ୟାପ ପାଣି ସଂଯୋଗ ଏବେ ବି ସ୍ୱପ୍ନ
- ଭୂତଳ ଜଳ ରିଚାର୍ଜ ଯୋଜନାର କାର୍ଯ୍ୟକାରୀ ନାହିଁ

# ଲୋଭୋଲ୍‌ଟେଜ, ବିଦ୍ୟୁତ କାଟ, ଉପଭୋକ୍ତା ଅତିଷ୍ଠ

ଖଣ୍ଡପଡ଼ା,୧୯।୪
(ଅଜୟ କୁମାର ମହାରଣା)

ଟିପିସିଓଡିଏଲ(ବିଦ୍ୟୁତ ବିଭାଗ) କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁ କ୍ରମାଗତ ଭାବରେ ଖଣ୍ଡପଡ଼ା ଅଞ୍ଚଳରେ ଯେପରି ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲଟେଜ ସମସ୍ୟା ଲାଗି ରହିଛି ଏଥିପାଇଁ ଉପଭୋକ୍ତାଙ୍କ ସହ ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏକ ପକ୍ଷରେ ଗ୍ରୀଷ୍ମ ଋତୁ ସମୟରେ ପ୍ରବଳ ଗରମ ଅନୁଭୂତ ହେଉଥିବା ବେଳେ ଅପରପକ୍ଷରେ ଘୋଷିତ ଏବଂ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍‌ଟେଜ ସମସ୍ୟାମାନ ଲାଗି ରହିଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦିନରେ ତାପମାତ୍ରା ୨ଦିନ ଧରି ୪୨ରୁ ଡିଗ୍ରୀକୁ ବୃଦ୍ଧି ପାଇଛି। ରୌଦ୍ରତାପର ପ୍ରଭାବ ସାଙ୍ଗକୁ ରାତିରେ ଗୁଳୁଗୁଳି ଓ ମଶାଙ୍କ ଦୌରାତ୍ମ୍ୟ ଯୋଗୁ ଅଞ୍ଚଳବାସୀ ତ୍ରାହିତ୍ରାହି ଡାକୁଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଛି। ବିଭିନ୍ନ ସ୍ଥାନରେ ଜଳଉତ୍ସଗୁଡିକ ଶୁଖିଲା ପଡିଥିବା ବେଳେ ଅଧିକାଂଶ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି। ସମୟାନୁକ୍ରମେ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି। ସମସ୍ୟାର ସମାଧାନ ଦିଗରେ ବିଦ୍ୟୁତ୍ ବିତରକ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧରଣରେ ଦାବି ହେଉଛି।

# ଅଣଚାଷୀଙ୍କୁ ପ୍ରାଧାନ୍ୟ ଦେଉଛି କୃଷି ବିଭାଗ

■ ଚାଷୀ, ଚାଷକୁ ନାହିଁ ପ୍ରୋତ୍ସାହନ

■ କ୍ଷତିଗ୍ରସ୍ତ ବାଲୁଗାଁ ଅଞ୍ଚଳର ଚାଷୀ ଆନ୍ଦୋଳନ ପାଇଁ ପ୍ରସ୍ତୁତ

ନୟାଗଡ଼,୧୯।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ବ୍ଲକର ବାଲୁଗାଁ ପଞ୍ଚାୟତ ଅଞ୍ଚଳରେ ଚାଷୀ ଓ ଚାଷକୁ କୃଷି ବିଭାଗ ଅଣଦେଖା କରୁଥିବା ଅଭିଯୋଗ ହୋଇଆସୁଛି। ଚାଷୀ ଓ ଚାଷ ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଥିଲେ ମଧ୍ୟ କୃଷି ବିଭାଗର ଅବହେଳା ଯୋଗୁ ବାଲୁଗାଁ ଅଞ୍ଚଳର ଚାଷୀ ହନ୍ତସନ୍ତ ହେଉଛନ୍ତି। ବରଂ ଅଣଚାଷୀ ଉପକୃତ ହେବାରେ ଲାଗିଛନ୍ତି। ଏଭଳିସ୍ଥଳେ କେତେଜଣ ଚାଷୀ ଚାଷ ଛାଡ଼ିଦେଇଥିବାବେଳେ ଅନ୍ୟମାନେ କ୍ଷତି ହେଉଥିବା ସତ୍ତ୍ୱେ ଚାଷ ଛାଡ଼ିପାରୁନାହାନ୍ତି। ଚାଷ ଓ ଚାଷୀଙ୍କୁ ବଞ୍ଚାଇବା ପାଇଁ ବାଲୁଗାଁ ଅଞ୍ଚଳର ଚାଷୀ ଏକତ୍ରିତ ହୋଇ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

### ୫ କିମି ଦୂରତାରେ ଥାଇ ସେବା ମିଳୁନି



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ବାଲୁଗାଁର ଦୂରତା ମାତ୍ର ୫ କିମି। ତେବେ ଏଠାର ଚାଷୀ ସର୍ବଦା ଉପେକ୍ଷିତ ଓ ଅବହେଳିତ। ବାଲୁଗାଁ ଓ ଆଖପାଖ ଅଞ୍ଚଳର ଚାଷୀ ସରକାରୀ ବିହନ ପାଉନାହାନ୍ତି। ସାରକୁ ସବୁବେଳେ କଳାବଜାରରୁ ଅଧିକ ଦାମ୍‌ରେ କିଣୁଛନ୍ତି। ଫସଲରେ ରୋଗପୋକ ଦେଖାଦେଲେ କୃଷି ବିଭାଗର ସହଯୋଗ ମିଳୁନି।

- ନିରଞ୍ଜନ ପ୍ରଧାନ, ଚାଷୀ

### ବଦଳୁନି ଚାଷୀ, ଚାଷ



ଚାଷୀ ଓ ଚାଷ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଚାଷୀ ଓ ଚାଷର ରୂପ ବଦଳୁନି। କେଉଁ କାରଣରୁ ଚାଷୀ ଓ ଚାଷର ରୂପରେଖ ବଦଳୁନି ତାହାର ସମୀକ୍ଷା ହେବା ଦରକାର। ଆମ ଅଞ୍ଚଳର ଅଣଚାଷୀ ଉପକୃତ ହେଉଥିବାବେଳେ ଚାଷୀ କାହିଁକି ତା'ର ପ୍ରାପ୍ୟ ପାଇପାରୁନି। କୃଷି ବିଭାଗ ଚାଷୀଙ୍କୁ ଅଣଦେଖା କରି ଚାଲିଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ବଢ଼ିଚାଲିଛି। ଧୀରେ ଧୀରେ ଚାଷୀ ଆନ୍ଦୋଳନ ମୁହାଁ ହେଉଛନ୍ତି।

- ଭଗବାନ୍ ନାୟକ, ଚାଷୀ

### ମୁଗ ବିହନ ହେର୍‌ଫେରର ତଦନ୍ତ ହେଉନି



ସରକାର ପ୍ରତି ପଞ୍ଚାୟତକୁ ୫ରୁ ୨୦ କୁଇଣ୍ଟାଲ ମୁଗ ବିହନ ଯୋଗାଇ ଦେଉଛନ୍ତି। ତେବେ ବାଲୁଗାଁ ପଞ୍ଚାୟତକୁ ଆସୁଥିବା ଏହି ବିହନ କୁଆଡ଼େ ଯାଉଛି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଆଖପାଖ ପଞ୍ଚାୟତର ଚାଷୀ ମୁଗ ବିହନ ପାଉଥିବାବେଳେ ବାଲୁଗାଁ ପଞ୍ଚାୟତର ଚାଷୀ ଏହା ପାଇପାରୁନାହାନ୍ତି। ମୁଗ ବିହନରେ ପ୍ରତିବର୍ଷ ଚାଲିଥିବା ହେର୍‌ଫେରର ତଦନ୍ତ ହେଉନି।

- ମାଟିଆ ଜେନା, ଚାଷୀ

### ତାଲିମ, କର୍ମଶାଳା ନାହିଁ



ବିହନ ବିଶୋଧନ ଓ ଚାଷ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ତାଲିମ ବ୍ୟବସ୍ଥା ଅଛି। ସରକାର ଏଥିପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ ବାଲୁଗାଁ ଅଞ୍ଚଳର ଚାଷୀଙ୍କୁ ତାଲିମ ଦିଆଯାଉନି କି କର୍ମଶାଳାକୁ ଯିବାର ସୁଯୋଗ ମିଳୁନି। ସେହିପରି ବିଭିନ୍ନ ଜିଲାର ଗବେଷଣା କେନ୍ଦ୍ରରେ ଚାଷୀଙ୍କୁ ଶିକ୍ଷାଦେବା ପାଇଁ ବ୍ୟବସ୍ଥା ଅଛି। ଉନ୍ନତ ପ୍ରଣାଳୀରେ ଚାଷ କରିଥିବା ଚାଷୀର କ୍ଷେତ ପରିଦର୍ଶନ ପାଇଁ ମଧ ବ୍ୟବସ୍ଥା ଅଛି। ତେବେ କାହିଁକି ବାଲୁଗାଁ ଅଞ୍ଚଳର ଚାଷୀ ଏହାର ସୁବିଧା ନେଇପାରିବ ନାହିଁ। ଆମର ପ୍ରଶ୍ନ ଆମ ପାଖରେ ରହିଯାଉଛି। ଉତ୍ତର କେହି ଦେଉନାହାନ୍ତି କି ସମାଧାନର ବ୍ୟବସ୍ଥା କରାଯାଉନି।

- ବ୍ରଜବନ୍ଧୁ ଦଳବେହେରା, ଚାଷୀ

### ବାଦାମ ବିହନ କଳାବଜାରରୁ କିଣିଲୁ



ବାଦାମ ବିହନ ପାଇଁ ବାରମ୍ବାର କୃଷି ବିଭାଗକୁ ଚାଷୀମାନେ ଦୌଡ଼ିଲେ। ବିହନ କୃଷି ବିଭାଗ ଦେବ ବୋଲି ପ୍ରତିଶ୍ରୁତି ଦେଲା। ଆଜିକାଲି କହି ମାସେ ଦୌଡ଼ିଲା ପରେ ବିହନ ମିଳିଲା ନାହିଁ। ୫୦ ଟଙ୍କାର ବିହନ କଳାବଜାରରୁ ୧୫୦ ଟଙ୍କାରେ କିଣି ଚାଷ କରାଗଲା। ବିହନ ବୁଣିବା ପରେ କୃଷି ବିଭାଗର ସହଯୋଗ ମିଳିଲା ନାହିଁ କି କେହି କ୍ଷେତ୍ର ପରିଦର୍ଶନ କଲେ ନାହିଁ। ଆମ ଦୁଃଖ କୃଷି ବିଭାଗ ବୁଝୁ ନ ଥିବାରୁ ଚାଷ ପ୍ରତି ଚାଷୀ ବିତସ୍ପୃହ ହେବାରେ ଲାଗିଛନ୍ତି।

- ପ୍ରଫୁଲ୍ଲ ଡାକୁଆ, ଚାଷୀ

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ମିତପ୍ରଜ୍ଞା



@ ସୌମ୍ୟ



@ ରୌମ୍ୟରଞ୍ଜନ



@ ସୁଭେନ୍ଦ୍ର



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଞ୍ଚସଖା କୃଷକ କ୍ଲବ ବିଜୟୀ

ନୂଆଗାଁ, ୧୯।୪ (ଧନେଶ୍ୱର ସାହୁ)

## ନୂଆଗାଁ ପ୍ରିମିୟର ଲିଗ୍ ୬ଷ୍ଠ ଦିବସ

ନୟାଗଡ଼ ଜିଲା ନୂଆଗାଁ କଲେଜ ପଡ଼ିଆଠାରେ ନୂଆଗାଁ ଫ୍ରେଣ୍ଡସ୍ ଇଲେଭେନ କ୍ରିକେଟ କ୍ଲବ (ଏଫ୍‌ଇସିସି) ଦ୍ୱାରା ଆୟୋଜିତ ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଓ ପଞ୍ଚସଖା କୃଷକ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚସଖା କୃଷକ କ୍ଲବ ବିଜୟ ଲାଭ କରଛି।

ଏହି ମ୍ୟାଚରେ ପ୍ରଧାନ ସାନିଟାରୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରତିପକ୍ଷ ପଞ୍ଚସଖା କୃଷକ କ୍ଲବ ଦଳ ୧୩ ଓଭର ୨ବଲରେ ୩ ଉଇକେଟ ବିନିମୟରେ ୧୪୮ ରନ ସଂଗ୍ରହ କରିଥିଲା। ତେବେ ପଞ୍ଚସଖା କୃଷକ କ୍ଲବ ୭ ଉଇକେଟରେ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଦଳଠାରୁ ବିଜୟ ଲାଭ କରିଥିଲା। ଆଜିର ମ୍ୟାଚ୍‌କୁ ଜିତେନ୍ଦ୍ର କୁମାର ବରାଡ ଓ ଅଞ୍ଜନ କୁମାର ଗୋଛାୟତ ପରିଚାଳନା କରିଥିଲେ। ସପ୍ତମ ଦିବସର ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଓ ପ୍ରତିଷ୍ଠା ଓ୍ୟାରିୟର୍ସ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ଶାଳ ଜଙ୍ଗଲ, ରଗଡମିଡା ଜଙ୍ଗଲ ଜଳୁଛି



ରାସୋଳ ଜଙ୍ଗଲରେ ଶାଳ ଗଛଗୁଡ଼ିକ ଜଳୁଛି।

ନୟାଗଡ଼,୧୯।୪(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜ ରାସୋଳ ଜଙ୍ଗଲ ଓ ମହିପୁର ରେଞ୍ଜର ରଗଡିମଡ଼ା ଜଙ୍ଗଲ ଜଳୁଛି। ରାସୋଳ ଜଙ୍ଗଲର ଶାଳ ବଣିରେ ନିଆଁ ଲାଗିଛି। ପାଣିପୋଇଲା ଚିନିକଳ ନିକଟସ୍ଥ ଏହି ଜଙ୍ଗଲରେ ଶୁକ୍ରବାର ପୂର୍ବାହ୍ନରୁ ନିଆଁ ଲାଗିଥିଲେ ମଧ ବନ ବିଭାଗର କର୍ମଚାରୀ ରାତି ୧୦ଟା ସୁଦ୍ଧା ପହଞ୍ଚି ପାରି ନ

## ବନ ବିଭାଗ ପାଖରେ ଖବର ନାହିଁ

ଥିବା ଜଣାପଡିଛି। ନିଆଁ ବ୍ୟାପିବାରେ ଲାଗିଛି। ନିଆଁରୁ ରକ୍ଷା ପାଇଁ ଜଙ୍ଗଲରେ ଥିବା କୁଟୁରା, ବାର୍‌ହା, ଠେକୁଆ ବନ୍ୟପ୍ରାଣୀ ଭୟରେ ଏଣେତେଣେ ଦୌଡୁଛନ୍ତି। ଏପରିକି କିଛି ବନ୍ୟପ୍ରାଣୀ ଗାଁ ମୁହାଁ ହୋଇଛନ୍ତି। ଔଷଧିୟ ଗୁଳ୍ମ ମଧ ନିଆଁରେ ପୋଡି ଗଲାଣି। ସେହିପରି ମହିପୁର ରେଞ୍ଜର ରଗଡିମଡ଼ା ସଂରକ୍ଷିତ ଜଙ୍ଗଲର ନେଡିସାହି ଓ ଶିମିଳିସାହି ଅଞ୍ଚଳରେ ନିଆଁ ଲାଗିଛି। ସନ୍ଧ୍ୟାରୁ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ଫାୟାର ସ୍କ୍ୱାଡ୍, ଫାୟାର ୱାଚର, ଫାୟାର ଲାଇନ୍ ସ୍କ୍ୱାଡ୍ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କାମରେ ଲାଗୁନି ବୋଲି ଅଭିଯୋଗ ହେଉଛି।

# ପୋଖରୀରେ ବୁଡ଼ି ବାଳିକା ମୃତ

ଦଶପଲ୍ଲା,୧୯।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଥାନା ଅନ୍ତର୍ଗତ ପୁରୁଣା ଦଶପଲ୍ଲା ଗାଁରେ ଶୁକ୍ରବାର ପୋଖରୀରେ ବୁଡି ଜଣେ ୪ ବର୍ଷର ବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ବାଳିକାଟି ଗ୍ରାମର ପ୍ରସନ୍ନ ରଣାଙ୍କ ଝିଅ ଯଶୋଦା ବୋଲି ଜଣାପଡ଼ିଛି। ମଧ୍ୟାହ୍ନ ୧୨ଟାରେ ସେ ଗ୍ରାମ ନିକଟସ୍ଥ ପୋଖରୀକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରିବା ପରେ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ମୁକେଶ କୁମାର ବେହେରା କହିଛନ୍ତି।

# ସମସ୍ୟା ମଧ୍ୟରେ ଖଣ୍ଡପଡ଼ା ଥାନା

## କର୍ମଚାରୀ ଅଭାବ, କାର୍ଯ୍ୟ ପରିଚାଳନା ବାଧକ ସାଜିଛି

ଖଣ୍ଡପଡ଼ା,୧୯।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନରେ କଣ୍ଟିଲୋ, ନୂଆଗଡିଆସାହି ଓ କୋସକା ଆଦି ୩ଟି ଫାଣ୍ଡି କାର୍ଯ୍ୟ କରୁଛି। ୩ଟି ଫାଣ୍ଡି ଖଣ୍ଡପଡ଼ା ଥାନା ପରିସରଭୁକ୍ତ ହୋଇଥିବା ବେଳେ କେବଳ ନୂଆଗଡିଆସାହି ଫାଣ୍ଡିକୁ ବାଦ ଦେଲେ ବାକି ଖଣ୍ଡପଡ଼ା ଥାନା ଓ ୨ଟି ଫାଣ୍ଡିର ଭିତ୍ତିଭୂମି ସୁଦୃଢ ଥିବା ଜଣାପଡିଛି। ମାତ୍ର ଫାଣ୍ଡି ଓ ଥାନାରେ ଆବଶ୍ୟକ କର୍ମଚାରୀଙ୍କ ଅଭାବ ସାଙ୍ଗକୁ ଅତ୍ୟାବଶ୍ୟକ ମୌଳିକ ସୁବିଧା ସୁଯୋଗ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ କର୍ମଚାରୀଙ୍କ ରହିବା ନିମନ୍ତେ ସରକାରୀ କ୍ୱାର୍ଟର୍ସର ଅଭାବ ପରିଲକ୍ଷିତ ହେଉଛି। ଫଳରେ କର୍ମଚାରୀମାନେ ବାହାରେ ଘରଭଡ଼ା ନେଇ ରହୁଛନ୍ତି। ଦୈନିକ ବିଭିନ୍ନ କାର୍ଯ୍ୟରେ ଥାନାକୁ ଆସୁଥିବା ଜନସାଧାରଣ ପାନୀୟ ଜଳ ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଥିବା ଜଣାପଡିଛି। ଥାନା ପରିସରରେ ଥିବା ଥଣ୍ଡା ପାନୀୟଜଳ ମେଶିନଟି ଦୀର୍ଘ ମାସ ଧରି ଅଚଳ ହୋଇ ପଡିଛି। ମେଶିନଟିକୁ କାର୍ଯ୍ୟକ୍ଷମ କରିବା ଦିଗରେ କେହି ହେଲେ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି କର୍ମଚାରୀମାନେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି ସମୟରେ ଅକଥନୀୟ ଦୁର୍ଦ୍ଦଶାରେ ସମ୍ମୁଖିନ ହେଉଛନ୍ତି। ଖଣ୍ଡପଡ଼ା ଥାନାରେ ମହିଳା ଡେକ୍ସ ଅଦ୍ୟାବଧି କାର୍ଯ୍ୟ ଆରମ୍ଭ କରାଯାଇନାହିଁ। ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଥାନା ପ୍ରତି ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ବର୍ଷ ବର୍ଷ ଧରି ଭଡ଼ାଘରେ ଚାଲିଥିବା ନୂଆଗଡିଆସାହି ଫାଣ୍ଡିର ଭିତ୍ତିଭୂମି ବିକାଶ ନିମନ୍ତେ ପୋଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।



ଥାନା ପରିସରରେ ଅଚଳ ଥଣ୍ଡା ମେଶିନ୍।

# ଜଳିଗଲା ଶୁଷ୍କ ଶାଳ ଗଛ

ପାଟଣା,୧୯।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜୁରୀଡ଼ିହା ବେଗନା ରାସ୍ତାର ଖଜୁରୀଡ଼ିହା ଛକରେ ଥିବା ଏକ ଶୁଖିଲା ଶାଳଗଛର ମଧ ଭାଗରେ ଶୁକ୍ରବାର ନିଆଁ ଲାଗି ଜଳିଯାଇଛି। ନିଆଁ ଲାଗିବା କାରଣ ଜଣାପଡ଼ି ନ ଥିବା ବେଳେ ପ୍ରଚଣ୍ଡ ରୌଦ୍ର ତାପ ଯୋଗୁ ଗଛରେ ନିଆଁ ଲାଗିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଜାରି ରଖିଛନ୍ତି।

# ତାଡକା ବଧ, ଶିବ ଧନୁ ଭାଙ୍ଗିଲେ ପ୍ରଭୁ ରାମଚନ୍ଦ୍ର

## ଦଶପଲ୍ଲା କାଷ୍ଠମୁଖା ରାମଲୀଳାର ତୃତୀୟ ଦିବସ

ନୟାଗଡ଼/ଦଶପଲ୍ଲା,୧୯।୪
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ଲୋକକଳା, ଲୋକ ସଂସ୍କୃତିର ଐତିହ୍ୟ ବହନ କରୁଥିବା ଦଶପଲ୍ଲାର ଭାରତ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ମହୋତ୍ସବ ତୃତୀୟ ଦିବସରେ କାଷ୍ଠ ମୁଖା ରାମଲୀଳାରେ ପ୍ରଭୁ ରାମଚନ୍ଦ୍ର ତାଡକା ବଧ କରିବା ସହ ଶିବ ଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିଛନ୍ତି। ୨ୟ ଦିବସ ଗୁରୁବାର ରାମଲୀଳା ନାଟକ ବନ୍ଦ ରହିବାର ପରମ୍ପରା ଥିବାରୁ ନାଟକ ହୋଇ ନ ଥିଲା। ଶୁକ୍ରବାର ଦିନବେଳା ମନ୍ଦିରରେ ଯାଜ୍ଞରକ୍ଷା, ତାଡକ ବଧ ଓ ଶିବ ଧନୁ ଭଗ୍ନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ପ୍ରଭୁ ରାମଚନ୍ଦ୍ରଙ୍କର ମୁକ୍ତାକାଶ ରଙ୍ଗମଞ୍ଚରେ ରାମଲୀଳା ନାଟକରେ ଦିନବେଳାର ପରମ୍ପରା ଦେଖିବାକୁ ମିଳିଥିଲା। ସିଦ୍ଧବନରେ ଋଷି ବିଶ୍ୱାମିତ୍ର ଯଜ୍ଞ କରୁଥିଲେ। ଅସୁରମାନେ ଯଜ୍ଞ ସ୍ଥଳରେ ପହଞ୍ଚି ମୁନିଋଷିଙ୍କୁ ହଇରାଣ କରିବା ସହ ଯଜ୍ଞ ନଷ୍ଟ କରିଥିଲେ। ଏହି ସମୟରେ ଦିବ୍ୟବାଣୀ ହୁଏ ଦଶରଥ ନନ୍ଦନ ରାମଚନ୍ଦ୍ର ହିଁ ଅସୁରଙ୍କୁ ନିପାତ କରି ଯଜ୍ଞ ରକ୍ଷା କରିପାରିବେ। ଯଜ୍ଞ ରକ୍ଷା ପାଇଁ ପ୍ରଭୁ ରାମଚନ୍ଦ୍ରଙ୍କୁ ନେବାକୁ ଋଷି ବିଶ୍ୱାମିତ୍ର ଅଯୋଧ୍ୟାକୁ ଆସି ରାଜା ଦଶରଥଙ୍କୁ ଅସୁରଙ୍କ ଯଜ୍ଞ ନଷ୍ଟ କରିବାରୁ ରକ୍ଷା ପାଇଁ ଶ୍ରୀରାମଙ୍କୁ ସାଙ୍ଗରେ ନେବା ପାଇଁ ଅନୁରୋଧ କରିଥିଲେ। ବାଳୁତ ଥିବାରୁ ରାମଚନ୍ଦ୍ରଙ୍କୁ ଦଶରଥ ଛାଡିବା ପାଇଁ ଅରାଜି ହୁଅନ୍ତି। ଏପରିକି ନିଜେ ଯାଇ ଅସୁରଙ୍କ ସହ ଲଢ଼ିବାକୁ ନିଷ୍ପତ୍ତି ନିଅନ୍ତି। ବିଶ୍ୱାମିତ୍ର ଅରାଜି ହେବା ପରେ କୁଳଗୁରୁ ବଶିଷ୍ଟଙ୍କ ପରାମର୍ଶ ଅନୁସାରେ ଶ୍ରୀରାମ ଓ ଲକ୍ଷ୍ମଣ ଋଷି ବିଶ୍ୱାମିତ୍ରଙ୍କ ସହ ସିଦ୍ଧବନକୁ ଗମନ କରନ୍ତି। ବାଟରେ ତାଡକା ଅସୁରୁଣୀଙ୍କୁ ବଧ କରିଥିଲେ। ସିଦ୍ଧ ବନରେ ଋଷିମାନେ ଯଜ୍ଞ ଆରମ୍ଭ କରିବା ମାତ୍ରେ ତାଡକା ଅସୁରୁଣୀଙ୍କ ଦୁଇ ପୁତ୍ର ମାରିଚ ଓ ସୁବାହୁ ସୈନ୍ୟଗଣ ସହ ଯଜ୍ଞ ଭଙ୍ଗ କରନ୍ତି। ପବନାସ୍ତ୍ର ଦ୍ୱାରା ରାମଚନ୍ଦ୍ର ମାରିଚ ଅସୁରକୁ ଶତ ଯୋଜନକୁ ଉଡାଇ ଫୋପାଡି ଦିଅନ୍ତି। ସୁବାହୁ ଅସୁରଙ୍କୁ ନିହତ କରନ୍ତି। ଯଜ୍ଞକାର୍ଯ୍ୟ ଆରମ୍ଭ ପରେ ବିଶ୍ୱାମିତ୍ର ରାମ ଓ ଲକ୍ଷ୍ମଣଙ୍କୁ ଦିବ୍ୟ ଅସ୍ତ୍ର ଶିକ୍ଷା ଦିଅନ୍ତି। ପରେ ସୀତାଙ୍କ ସ୍ୱୟଂମ୍ବରରେ ଯୋଗ ଦେବାକୁ ରାମ ଓ ଲକ୍ଷ୍ମଣଙ୍କୁ ସାଙ୍ଗରେ ନେଇ ଯାତ୍ରା ଆରମ୍ଭ କରନ୍ତି। ରାମଚନ୍ଦ୍ର ବାଟରେ ଗଲାବେଳେ ଶାପଗ୍ରସ୍ତ ହୋଇ ପଥର ହୋଇଥିବା ଅହଲ୍ୟାଙ୍କୁ ଉଦ୍ଧାର କରନ୍ତି। ଅହଲ୍ୟା ଉଦ୍ଧାର ପରେ ଗଙ୍ଗା ନଦୀ ପାର ହୋଇ ମିଥିଳାର ସୀତା ସ୍ୱୟଂମ୍ବରରେ ଯୋଗ ଦିଅନ୍ତି। ସ୍ୱୟଂମ୍ବରର ସର୍ତ୍ତ ରହିଥିଲା ଶିବଧନୁରେ ଯିଏ ଗୁଣ ଚଢ଼ାଇ ପାରିବେ ସେ ସୀତାଙ୍କୁ ବିବାହ କରିବ। ସ୍ୱୟଂମ୍ବରକୁ ଆମନ୍ତ୍ରିତ ହୋଇଥିବା ରାଜାମାନେ ଅସଫଳ ହୋଇଥିବାବେଳେ ରାମଚନ୍ଦ୍ର ଶିବଧନୁରେ ଗୁଣ ଦେବାବେଳେ ଧନୁ ଭଗ୍ନ କରିଥିଲେ।



ରାମଚନ୍ଦ୍ର ଶିବ ଧନୁ ଭାଙ୍ଗୁଛନ୍ତି।

# ମନକୁ ମନ ଫାଟିଯାଉଛି କଂକ୍ରିଟ ରାସ୍ତା: ଭୟଭିତ ଲୋକେ

ଓଡ଼ଗାଁ,୧୯।୪
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ବାଉଁଶଗାଡିଆଠାରୁ ଶରଧାପୁର ରାସ୍ତା ଦେଇ ଦରପଦାକୁ ସଂଯୋଗ କରିଥିବା ମୁଖ୍ୟମନ୍ତ୍ରୀ ସଡ଼କ କଂକ୍ରିଟ ରାସ୍ତା ମନକୁ ମନ ଫାଟି ଉପରକୁ ଉଠି ଯାଉଥିବା ଦେଖିବାକୁ ମିଳିଛି। ଏହାଦେଖି ଜନସାଧାରଣ ଭୟଭିତ ହେବା ସହ ଘର ଭିତରକୁ ଧାଇଁ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଶରଧାପୁର ନିକଟସ୍ଥ ବାମୁଣ୍ଡି ଗାଁ କଂକ୍ରିଟ ରାସ୍ତା ଫାଟି ଯାଇଥିଲା। ୮ରୁ ୧୦ ମିଟର ପାଖାପାଖିବ ଫାଟି ଦୁଇ ଫୁଟ ଉପରକୁ ଉଠିଥିଲା। ଏହି ସମୟରେ ଏକ ଶବ୍ଦ ସୃଷ୍ଟି ହୋଇଥିଲା। ଏହା ଗ୍ରାମବାସୀ ଶୁଣିବାକୁ ପାଇଥିଲେ। ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଏହା ଦେଖି ଭୟଭିତ ହୋଇ ଘରକୁ ପଳାଇ ଥିଲେ। ତେବେ ପ୍ରଚଣ୍ଡ ଖରା ଯୋଗୁଁ ଏପରି ରାସ୍ତା ଫାଟିଥିବା ସାଧାରଣରେ ଆଲୋଚନା ହେଉଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସଞ୍ଜୀବ ରଥଙ୍କୁ ପଚାରିବାରେ ପ୍ରଚଣ୍ଡ ରୌଦ୍ର ତାପ କିମ୍ବା ଡ୍ରିଲ କରି କୌଣସି ଲୋକ ରାସ୍ତା ଫଟାଇ ଥାଇ ପାରନ୍ତି ବୋଲି ଅନୁମାନ କରାଯାଇ ପାରେ। ହେଲେ ସେ ଘଟଣାସ୍ଥଳକୁ ଯାଇ ଏହାର କାରଣ ଖୋଜିବେ ବୋଲି କହିଛନ୍ତି।



# ଖାଦ୍ୟ ମୁଦ୍ରାସ୍ଫୀତି ବଡ଼ ବିପଦ

- ଏମ୍‌ପିସିର ପ୍ରଥମ ବୈଠକ
- ରେପୋ ରେଟ୍ ଉପରେ ନଜର
- ଦର ବୃଦ୍ଧିକୁ ନେଇ ବିଚାର ବିମର୍ଶ




ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରା ନୀତି କମିଟି(ଏମ୍‌ପିସି)ର ସଦସ୍ୟମାନେ ଖାଦ୍ୟ ମୁଦ୍ରାସ୍ଫୀତିକୁ ଏକ ବଡ଼ ବିପଦ ବୋଲି କହିଛନ୍ତି। ୨୦୨୪ ଏପ୍ରିଲର ପ୍ରଥମ ସପ୍ତାହରେ ଆୟୋଜିତ ହୋଇଥିବା ଆର୍‌ବିଆଇର ମୁଦ୍ରାନୀତି କମିଟି ବୈଠକର ସାରାଂଶରେ ଏପରି ମତ ପ୍ରକାଶ ପାଇଛି । ଶୁକ୍ରବାର ଆର୍‌ବିଆଇର ଏମ୍‌ପିସି ବୈଠକର ସାରାଂଶ ପ୍ରକାଶ ପାଇଲା। ବୈଠକରେ ସଦସ୍ୟମାନେ ମୁଦ୍ରାନୀତି ସମ୍ପର୍କରେ ଆର୍‌ବିଆଇର ବର୍ତ୍ତମାନର ଆଭିମୁଖ୍ୟ ଉପରେ ଆଶାବାଦୀ ଅଛନ୍ତି। ମାତ୍ର ସଦସ୍ୟମାନେ ଖାଦ୍ୟ ମୁଦ୍ରାସ୍ଫୀତି ପାଇଁ ଚିନ୍ତିତ ଅଛନ୍ତି। ଏମ୍‌ପିସି ସଦସ୍ୟ ମାଇକେଲ ଦେବବ୍ରତ ପାତ୍ର କହିଛନ୍ତି, ବର୍ତ୍ତମାନର ମୁଦ୍ରାସ୍ଫୀତିର ପ୍ରଭାବ ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ହାରର ପ୍ରଭାବ ବିଷୟରେ ତଥ୍ୟ ଯଥେଷ୍ଟ ଯେ ଖାଦ୍ୟ ମୁଦ୍ରାସ୍ଫୀତିର ଆଶଙ୍କା ରହିଛି। ମେ ୨୦୨୪ ସୁଦ୍ଧା ଖାଦ୍ୟ ମୂଲ୍ୟ ବୃଦ୍ଧି ହେବା ସମ୍ଭାବନା ସୃଷ୍ଟି କରୁଛି। ସେ ଦର୍ଶାଇଛନ୍ତି, ବିଶ୍ୱରେ ଖାଦ୍ୟ ମୂଲ୍ୟ ବୃଦ୍ଧି ଏବଂ ଅନ୍ୟାନ୍ୟ କାରଣ ହେତୁ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପର୍ଯ୍ୟନ୍ତ ମୁଦ୍ରାସ୍ଫୀତି ହାର ୨ରୁ ୬ ପ୍ରତିଶତ ଟଲେରାନ୍ସ ବ୍ୟାଣ୍ଡରେ ରହିବ। ତାଙ୍କ କହିବାନୁସାରେ, ବର୍ତ୍ତମାନ ନୀତିଗତ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ପାଇଁ ଉପଯୁକ୍ତ ସମୟ ନୁହେଁ। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି, ୨୦୨୪-୨୫ରେ ମୁଦ୍ରାସ୍ଫୀତି ହାର ୪.୫%କୁ ଖସିପାରେ ବୋଲି ଆକଳନ କରାଯାଇଛି। ଗ୍ରାମାଞ୍ଚଳରେ ଚାହିଦା ବୃଦ୍ଧି, ଗ୍ରାହକଙ୍କ ଆତ୍ମବିଶ୍ୱାସ ବୃଦ୍ଧି, ବ୍ୟକ୍ତିଗତ ବ୍ୟବହାରରେ ବୃଦ୍ଧି ଏବଂ ଅନ୍ୟାନ୍ୟ କାରଣରୁ ଆର୍‌ବିଆଇ ଗଭର୍ନର ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ନେଇ ଆଶାବାଦୀ ଅଛନ୍ତି। ମୁଦ୍ରାସ୍ଫୀତି ହାର ହ୍ରାସ କରିବାକୁ ଗତ ୨ ବର୍ଷ ମଧ୍ୟରେ ହୋଇଥିବା ଲାଭକୁ ବଜାୟ ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମୁଦ୍ରାସ୍ଫୀତି ହାରକୁ ୪ ପ୍ରତିଶତକୁ ଆଣିବା ପାଇଁ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ତେବେ ଆର୍‌ପିଓ ଏମ୍‌ପିସିର ଅନ୍ୟ ଜଣେ ସଦସ୍ୟ ଜୟନ୍ତ ବର୍ମା ରେପୋ ରେଟକୁ ୨୫ ଆଧାର ପଏଣ୍ଟ ହ୍ରାସ କରିବାକୁ ମତ ଦେଇଛନ୍ତି। ତେବେ ଆର୍‌ବିଆଇର ଏମ୍‌ପିସି ବୈଠକ ପରେ ଅନେକ ପରିବର୍ତ୍ତନ ହୋଇଛି। ଇସ୍ରାଏଲର ଇରାନ ଉପରେ ଆକ୍ରମଣ ପରେ ବିଶ୍ୱବ୍ୟାପୀ ଉତ୍ତେଜନା ବୃଦ୍ଧି ପାଇଛି। ଅଶୋଧିତ ତୈଳ ସମେତ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟରେ ବୃଦ୍ଧି ଘଟୁଛି, ଯେଉଁ କାରଣରୁ ମୁଦ୍ରାସ୍ଫୀତି ବୃଦ୍ଧି ହେବାର ବିପଦ ରହିଛି ଏବଂ ଷ୍ଟକ୍ ମାର୍କେଟରେ କ୍ରମାଗତ ହ୍ରାସ ଦେଖାଯାଉଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୯।୪

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୯(୫୯୯.୩୪) ପଏଣ୍ଟ ବଢ଼ି ୭୩,୦୮୮(୭୩,୦୮୮.୩୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୧(୧୫୧.୧୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୪୭ (୨୨,୧୪୭.୦୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

## କାନାରା ବ୍ୟାଙ୍କର ନୂତନ ଉତ୍ପାଦ




ଭୁବନେଶ୍ୱର,୧୯।୪ (ଅଭୟ ଦାଶ)

କାନାରା ବ୍ୟାଙ୍କର ନୂତନ ଉତ୍ପାଦ 'କାନାରା-ଆଞ୍ଜେଲ, ହିଲ୍, ମାଇଁ ମନୀ, ରେଡି କ୍ୟାଶ୍ ଏବଂ ୟୁପିଆଇ୧୨୩ ପେ ଏଏସ୍‌ଆଇ'ର ଆନୁଷ୍ଠାନିକ ଉନ୍ମୋଚନ ବୁଧବାର ଭୁବନେଶ୍ୱର ଠାରେ ହୋଇଯାଇଛି। କାନାରା ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ଅଭିଜ୍ଞତାର ମାନବୃଦ୍ଧି ତଥା ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ଅଧିକ ସହଜ ଓ ସରଳ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଉତ୍ପାଦ ଓ ସେବାଗୁଡ଼ିକର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭବେନ୍ଦ୍ର କୁମାର ଉପରୋକ୍ତ ନୂତନ ଉତ୍ପାଦର ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଥିଲେ। କାନାରା ବ୍ୟାଙ୍କର ରାଜ୍ୟ ମୁଖ୍ୟ ଜଗଦୀଶ ଚନ୍ଦରଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଟିପିଏ ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ନୂତନ ଉତ୍ପାଦଗୁଡ଼ିକର ପ୍ରମୁଖ ବିଶେଷତ୍ୱ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲାବେଳେ ବ୍ୟାଙ୍କର ନୂତନ ଉତ୍ପାଦ ଅଫରଗୁଡ଼ିକ ବ୍ୟାଙ୍କିଙ୍ଗ୍ ଶିଳ୍ପରେ ନୂତନ ମାନଦଣ୍ଡ ବୃଦ୍ଧି କରିବା ସହ ନୂତନତା ଓ ଗ୍ରାହକ କୈନ୍ଦ୍ରିକତା ପ୍ରତି ଉତ୍ସର୍ଗୀକୃତତାକୁ ସୁନିଶ୍ଚିତ କରୁଛି। ଉଲ୍ଲେଖଯୋଗ୍ୟ, କାନାରା ହିଲ୍‌ରେ ୫ଲକ୍ଷ ପର୍ଯ୍ୟନ୍ତ ବୀମା ରାଶି, ୨୪ ଘଣ୍ଟିଆ ଡିଜିଟାଲ ପ୍ରସେସିଂ ସେବା ଓ ୩୬ ମାସିଆ ପରିଶୋଧ ସମୟ ଉପଲବ୍ଧ ଥିବାବେଳେ କାନାରା ଆଞ୍ଜେଲରେ କାର୍ଡ ଥିବା ଦେୟମୁକ୍ତ ସ୍ୱାସ୍ଥ୍ୟ ପରୀକ୍ଷା ସେବା, ଦେୟ ମୁକ୍ତ ପ୍ଲାଟିନମ୍ ରୁପେ କାର୍ଡ, ଜିରୋ ବାଲାନ୍ସ ଆଦିରେ ବ୍ୟାଙ୍କିଙ୍ଗ୍ ସେବା ଓ ମାଗଣା ଏସ୍‌ଏମ୍‌ଏସ୍ ସେବା ଆଦି ଉପଲବ୍ଧ ରହିଛି।

## ଫୋର୍ଟ ଫର୍ନିଚରର ସ୍ୱତନ୍ତ୍ର ଅଫର

STYLESPA ZUARI Furniture

ଭୁବନେଶ୍ୱର,୧୯।୪(ଅନୁରାଧା ମହାରଣା)

ଜୁଆରି ଗ୍ଲୋବାଲ ଲିମିଟେଡ୍‌ର ସହାୟକ କମ୍ପାନୀ ଇଣ୍ଡିଆନ ଫର୍ନିଚର ପ୍ରଡକ୍ଟସ ଲିମିଟେଡ୍ ଏବଂ ପୋଲାଣ୍ଡସ୍ଥିତ ଫାବ୍ରିକି ମ୍ୟାବେଲି ଫୋର୍ଟର ମିଳିତ ଭେଞ୍ଚର ଫୋର୍ଟ ଫର୍ନିଚର ପକ୍ଷରୁ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଫର୍ନିଚର ଉପଲବ୍ଧ କରାଯାଉଛି। ବର୍ତ୍ତମାନ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏହି ମାସରେ ୭୦% ପର୍ଯ୍ୟନ୍ତ ବାର୍ଷିକ ଷ୍ଟକ୍ କ୍ଲିୟରାନ୍ସ ଅଫର ଉପଭୋଗ କରିପାରିବେ। ସୋଫା, ବେଡ୍, ଡାଇନିଂ, ସେଣ୍ଟର ଟେବୁଲ, ଅଫିସ୍ ଫର୍ନିଚର ଭଳି ଷ୍ଟୋରରେ ଆକର୍ଷଣୀୟ ଫର୍ନିଚର ରହିଛି। ଜର୍ମାନୀ, ଇଟାଲୀ ଏବଂ ସ୍ପେନ୍‌ରୁ ଅତ୍ୟାଧୁନିକ ମେସିନ ବ୍ୟବହାରକରି ଏହିସବୁ ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଭୁବନେଶ୍ୱରର ବାପୁଜୀନଗର ସମେତ ସାରା ଓଡ଼ିଶାରେ କମ୍ପାନୀର ଶୋ'ରୁମ୍ ଏବଂ ଡିଲର ରହିଛନ୍ତି। ପ୍ରତି ଫର୍ନିଚରରେ ୱାରେଣ୍ଟି ରହୁଥିବାବେଳେ ଷ୍ଟୋରରୁ ଫର୍ନିଚର କିଣିବାକୁ ଚାହୁଁଥିବା ବ୍ୟକ୍ତି ଇଜିଇଏମ୍‌ଆଇ ସୁବିଧା ମଧ୍ୟ ପାଇପାରିବେ। ସମସ୍ତ ପ୍ରକାର କ୍ରେଡିଟ୍ ଓ ଡେବିଟ୍ କାର୍ଡ ଏଠାରେ ଗ୍ରହଣ କରାଯାଉଥିବା ଏରିଆ ମ୍ୟାନେଜର(ସେଲ୍‌ସ) ଇନ୍ଦ୍ରଜିତ୍ ମହାନ୍ତି ସୂଚନା ଦେଇଛନ୍ତି। ସୂଚନା ଥାଉ କି, ୧୫ ମିଲିୟନ ଡଲାରରୁ ଅଧିକ ପୁଞ୍ଜି ବିନିଯୋଗ ସହିତ ଫୋର୍ଟର ଉତ୍ପାଦନ ସ୍ଥଳ ଦକ୍ଷିଣ ଭାରତର ଚେନ୍ନାଇରେ ଅବସ୍ଥିତ। ଏହି ୟୁନିଟ୍ ଏସିଆର ବୃହତ୍ତମ ୟୁନିଟ୍ ମଧ୍ୟରୁ ଗୋଟିଏ ଏବଂ ଏହାର ପ୍ରତିବର୍ଷ ୨,୦୦,୦୦୦ୟୁନିଟ୍‌ରୁ ଅଧିକ ପାର୍ଟିକିଲ୍ ବୋର୍ଡ ଏବଂ ଏମଡିଏଫ୍ ଆଧାରିତ ପ୍ୟାନେଲ ଆସବାବପତ୍ର ଉତ୍ପାଦନ କରିବାର କ୍ଷମତା ରହିଛି।

## ବଜାରରେ ମହିନ୍ଦ୍ରା ବୋଲେରୋ ନିଓ ପ୍ଲସ୍




ଭୁବନେଶ୍ୱର,୧୯।୪

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡ୍‌ର ନୂତନ ମଡେଲ 'ବୋଲେରୋ ନିଓ ପ୍ଲସ୍'ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ଏପରିକି ୯ସିଟର ବିଶିଷ୍ଟ ଉକ୍ତ ମଡେଲ ୨ଟି ଭାରିଆଣ୍ଟ ପି୪ ଏବଂ ପ୍ରିମିୟମ ପି୧୦ ବଜାରରେ ଉପଲବ୍ଧ।

ବିଶେଷକରି ଏହା ଏକ ଷ୍ଟାଇଲିଶ୍, ପ୍ରଶସ୍ତ ଏବଂ ମଜଭୁତ ଏସ୍‌ୟୁଭି ବର୍ଗରେ ମଡେଲ ହୋଇଥିବା ବେଳେ ଆଶାୟୀ ଗ୍ରାହକଙ୍କୁ ସୁହାଇଲା ଭଳି ଏହାକୁ ପ୍ରସ୍ତୁତ କରାଯାଇଛି, ଯାହା ଡ୍ରାଇଭର ସମେତ ୯ଜଣ ଯାତ୍ରୀଙ୍କୁ ଆରାମଦାୟକ ଯାତ୍ରା କରିବା ପାଇଁ ଉଦ୍ଦିଷ୍ଟ ହୋଇଛି।

ଉଲ୍ଲେଖଯୋଗ୍ୟ, ବୋଲେରୋ ନିଓ ପ୍ଲସ୍, ୯ସିଟ୍ ବିଶିଷ୍ଟ ନିର୍ଭରଯୋଗ୍ୟ,ଶକ୍ତିଶାଳୀ ଏବଂ ଯେକୌଣସି ଯାତ୍ରା ପାଇଁ ନିର୍ମିତ, ଷ୍ଟାଇଲିଶ୍ ବୋଲ୍ଡ ଡିଜାଇନ, ପ୍ରିମିୟମ ଆଭ୍ୟନ୍ତରୀଣ ଏବଂ ନିଓର ଟେକ୍ନୋଲୋଜି ସହ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ମହିନ୍ଦ୍ରା ଏବଂ ମହିନ୍ଦ୍ରା ଲିମିଟେଡ୍‌ର ସିଇଓ (ଅଟୋମେଟିଭ ସେକ୍ଟର) ନଳିନୀକାନ୍ତ ଗୋଲାଗୁଣ୍ଟା କହିଛନ୍ତି, ଆମେ ସ୍ଥିରତା, ଉନ୍ନତ ବୈଶିଷ୍ଟ୍ୟ ଏବଂ ଆରାମଦାୟକ ଯାତ୍ରାର ଅନୁଭୂତି ପ୍ରଦାନ ପାଇଁ ପ୍ରତିଜ୍ଞାବଦ୍ଧ, ଯାହା ପ୍ରତ୍ୟେକ ପରିବାର ଏବଂ ଯାନ ମାଲିକଙ୍କ ପାଇଁ ଡ୍ରାଇଭିଂ ଅଭିଜ୍ଞତାକୁ ସମୃଦ୍ଧ କରିଥାଏ। ଏହାର ବଡି-ଅନ୍-ଫ୍ରେମ୍ ନିର୍ମାଣ ଏବଂ ଉଚ୍ଚ ଶକ୍ତିଶାଳୀ ଷ୍ଟିଲ୍ ବଡି ସେଲ୍ ଚରମ ସ୍ଥାୟିତ୍ୱ ଏବଂ ନିରାପତ୍ତା ପାଇଁ ଡିଜାଇନ କରାଯାଇଛି। ଉକ୍ତ ମଡେଲର ପ୍ରାରମ୍ଭିକ ମୂଲ୍ୟ (ଏକ୍ସଶୋ'ରୁମ୍) ୧୧.୩୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

## ଅଶୋଧିତ ତୈଳ ଦର ୯୦ ଡଲାର ପାର




ଭୁବନେଶ୍ୱର,୧୯।୪

କ୍ରମାଗତ ଭାବେ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇ ଚାଲିଛି। ଏପରିକି ଶୁକ୍ରବାର ଅଶୋଧିତ ତୈଳ ଦର ପ୍ରାୟ ୪% ବଢ଼ି ୯୦ ଡଲାର ପାରକରିଛି। ସେହିଭଳି ବ୍ରେଣ୍ଟ କ୍ରୁଡ୍ ଅଏଲର ବଜାର ମୂଲ୍ୟ ୩.୯୪% ବଢ଼ି ୯୦.୫୪ ଡଲାରରେ ପହଞ୍ଚିଛି। ଏପରିକି ୟୁଏସ୍ ୱେଷ୍ଟ ଟେକ୍ସସା ଇଣ୍ଟରମିଡିଏଟ (ଡବ୍ଲ୍ୟୁଟିଆଇ)ର ମୂଲ୍ୟ ୪.୦୬% ବଢି ୮୬.୦୯ଡଲାରରେ କାରବାର ହେଉଛି।

ଉଲ୍ଲେଖଯୋଗ୍ୟ, ଅନ୍ତଃରାଷ୍ଟ୍ରୀୟ ବଜାରରେ ଅହେତୁକ ମୂଲ୍ୟ ବୃଦ୍ଧି, ୟୁଏସ୍ ଫେଡର ଦର ବୃଦ୍ଧି, ଭୌଗୋଳିକ ସମସ୍ୟା (ଭୂ-ରାଜନୈତିକ ସମସ୍ୟା), ମଧ୍ୟ ପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତିକ୍ତତା ବୃଦ୍ଧି ସାଙ୍ଗକୁ ଇରାନ ଓ ଇସ୍ରାଏଲ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଭଳି ଅନେକ ଘଟଣା କାରଣରୁ ବଜାର ପରିସ୍ଥିତି ମଧ୍ୟ ଅସ୍ଥିରତା ଦେଇ ଗତି କରୁଛି। ଅପରପକ୍ଷରେ ବଜାର ମୂଲ୍ୟ ବୃଦ୍ଧି ଯୋଗୁ ଓପେକ ରାଷ୍ଟ୍ର ସମୂହ ମଧ୍ୟ ତୈଳ ଉତ୍ପାଦନ ଓ ବିକ୍ରୟ ଉପରେ କଟକଣା ଆରମ୍ଭ ସହିତ ଯୋଗାଣ ହ୍ରାସ କରିବାକୁ ଯୋଜନା କରୁଥିବା ଜଣାପଡିଛି।

**ନୀତି ରାଜନୀତି**

# ବାହାର ଅଞ୍ଚଳ ପ୍ରାର୍ଥୀ ବନାମ ମାଟିର ପୁଅ

ଯାଜପୁର,୧୯।୪(ହର୍ଷବର୍ଦ୍ଧନ ବେହେରା)

ସମ୍ପ୍ରତି ଜିଲା ତଥା ନିର୍ବାଚନମଣ୍ଡଳୀ ବାହାର ପ୍ରାର୍ଥୀଙ୍କୁ ନେଇ ବହୁ ଚର୍ଚ୍ଚା ହେଉଛି। ହେଲେ ନେତାମାନେ ନିଜ ଅଞ୍ଚଳଠାରୁ ଦୂର ଅନ୍ୟ ଏକ ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା କରିବା କିଛି ନୂଆ କଥା ନୁହେଁ। ଭାରତର ନିର୍ବାଚନୀ ଇତିହାସରେ ବହୁ ତୁଙ୍ଗ ନେତା ଭିନ୍ନ ଅଞ୍ଚଳରେ ନିର୍ବାଚନ ଲଢ଼ି ବିଜୟୀ ହୋଇପାରିଛନ୍ତି। ଯାଜପୁର ଜିଲା ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଚଳିତ ନିର୍ବାଚନରେ ଯାଜପୁର ବାସିନ୍ଦା ତଥା ବିଜେଡିର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) ଏଥର ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେହିପରି ତାଙ୍କ ବିପକ୍ଷରେ ତାଳଚେର ବାସିନ୍ଦା ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଯେ, ମୁଖ୍ୟମନ୍ତ୍ରୀ ଏଥର ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ନିର୍ବାଚନ ଲଢୁଥିବା ପ୍ରାର୍ଥୀ କେଉଁଠାର ମୂଳବାସିନ୍ଦା ସେ ପ୍ରସଙ୍ଗ ପରିବର୍ତ୍ତେ, ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ, ଅଞ୍ଚଳ ତଥା ଅଞ୍ଚଳବାସୀଙ୍କ ସମସ୍ୟା ସହିତ ତାଙ୍କ ସମ୍ପର୍କ ଏବଂ ତାଙ୍କ ଦଳର ସାଂଗଠନିକ ଶକ୍ତି ହିଁ ଭୋଟରଙ୍କ ପାଖରେ ଗ୍ରହଣୀୟ ହେଉଥିବା ଦେଖାଯାଉଛି। ହେଲେ ଆଜିକାଲି ନିର୍ବାଚନମଣ୍ଡଳୀ ସହ କୌଣସି ସମ୍ପର୍କ ନ ରଖି ଦଳୀୟ ହାଇକମାଣ୍ଡଙ୍କଠାରୁ ଟିକେଟ ଆଣି ନିର୍ବାଚନ ଲଢ଼ିବାର ଏକ ନୂଆ ଧାରା ସୃଷ୍ଟି ହୋଇଥିବାରୁ ମାଟିର ପୁଅଙ୍କୁ ଅଧିକାର ମିଳୁନାହିଁ। ଏ ନେଇ ସ୍ୱାଭାବିକ ଭାବରେ ଭୋଟର ଓ ଦଳୀୟ କର୍ମୀମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ।

ନବକୃଷ୍ଣ ଚୌଧୁରୀ ବଡ଼ଚଣା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହେବା ସହ ୧୯୫୦ରୁ ୧୯୫୬ ଯାଏ ପ୍ରାୟ ୬ ବର୍ଷ ଧରି ଓଡ଼ିଶା ମୁଖ୍ୟମନ୍ତ୍ରୀ ହୋଇଥିଲେ। ଚୌଧୁରୀ ଜଗତ୍‌ସିଂହପୁର ଜିଲାର ମୂଳବାସିନ୍ଦା ହୋଇଥିବାବେଳେ ଅନୁଗୋଳରେ ଏକ ଆଶ୍ରମ କରି ପୂର୍ବରୁ ରହୁଥିଲେ ବୋଲି ଜଣାପଡିଛି। ସେହିପରି ୧୯୫୭ରେ କଂଗ୍ରେସରୁ ଯଦୁମଣି ମଙ୍ଗରାଜ ବଡ଼ଚଣା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ। ସେ ଉପବାଚସ୍ପତି ଭାବେ କାର୍ଯ୍ୟ ତୁଲାଇଥିଲେ। ମଙ୍ଗରାଜଙ୍କ ଘର କେନ୍ଦ୍ରାପଡ଼ା ଜିଲା ବୋଲି ଜଣାପଡ଼ିଛି। କୋରେଇ ନିର୍ବାଚନମଣ୍ଡଳୀ ପୂର୍ବରୁ ଏହା ଯାଜପୁର ପଶ୍ଚିମ ନିର୍ବାଚନମଣ୍ଡଳୀ ରହିଥିଲା। ଏହି ନିର୍ବାଚନମଣ୍ଡଳୀରେ ପ୍ରଫୁଲ୍ଲ ଘଡେଇ ୧୯୬୭ ଓ ୧୯୭୧ରେ ବିଜୟୀ ହୋଇଥିଲେ। ହେଲେ ତାଙ୍କ ଘର ଦଶରଥପୁର ବ୍ଲକ ଆନ୍ଦଳା ଗ୍ରାମରେ। ପରବର୍ତ୍ତୀ ସମୟରେ ସେ ୧୯୯୦ରୁ ସୁକିନ୍ଦା ଆସନରୁ ଲଗାତର ଭାବେ ୨୦୦୯ ପର୍ଯ୍ୟନ୍ତ ବିଜୟୀ ହୋଇଛନ୍ତି। ସେହିପରି ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡେଇ ୨୦୦୯ରେ କୋରେଇ ଓ ୨୦୧୪ରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ଯାଜପୁର ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ଅଶୋକ ଦାସ ୧୯୭୪ରୁ କୋରେଇରୁ ବିଜୟୀ ହୋଇଥିଲେ । ସେ ୬ ଥର ଏହି ଆସନରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ବାସ୍ତବରେ ଅଶୋକଙ୍କ ଘର ଯାଜପୁର ନିର୍ବାଚନମଣ୍ଡଳୀରେ। ୨୦୦୪ରେ ଭାଜପା ଟିକେଟରେ ସଞ୍ଚିତା ମହାନ୍ତି କୋରେଇ ଆସନରୁ ବିଜୟୀ ହୋଇଥିଲେ। ତାଙ୍କ ବାପଘର ରାମବାଗ ହୋଇଥିବାବେଳେ ଶ୍ୱଶୁରଘର ବାଲେଶ୍ୱର ଜିଲାରେ। ସେହିପରି କଳ୍ପତରୁ ଦାସଙ୍କ ପୈତୃକ ଘର କୋରେଇ ନିର୍ବାଚନମଣ୍ଡଳୀର ଭୋଟକା ଗ୍ରାମରେ ହୋଇଥିବାବେଳେ ସେ ଧର୍ମଶାଳା ଆସନରୁ ୧୯୯୫ରୁ ୨୦୦୯ ପର୍ଯ୍ୟନ୍ତ ବିଧାୟକ ହୋଇ ମନ୍ତ୍ରୀପଦ ପାଇଥିଲେ। ବିଶେଷକରି ଜିଲାର କୋରେଇ, ସୁକିନ୍ଦା, ଧର୍ମଶାଳା ଓ ବଡ଼ଚଣା ନିର୍ବାଚନମଣ୍ଡଳୀରେ ବାହାର ପ୍ରାର୍ଥୀଙ୍କୁ ଗ୍ରହଣୀୟ କରାଯାଇଛି। ଏହି କ୍ରମରେ ଏବେ ଅଶୋକ ଦାସଙ୍କ ପୁଅ ପ୍ରଣବ ପ୍ରକାଶ ଦାସ ମଧ୍ୟ ଯାଜପୁର ଜିଲା ଛାଡ଼ି ସମ୍ବଲପୁର ଲୋକ ସଭା ଆସନରୁ ବିଜୟୀ ହେବାକୁ ଆଶା ରଖିଛନ୍ତି। ତାଙ୍କ ପରିବାରବର୍ଗରୁ ଜଣେ ଏବେ କୋରେଇ ଆସନରୁ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ସେହିପରି ବାପାଙ୍କ ପ୍ରଥା ଅନୁକରଣ କରି ପ୍ରଣବ ବଳବନ୍ତରାୟ(ଜିତୁ) ଓ ପ୍ରୀତିରଞ୍ଜନ ଘଡେଇ(ଡାନି) ନିଜ ପୈତୃକ ଘର ଅଞ୍ଚଳ ଛାଡ଼ି ଅନ୍ୟତ୍ର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ସମ୍ପ୍ରତି ଭୋଟରଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଘଟିଛି । ଏହି ପରିପ୍ରେକ୍ଷୀରେ ଚଳିତ ନିର୍ବାଚନରେ ନିଜ ମାଟିର ପୁଅଙ୍କୁ ଭୋଟର କେତେ ଗୁରୁତ୍ୱ ଦେଉଛନ୍ତି ତାହା ନିର୍ବାଚନ ଫଳାଫଳ ହିଁ କହିବ ବୋଲି ମତପ୍ରକାଶ ପାଉଛି।

## ଭାଜପାରେ ପୂର୍ବତନ ଉପବାଚସ୍ପତି, ଗଞ୍ଜାମ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ




ଭୁବନେଶ୍ୱର, ୧୯।୪(ସୁନିତ୍ ମିଶ୍ର)

ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ନିଜର ଶତାଧିକ ସମର୍ଥକଙ୍କ ଗହଣରେ ବିଜେଡି ଛାଡ଼ି ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାମଚନ୍ଦ୍ର ପଣ୍ଡାଙ୍କ ସମେତ ଗଞ୍ଜାମ ଏନ୍‌ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, ସ୍ୱାଧୀନ କାଉନସିଲର ଅରୁଣ କୁମାର ପଣ୍ଡା, ବିଜେଡି କାଉନସିଲର ରୀତା ଦେବୀ ମହାରଣା, ରାଇବରୀ ଜେନା, ସ୍ୱାଗତ ଆଶିଷ ନାୟକ ପ୍ରମୁଖ ଭାଜପାରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଭ୍ରଷ୍ଟାଚାର ଶାସନ ବିରୋଧରେ ଲଢ଼େଇ କରିବା ପାଇଁ ଶାସକ ବିଜେଡି ଓ କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳର ନେତା ଏବଂ କର୍ମୀ ଅନ୍ୟ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଭାଜପାରେ ସାମିଲ ହେଉଛନ୍ତି। ରାଜ୍ୟ, ଜିଲା ଓ ପଞ୍ଚାୟତସ୍ତରରୁ ପ୍ରତି ଦିନ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଓଡ଼ିଶାରେ ଅନ୍ୟାୟ, ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର,ବ୍ୟଭିଚାର, କୁଶାସନର ଅବସାନ ଘଟିବ। ବିଜେଡିର ଦୀପ ଖୁବ୍ ଶୀଘ୍ର ଲିଭିଯିବ ଏବଂ ନୂତନ ସୂର୍ଯ୍ୟୋଦୟ ହେବ। କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଗଠନ ହେବ ବୋଲି ମନମୋହନ କହିଛନ୍ତି।

**ନିର୍ବାଚନ ରାଲିରେ ପିଲାଙ୍କୁ ବୁଲାଉଛନ୍ତି ଅପରାଜିତା**

## ସିଇଓଙ୍କୁ ଫେରାଦହେଲା ବିଜେଡି




ଭୁବନେଶ୍ୱର,୧୯।୪(ଅନିଲ ଦାସ)

ଭାଜପାର ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଦଳୀୟ ପ୍ରଚାର ଓ ରାଲିରେ ଛୋଟ ସାନ ପିଲାମାନଙ୍କୁ ବ୍ୟବହାର କରୁଛନ୍ତି । ପ୍ରଚଣ୍ଡ ଖରାରେ ପିଲାଙ୍କ ବେକରେ ଦଳୀୟ ଉତ୍ତରୀୟ ପକାଇ ବୁଲାଉଛନ୍ତି । ସେ ପିଲାମାନଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରି ଶିଶୁ ଅଧିକାର ଆଇନକୁ ଉଲ୍ଲଂଘନ କରିଛନ୍ତି। ଏଥିସହିତ ସେ ଆଦର୍ଶ ଆଚରଣ ବିଧିର ମଧ୍ୟ ଦୁରୁପଯୋଗ କରିଛନ୍ତି। ଏ ନେଇ ଶୁକ୍ରବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ସାକ୍ଷାତ କରିଛନ୍ତି। ଆଗାମୀ ଦିନରେ ସେ ଯେପରି ପିଲାମାନଙ୍କୁ ରାଲି କିମ୍ବା ତାଙ୍କ ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହାର ନ କରିବେ ସେ ନେଇ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ଦାବି କରିଛି ।

# ପୁରୁଣାଙ୍କ ସହ ଲଢ଼ିବେ ନୂଆ

ସୁନାବେଡ଼ା/ସେମିଳିଗୁଡ଼ା,୧୯।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

**ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀ**


ପ୍ରଫୁଲ୍ଲ ପାଙ୍ଗୀ


ରାମଚନ୍ଦ୍ର କାଡାମ


ଚୈତନ୍ୟ ନନ୍ଦବାଲି

କୋରାପୁଟ ଜିଲା ପଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ' ୧୩ରେ ନିର୍ବାଚନ ହେବ। କଂଗ୍ରେସ ଓ ଶାସକ ବିଜେଡି ନିଜର ପ୍ରାର୍ଥୀ ପରିବର୍ତ୍ତନ କରି ନ ଥିବା ବେଳେ ଭାଜପା ଏହି କ୍ଷେତ୍ରରେ ନିଜ ପୂର୍ବ ଘୋଷିତ ପ୍ରାର୍ଥୀ ପରିବର୍ତ୍ତନ କରିଛି। ପଟାଙ୍ଗି ନିର୍ବାଚନମଣ୍ଡଳୀରୁ ୨୦୧୯ ନିର୍ବାଚନରେ ବିଜେଡିର ପିତମ ପାଢ଼ୀ ବିଜୟୀ ହୋଇଥିଲେ। ଏଥର ଦଳ ତାଙ୍କ ପରିବର୍ତ୍ତେ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଭରସା କରିଛି। ପ୍ରଫୁଲ୍ଲ ୨୦୧୪ ନିର୍ବାଚନରେ ପଟାଙ୍ଗିରୁ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ପ୍ରାର୍ଥୀ କରିଥିବା ରାମଚନ୍ଦ୍ର କାଡାମ ଜଣେ ପୁରୁଖା ନେତା ରୂପେ ପରିଚିତ। କଂଗ୍ରେସରୁ ସେ ୧୯୯୫ ଓ ୨୦୦୯ରେ ୨ ଥର ବିଧାୟକ ହୋଇଥିଲେ। ପରବର୍ତ୍ତୀ ନିର୍ବାଚନଗୁଡ଼ିକରେ ଦଳ ପକ୍ଷରୁ ସେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ପରାଜିତ ହୋଇଥିଲେ। ଏପରି ସ୍ଥଳେ ୬ମାସ ତଳେ ଭାଜପାରେ ସାମିଲ ହୋଇଥିବା ଚୈତନ୍ୟ ନନ୍ଦବାଲି ଏହି ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ହୋଇଛନ୍ତି। ସେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ମୁକାବିଲା କରିବେ। ଚୈତନ୍ୟ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୮,୨୩୮ଖଣ୍ଡ ଭୋଟ ପାଇଥିଲେ। ସେହିପରି ଗତ ନିର୍ବାଚନରେ ଉକ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ୫୧ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ୪୬ ହଜାରରୁ ଅଧିକ ଭୋଟ ପାଇଥିଲା। ଏସବୁକୁ ଆକଳନ କଲେ ଏହି ନିର୍ବାଚନମଣ୍ଡଳୀରେ ପୁରୁଣାଙ୍କ ସହ ନୂଆ ମୁହଁର ଲଢ଼େଇ ହେବ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଭାଜପା ପ୍ରଥମେ ଚୈତନ୍ୟ ହନ୍ତାଳଙ୍କୁ ପ୍ରାର୍ଥୀ ରୂପେ ଘୋଷଣା କରିଥିଲା। ପରେ ତାଙ୍କୁ ପରିବର୍ତ୍ତନ କରି ଚୈତନ୍ୟ ନନ୍ଦବାଲିଙ୍କୁ ପ୍ରାର୍ଥୀ କରିଛି।

# ୨ ରାଜ୍ୟରେ ଭୋଟ ଦେବେ ସୀମାନ୍ତବାସୀ

- ନନ୍ଦପୁର ବ୍ଲକ୍ ଅଧୀନ ଆନ୍ଧ୍ର ସୀମାକୁ ଲାଗିଥିବା ଗାଁ
- ଭୋଟରଙ୍କ ମନର କଥା ଖାଇଚୁ ଆଞ୍ଜା, ଦ୍ରୋହୀ ହେବୁନି
- ଆନ୍ଧ୍ର ବୁଥ୍‌ରେ ଆଙ୍ଗୁଠିରେ ଲାଗିବନି ଭୋଟ କାଳି
- ୱାନ୍ ନେଶନ ୱାନ୍ ଆଇଡେଣ୍ଟି ବ୍ୟବସ୍ଥା
- ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି: ବିଡିଓ

ନନ୍ଦପୁର,୧୯।୪(ଶଙ୍କର ପୂଜାରୀ)


ଗ୍ରାମବାସୀମାନେ ଉଭୟ ଓଡ଼ିଶା ଓ ଆନ୍ଧ୍ରରେ ଭୋଟଦାନ ସମ୍ପର୍କରେ ସୂଚନା ଦେଉଛନ୍ତି।

ଆନ୍ଧ୍ର ଓ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁବିଧା ପାଇଛୁ। ଆଧାର, ରାଶନ, କୁଲି ଓ ଭୋଟରକାର୍ଡ ପାଇଛୁ। ଉଭୟ ରାଜ୍ୟରୁ ଭତ୍ତା, ଚାଉଳ, କୁଲିକାମ, ଶିକ୍ଷା, ଶିଶୁଙ୍କ ଖାଦ୍ୟ, ମା'ମାନଙ୍କ ପାଇଁ ଟଙ୍କା ପାଇଛୁ। ଦ୍ରୋହୀ ହେବୁ ନାହିଁ। ଆନ୍ଧ୍ର, ଓଡ଼ିଶା ଦୁଇ ରାଜ୍ୟ ପାଇଁ ଭୋଟ ଦେବୁ। ସକାଳୁ ଆନ୍ଧ୍ର ଯିବୁ ସେଠାରୁ ଫେରି ଓଡ଼ିଶା ବୁଥ୍‌ରେ ଭୋଟ ଦେବୁ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି ସୀମାନ୍ତବାସୀ। ଆଙ୍ଗୁଠିରେ ଭୋଟ କାଳି ଲାଗିଥିବ, ଦୁଇ ରାଜ୍ୟରେ ଭୋଟ କେମିତି ଦେବ ବୋଲି ପ୍ରଶ୍ନର ଉତ୍ତରରେ ଆନ୍ଧ୍ର ବୁଥ୍‌ରେ ଭୋଟ କାଳି ଲଗେଇବେ ନାହିଁ, ଯିଏ ପଚାରିଲେ ମାଓବାଦୀମାନେ ଭୋଟ ଦେବାକୁ ମନା କରିଛନ୍ତି। ଦେଲେ ଜୀବନରୁ ମାରିଦେବେ ଧମକ ଦେଇଛନ୍ତି ବୋଲି କହିବାକୁ ଆନ୍ଧ୍ରରୁ ଆସୁଥିବା ନେତା ଓ ଅଧିକାରୀମାନେ ସେମାନଙ୍କୁ ଶିଖାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏ କଥା ନନ୍ଦପୁର ବ୍ଲକ ସୀମାନ୍ତ ଗୋଲୁର, ପାନ୍ଥଲୁଙ୍ଗ, ଚାଟୁଆ, ଖିନବର ବିଲାପୁଟ ପଞ୍ଚାୟତର ଆନ୍ଧ୍ର ସୀମାନ୍ତକୁ ଲାଗି ରହିଥିବା ଗ୍ରାମର ଭୋଟରଙ୍କ ମୁହଁରୁ ଶୁଣିବାକୁ ମିଳୁଛି।

ପ୍ରକାଶ ଯେ, ନନ୍ଦପୁର ବ୍ଲକ ଅଧୀନରେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ପାନ୍ଥଲୁଙ୍ଗ, ଗୋଲୁର, ଚାଟୁଆ, ବିଲାପୁଟ, ଖିନବର ପଞ୍ଚାୟତର ଅଧିକାଂଶ ଗ୍ରାମବାସୀଙ୍କ ନିକଟରେ ୨ରାଜ୍ୟର ଭୋଟର, ଆଧାର, ରାଶନ ଓ କୁଲି କାର୍ଡ ରହିଛି। ଗ୍ରାମବାସୀ ୨ ରାଜ୍ୟର ସରକାରୀ ଯୋଜନାର ହିତାଧିକାରୀ ଭାବେ ଉଭୟ ରାଜ୍ୟର ଭତ୍ତା ଟଙ୍କା, ଆବାସ ଘର, ବିଦ୍ୟୁତ୍ ସଂଯୋଗ, ଶିଶୁଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ଶିକ୍ଷା ସୁବିଧା, ଆମ୍ମାବାଡ଼ି ଯୋଜନାରେ ମା'ଙ୍କୁ ଟଙ୍କା, ଏନ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଜୁରି, ଯୋଗାଣ ସାମଗ୍ରୀ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା ସୁବିଧା, ମହିଳା ଗୋଷ୍ଠୀରଣ ଆଦି ବହୁ ସୁବିଧା ପାଉଛନ୍ତି। ଆଗକୁ ଗୋଟିଏ ଦିନରେ ୨ ରାଜ୍ୟର ନିର୍ବାଚନ ରହିଛି। ୨ ରାଜ୍ୟ ସରକାରଙ୍କ ସୁବିଧା ପାଇଛୁ। ପ୍ରଥମ ପର୍ଯ୍ୟାୟରେ ମେ ୧୩ ତାରିଖରେ ହେଉଥିବା ଭୋଟ ସକାଳୁ ଯାଇ ଆନ୍ଧ୍ର ବୁଥ୍‌ରେ ଦେଇ ଆସି ଅପରାହ୍ନରେ ଓଡ଼ିଶା ସରକାରଙ୍କ ନନ୍ଦପୁର ବ୍ଲକ ପ୍ରଶାସନ ଦ୍ୱାରା ସ୍ଥାପିତ ବୁଥ୍‌ରେ ଭୋଟ ଦେବେ ବୋଲି ପାନ୍ଥଲୁଙ୍ଗ ପଞ୍ଚାୟତର ସୁତୁବ, ସାରିଆପାଲି, ଜରାଇ, ପ୍ରଧାନିପୁଟ, ରାତୁଲପୁଟ, ଶୋଭାପୁଟ, ବୁସିପୁଟ, ଅଣ୍ଡରଗୁଡ଼ା ଗ୍ରାମ ଭୋଟର ଗୋଲୁର ପଞ୍ଚାୟତର ରାଇ ପାହାଡ଼, ମାଝିଗୁଡ଼ା, ଚୁଆଫୁଲ, ଚାଟୁଆ ପଞ୍ଚାୟତର ସଦର ମହକୁମା ସମେତ ବାଙ୍କମାଖୋଲା, ପୁଲିକଣ୍ଡା, ମାଣ୍ଡିପଦର, ଖିନବର ପଞ୍ଚାୟତର ଡେଙ୍ଗିଆମଣ୍ଡ, ଘାଟିଗୁଡା, ଖିନବର, ବିଲାପୁଟ ପଞ୍ଚାୟତର ବିଲାପୁଟ, ଜୋଲାପୁଟ, ମାଲିକପୁଟ, ଖିନମୁଙ୍ଗ, ସାବୁନ, ଉପର ସାବୁନ ଲାମାତୁର ଆଦି ଗ୍ରାମବାସୀ କହିଛନ୍ତି। ଏଥି ନିମନ୍ତେ ଆନ୍ଧ୍ର ତରଫରୁ ମାଓବାଦୀଙ୍କ ଆଳ ନେଇ ଭୋଟ ଦେବା ବେଳେ ଆଙ୍ଗୁଠିରେ ଭୋଟ କାଳିନ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୀମାନ୍ତ ଅଞ୍ଚଳକୁ ପ୍ରଚାର ଲାଗି ଆସୁଥିବା ଆନ୍ଧ୍ର ରାଜନୈତିକ ଦଳର କର୍ମୀ ଓ ଅଧିକାରୀ କହୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସୀମାନ୍ତବାସୀଙ୍କ ଏଭଳି ନୀତି ରାଜନେତାଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଲେ, ଏ ସମ୍ପର୍କରେ ସେ କୋରାପୁଟ ଜିଲାପାଳ, ଏଡିଏମ୍, ଉପଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପୂର୍ବରୁ ଅବଗତ କରିଛନ୍ତି। ବର୍ତ୍ତମାନ ବିଏଲ୍‌ଓମାନେ ଘର ଘର ବୁଲି ଭୋଟର ମାର୍ଗଦର୍ଶିକା ପୁସ୍ତିକା ବଣ୍ଟନକରି ଲୋକଙ୍କୁ ସଚେତନ କରୁଛନ୍ତି। ଆଗକୁ ସୀମାନ୍ତ ଗ୍ରାମାଞ୍ଚଳରେ ସଚେତନତା ଲାଗି ଜିଲା ପ୍ରଶାସନକୁ ଅର୍ଥ ବରାଦ କରିବାକୁ ଅନୁରୋଧ କରାଯିବ। ଅର୍ଥ ମିଳିଲେ ଆନ୍ଧ୍ର ସୀମାକୁ ଲାଗି ରହିଥିବା ଗାଁ ଗାଁ ବୁଲି ସଚେତନ କରାଯିବ ବୋଲି ଦୋରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ୱାନ୍ ନେଶନ ୱାନ୍ ଆଇଡେଣ୍ଟି ବ୍ୟବସ୍ଥା ଦୁଇ ରାଜ୍ୟ ସୀମାରେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏଭଳି ବିବାଦ ସୃଷ୍ଟି ହେଉଥିବା କେତେଜଣ ବୁଦ୍ଧିଜୀବୀ କହିଛନ୍ତି। ଏଭଳି ଦ୍ୱୈତ ମତଦାନ ରୋକିବାକୁ କେନ୍ଦ୍ରୀୟ ନିର୍ବାଚନ କମିଶନର ହସ୍ତକ୍ଷେପ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

# ପୋଲିସ ଯାଞ୍ଚ, ୭.୫୩ ଲକ୍ଷ ଜବତ


ଝାରବନ୍ଧ ପୋଲିସ ଜବତ କରିଥିବା ଟଙ୍କା।

ପଦ୍ମପୁର/ଝାରବନ୍ଧ,୧୯।୪
(ପ୍ରଦୀପ୍ତ ଦାଶ/ଦେବେନ୍ଦ୍ର ସାହୁ)

ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବରଗଡ଼ ଜିଲା ପୋଲିସ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି। ଗୁରୁବାର ଦିନବେଳା ବରଗଡ଼ ସହର ଉପକଣ୍ଠ ହଳଦୀପାଲି ଛକରେ ଏକ ପିକ୍‌ଅପ୍ ଭ୍ୟାନରୁ ସ୍ଥାନୀୟ ଟାଉନ ଥାନା ପୋଲିସ ୧୦ଲକ୍ଷ ଟଙ୍କା ଜବତ କରିଥିଲା। ଏହାର ୨୪ଘଣ୍ଟା ନ ପୂରୁଣୁ ଝାରବନ୍ଧ ଏବଂ ପଦ୍ମପୁର ଥାନା ପୋଲିସ ପୃଥକ ୨ସ୍ଥାନରୁ ମୋଟ୍ ୭ଲକ୍ଷ ୫୩ହଜାର ୩୦୦ ଟଙ୍କା ଜବତ କରିଛି।

ଗୁରୁବାର ରାତିରେ ଝାରବନ୍ଧ ଥାନା ବଲାଙ୍ଗୀର ଗ୍ରାମର ମିତ୍ରଭାନୁ ସାହୁ ଏବଂ ମନୋଜ ସାହୁ ଏକ ବାଇକ୍ ଯୋଗେ ଛତିଶଗଡ଼ ସୀମାନ୍ତ ଡଭା ପଟରୁ ନିଜ ଗାଁକୁ ଯାଉଥିଲେ। ଡଭା ଛକରେ ପୋଲିସ ଯାଞ୍ଚ କରିବା ପରେ ସେମାନଙ୍କ ପାଖରୁ ୬ଲକ୍ଷ ୫୨ହଜାର ୮୦୦ଟଙ୍କା ମିଳିଥିଲା। ସେହିପରି ଶୁକ୍ରବାର ପଦ୍ମପୁର ଥାନା ପୋଲିସ ଗଡ଼ଭାଟିଛକରେ ନାକାବନ୍ଦି କରିଥିଲା। ଏହି ସମୟରେ ଗାଇସିଲେଟ୍ ପଟରୁ ପଦ୍ମପୁରକୁ ଆସୁଥିବା ପିକ୍‌ଅପ୍ ଭ୍ୟାନ(ନଂ.ଓଡ଼ି୧୭ୱାଇ ୭୧୦୯)କୁ ଯାଞ୍ଚ କରିବା ପରେ ଗାଡ଼ିରେ ଥିବା ରାଜସ୍ଥାନ ରାଜ୍ୟ ଟୋଙ୍କ ଜିଲା ଇସଲାମପୁରର ମୂଳ ବାସିନ୍ଦା ତଥା ପଦ୍ମପୁରରେ ରହୁଥିବା ଶେଖ୍ ରଫିକଙ୍କଠାରୁ ୧ଲକ୍ଷ ୫୦୦ଟଙ୍କା ଜବତ କରାଯାଇଥିଲା। ପୋଲିସ ଉଭୟ ବାଇକ୍ ଏବଂ ପିକ୍‌ଅପ୍ ଆରୋହୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ନିର୍ବାଚନ ସହିତ ଜବତ ଟଙ୍କାର ସମ୍ପର୍କ ରହିଛି କି ନାହିଁ ତଦନ୍ତ ପରେ ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

# ୨୦ ହଜାର ଲାଞ୍ଚ: ଭିଜିଲାନ୍ସ ଜାଲରେ କିରାଣି

ବୌଦ୍ଧ,୧୯।୪(ଅଜିତ କୁମାର ବାରିକ)


କିରାଣି ରବୀନ୍ଦ୍ର ପାଢୀ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣି ଶୁକ୍ରବାର ଦିନ ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି।

ପ୍ରକାଶ ଯେ, ହରଭଙ୍ଗା ବ୍ଲକ ବୁରୁବୁଡା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁସୟା ନାଏକଙ୍କ ନାମରେ ବିଭାଗୀୟ ପ୍ରୋସିଡ଼ିଂ ରହିଥିଲା। ଶିକ୍ଷୟିତ୍ରୀ ପ୍ରୋସିଡ଼ିଂ ଫାଇଲକୁ କ୍ଲିଅର କରିବାକୁ ଦୀର୍ଘ ୬ ମାସ ହେବ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ରବୀନ୍ଦ୍ର ପାଢୀଙ୍କୁ ଅନୁରୋଧ କରି ଆସୁଥିଲେ। କିନ୍ତୁ ପାଢୀ ଏଥିପାଇଁ ତାଙ୍କୁ ୪୦ ହଜାର ଲାଞ୍ଚ ମାଗିଥିଲେ। ଏନେଇ ଶିକ୍ଷୟିତ୍ରୀ ନାଏକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଫଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶୁକ୍ରବାର ଦିନ ପାଢୀ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ପାଢୀଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କ ନାମରେ ବ୍ରହ୍ମପୁର ଭିଜିଲାନ୍ସରେ ନଂ ୮/୨୪ରେ ମାମଲା ରୁଜୁ କରାଯାଇଛି। ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

# ବୃଦ୍ଧଙ୍କୁ ପଥରରେ ଛେଚି ହତ୍ୟା

**ଅଭିଯୁକ୍ତଙ୍କୁ ଧରିଲା ଅନୁସନ୍ଧାନୀ କୁକୁର**

ପାଇକମାଳ, ୧୯।୪(ବଡ ଶତପଥୀ)

ବରଗଡ଼ ଜିଲା ପାଇକମାଳ ବ୍ଲକ ଭୁବନେଶ୍ୱରପୁର-ଚେରିମୁଣ୍ଡା ରାସ୍ତାପାର୍ଶ୍ୱରେ ଥିବା ଏକ ମହୁଲଗଛ ତଳୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଗୁରୁବାର ରାତିରେ ଜବତ କରିଛି। ମୃତକ ଭୁବନେଶ୍ୱରପୁର ଚେରିମୁଣ୍ଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ (୬୫)। ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିବା ମୃତକଙ୍କ ପୁଅ ହୀରାଚନ୍ଦ ସାହୁ ପାଇକମାଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନାରେ ଦଫା ୩୦୨ରେ ଏକ ମାମଲା(୧୦୫/୨୪)ରୁଜୁ କରାଯାଇଛି। ଶୁକ୍ରବାର ଅଭିଯୁକ୍ତ ଭୁବନେଶ୍ୱରପୁର ମହାଦେବ ବରିହା(୪୩)ଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ମେଡିକାଲ ପଠାଯାଇଛି।

ଅଭିଯୋଗ ଅନୁସାରେ ଗତ ୧୭ ତାରିଖରେ ପୂର୍ଣ୍ଣଚନ୍ଦ୍ର ଭୁବନେଶ୍ୱରପୁର ବଜାରକୁ ଯାଇଥିଲେ। ରାତି ଯାଏ ସେ ଘରକୁ ଫେରି ନ ଥିଲେ। ଘର ଲୋକେ ଖୋଜାଖୋଜି କଲେ ବି ତାଙ୍କ ସନ୍ଧାନ ପାଇପାରି ନ ଥିଲେ। ଗୁରୁବାର ଏ ନେଇ ତାଙ୍କ ପୁଅ ହୀରାଚନ୍ଦ ପାଇକମାଳ ଥାନାରେ ଏତଲା ଦେଇଥିଲେ। ସନ୍ଧ୍ୟାରେ ଭୁବନେଶ୍ୱରପୁରରୁ ଚେରିମୁଣ୍ଡା ଯିବା ରାସ୍ତାରେ ୧୫୦ମିଟର ଦୂର ଏକ ମହୁଲ ଗଛତଳେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସାଇଣ୍ଟିଫିକ ଦଳ ଓ ଅନୁସନ୍ଧାନୀ କୁକୁର ସେଠାରେ ପହଞ୍ଚିଥିଲା। ଅନୁସନ୍ଧାନୀ କୁକୁର ସିଧାସଳଖ ମହାଦେବ ବରିହାଙ୍କ ଘରେ ପହଞ୍ଚି ତାଙ୍କୁ ଧରିଥିଲା। ପୋଲିସ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ମହାଦେବ ପଥରରେ ଛେଚି ପୂର୍ଣ୍ଣଚନ୍ଦ୍ରଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ମହାଦେବଙ୍କ ସୂଚନା ଅନୁସାରେ ଗତ ୧୭ତାରିଖରେ ଭୁବନେଶ୍ୱରପୁର ବଜାରରେ ତାଙ୍କର କୌଣସି କାରଣକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ସହ ବଚସା ଓ ପରେ ମିଳାମିଶା ହୋଇଥିଲା। ପରେ ସେମାନେ ଘରକୁ ସାଙ୍ଗ ହୋଇ ଫେରିଥିଲେ। ଫେରିବା ବାଟରେ ସେ କ୍ରୋଧ ସମ୍ବରଣ କରି ନ ପାରି ପୂର୍ଣ୍ଣଚନ୍ଦ୍ରଙ୍କ ମୁଣ୍ଡକୁ ଏକ ପଥରରେ ଛେଚି ଦେଇଥିଲେ। ମରି ଯାଇଥିବା ଜାଣି ପରେ ସେ ଘରକୁ ଫେରି ଆସିଥିଲେ। ଅଭିଯୁକ୍ତଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତ ପଠାଇ ଦିଆଯାଇଥିବା ପାଇକମାଳ ଥାନା ଅଧିକାରୀ ସୁଶାନ୍ତ କୁମାର ବଢ଼େଇ କହିଛନ୍ତି।

# ୨ ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୧୯।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜେଇ ଚାଲାଣ ମାମଲାର ଦୁଇ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)-୧ ଡ.ଇନ୍ଦୁ ଶର୍ମା ଶୁକ୍ରବାର ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଉଭୟେ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀମାନେ ହେଲେ ଉତ୍ତରପ୍ରଦେଶ ବାରାଣସୀର ଚାନ୍ଦ ଅହମ୍ମଦ (୨୪) ଓ ମହମ୍ମଦ ଅକିଲ (୨୫)।

ବ୍ରହ୍ମପୁର ସହରକୁ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ୨୦୨୨ ନଭେମ୍ବର ୨୧ରେ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଆଙ୍କୁଶପୁର ଛକରେ ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର୍‌କୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ୮୦କେଜି ଗଞ୍ଜେଇ ମିଳିଥିଲା। ଏ ନେଇ ନଂ.୧୧୦/୨୧-୨୨ରେ ମାମଲା ରୁଜୁ କରାଯାଇ ଗଞ୍ଜେଇ ଚାଲାଣ ଅଭିଯୋଗରେ ଉକ୍ତ ଗାଡ଼ିରେ ଥିବା ୨ଜଣଙ୍କୁ ଗିରଫ କରିଥିଲା। ସେମାନେ କନ୍ଧମାଳରୁ ଆଣିଥିବା ଗଞ୍ଜେଇ ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ କହିଥିଲେ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପ୍ରମାଣ ମିଳିଥିବାରୁ ଜଜ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମାମଲା ପରିଚାଳନା କରିଥିଲେ।

# ସାବତ ମା' ସହ ବାପାଙ୍କୁ ଆଜୀବନ ଜେଲ୍

**ଦିବ୍ୟାଙ୍ଗ ସନ୍ତାନ ହତ୍ୟା ମାମଲା**

ବାଲେଶ୍ୱର,୧୯।୪(ମାନସ ବିଶ୍ୱାଳ)

ଦିବ୍ୟାଙ୍ଗ ସନ୍ତାନ ହତ୍ୟା ମାମଲାର ବିଚାର କରି ବାଲେଶ୍ୱରସ୍ଥିତ ଓପିଆଇଡି(ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ଜଜ୍ ବିଶ୍ୱଜିତ ଦାସ ଅଭିଯୁକ୍ତ ସାବତ ମା' ସହ ବାପାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ଉଭୟଙ୍କୁ ୫ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଗାଞ୍ଜିଆ ଗ୍ରାମର ଗଣେଶ ଚନ୍ଦ୍ର ଜେନା (୩୨) ଓ ତାଙ୍କ ଦ୍ୱିତୀୟ ପତ୍ନୀ ପୂଜା ଜେନା (୨୫) ସହଦେବଖୁଣ୍ଟା ଥାନା ଚାନ୍ଦମାରୀ ପଡ଼ିଆ ଅଞ୍ଚଳରେ ଏକ ଭଡ଼ାଘରେ ରହୁଥିଲେ। ଗଣେଶଙ୍କ ପ୍ରଥମ ପତ୍ନୀଙ୍କ ୧୪ବର୍ଷର ଦିବ୍ୟାଙ୍ଗ ପୁତ୍ର ତାଙ୍କ ସହିତ ରହୁଥିଲେ। ସାବତ ମା' ସହ ବାପା, ଅଜା ଓ ଆଈ (ସାବତ ମା'ଙ୍କ ମା'ବାପା) ତାଙ୍କୁ କେହି ଭଲ ପାଉ ନ ଥିଲେ କି କୌଣସି ଆଦର କରୁ ନ ଥିଲେ। ସବୁବେଳେ ତାଙ୍କୁ ରାସ୍ତାରୁ ହଟାଇ ଦେବା ପାଇଁ ଚେଷ୍ଟା କରୁଥିଲେ। ଗତ ୨୦୨୨ ଅଗଷ୍ଟ ୫ ତାରିଖ ପୂର୍ବାହ୍ନରେ ପୂର୍ବ ଯୋଜନା ଅନୁଯାୟୀ ତାଙ୍କୁ ହତ୍ୟା କରି ସ୍ଥାନୀୟ ନୁଣିଆଯୋଡ଼ି ପୋଲରେ ଫୋପାଡ଼ି ଦେଇଥିଲେ। ଏନେଇ ଦିବ୍ୟାଙ୍ଗ ନାବାଳକଙ୍କ ଜେଜେମା' ଶାନ୍ତିଲତା ଜେନା (୬୦) ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ମାମଲା (ନଂ.୨୫୯/୨୨) ରୁଜୁ କରାଯାଇ ଓପିଆଇଡ଼ି କୋର୍ଟରେ ବିଚାରାଧୀନ ଥିଲା। ଜଜ୍ ଉକ୍ତ ମାମଲାରେ ୧୫ ଜଣ ସାକ୍ଷୀ, ୧୬ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଦିବ୍ୟାଙ୍ଗ ନାବାଳକଙ୍କ ବାପା ଗଣେଶ ଜେନା ଓ ସାବତ ମା' ପୂଜା ଜେନାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ପୃଥକ ସଡ଼କ ଦୁର୍ଘଟଣା: ୩ ମୃତ

ବାଲେଶ୍ୱର,୧୯।୪(ମାନସ ବିଶ୍ୱାଳ)


ଉତ୍ତ୍ୟକ୍ତ ଲୋକେ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ବାଲେଶ୍ୱର ଜିଲା ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ବାରୁଣୀ ପୋଲ ଓ ନୂଆଗାଁ ନିକଟରେ ପୃଥକ ସଡ଼କ ଦୁର୍ଘଟଣା ଘଟି ୩ଜଣଙ୍କ ମୃତ୍ୟୁ ହୋଇଛି। ନୂଆଗାଁ ନିକଟରେ ମା' ପୁଅଙ୍କ ମୃତ୍ୟୁ ହୋଇଥିବା ବେଳେ ବାରୁଣୀ ପୋଲ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ରେମୁଣା ବ୍ଲକ କାଠସଙ୍ଗଡ଼ା ଗ୍ରାମର ଗଣେଶ୍ୱର ଗିରି (୪୬) ବାମପଦାସ୍ଥିତ ନୋସି ବିଜିନେସ୍ ପାର୍କରେ ମାଳି ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳେ ସେ ସାଇକେଲ ଯୋଗେ କାମ କରିବାକୁ ଯାଉଥିବା ବେଳେ ବାରୁଣୀ ପୋଲ ନିକଟରେ ଏକ ମାଲବାହୀ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଗଣେଶ୍ୱରଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଦୀର୍ଘ ସମୟ ଧରି ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ବାଲେଶ୍ୱର ଉପଜିଲାପାଳ ଓ ରେମୁଣା ତହସିଲଦାର ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ସହାୟତା ଘୋଷଣା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସେହିପରି ଅପରାହ୍ନ ୩ଟାରେ ବାଲେଶ୍ୱର ସଦର ଥାନା ଅଧୀନ ସରସ୍ୱତୀପୁର ପଞ୍ଚାୟତ ହରିଡ଼ା ଗ୍ରାମର ଉଷାରାଣୀ ପତି(୪୫) ଓ ତାଙ୍କ ପୁଅ ଶିବଂଶୀ ପତି (୧୬) ସ୍କୁଟି ଯୋଗେ ନିଜାମପୁରର ବନ୍ଧୁ ଘରୁ ଫେରୁଥିଲେ। ମା' ଉଷାରାଣୀ ସ୍କୁଟି ଚଳାଉଥିବା ବେଳେ ପୁତ୍ର ଶିବଂଶୀ ବସିଥିଲେ। ୧୬ନଂ. ଜାତୀୟ ରାଜପଥ ନୂଆଗାଁ ନିକଟରେ ରାସ୍ତା କାମ ପାଇଁ ଠୁଳ ହୋଇ ରହିଥିବା ବାଲି ଉପରକୁ ଭାରସାମ୍ୟ ହରାଇ ସ୍କୁଟି ଚଢ଼ିଯାଇଥିବା ବେଳେ ଉଭୟ ଗାଡ଼ି ସହ ପଡ଼ିଯାଇଥିଲେ। ଉକ୍ତ ସମୟରେ ପଛରୁ ଆସୁଥିବା ଏକ ଟ୍ରକ୍ ମା' ଓ ପୁଅ ଉପରେ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ରେମୁଣାସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟ ମା' ଓ ପୁଅଙ୍କୁ ମୃତ ଘୋଷଣା କରିଥିଲେ।

# ବାକି ନ ଦେବାରୁ ଦୋକାନୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ରାୟଗଡ଼ା,୧୯।୪(ଆଶିଷ ରଞ୍ଜନ ପଣ୍ଡା)

ରାଶନ ସାମଗ୍ରୀ ବାକିରେ ନ ଦେବାରୁ ଜଣେ ଯୁବକ ଦୋକାନୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅନ୍ତର୍ଗତ ଦୁଦୁଲି ପଞ୍ଚାୟତର ପାତ୍ରପୁଟ ଗ୍ରାମରେ। ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଖବର ପାଇ ଚାନ୍ଦିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାର ତଦନ୍ତ କରୁଛନ୍ତି।

ଘଟଣାରୁ ପ୍ରକାଶ, ପାତ୍ରପୁଟ ଗ୍ରାମର ସୁଦେଶ ପିରିପାକା(୨୭) ଶୁକ୍ରବାର ଗ୍ରାମର ବୁର୍ଶା ପେଦେଣ୍ଟି (୪୦)ଙ୍କ ରାଶନ ଦୋକାନକୁ ଯାଇଥିଲେ। ସେଠାରେ ବୁର୍ଶାଙ୍କୁ ରାଶନ ସାମଗ୍ରୀ ବାକିରେ ମାଗିଥିଲେ। ହେଲେ ଦୋକାନୀ ନ ଦେବାରୁ ଦୋକାନରେ ପଡ଼ିଥିବା ଟାଙ୍ଗିଆ ଉଠାଇ ସୁଦେଶ ତାଙ୍କୁ ଗୋଡ଼ାଇଥିଲେ। ବୁର୍ଶା ଭୟରେ ଘର ପଛପଟକୁ ଦୌଡ଼ି ଯାଉଥିବାବେଳେ ସୁଦେଶ ତାଙ୍କ ବେକରେ ଟାଙ୍ଗିଆ ଚୋଟ ମାରିଥିଲେ। ଘଟଣାସ୍ଥଳରେ ବୁର୍ଶାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗ୍ରାମବାସୀ ସେଠାରେ ପହଞ୍ଚି ସୁଦେଶଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ।

## ଧଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରୁପେୟା କ୍ୟା ନ କରେ କାମ
ଆବେ ପରଶୁ ଯାବେ ପରଶୁ
ବାବୁ ପରଶୁରାମ।**

ଅର୍ଥସର୍ବସ୍ୱ ଏ ଦୁନିଆରେ ପଇସା ହିଁ ସବୁକିଛି। ଧନଶାଳୀ ବ୍ୟକ୍ତିଙ୍କୁ ସମସ୍ତେ ଆଦର ଅଭ୍ୟର୍ଥନା ଦେଖାଇବା ସହ ସମ୍ମାନ ପ୍ରଦାନ କରୁଥିବାବେଳେ ଦରିଦ୍ର ଲୋକଙ୍କୁ କେହି ପଚାରି ନ ଥାନ୍ତି। ଏହା ହିଁ ଟଙ୍କା ବା ଅର୍ଥର କରାମତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ରୋଜ ରୋଜ ମୁହଁ ନଦେ
ତାକୁ ବହୁତ କହିଲେ ଚଟକିନା
ଭୋ ଭୋ କରି କାନ୍ଦେ।**

ଭାରି ସୁକୁମାରୀ, କାହା କଡ଼ା କଥା ଆଦୌ ସହିପାରେନି। ପରୋକ୍ଷରେ ସ୍ୱାମୀ ସୁହାଗିନୀ ହେବା ପାଇଁ ଜଣେ ନୂଆ ବିବାହିତା ସ୍ତ୍ରୀଟି ଏପରି ବାହାନା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଡଙ୍ଗାବୁଡ଼ି ୨ ମୃତ, ...

ପ୍ରଥମ ପୃଷ୍ଠାରୁ...



ପୋଲିସ ସହ ଝାରସୁଗୁଡ଼ା ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ ଟିମ୍ ନିଖୋଜ ଯାତ୍ରୀଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ। ଖବର ପ୍ରସାରିତ ହେବା ପରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଏବଂ ବିଜେଡିର ବରଗଡ଼ ଲୋକ ସଭା ପ୍ରାର୍ଥୀ ପରିଣିତା ମିଶ୍ର ଘଟଣାସ୍ଥଳରେ ପହଞ୍ଚିଥିଲେ। ଝାରସୁଗୁଡ଼ା ଜିଲାପାଳ ଅବୋଲି ସୁନୀଲ ନରୱଣେ ଓ ଉତ୍ତରାଞ୍ଚଳ ଡିଆଇଜି ହିମାଂଶୁ ଲାଲ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏହାର ତଦନ୍ତ କରାଯାଇ ଭବିଷ୍ୟତରେ ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଜିଲା ପ୍ରଶାସନ ସଜାଗ ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଶାସନ ସଚିବ ଏବଂ ଏସ୍‌ଆର୍‌ସିଙ୍କୁ ସମନ୍ୱୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜଙ୍କୁ ଉଦ୍ଧାର ପାଇଁ ୫ ସ୍କୁବା ଡାଇଭର ଓ ୨ ସର୍ଚ୍ଚ କ୍ୟାମେରା ବିମାନ ଯୋଗେ ପଠାଯାଇଛି। ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କୁ ଚିକିତ୍ସା ଯୋଗାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଡଙ୍ଗାରେ ଲାଇଫ୍ ଜାକେଟ ରଖିବା ପାଇଁ କଡ଼ା ନିୟମ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ଡଙ୍ଗା ମାଲିକ ଓ ପ୍ରଶାସନିକ ଅବହେଳା ଯୋଗୁ ବାରମ୍ବାର ଡଙ୍ଗା ବୁଡ଼ି ଲୋକଙ୍କ ଜୀବନ ଯାଉଛି। ଏନେଇ ଜିଲାପାଳଙ୍କ ପ୍ରତିକ୍ରିୟା ନେବା ଲାଗି ତାଙ୍କ ମୋବାଇଲକୁ ବାରମ୍ବାର କଲ୍ କରାଯାଇଥିଲେ ହେଁ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଲାଇଫ୍ ଜାକେଟ୍ ନିୟମକୁ...

ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଡଙ୍ଗାରେ ଲାଇଫ୍ ଜାକେଟ୍ ରଖିବା ବାଧ୍ୟତାମୂଳକ। ଯାତ୍ରୀମାନେ ଲାଇଫ୍ ଜାକେଟ୍ ପିନ୍ଧି ନ ଥିଲେ ଡଙ୍ଗା ଚଳାଇବାକୁ ବାରଣ କରାଯାଇଛି। ଏଥିସହିତ ଡଙ୍ଗାର ଆକାରକୁ ଦେଖି କେତେଯାତ୍ରୀଙ୍କୁ ପରିବହନ କରାଯିବ ତାହା ମଧ୍ୟ ଉଲ୍ଲେଖ ରହିବ। ସରକାରଙ୍କ ପକ୍ଷରୁ ନିଯୁକ୍ତ ଜଣେ ନୌକା ବିଶେଷଜ୍ଞଙ୍କ ଦ୍ୱାରା ଡଙ୍ଗାର ସ୍ଥିତି ଯାଞ୍ଚ ନ ହେବା ଯାଏ ଚଳାଚଳ ପାଇଁ ମାଲିକଙ୍କୁ ଲାଇସେନ୍ସ ଦିଆଯାଇପାରିବ ନାହିଁ। ତେବେ ଏହାକୁ ଅଣଦେଖା କରି ଜିଲା ପ୍ରଶାସନ ପକ୍ଷରୁ ଡଙ୍ଗାଗୁଡ଼ିକୁ ଲାଇସେନ୍ସ ଦିଆଯାଉଥିବା ଅଭିଯୋଗ ହେଉଛି। ଫଳରେ ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ୁଛି। ଅବସରପ୍ରାପ୍ତ ଡେପୁଟି ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଭାତ ମହାପାତ୍ର କହିଛନ୍ତି, ସରକାର ବୋଟ୍ ପଲିସି କରିଛନ୍ତି, ମାତ୍ର ତାହାକୁ କଡ଼ାକଡ଼ି ପାଳନ କରାଯାଉନାହିଁ। ଲାଇଫ୍ ଜାକେଟ୍ ଯୋଗାଇବା ପାଇଁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ ପକ୍ଷରୁ ଜିଲା ପ୍ରଶାସନକୁ ତଥ୍ୟ ମଗାଯାଇଥିଲା। ଯାତ୍ରୀଙ୍କ ତଥ୍ୟ ମିଳି ନ ପାରିବାରୁ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ମିଳିଥିବା ସୂଚନା ଅନୁସାରେ, ରାଜ୍ୟରେ ୮ ହଜାରରୁ ଊର୍ଦ୍ଧ୍ୱ ଡଙ୍ଗା ବିନା ପଞ୍ଜୀକରଣରେ ଚଳାଚଳ କରୁଛି। କେବଳ ଚିଲିକାରେ ୭୮୪ଟି ଅଣପଞ୍ଜୀକୃତ ଡଙ୍ଗା ଚାଲିଥିବା ଜଣାପଡ଼ିଛି।

# ଦେବଗଡ଼ରେ ସରକାରୀ କର୍ମଚାରୀ ସୋମବାର ପିନ୍ଧିବେ ସମ୍ବଲପୁରୀ ପୋଷାକ

ଭୁବନେଶ୍ୱର,୧୯।୪
(ଅନୁରାଧା ମହାରଣା)

ଦେବଗଡ଼ ଜିଲାରେ ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ବିଭାଗ ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ ଏବଂ କର୍ମଚାରୀମାନେ ପ୍ରତି ସୋମବାର ସମ୍ବଲପୁରୀ ପୋଷାକ ପିନ୍ଧିବେ। ଏନେଇ ଜିଲା ଜିଲାପାଳଙ୍କ କାର୍ଯ୍ୟାଳୟରୁ ସମସ୍ତ ଜିଲାସ୍ତରୀୟ ଅଧିକାରୀଙ୍କୁ ଚିଠି ଲେଖାଯାଇଛି। ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଚିଠିରେ ଉଲ୍ଲେଖ ରହିଛି। ତେବେ ଉତ୍ତର ଓଡ଼ିଶାର ବୁଣାକାରଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉତ୍ପାଦର ପ୍ରଚାର ପ୍ରସାର ପାଇଁ ଏପରି ପଦକ୍ଷେପ ନିଆଯାଇଥିବା କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଏସ୍.କେ. ରିୟାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପାଣ୍ଡ୍ୟାଙ୍କୁ ଜରିମାନା

**ମୁଲାନପୁର, ୧୯।୪ (ପି.ଟି.):** ଆଇପିଏଲ୍‌ର ଗୁରୁବାର ଅନୁଷ୍ଠିତ ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର ରେଟ୍ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି।

# କିଟ୍ ଷ୍ଟାଡିୟମରେ ଟାଟା ଆଇପିଏଲ୍ ଫ୍ୟାନ୍ ପାର୍କ

## ୨୦ ଓ ୨୧ ତାରିଖରେ ଦର୍ଶକଙ୍କ ପାଇଁ ଭିନ୍ନ ଅନୁଭୂତିର ସୁଯୋଗ

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

ଟାଟା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୪ ସମ୍ପ୍ରତି ୫ମ ସପ୍ତାହରେ ପହଞ୍ଚିଛି। ଲିଗ୍ ଯେତିକି ଆଗଉଛି କ୍ରିକେଟ ପ୍ରେମୀଙ୍କ ଉତ୍ସାହ ସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଛି। ଆଇପିଏଲ୍‌କୁ ଅଧିକ ସ୍ମରଣୀୟ ଏବଂ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଦେଶର ୫୦ ସହରରେ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଉଛି। ଏହି ଫ୍ୟାନ୍ ପାର୍କକୁ ଦର୍ଶକଙ୍କ ପାଇଁ ଫ୍ରି ଏଣ୍ଟ୍ରି ସହିତ ମ୍ୟୁଜିକ୍ ଏବଂ ଫୁଡ୍ (ରିହାତି ଦରରେ)ର ମଜା ନେବାର ସୁଯୋଗ ରହିଛି। ଏଠାରେ କ୍ରିକେଟ ପ୍ରେମୀମାନେ ୩୨"x୧୮" ଏଲ୍‌ଇଡିରେ ମ୍ୟାଚର ସିଧା ପ୍ରସାରଣ ଉପଭୋଗ କରି ନିଜ ପସନ୍ଦର ଦଳ କିମ୍ବା ଖେଳାଳିଙ୍କ ପାଇଁ ଚିଅର କରିପାରିବେ। ଫଳରେ ଦର୍ଶକମାନେ ପଡ଼ିଆରେ ବସି ମ୍ୟାଚ ଦେଖିବାଭଳି ଅନୁଭବ ପାଇପାରିବେ। ଏହା ଯୁବବର୍ଗଙ୍କୁ ପ୍ରେରିତ କରିବ ଏବଂ ଅଧିକରୁ ଅଧିକ ଲୋକଙ୍କୁ ଆଇପିଏଲ୍ ପ୍ରତି ଯୋଡ଼ିବ ବୋଲି ବିସିସିଆଇ ପକ୍ଷରୁ ଆଶା ପ୍ରକାଶ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା କ୍ରିକେଟ ଷ୍ଟାଡିୟମ ଚଳିତ ଟାଟା ଆଇପିଏଲ୍ ଫ୍ୟାନ୍ ପାର୍କର ୨୪ତମ ଭେନ୍ୟୁଭାବେ ମନୋନୀତ ହୋଇଛି। ୨୦ ଓ ୨୧ ତାରିଖରେ ଦର୍ଶକମାନେ ଏହି ଫ୍ୟାନ୍‌ପାର୍କର ମଜା ନେଇପାରିବେ। ୨୦ ତାରିଖରେ ସନ୍ଧ୍ୟା ୭ଟା ୩୦ରୁ ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍ ରାଇଜର୍ସ ହାଇଦ୍ରାବାଦ ଏବଂ ୨୧ ତାରିଖରେ କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଅପରାହ୍ନ ୩ଟା ୩୦) ଏବଂ ଗୁଜରାଟ ଟାଇଟନ୍ସ ଓ ପଞ୍ଜାବ କିଙ୍ଗ୍ସ (ସନ୍ଧ୍ୟା ୭ଟା ୩୦) ମଧ୍ୟରେ ୨ଟି ମ୍ୟାଚ ଅନୁଷ୍ଠିତ ହେବ। ପ୍ରତି ମ୍ୟାଚ ଅବସରରେ ଲକି ଡ୍ର' କରାଯିବ। ଏହାର ବିଜେତାଙ୍କୁ ପୂରା କ୍ରିକେଟ ଦଳର ଦସ୍ତଖତ ସମ୍ବଳିତ ଏକ ଜର୍ସି ଉପହାର ସ୍ୱରୂପ ପ୍ରଦାନ କରାଯିବ। ଏ ସମ୍ପର୍କରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର କିଟ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏବଂ ବିସିସିଆଇ ପକ୍ଷରୁ ପ୍ରଶାନ୍ତ ମହାଡିକ ଆଇପିଏଲ୍ ଫ୍ୟାନ୍ ପାର୍କ ସମ୍ପର୍କରେ ସୂଚନା ଦେଇଥିଲେ। କିଟ୍ ପରିସରରେ ଏପରି ଏକ ସମ୍ମାନଜନକ ଇଭେଣ୍ଟ ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଗଗନେନ୍ଦୁ ବିସିସିଆଇ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଏବଂ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ। କୋଭିଡ୍ ସମୟକୁ ଛାଡ଼ିଦେଲେ ୨୦୧୭ରୁ ଆରମ୍ଭ ହୋଇଥିବା ଫ୍ୟାନପାର୍କ ପାଇଁ କିଟ୍ ରେଗୁଲାର ଭେନ୍ୟୁ ହୋଇ ଆସିଛି। ଏହା ବ୍ୟତୀତ କିଟ୍ ପକ୍ଷରୁ କ୍ରିକେଟକୁ ପ୍ରୋତ୍ସାହନ ସଦୃଶ ଆଇପିଏଲ୍ ଆରମ୍ଭ ପୂର୍ବରୁ କେପିଏଲ୍ (କିଟ୍ ପ୍ରିମିୟର ଲିଗ୍) ନାମରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ ହେଉଛି। ଭୁବନେଶ୍ୱରର କ୍ରିକେଟ ପ୍ରେମୀମାନେ ଆସନ୍ତା ୨୦ ଓ ୨୧ ତାରିଖରେ କିଟ୍ କ୍ରିକେଟ ଷ୍ଟାଡିୟମ ଆସି ଫ୍ୟାନ ପାର୍କର ଅଭିଜ୍ଞତା ନେଇପାରିବେ ବୋଲି ଗଗନେନ୍ଦୁ ପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀ ଅବସରରେ ପ୍ରଶାନ୍ତ ମହାଡିକ ଓ ଗଗନେନ୍ଦୁ ଦାଶ।

# ଓଡ଼ିଶାର ପବିତ୍ର ସାହୁ ଭାଗନେବେ

## ହ୍ୱିଲଚେୟାର ଫେନ୍‌ସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

ଶନିବାରଠାରୁ ଥାଇଲାଣ୍ଡରେ ହେବାକୁ ଯାଉଥିବା ହ୍ୱିଲଚେୟାର ଫେନ୍‌ସିଂ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପବିତ୍ର ସାହୁ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଭାରତୀୟ ଭାବେ ସେ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବାକୁ ଯାଉଛନ୍ତି। ପବିତ୍ର ଚଳିତ ବର୍ଷ ଅନୁଷ୍ଠିତ ଜାତୀୟ ହ୍ୱିଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଅନ୍ତର୍ଜାତୀୟ ଫେନ୍‌ସିଂ ଖେଳାଳି ରାଖାଲ୍ କୁମାର ସେଠୀଙ୍କଠାରୁ ପବିତ୍ର ୨୦୨୦ରୁ ପ୍ରଶିକ୍ଷଣ ନେଉଛନ୍ତି। ଏ ପର୍ଯ୍ୟନ୍ତ ସେ ୧୨ଟି ପଦକ ଜିତି ସାରିଛନ୍ତି। ସେଥିମଧ୍ୟରେ ୫ ସ୍ୱର୍ଣ୍ଣ ପଦକ ସାମିଲ ଅଛି। ଆଗାମୀ ପ୍ରତିଯୋଗିତାରେ ପବିତ୍ର ସ୍ୱର୍ଣ୍ଣ ପଦକ ଜିତିବାର ଦକ୍ଷତା ରଖିଛନ୍ତି ବୋଲି କୋଚ ରାଖାଲ୍ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଯଦି ଏହା ସମ୍ଭବ ହୁଏ ତେବେ ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ପାଇବେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ହ୍ୱିଲଚେୟାର ଫେନ୍‌ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲ ପବିତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



କୋଚ୍ ରାଖାଲ ସେଠୀଙ୍କ ସହ ପବିତ୍ର ସାହୁ (ବାମ)।


## ମନେ ପଡ଼ନ୍ତି

**୧୪ତମ ଶ୍ରାଦ୍ଧବାର୍ଷିକୀ**



**୰ସ୍ନେହଲତା ଷଡ଼ଙ୍ଗୀ**

୧୦୪, ରତ୍ନାକରବାଗ-୧, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ା ଯାତ୍ରା)
ଆଜି ତୁମର ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ସେପାରିରେ ରହି ଆମମାନଙ୍କୁ ଆଶୀର୍ବାଦ କର, ଏହାହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
**ଶୋକସନ୍ତପ୍ତ: ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଏବଂ ପରିବାରବର୍ଗ**
ଧ-୧୧୯

**ବିଂଶ ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶରତ ମଞ୍ଜରୀ ରଥ**

ଚାହୁଁଚାହୁଁ କୋଡିଏ ବର୍ଷ ପୁରିଗଲା ତୁମେ ଆମକୁ ଛାଡି ଚାଲିଯିବାର। ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ। ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ। ବିଂଶତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ
ଧ-୭୫୮୦୮

**CLASSIFIED DISPLAY**
MORE SPACE ' SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500
7008994500


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆହାନ ମିଶ୍ରଙ୍କୁ ଡବଲ ଟାଇଟଲ

## ଏଆଇଟିଏ-ସିଡିଟିଏ ଟେନିସ

**ଭୁବନେଶ୍ୱର, ୧୯।୪ (ତପନ ସ୍ୱାଇଁ)**

କଟକ ଜିଲା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏଆଇଟିଏ-ସିଡିଟିଏ ଟେନିସ ଚାମ୍ପିୟନଶିପ୍ (ସିଏସ୭) ଶୁକ୍ରବାର ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ବର୍ଗର ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ଆହାନ ମିଶ୍ର ଉଭୟ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇ ଡବଲ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ବିହାର ରାଜ୍ୟରୁ ୪୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ସିଙ୍ଗଲ୍ସ ଫାଇନାଲରେ ଆହାନ ଓଡ଼ିଶାର ଅନ୍ୟତମ ପ୍ରତିଯୋଗୀ ସାଇ ସ୍ୱସ୍ତିକ ମହାନ୍ତିଙ୍କୁ ୬-୪, ୦-୬, ୫-୨(କନ୍‌ସିଡେଡ୍) ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଡବଲ୍ସରେ ଆହାନ ଓ ସ୍ୱୟମ ସାହୁଙ୍କ ଯୋଡ଼ି ଫାଇନାଲରେ ସାଇ ସ୍ୱସ୍ତିକ ମହାନ୍ତି ଓ ଆୟୁଷ ପଟ୍ଟନାୟକଙ୍କୁ ୬-୪, ୬-୩ରେ ହରାଇ ଚାମ୍ପିୟନ ହୋଇଛନ୍ତି। ବାଳିକା ବର୍ଗର ଫାଇନାଲରେ ଓଡ଼ିଶାର ଶାଜାଫା ସେକ୍ ୬-୦, ୬-୨ରେ ପଶ୍ଚିମବଙ୍ଗର ଆହାନା ଦାସଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ଟେନିସ ଆସୋସିଏଶନ ସମ୍ପାଦକ ସତ୍ୟଜିତ ମହାନ୍ତି ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ରଜନୀକାନ୍ତ ନାୟକ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏବଂ ଯତୀନ ବୈଶ୍ୟ ଟୁର୍ନାମେଣ୍ଟ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ।




ଅତିଥି ଓ ଅଫିସିଆଲଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଡୋପିଂ ମାମଲାରୁ ମୁକ୍ତ ହେଲେ ଧାବିକା ଶାଲୁ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ଡିଏନ୍‌ଏ ଟେଷ୍ଟ ଫଳାଫଳ ବାହାରିବା ପରେ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ଅପିଲ ପ୍ୟାନେଲ ମିଡଲ ଡିଷ୍ଟାନ୍ସ ଧାବିକା ଶାଲୁ ଚୌଧାରୀଙ୍କୁ ଡୋପିଂ ମାମଲାରୁ ମୁକ୍ତ କରିଛି ଏବଂ ତାଙ୍କ ଉପରୁ ୪ ବର୍ଷର ବାସନ୍ଦ ଦଣ୍ଡକୁ ଉଠାଇ ଦେଇଛି। ଡିଏନ୍‌ଏ ଟେଷ୍ଟରେ ଦେଖିବାକୁ ମିଳିଥିଲା ଯେ, ତାଙ୍କ ମୂତ୍ର ନମୁନାରେ ଜାଲିଆତି ଅବା ସାମ୍ପଲ ସଂଗ୍ରହ ବେଳେ ଏହା ସଂକ୍ରମିତ ହୋଇଥିଲା। ୩୦ବର୍ଷୀୟା ଚୌଧାରୀ ଗତ ବର୍ଷ ନାଡାର ଶୃଙ୍ଖଳାଗତ ପ୍ୟାନେଲରେ ଅପିଲ କରି ବିଫଳ ହୋଇଥିଲେ। ସେ ଏକ ଷ୍ଟିମୁଲାଣ୍ଟ ଓ ପେପ୍‌ଟାଇଡ୍ ହରମୋନ ସମେତ ଦୁଇଟି ପଦାର୍ଥ ବ୍ୟବହାର କରିଥିବା ଅଭିଯୋଗରେ ସସ୍‌ପେଣ୍ଡ ହୋଇଥିଲେ। ଏହି ଧାବିକା ଜଣକ ହେଉଛନ୍ତି ୮୦୦ ମିଟରରେ ଜଣେ ଜାତୀୟ ସ୍ତରୀୟ ପଦକ ବିଜେତା। ତାଙ୍କ ମୂତ୍ର ନମୁନାର ଡିଏନ୍‌ଏ ଟେଷ୍ଟ ପାଇଁ ସେ ଆବେଦନ କରିଥିଲେ। ଶୃଙ୍ଖଳାଗତ କମିଟି ଦ୍ୱାରା ଏହା ପ୍ରତ୍ୟାଖ୍ୟାତ ହୋଇଥିଲେ ମଧ୍ୟ ଅପିଲ ପ୍ୟାନେଲ କିନ୍ତୁ ଗ୍ରହଣ କରିଥିଲା। ଲଣ୍ଡନସ୍ଥିତ କିଙ୍ଗ୍ସ କଲେଜର ଫୋରେନ୍‌ସିକ୍ସ ଡିପାର୍ଟମେଣ୍ଟ ଦ୍ୱାରା ଡିଏନ୍‌ଏ ଟେଷ୍ଟ ହୋଇଥିଲା। ପ୍ୟାନେଲ ଆହୁରି ମଧ୍ୟ ଚୌଧାରୀଙ୍କଠାରୁ ସଂଗ୍ରହ କରିଥିବା ୧.୫ ଲକ୍ଷ ଟଙ୍କାକୁ ୧୦ ଦିନ ମଧ୍ୟରେ ଫେରସ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ

## ପୁନିଆ, ସୁଜିତ ଭାଗନେବାରୁ ବଞ୍ଚିତ

**ନୂଆଦିଲ୍ଲୀ, ୧୯।୪ (ପି.ଟି.):** ବିଳମ୍ବରେ ପହଞ୍ଚିଥିବାରୁ ବିଶକେକ୍‌ଠାରେ ଅନୁଷ୍ଠିତ ହେଉଥିବା ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସରେ ଅଂଶଗ୍ରହଣରୁ ବଞ୍ଚିତ ହୋଇଛନ୍ତି ଦେଶର ଦୁଇ ଶ୍ରେଷ୍ଠ କୁସ୍ତିଯୋଦ୍ଧା ଦୀପକ ପୁନିଆ ଓ ସୁଜିତ କାଲାକାଲ। ଇଭେଣ୍ଟରେ ଭାଗ ନେବା ଲାଗି ଯାଇଥିବା ଭାରତୀୟ କୁସ୍ତି ଦଳକୁ ଏହା ଶକ୍ତ ଧକ୍କା ହୋଇଛି। ଲଗାଣ ବର୍ଷା ଓ ବନ୍ୟାଜନିତ ଖରାପ ପାଗ ଯୋଗୁ ସେମାନେ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅଟକି ଯାଇଥିଲେ। ଫଳରେ କିରଗିଜସ୍ତାନ ରାଜଧାନୀରେ ସେମାନଙ୍କ ବିମାନ ପହଞ୍ଚିବାରେ ବିଳମ୍ବ ଘଟିଥିଲା। ଦୁହେଁ ମହାଦେଶୀୟ ଇଭେଣ୍ଟରେ ଓଜନ ପାଇଁ ଠିକଣା ସମୟରେ ରିପୋର୍ଟ କରିପାରି ନ ଥିଲେ। ଖବର ଅନୁସାରେ ଭାରତୀୟ କୋଚ୍‌ମାନଙ୍କ ଅନୁରୋଧ ସତ୍ତ୍ୱେ ଆୟୋଜକଗଣ ବିଳମ୍ବରେ ଓଜନ ପାଇଁ ଅନୁମତି ଦେଇ ନ ଥିଲେ। ସୂଚନାଯୋଗ୍ୟ, ପୁନିଆ (୮୬କେଜି) ଟୋକିଓ ଗେମ୍ସରେ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ସୁଜିତ ୬୫କେଜି ଓଜନ ଶ୍ରେଣୀରେ ଭାଗ ନେଇଥାନ୍ତେ। ଏହି ଦୁଇଜଣ କୁସ୍ତି ଯୋଦ୍ଧାଙ୍କ ସହ ରୁଷୀୟ କୋଚ୍ କମଲ ମାଲିକୋଭ ଓ ଫିଜିଓ ଶୁଭମ ଗୁପ୍ତା ଗସ୍ତ କରିଛନ୍ତି।


# Classified Everyday
0674-2580101, 2549949



**REAL ESTATE**
**SALE**

Gharabari plots at Uttara, Patrapada. 3/5BHK duplex in Patia. 8270370007. D-120

Buy or Sale Property- 8984071303. Nandankanan Duplex-1, 10,00,000/-, Patia Apartment- 99,00,000/-, Hirapur Duplex- 75,00,000/-, Residential Land at Balianta 1acre, Janla 2acre, Nakhara 1acre, Baranga 4acre, Plotting Nakhara-700, Chandaka- 950, Janla-1050, Patrapada- 2250, Jharpada-3990. D-118

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଚାରୁ ବିକ୍ରି ହେବ। **Mob- 9827119799.** D-102

Three Storied building 3000sqft. construction over 1200sqft. land at Botanda, Bhubaneswar- 1.15 crore. Call- 8917520527. D-105

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769.** D-093

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

Duplex sale at Bhubaneswar @ 57 lakhs only. Contact- 9777433701. D-75945

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.- 1560/-. 9439049194, 7978551614. D-67131

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**CONSTRUCTION**

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**




Shoproom (10'x10') 2Nos. opposite Biju Patnaik College main road Jayadev Vihar, Bhubaneswar. Contact: 7008296802. D-117




Newly open SPA positively health benefits with expert therapist. 8658466886. D-76115

Newly opened central SPA full-body massage. Trend Therapist. 8456885600. D-75730

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

**Body massage by experience good looking therapist @ 999/- (Bhubaneswar). 9078484455.** D-077

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly open Jyoti SPA positively health benefits (Expert therapist). 8458067955. D-76116


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅନୁବାଦ ଗଳ୍ପ

# ଆମ୍ବଗଛ

**ମୂଳଲେଖା: ଭାୟକମ୍ ମହମ୍ମଦ୍ ବସିର୍**
**ଅନୁବାଦ: ଡ. ତ୍ରିନାଥ ପଟ୍ଟନାୟକ**

ଆପଣ ଯାହା କିଛି ଶୁଣୁଛନ୍ତି ତାହା ସତ ନୁହେଁ। ମୁଁ କୌଣସି ବୃକ୍ଷକୁ ପୂଜା କରେ ନାହିଁ। କିନ୍ତୁ ଏକ ଖାସ୍ କାରଣବଶତଃ ଏଇ ଆମ୍ବଗଛ ପ୍ରତି ମୋର ବିଶେଷ ଶ୍ରଦ୍ଧା ଆସିଯାଇଛି। ଏଇ ବୃକ୍ଷ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରତୀକ।

ଆମେ ବୃକ୍ଷତଳେ ଥାଉ, ଗଛରେ ଆମ୍ବ ପରିପୂର୍ଣ୍ଣ। ଗଛମୂଳରେ ଗୋଲାକାର ମାଟିର ଚଉତରା। ତା'ରି ଚାରିପଟେ ଗୋଲାପ ଫୁଲର ଗଛ, ଫୁଲରେ ଭରପୂର। ମୋ' ବନ୍ଧୁଙ୍କ ନାମ ରଶିଦ୍। ଘରେ ତାଙ୍କର ପତ୍ନୀ ଓ ପୁଅ। ପତିପତ୍ନୀ ଦୁହେଁ ପାଖରେ ଥିବା ଏକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ବନ୍ଧୁପତ୍ନୀ କିଛି ଆମ୍ବ କାଟି ପୁଅ ହାତରେ ପ୍ଲେଟ୍‌ରେ ସଜାଇ ଆମ ପାଖକୁ ପଠାଇଦେଲେ। ପୁଅଟି ପ୍ରାୟ ଷୋଳ ବର୍ଷର ହେବ। ମୁଁ ଆମ୍ବ ଖାଇଲି। ସେ ଆମ୍ବ ବହୁତ ମିଠା ଲାଗୁଥିଲା। ଆମ୍ବ କେମିତି ଲାଗୁଛି? ବନ୍ଧୁ ପଚାରିଲେ। 'ଆମ୍ବ ବହୁତ ମିଠା'– ମୁଁ ଉତ୍ତର ଦେଲି।

ଏହା ପଛରେ ଏକ ରହସ୍ୟ ଲୁଚି ରହିଛି। ଟିକିଏ ଭାବନ୍ତୁ ଏ ଗଛକୁ କିଏ ଲଗାଇଥିବ! ବନ୍ଧୁ ପଚାରିଲେ। ମୋର ଆଗ୍ରହ ବଢ଼ିଲା। ସେଇଠୁ ସେ ଗଛ ପଛରେ ଥିବା କାହାଣୀ ଆରମ୍ଭ କଲେ:

ମୁଁ ଓ ମୋ' ସ୍ତ୍ରୀ ଏ ଗଛକୁ ଲଗାଇଛୁ। ଏ ଗଛ ବିଷୟରେ ମୁଁ ବହୁତ ଲୋକଙ୍କୁ କହିଛି। ଯିଏ ଏ ଘଟଣା ବିଷୟରେ ଜାଣୁଛି, ସେ ସବୁ କିଛି ଭୁଲି ଗଛକୁ ପୂଜା କରୁଛି। ସତରେ ଏହା ପଛରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମୃତି ଜଡ଼ିତ ହୋଇ ରହିଛି। ମୋର ସାନଭାଇ ଜଣେ ପୋଲିସ ଇନ୍ସପେକ୍ଟର। ସେ ଏଠାରୁ ପଞ୍ଚସ୍ତରି କିମି ଦୂରରେ କାମ କରୁଥିଲା। ଥରେ ମୁଁ ତାକୁ ଦେଖିବାକୁ ଯାଇଥିଲି। ସେଠାରେ ରହିଲି ମଧ୍ୟ। ସେହି ସ୍ଥାନଟି କୌଣସି ବଡ଼ ସହର ନୁହେଁ, ତଥାପି କିଛି ନୂଆ ଦେଖିବା ଆଶା ନେଇ ଯାଇଥାଏ। ଗରମ ଯୋଗୁଁ ଶୋଷ ଲାଗିଲା। ତଥାପି ଗୋଟିଏ ପାଦଚଲା ରାସ୍ତାରେ ଯାଉଥାଏ। ଦେଖିଲି ଗଛତଳେ ଜଣେ ବୁଢ଼ା ହାଲିଆ ହୋଇ ଶୋଇଯାଇଛନ୍ତି। ମୁହଁସାରା ଗହଳ ଦାଢ଼ି। ମୁଣ୍ଡବାଳ ବହୁତ ବଢ଼ିଯାଇଛି। ଦୂରରୁ ଦେଖିଲେ ଜଣାପଡ଼ିବ ମଲାଲୋକଟିଏ ପଡ଼ିଛି। ମୋତେ ପାଖରେ ପାଇ ସେ କହିଲେ– ପୁଅ! ମୋତେ ପାଣି ଟୋପାଏ ପିଆଇପାରିବୁ? ଅତ୍ୟଧିକ ବ୍ୟସ୍ତ ହୋଇ ସିଧା ପାଖରେ ଥିବା ଗୋଟିଏ ଘରେ ପହଞ୍ଚିଗଲି। ବାରଣ୍ଡାରେ ବସି ଜଣେ ଯୁବତୀ ଖବରକାଗଜ ପଢୁଥିଲା। ତାଙ୍କୁ ପାଣି ମାଗିଲି। ସେ ଭିତରକୁ ଗଲା ଓ ଗୋଟିଏ ଛୋଟ ପାତ୍ରରେ ପାଣି ଆଣି ଦେଲା। ପାଣି ନେଇ ମୁଁ ଫେରିବାକୁ ଉଦ୍ୟତ ହେବାରୁ ସେ ମୋତେ ପଚାରିଲା, 'ପାଣି ନେଇ କେଉଁଆଡ଼େ ଯାଉଛନ୍ତି?'

ମୁଁ କହିଲି, "ରାସ୍ତାକଡ଼ରେ ଜଣେ ବୁଢ଼ାଲୋକ ମୁମୂର୍ଷୁ ଅବସ୍ଥାରେ ପଡ଼ିଛନ୍ତି। ତାଙ୍କରି ପାଇଁ ପାଣି ନେଇ ଯାଉଛି।" ଏହା ଶୁଣିଲା ପରେ ସେ ଯୁବତୀ ଜଣକ ମଧ୍ୟ ମୋ' ସହିତ ସେଠାକୁ ଗଲା। ମୁଁ ପାଣି ନେଇ ବୁଢ଼ାଙ୍କୁ ଦେଲି। ସେ ଉଠିବସିଲେ। ତା'ପରେ ସେ ଯାହାସବୁ କଲେ ତାହା ମଧ୍ୟ ବଡ଼ ଆଶ୍ଚର୍ଯ୍ୟଜନକ ଥିଲା। ସେ ପାଣିପାତ୍ରକୁ ନେଇ ଟଳିଟଳି ଆଗେଇଗଲେ ଓ ରାସ୍ତାକଡ଼ରେ ଥିବା ଏକ ମଉଳା ଛୋଟ ଆମ୍ବଗଛ ମୂଳରେ ସେଥିରୁ ଅଧା ପାଣି ଢାଳିଦେଲେ। କିଏ ଆମ୍ବ ଖାଇ ଟାକୁଆଟିକୁ ଫିଙ୍ଗି ଦେଇଥିଲେ ବୋଧେ। ସେଥିରୁ ସେ ଚାରାଟି ବାହାରିଲା। ଏତିକି କରି ସାରିବା ପରେ ବୁଢ଼ା ଫେରିଆସି ଅବଶିଷ୍ଟ ପାଣିକୁ ପିଇ ଗଛ ଛାଇରେ ଶୋଇଲେ। ତା'ପରେ ଈଶ୍ୱରଙ୍କୁ ଡାକିଲେ। ତାଙ୍କ ନାମ 'ୟୁସୁଫ୍' ବୋଲି ସେ ଆମକୁ କହିଲେ। ଅଶୀ ବର୍ଷର ବୁଢ଼ାଙ୍କର ନିଜର ବୋଲି କେହି ନାହାନ୍ତି। ସେ ଜଣେ ଫକିର ଭାବେ ଚାରିଆଡ଼େ ବୁଲି ବୁଲି ଜୀବନ ବିତାଉଥିଲେ। ଏବେ ତାଙ୍କର ଶେଷ ସମୟ ପହଞ୍ଚି ଗଲାଣି। ସେ ଆମର ନାଁ ଜାଣିବାକୁ ଚାହିଁଲେ। ମୁଁ କହିଲି ମୋ' ନାଁ ରଶିଦ୍। ମୁଁ ଜଣେ ସ୍କୁଲ ଶିକ୍ଷକ। ଯୁବତୀ ଜଣକ କହିଲେ ମୋ' ନାଁ ଅସ୍‌ମା ମୁଁ ମଧ୍ୟ ଜଣେ ଶିକ୍ଷୟିତ୍ରୀ। ଆଲ୍ଲା ଆଶୀର୍ବାଦ କରନ୍ତୁ, ଏହି ଅନ୍ତିମ ଶବ୍ଦ ସହିତ ସେ ଶେଷନିଃଶ୍ୱାସ ନେଲେ। ଆମେ ଦେଖିଲୁ ସେ ମରିଗଲେଣି। ଅସ୍‌ମାକୁ ସେଠାରେ ଛାଡ଼ି ମୁଁ ମୋ' ଭାଇ ପାଖକୁ ଗଲି। ଗୋଟିଏ ଗାଡ଼ି ଆଣି ଶବକୁ ମସ୍‌ଜିଦ୍‌କୁ ନେଇଗଲୁ। ତା'ପରେ ଯଥାରୀତି ନୂଆ ଲୁଗା ପିନ୍ଧାଇ କବର ଦିଆଗଲା। ଫକିରଙ୍କ ମୁଣିରେ ଅଳ୍ପ କେତୋଟି ଟଙ୍କା ଥିଲା। ଅସ୍‌ମା ଓ ମୁଁ କିଛି ଟଙ୍କା ମିଶାଇ ମିଠାଇ ମଗାଇଲୁ। ସେହି ମିଠାଇକୁ ସ୍କୁଲ ପିଲାଙ୍କ ମଧ୍ୟରେ ବାଣ୍ଟିଦେଲୁ। ପରେ ମୁଁ ସେହି ଅସ୍‌ମାକୁ ବାହାହେଲି। ଆମେ ଦୁହେଁ ସେହି ଦିନଠାରୁ ସେ ଆମ୍ବଗଛ ଚାରାରେ ନିୟମିତ ପାଣି ଦେଉଥିଲୁ। ତା'ପରେ ଆମେ ଏ ଘର ତିଆରି କଲୁ। ଯତ୍ନର ସହିତ ସେହି ଆମ୍ବଚାରାଟିକୁ ଆଣି ଗୋଟିଏ କୁଣ୍ଡ ଭିତରେ ଅସ୍‌ମା ଆମ ଶୋଇବା ଘରେ କିଛିଦିନ ରଖିଥିଲା। ତା'ପରେ ଏଠାରେ ପୋତିଲା। ଚାରାଟି ଅତିଶୀଘ୍ର ବଢ଼ିବାକୁ ଲାଗିଲା। ମୁଁ ତା' ପ୍ରତି ବହୁତ ଧ୍ୟାନ ଦେଉଥାଏ। ବହୁତ ପାଣିଦିଏ। ଏ ହେଉଛି ଏହି ଗଛର କାହାଣୀ। ମୋ' ପାଇଁ ଗୋଟେ ଅଭୁଲା ଘଟଣା। ମୃତ୍ୟୁ ସମୟରେ ନିଜେ ପାଣି ପିଇବା ଆଗରୁ ଏହି ମୂକ ବୃକ୍ଷରେ ବୁଢ଼ା ପାଣି ଢାଳିଥିଲେ। ମୁଁ ଏହା ମନେରଖିଥିବି। ବନ୍ଧୁ ତାଙ୍କ କାହାଣୀ ଶେଷ କଲେ। ମୁଁ ତାଙ୍କୁ ଧନ୍ୟବାଦ ଦେଇ ଘରକୁ ଫେରୁଥିବା ବେଳେ ସେ ପଛରୁ ଡାକିଲେ। ବନ୍ଧୁଙ୍କ ପୁଅ ଗୋଟେ ଠୁଙ୍ଗାରେ କିଛି ଆମ୍ବ ନେଇ ଆସିଲା। "ଏସବୁ ଆପଣଙ୍କ ପତ୍ନୀ ଓ ପିଲାମାନଙ୍କ ପାଇଁ" ବନ୍ଧୁ କହିଲେ। ମୁଁ ପୁଅଟିର ନାଁ ପଚାରିଲି। ସେ କହିଲା, ତା' ନାଁ ୟୁସୁଫ୍ ସିଦ୍ଦିକ୍। ୟୁସୁଫ୍ ସିଦ୍ଦିକ୍? ହଁ, ୟୁସୁଫ ସିଦ୍ଦିକ୍।

ମୋ: ୯୯୩୭୮୪୦୩୮୭



# ଲଘୁ ଗଳ୍ପ

## ସାର୍ଥକ

**ଦେବେନ୍ଦ୍ର କର**

ପୁଅ ବାରବାର ଡାକିବା ପରେ ବାପା ଆସି ପହଞ୍ଚିଛନ୍ତି। ପୁଅ ସରକାରୀ ମେଡିକାଲରେ ଡାକ୍ତର। ଧାଁ ଦୌଡ଼ କାମ। ପୁଅକୁ ନିଃଶ୍ୱାସ ନେବାକୁ ବି ଫୁର୍‌ସତ ନାହିଁ। ସହର ଜାଗା, କାହାରି ଘରକୁ କେହି ଯିବାଆସିବା ନାହିଁ। ବାପା ବସିବା ଲୋକ ନୁହେଁ। ବୋର୍ ଲାଗିବାରୁ ଆଖପାଖ ଆଡ଼େ ବୁଲି ବାହାରିଲେ। ସେଦିନ ବଜାର ଆଡୁ ବୁଲିବାଲି ଆସି କହିଲେ, ବାବୁରେ ଏଠି ତ ଛତୁ ଫୁଟିଲା ପରି କ୍ଲିନିକ୍, ରୋଗ ନିଦାନ କେନ୍ଦ୍ର ଆଉ ଡାକ୍ତର ଚାମ୍ବର। ସମସ୍ତଙ୍କ ସାଇନ ବୋର୍ଡ଼ ଆଖି ଲାଖିଗଲା ପରି ହେଇଚି। ଡାକ୍ତରମାନେ ନିଜ ନାମ, ପଦପଦବୀ ଅଭିଜ୍ଞତାକୁ କେଡ଼େ ସୁନ୍ଦର ଆଉ ବଡ଼ବଡ଼ ଅକ୍ଷରରେ ସଜେଇଛନ୍ତି। ତୁ ତ ଆମ ରାଜ୍ୟର ବଡ଼ ସରକାରୀ ଡାକ୍ତରଖାନାରେ ନିଯୁକ୍ତି ପାଇଛୁ। କାହିଁ ମୁଁ ତୋ ସାଇନ ବୋର୍ଡ଼ କି ନାମଫଳକ କୋଉଠି ବି ଦେଖିଲି ନାହିଁ। ସ୍ମିତ ହସି ପୁଅ କହିଲା– ବାପା, ମୋର ତ ଦିନ ତମାମ ଡାକ୍ତରଖାନାରେ କଟୁଛି ଆଉ ସନ୍ଧ୍ୟା ସମୟ ଏନ୍‌ଜିଓର ଏକ ଦେୟମୁକ୍ତ ଚିକିତ୍ସାଳୟରେ। ସମୟ କାହିଁ ଯେ ମୋ ଡାକ୍ତରିପେସାକୁ ପ୍ରଚାର ପ୍ରସାର କରିବି। ଆଉ ତୁମେ ତ ମତେ ଶିଖେଇଥିଲ ଟଙ୍କା ଉପାର୍ଜନ ଲକ୍ଷ୍ୟ ନୁହେଁ ବରଂ ଲୋକଙ୍କର ଆଶୀର୍ବାଦ ଲକ୍ଷ୍ୟ ନେଇ ସେବା କରିବୁ। ବାପାଙ୍କ ଛାତି ଚାରି ଇଞ୍ଚ ଚଉଡ଼ା ହେଇଗଲା। ଖୁସିରେ ଗଦଗଦ ହୋଇଉଠିଲେ। ପୁଅ ପିଠିକି ଥାପୁଡ଼େଇ କହିଉଠିଲେ– ସାବାସ ବେଟା, ଆଜି ମୁଁ ଗର୍ବ ଅନୁଭବ କରୁଚି। ତତେ ଡାକ୍ତର ପଢ଼େଇବା ମୋ ଶ୍ରମ ସାର୍ଥକ ହେଲା। ତୋ ନିଃସ୍ୱାର୍ଥପର ମନୋଭାବର ସେବା ଜୀବନର ବ୍ରତ ହେଉ। ଭଗବାନ ତତେ ଆହୁରି ଶକ୍ତି ଦିଅନ୍ତୁ, ତୋ ଚଲାପଥ ସୁଖମୟ ହେଉ। ପୁଅ ହସହସ ମୁହଁରେ ବାପାଙ୍କୁ ଆଲିଙ୍ଗନ କରିନେଲା।

ମୋ: ୯୯୩୭୯୬୩୯୧୦



# ପୁସ୍ତକ ପରିଚୟ

## ସନାତନ ଧର୍ମ



**ଲେଖକ:** ଶୋଭାକର ଦାସ ଫତେସିଂହ
**ପ୍ରକାଶକ:** କ୍ରିୟାଯୋଗ ଆଶ୍ରମ, ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୦୦/-

ଆର୍ଯ୍ୟାବର୍ତ୍ତ ଭାରତବର୍ଷରେ ବହୁ କାଳରୁ ପ୍ରତିଷ୍ଠିତ, ମୁନିଋଷିଙ୍କ ସାଧନାର ଫଳଶ୍ରୁତି ହିନ୍ଦୁ ଧର୍ମ ବା ସନାତନ ଧର୍ମର ଉତ୍ପତ୍ତି, କ୍ରମ ବିକାଶ ଓ ଏହି ଧର୍ମର କଲ୍ୟାଣକର ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚ୍ୟ ଗ୍ରନ୍ଥ ହେଉଛି ଏକ ନାନା ତତ୍ତ୍ୱ ଆଧାରିତ ଏପରି ଗ୍ରନ୍ଥ, ଯାହା ସନାତନ ଧର୍ମ ସମ୍ପର୍କରେ ପାଠିକାପାଠକ ତଥା ଏହି ଧର୍ମ ପ୍ରତି ଜିଜ୍ଞାସୁ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିବ। ଏହି ଗ୍ରନ୍ଥ ରଚନା ପାଇଁ ଲେଖକ ଶ୍ରୀମଦ୍ ଭଗବଦ୍ ଗୀତାଠାରୁ ଆରମ୍ଭ କରି ଈଶୋପନିଷଦ, କଠୋପନିଷଦ, ମହାଭାରତ, ରାମାୟଣ ଓ ମନୁସ୍ମୃତି ଆଦିରୁ ତଥ୍ୟ ସଂଗ୍ରହ କରିଛନ୍ତି। ୧୯୧୬ରେ ସେଣ୍ଟ୍ରାଲ ହିନ୍ଦୁ କଲେଜ ଦ୍ୱାରା ପ୍ରକାଶିତ 'ସନାତନ ଧର୍ମ' ପୁସ୍ତକ ଏବଂ ଗୋଆ ସନାତନ ସଂସ୍ଥାର 'ସନାତନ ପୁସ୍ତିକା' ଆଦି ପାଠ କରି ତହିଁରୁ ଉପଯୋଗୀ ତଥ୍ୟ ଆହରଣ କରିଛନ୍ତି। ଏଥିରେ ମୋଟ ୨୬ଟି ଅଧ୍ୟାୟ ରହିଛି, ଯହିଁରେ ପର୍ଯ୍ୟାୟକ୍ରମେ ଲେଖକ ହିନ୍ଦୁଧର୍ମର ଏକବ୍ରହ୍ମ ଧାରଣା, ବୈଜ୍ଞାନିକ ପୃଷ୍ଠଭୂମି, ଦର୍ଶନ, ସଂସ୍କାର, ରୀତିନୀତି, ଉପାସନା, ବର୍ଣ୍ଣାଶ୍ରମ ବ୍ୟବସ୍ଥା ଓ ନୈତିକତା ଆଦି ବିଷୟରେ ତଥ୍ୟଭିତ୍ତିକ ଆଲୋଚନା କରିଛନ୍ତି। ଆଶା, ଗ୍ରନ୍ଥଟି ପାଠକୀୟ ଆଦୃତି ଲାଭ କରିବ।

## ବେଦ ରାହୀଙ୍କ ଡୋଗ୍ରୀ କବିତା



**ଅନୁସୃଜନ:** ବିଦ୍ୟୁତପ୍ରଭା ଗନ୍ତାୟତ
**ପ୍ରକାଶକ:** ଲେଖାଲେଖି, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ବେଦ ରାହୀଙ୍କ ମୂଳ ଡୋଗ୍ରୀ କବିତାର ଏହି ଅନୁବାଦ ଗ୍ରନ୍ଥଟି ହିନ୍ଦୀ ଅନୁବାଦର ଅନୁବାଦ। ବହୁ ଛୋଟ ଛୋଟ କବିତା, ଯହିଁରୁ ଅନେକ ପ୍ରେରଣା ପ୍ରେରିତ ମନେହୁଏ। ବେଦ ରାହୀ କେବଳ କବି ନୁହନ୍ତି, ଜଣେ ଚଳଚ୍ଚିତ୍ର ପଟ୍ଟକଥା ଲେଖକ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକ। ସୁତରାଂ ତାଙ୍କ କବିତା ଚିତ୍ରଧର୍ମୀ ହେବା ସ୍ୱାଭାବିକ ଓ ହୋଇଛି ମଧ୍ୟ। ଅନୁବାଦରେ ଅନୁବାଦକ ଖୁବ୍ ଯତ୍ନଶୀଳ ହେବା ସତ୍ତ୍ୱେ ଅନୂଦିତ ଭାଷାରେ ମୂଳ ଭାଷାର ଆବେଗିକ ଉତ୍ସକୁ ଷୋଳଣା ଧରିରଖିବା କଷ୍ଟସାଧ୍ୟ ନିଶ୍ଚୟ। ଏହା ସତ୍ତ୍ୱେ ବିଦ୍ୟୁତପ୍ରଭାଙ୍କର ଏ ଅନୁବାଦ କର୍ମଟି ମୂଳ ଡୋଗ୍ରୀ କବିତାର କେନ୍ଦ୍ରାନୁସାରୀ ହୋଇପାରିଛି, ତାହା ହିଁ ଆଶ୍ୱାସନାର ବିଷୟ। ଗୋଟିଏ ଯୋଡ଼ିଏ ଉଦାହରଣ ନେବା– ୧. "ସୂର୍ଯ୍ୟ କିରଣ ସମ ନାରୀ ସୁନ୍ଦର/ କୋମଳ, ନମ୍ର, ସୁଶୀଳ/ ଶିଶିର ସ୍ନିଗ୍ଧ/ ସକାଳ କିରଣ ସମ/ ନାରୀ ସୁନ୍ଦର।" (ସୁନ୍ଦର ନାରୀ, ପୃ:୭୬)। ୨. "ଯେଉଁଠି ମୁଁ ଥିଲି/ ସେଠାରେ ମୁଁ ନ ଥିଲି/ ମୋର ଡେଣା ଅଛି/ ମୁଁ ଯେଉଁଠି ଅଛି/ ମୁଁ ସେଠାରେ ନ ଥିଲି/ ମୁଁ ଯେଉଁଠି ରହିବାର ଅଛି/ ମୁଁ ସେଠାରେ ରହିବିନି/ ମୋର ଡେଣା ଅଛି।" (ଆଚ୍ଛା, ପୃ:୧୩୧) କବିତାଗୁଡ଼ିକ ସରଳ, ଅଥଚ ବୁଦ୍ଧିଦୀପ୍ତ। ଓଡ଼ିଆରେ ଅନୂଦିତ ଏହି ପୁସ୍ତକଟି ଦ୍ୱାରା ଡୋଗ୍ରୀ ଭାଷା ଓ ସାହିତ୍ୟର ଆଲୋକ ଅବଶ୍ୟ ଆମ ପାଠିକାପାଠକଙ୍କୁ ଆଲୋକିତ କରିବ।

# କାଳକାଳକୁ

"ଜନ୍ମରୁ ଆମେ ସମସ୍ତେ ପାଗଳ,
ସାରା ଜୀବନ ପାଗଳ ହୋଇ
ରହିଯା'ନ୍ତି କେହି କେହି।"
– ସାମୁଏଲ୍ ବେକେଟ୍



ସାମୁଏଲ୍ ବେକେଟ୍‌ଙ୍କ ଜନ୍ମ ୧୩ ଏପ୍ରିଲ ୧୯୦୬ରେ ଆୟର୍ଲାଣ୍ଡରେ ଓ ପରଲୋକ ୨୨ ଡିସେମ୍ବର ୧୯୮୯ରେ ଫ୍ରାନ୍ସର ପ୍ୟାରିସ୍‌ରେ, ୮୩ ବର୍ଷ ବୟସରେ। ସେ ଏକାଧାରରେ ଔପନ୍ୟାସିକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଗାଳ୍ପିକ, କବି ଓ ଅନୁବାଦକ। ସେ ଉଦ୍ଭଟ ନାଟ୍ୟଧାରାର ଅନ୍ୟତମ ପ୍ରବର୍ତ୍ତକ। ତାଙ୍କର ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରେ 'ୱେଟିଙ୍ଗ୍ ଫର୍ ଗୋଦୋ', 'ଏଣ୍ଡ ଗେମ୍' ଓ 'ହାପି ଡେଜ୍' ଅନ୍ୟତମ। ଆଇରିଶ୍ ଭାଷାର ଏହି ବିଶ୍ୱବିଦିତ ଲେଖକ ସାହିତ୍ୟକୁ ଉଚ୍ଚାଙ୍ଗ ଅବଦାନ ପାଇଁ ୧୯୬୯ରେ ନୋବେଲ ପୁରସ୍କାର ଦ୍ୱାରା ପୁରସ୍କୃତ।

# କବିତା

## ଗୋଟେ ଦିନ ମୁକ୍ତ କରିଦିଅ

**ଶ୍ୱେତା ରାଉତ**

ମୋତେ ଗୋଟେ ଦିନ ମୁକ୍ତ କରିଦିଅ
ମୋହଗ୍ରସ୍ତ ପୃଥିବୀର ମାୟା ବନ୍ଧନରୁ
ଭୁଲିଯିବାକୁ ଦିଅ ସବୁ କଟକଣା
ଖୋଲିଯିବାକୁ ଦିଅ ମର୍ଯ୍ୟାଦାର ଶିକୁଳି
ଯିଏ ବାନ୍ଧି ରଖିଛି ପାଦଦ୍ୱୟ
ବେଡ଼ିପରି ସଂସ୍କାର ଆଳରେ।

ମୋତେ ଗୋଟେ ଦିନ ଫେରିଯିବାକୁ ଦିଅ
ଅଭୁଲା ଅତୀତକୁ
ଗଢ଼ିବାକୁ ଦିଅ ବାଲିଘର ସମୁଦ୍ରବେଳାରେ
ଗାଁଦାଣ୍ଡ ଗଳିକନ୍ଦିରେ
ବେଫିକର ବୁଲିବାକୁ ଦିଅ ସାଙ୍ଗମେଳରେ
ମୋତେ ଚାଲିବାକୁ ଦିଅ
ଯୁଆଡ଼େ ଟାଣିନେଉଛି ପାଦ
ପଚାରନି ମୋତେ
କୁଆଡ଼େ କେମିତି କାହିଁକି ଯାଉଛି ମୁଁ!
ପଚାରନି ଫେରିବାର ନିର୍ଦ୍ଦିଷ୍ଟ ସମୟ।

ମୋତେ ଗୋଟେ ଦିନ ଦୁଷ୍ଟ ହେବାକୁ ଦିଅ
କାହା ବାଡ଼ିର ବରକୋଳି ପରି
ଚୋରି କରିବାକୁ ଦିଅ
ମନ ପ୍ରାଣ ହୃଦୟ
ଆଖିରେ ଖଞ୍ଜିଦେବାକୁ ଦିଅ ଅସରନ୍ତି ସ୍ୱପ୍ନ
ସ୍ଥାନ କାଳ ପାତ୍ର ଭୁଲିଯାଇ
ମୋତେ ଖୋଜି ବୁଲୁଥିବା ପ୍ରିୟତମ ଆଖିରେ
ଉନ୍ମାଦଟେ ସାଜିବାକୁ ଦିଅ
ଭୁଲିଯିବାକୁ ଦିଅ ସବୁତକ ଜଞ୍ଜାଳ ଦହଗଞ୍ଜ
ମୋ' ଈପ୍‌ସିତ ପୃଥିବୀରେ
ମୋତେ ରାଣୀ ହେବାକୁ ଦିଅ।

ମୋତେ ଗୋଟେ ଦିନ ଉଡ଼ିଯିବାକୁ ଦିଅ
ପ୍ରତିକ୍ଷଣ ଡରାଉଥିବା ଆପଣାର ଛାଇଠାରୁ
ଆକାଶ ଛାତିରେ ଡେଣା ମେଲି
ଭୁଲିଯିବାକୁ ଦିଅ ନିଜ ପରିଚୟ
ଚଞ୍ଚୁରେ ସାଉଁଟି ନେବାକୁ ଦିଅ ଈପ୍‌ସିତ ମୁହୂର୍ତ୍ତ
ଖୋଲିଦିଅ ପଞ୍ଜୁରିର ଦ୍ୱାର
ଦେଖିଆସେ କୁହୁକ ଦ୍ୱୀପର ନାଳବଣ।
ଉତ୍କଣ୍ଠାରେ ପରିପୂର୍ଣ୍ଣ ମନ୍ଦିର ଚୂଡ଼ାକୁ
ମୋତେ ଉଡ଼ିଯିବାକୁ ଦିଅ
ନଦୀ ବନ କାନନ ବିହରିବାକୁ ଦିଅ
ଆପଣା ଇଚ୍ଛାରେ।

ମୋତେ ଗୋଟେ ଦିନ ଫୁଲ ହେବାକୁ ଦିଅ
ଟେବୁଲର ଫୁଲଦାନିରୁ ବାହାରି
ଫୁଟିବାକୁ ଦିଅ ସବୁଜ ବନାନୀରେ
ମୋତେ ମହକିତ ହେବାକୁ ଦିଅ ପବନରେ
ଝୁମିବାକୁ ଦିଅ ଖିଆଲିପଣରେ
ବିଷାକ୍ତ ଧୂଆଁରେ ମଉଳିବା ଆଗରୁ
ମୋତେ ଭିଜିବାକୁ ଦିଅ କାକର ଟୋପାରେ
ପଚାରନି ମୋତେ କେମିତି ବିଶେ
ସ୍ୱପ୍ନରେ ଟଳମଳ ରାତି!
କହିପାରିବିନି ନିରୋଳା ମିଛ କି ନିର୍ମଳ ସତ୍ୟ
ମୋତେ ଗୋଟେ ଦିନ ମୁକ୍ତ କରିଦିଅ
ଜୀବନ ଯନ୍ତ୍ରଣାର ଜଟିଳ ପ୍ରଶ୍ନରୁ।

ମୋ: ୯୪୩୯୭୨୬୦୬୦

## କିଏ କ'ଣ ହିସାବ ରଖିଛି

**ଉମା ଶଙ୍କର ପାଳ**

କିଏ କ'ଣ ହିସାବ ରଖିଛି,
କେତେ ଦୀପ ଏ ଧରାରେ ଜଳି ଲିଭିଗଲା
କେତେ ଜାତି ଧର୍ମ ଭାଷା ଜନ୍ମ ଲଭି
କାଳ ଗର୍ଭେ ବିଲୀନ ହୋଇଲା
କେତେ କେତେ ରାଜା ପ୍ରଜା
ଯୋଗୀ ଭୋଗୀ
ଦୁଃଖୀ ସୁଖୀ କଥା
କେତେ ଯୁଦ୍ଧ ରକ୍ତପାତ ଅସ୍ତ୍ରାଘାତେ
ଅଜ୍ଞାତ କେ ସୈନିକର ବ୍ୟଥା।

ବାତ୍ୟା ବନ୍ୟା ଦୁର୍ବିପାକ
ଭୋକଜ୍ୱାଳା ନଅଙ୍କ ଦୁର୍ଭିକ୍ଷ
ସଂଗ୍ରାମୀର ଫାଶୀ ଶୂଳି
ଦୀପାନ୍ତରେ କଳାପାଣି ଭୋଗ
ମଧ୍ୟଯୁଗ ବର୍ବରତା,
ନାରୀ ଅତ୍ୟାଚାର
ପୁଣି କ୍ରୀତଦାସ ଜୀବନର ଗାଥା
ବ୍ୟାଘ୍ରମୁଖେ ଠେଲିଦେଇ ଗ୍ୟାଲେରିରୁ
ମଜାନିଏ ନିଷ୍ଠୁର ଜନତା।

ନିଜ ପୁତ୍ରେ ବଳିଦେଇ
କେଉଁ ଧାଈ
ରାଜପୁତ୍ର ଜୀବନ ରକ୍ଷକ
ପରହିତେ ପ୍ରାଣ ଦେଇ
ଇତିହାସ ବକ୍ଷେ
ଲେଖା କା' ନାମ ଫଳକ
କୃଚ୍ଛ୍ର ସାଧନାରେ ବ୍ରତୀ
କେଉଁ ଯୋଗୀ ଲଭିଲା ନିର୍ବାଣ
ପୁଷ୍କରିଣୀ ଖୋଳି କିଏ
କଲା ଅବା ମନ୍ଦିର ନିର୍ମାଣ।

ଭଲମନ୍ଦ ପାପପୁଣ୍ୟ
ବିସ୍ମୃତିରେ ସବୁ ହଜିଯାଏ
ଆଜି କଥା କାଲି ନାହିଁ,
ହିସାବ କି ରଖିଅଛି କିଏ?

ମୋ: ୯୫୫୬୮୮୮୭୦୮

## ଗୀତି-କବିତା

## ଏମିତି ଏ ମନଚୋର

**ନିରଞ୍ଜନ ସାହୁ**

ଅଚାନକ ଦିନେ ତାହାରି ସାଥିରେ
ଭେଟ ହୋଇଗଲା ମୋର
ହାତ ଠାରି ଦେଇ ମିତଣୀ କହିଲା
'ହେଇ ତୋର ମନଚୋର।'

'ମନଚୋର' ଶୁଣି ଚମକି ପଡ଼ିଲି
ଭାବିଲି ଅଟେ ସେ କିଏ
ଯାହାକୁ ଦେଖିଲି ଆଶ୍ଚର୍ଯ୍ୟ ହୋଇଲି
ଭଲ ପାଉଥିଲା ଯିଏ
ମିତଣୀ କହିଲା, "ଭାବୁଛୁ କ'ଣ ଯେ
ଇଏ କି ନ ଥିଲା ତୋର?"

ତା' ବାଟରେ ସିଏ ଚାଲି ଯାଉଥିଲା
କରୁଥିଲା ତା'ର କାମ
ସାହସ ନଥିଲା ଡାକିବାକୁ ତାକୁ
ଧରିକି ତାହାରି ନାମ
ସ୍ମୃତି ଜଡ଼ସଡ଼ ହେଉଥିଲା ମନ
ଭାବନା ଘୋଟିଲା ଘୋର।

ସେଦିନ ରାତିରେ ନିଦ ହେଲାନାହିଁ
ମନେପଡୁଥିଲା ସବୁ
ପାହାନ୍ତି ସପନେ ସିଏ କହୁଥିଲା,
'କଥା ଦେଇ କଥା ନବୁ'
ବାଉଳିଚାଉଳି ହେଉଥିଲି ମୁହିଁ
ରାତି ପାହି ହେଲା ଭୋର।

ମୋ: ୯୮୩୮୭୪୧୫୮୩

# କଥାଟିଏ

## କଳାକୋଇଲିର କୁହୁ

**ଶିବ ମିଶ୍ର**

ମୋର ସେଇ ସାଙ୍ଗ ଅନେକ ଦିନ ବିଦେଶରେ ରହିବା ପରେ ଏବେ ଗାଁକୁ ଆସିଥିଲା। ଆମେ ଦୁହେଁ ତା' ଦାଣ୍ଡପିଣ୍ଡାରେ ବସି କଥା ହେଉଥିଲା ବେଳେ ଆମ ସାମ୍ନାରେ ରାଉରାଉ ହେଉଥିବା କାଉଟାକୁ 'ହାସ୍' କରିଦେଇ ସାଙ୍ଗ କହିଲା– ବସନ୍ତ ଋତୁ ଆସିଲାଣି, ଏବେ କୋଇଲିର ମିଠା ସ୍ୱର ଶୁଣିବାକୁ ମିଳିବ। ହଠାତ୍ କଥାର ମୋଡ଼ ବଦଳାଇ ସିଏ କହିଲା– ଆରେ ହଁ, ଗୋଟାଏ କଥା ମନେପଡ଼ିଲା, ଆମ ତଳ ଶ୍ରେଣୀରେ ପଢୁଥିବା ସେ ଝିଅଟା, ଯିଏ ସବୁବେଳେ ହସୁଥାଏ। ସିଏ ମ, ଯାହାର ରଙ୍ଗ କଳା ହୋଇଥିବାରୁ ଆମେ ତାକୁ କଳାକୋଇଲି ବୋଲି କହୁଥିଲେ। ତା' ଦେହର ରଙ୍ଗ ଯାହା ହେଉ, ହେଲେ ତା' ହସ ଖୁବ୍ ସୁନ୍ଦର। ସିଏ ବାହା ହୋଇଗଲାଣି ତ? ମୁଁ କହିଲି– ନା, ସିଏ ବାହା ହୋଇନାହିଁ। ତା'ର ବିବାହ ପ୍ରସ୍ତାବ ନେଇ ଆଜି କିଏ ତାକୁ ଦେଖିବା ପାଇଁ ଆସିବେ ବୋଲି ମୁଁ ଶୁଣୁଥିଲି। କେଜାଣି କ'ଣ ହେଲା! ଏତିକିବେଳକୁ ଗୋଟାଏ କାର୍ ଆସି ସେଇ କଳାକୋଇଲିର ଦୁଆର ଆଗରେ ରହିଲା। ସାଙ୍ଗ କହିଲା– ବୋଧହୁଏ ତାକୁ ଦେଖିବା ପାଇଁ ସେମାନେ ଆସିଗଲେ। ଚାଲ ଆମେ ଯିବା।

ଆମେ ଦୁହେଁ ଚାଲ ଚାଲ ହୋଇ କଳାକୋଇଲିର ଘରଆଡ଼କୁ ଗଲୁ। ଖୋଲାଥିବା ଗୋଟିଏ ଝରକାରେ ଦେଖିଲୁ– ଜଣେ ଯୁବକ ଆଉ ଜଣେ ବୟସ୍କ ଲୋକ, ସେ ଘର ଭିତରେ ବସିଥିଲେ। ସେଇ ପାଖରେ ଜଳଖିଆ ପ୍ଲେଟ୍ ଆଉ ପାଣି ଗ୍ଲାସ୍ ଥୁଆ ହୋଇଥିଲା। କିଛି ସମୟ ପରେ କଳାକୋଇଲି ସୁନ୍ଦର ଶାଢ଼ିଟିଏ ପିନ୍ଧି ସେଇଠିକି ଆସିଲା। ସେତେବେଳେ ତା' ଓଠରେ ଟେନାଏ ହସ ଲାଖିଥିବାର ଦେଖି ସାଙ୍ଗ କହିଲା– କଳାକୋଇଲି କେମିତି ହସୁଛି ଦେଖୁଛୁ? ଗଛଡାଳରେ ବସି ରାବୁଥିବା କୋଇଲିର ସ୍ୱର ଯେମିତି



ମଧୁର, ଘର ଭିତରେ ଥିବା ଏଇ କଳାକୋଇଲିର ହସ ବି ସେମିତି ସୁନ୍ଦର। ନା କ'ଣ କହୁଛୁ? ମୁଁ କହିଲି– ସତ, କୋଇଲିର କୁହୁରେ ତା'ର ବୁକୁଫଟା କାନ୍ଦଣା, ନା ତା'ର ମନଖୋଲା ହସର ରାଗିଣୀ ଥାଏ, କିଏ ଜାଣେ? ଠିକ୍ ସେମିତି ଏଇ କଳାକୋଇଲିର ହସରେ କ'ଣ ଅଛି ଜାଣି ହେଉନାହିଁ। ସାଙ୍ଗ କହିଲା– ବସନ୍ତର ମଳୟ ଲାଗି ଆମ୍ବ ବଉଳିଲେ ତା' ମହକରେ ମତୁଆଲା କୋଇଲି କାନ୍ଦିବ କାହିଁକି? ସେମିତି ଏଇ କଳାକୋଇଲି ପାଇଁ ଏଇଟା ତ ମଧୁବସନ୍ତର ସ୍ୱପ୍ନରେ ବିଭୋର ହେବାର ବେଳ ବୋଲି କ'ଣ ତୁ ଜାଣିପାରୁନୁ?

ଏବେ ଆମେ ଦେଖିଲୁ ଚୌକିରେ ବସିଥିବା ସେ ଯୁବକ ଥରଟିଏ କଳାକୋଇଲିର ମୁହଁକୁ ଚାହିଁ ଦେଇ ତଳକୁ ଚାହିଁଲା। ତା' ପରେ କଳାକୋଇଲିର କଳାହାତକୁ ଆଉ ନିଜର ଗୋରା ହାତକୁ କେତେଥର ଦେଖିବାପରେ, ହଠାତ୍ ଚୌକିରୁ ଉଠି ବାହାରକୁ ଚାଲିଆସିଲା। ତା' ପଛରେ ସେ ବୟସ୍କ ଲୋକ ଜଣକ ଆଉ କଳାକୋଇଲିର ବାପା ବି ଚାଲିଗଲେ। କଳାକୋଇଲି ସେଇଠି ସେମିତି ଠିଆ ହୋଇଥିଲା। ତା' ଆଖିରୁ ଝରିଯାଉଥିଲା ଲୁହରଧାର, ଆଉ ଓଠରେ ଥିଲା ହସର ଫୁଆରା। ମୋ' ହାତକୁ ଟାଣି ଦେଇ ସାଙ୍ଗ କହିଲା– ଚାଲ ଯିବା।

ଆମେ ଫେରିଲାବେଳକୁ କେଜାଣି କୋଉଠୁ ଭାସି ଆସୁଥିଲା ଗୋଟିଏ ସତ କୋଇଲିର କୁହୁ। ମୁଁ ସାଙ୍ଗକୁ କହିଲି– ଏବେ କହ ହସ ନା କାନ୍ଦ, କ'ଣ ଥାଏ କୋଇଲିର କୁହୁରେ?

ମୋ: ୯୮୫୩୦୭୦୦୧୮



ଧରିତ୍ରୀ
DHARITRI
ଧରିତ୍ରୀ 50 Years



# ଲକ୍ଷ୍ନୌର ଦମ୍‌ଦାର ବିଜୟ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଲୋକେଶ ରାହୁଲ।

**ଲକ୍ଷ୍ନୌ, ୧୯।୪**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଦମ୍‌ଦାର ବିଜୟ ହାସଲ କରିଛି। ଓପନିଂ ଯୋଡ଼ିରେ ଅଧିନାୟକ ଲୋକେଶ ରାହୁଲ ଓ କ୍ୱିଣ୍ଟନ ଡିକକ୍‌ଙ୍କ ଶତକୀୟ ଭାଗୀଦାରି ବଳରେ ଏହି ଦଳ ଚେନ୍ନାଇ ସୁପର କିଙ୍ଗ୍ସକୁ ୮ ଉଇକେଟରେ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୭୬ ରନ ସଂଗ୍ରହ କରିଥିଲା। ଜବାବରେ ଲକ୍ଷ୍ନୌ ୧୯ ଓଭରରେ ୨ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରି ନେଇଛି। ରାହୁଲ ଓ ଡିକକ୍ ପ୍ରଥମ ଉଇକେଟରେ ୯୦ ବଲ୍‌ରୁ ୧୩୪ ରନର ଭାଗୀଦାରି ଗଢ଼ି ଦଳର ବିଜୟ ପଥ ପରିଷ୍କାର କରିଥିଲେ। ୧୫ତମ ଓଭରର ଶେଷ ବଲ୍‌ରେ ଡିକକ୍‌ଙ୍କୁ ଆଉଟ କରି ମୁସ୍ତାଫିଜୁର ରହମନ ଚେନ୍ନାଇକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ଡିକକ୍ ୪୩ ବଲ୍‌ରୁ ୫୪ (୫ ଚୌକା, ୧ ଛକା) ଓ ରାହୁଲ ୫୩ ବଲ୍‌ରୁ ୮୨ (୯ ଚୌକା, ୩ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ମୁସ୍ତାଫିଜୁର ଓ ମାଥିସା ପଥିରାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ୭ ମ୍ୟାଚରୁ ଏହାଥିଲା ୪ର୍ଥ ବିଜୟ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କେବଳ ସେତିକି ନୁହେଁ ନିୟମିତ ବ୍ୟବଧାନରେ ଉଇକେଟ ପତନ ଯୋଗୁ କୌଣସି ଉଇକେଟରେ ବଡ଼ ଭାଗୀଦାରି ହୋଇପାରି ନ ଥିଲା। ଅଧିନାୟକ ରତୁରାଜ ଗାଏକ୍ୱାର୍ଡ ମାତ୍ର ୧୭ ରନର ଯୋଗଦାନ ଦେଇଥିବାବେଳେ ଅଜିଙ୍କ୍ୟ ରାହାନେ ୩୬ ରନକରି ପ୍ୟାଭିଲିୟନ ଫେରିଥିଲେ। ୯୦ ରନରେ ଦଳର ୫ମ ଉଇକେଟ ପଡ଼ିଥିଲା। ରବି ବିଷ୍ଣୋଇଙ୍କୁ କ୍ରମାଗତ ୩ ଛକା ମାରିବାପରେ ମୋଇନ୍ ଅଲୀ ୩୦ ରନକରି ଆଉଟ ହୋଇଥିଲେ। ଏହାପରେ ଆସିଥିଲା ଧୋନୀ ସ୍ପେଶାଲ। ମାତ୍ର ୯ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧୋନୀ ୩ ଚୌକା ଓ ୨ ଛକା ସହାୟତାରେ ୨୮ ରନ କରିବାରୁ ଚେନ୍ନାଇ ସ୍କୋର ୧୭୬ରେ ପହଞ୍ଚି ଯାଇଥିଲା। ଜାଡେଜା ୪୦ ବଲ୍‌ରୁ ୫୭ (୫ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ କୃନାଲ ପାଣ୍ଡ୍ୟା ୨ଟି ଏବଂ ମହସିନ ଖାଁ, ଯଶ ଠାକୁର, ରବି ବିଷ୍ଣୋଇ ଓ ମାର୍କୁସ ଷ୍ଟୋଇନିସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୬/୬ (ରବୀନ୍ଦ୍ର ଜାଡେଜା-୫୭*, ଅଜିଙ୍କ୍ୟ ରାହାନେ-୩୬, ମୋଇନ ଅଲୀ-୩୦, ମହେନ୍ଦ୍ର ସିଂ ଧୋନୀ-୨୮*, କୃନାଲ ପାଣ୍ଡ୍ୟା-୨/୧୬, ମହସିନ ଖାଁ-୧/୩୭, ଯଶ୍ ଠାକୁର-୧/୪୫, ରବି ବିଷ୍ଣୋଇ-୧/୪୪, ମାର୍କୁସ ଷ୍ଟୋଇନିସ-୧/୭)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୧୯ ଓଭରରେ ୧୮୦/୨ (ଲୋକେଶ ରାହୁଲ-୮୨, କ୍ୱିଣ୍ଟନ ଡିକକ୍-୫୪, ନିକୋଲସ ପୁରନ-୨୩*, ମୁସ୍ତାଫିଜୁର ରହମନ-୧/୪୩, ମାଥିସା ପଥିରାନା-୧/୨୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଦିଲ୍ଲୀ ବନାମ ହାଇଦ୍ରାବାଦ**

ସ୍ଥାନ: ଦିଲ୍ଲୀ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୭ | ୬ | ୧ | ୧୨ | +୦.୬୭୭ |
| କୋଲକାତା ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୧.୩୯୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୪ | ୩ | ୮ | +୦.୫୨୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | -୦.୦୭୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୧୩୩ |
| ଗୁଜରାଟ ଟାଇଟନ୍ସ | ୭ | ୩ | ୪ | ୬ | -୧.୩୦୩ |
| ପଞ୍ଜାବ କିଙ୍ଗ୍ସ | ୭ | ୨ | ୫ | ୪ | -୦.୨୫୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

# ଇତିହାସ: ସେମିରେ ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର୍‌ଲିଗ୍**

**ଭୁବନେଶ୍ୱର, ୧୯।୪**
**(ତପନ ସ୍ୱାଇଁ)**

ଇତିହାସ ରଚିଲା ଓଡ଼ିଶା ଏଫ୍‌ସି। ଅତିରିକ୍ତ ସମୟରେ ଇସାକ ଭନଲାଲରୁଆତଫେଲାଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ପ୍ରଥମଥର ପାଇଁ ଇଣ୍ଡିଆନ ସୁପର ଲିଗ୍-୨୦୨୪ର ସେମିଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଘରୋଇ ଦଳ ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଅତିରିକ୍ତ ସମୟର ସହାୟତା ନିଆ ଯାଇଥିଲା। ଏଥିସହ ଚଳିତ ସିଜନରେ କେରଳ ଦଳର ଅଭିଯାନ ଶେଷ ହୋଇଛି। ଓଡ଼ିଶା ଏଫ୍‌ସି ୨୩ ତାରିଖରେ ସେମିଫାଇନାଲରେ ଲିଗ୍ ପର୍ଯ୍ୟାୟର ଟେବୁଲ ଟପ୍ପର ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ। ସେମିଫାଇନାଲ ଦୁଇ ପର୍ଯ୍ୟାୟ ବିଶିଷ୍ଟ ହେବ।

ଲିଗ୍ ଟେବୁଲର ୪ର୍ଥ ଓ ୫ମ ସ୍ଥାନରେ ଥିବା ଦୁଇ ସମକକ୍ଷ ଦଳ ମଧ୍ୟରେ ଲଢ଼େଇ ଆରମ୍ଭରୁ ରୋଚକ ହୋଇଥିଲା। ପାସ୍ ଆକ୍ୟୁରେସି, ବଲ୍ ପୋଜେଶନ ଓ ପାସେସ୍‌ରେ ଯଦିଓ ଓଡ଼ିଶା ଏଫ୍‌ସି ଆଗରେ ରହିଥିଲା ତେବେ ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୨୨ତମ ମିନିଟରେ କେରଳ ବ୍ଲାଷ୍ଟର୍ସର ମିଲୋସ ଡ୍ରିନ୍‌କିକ୍, ୨୯ ମିନିଟରେ ଏଲ. ଶର୍ମା, ୪୨ମିନିଟରେ ମାର୍କ ଲେସ୍କୋଭିକ୍ ୟେଲୋ କାର୍ଡ ପାଇବା ଚର୍ଚ୍ଚାରେ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲେ ହେଁ ଗୋଲପୋଷ୍ଟର ନେଟ୍ ଟଚ୍ କରିବା ଉଭୟ ଦଳର ଖେଳାଳିଙ୍କ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ୬୭ତମ ମିନିଟରେ କେରଳ ପାଇଁ ଶୁଭ ମୁହୂର୍ତ୍ତ ଆସିଥିଲା। ମହମ୍ମଦ ଏମେନଙ୍କଠାରୁ ପାଇଥିବା ପାସ୍‌କୁ ଫିଡର ସେର୍ନିଚ୍ ନିୟନ୍ତ୍ରଣରେ ରଖି ବଲ୍‌କୁ ବକ୍ସର ଡାହାଣ ପଟରୁ ଡାହାଣ ପାଦରେ ଲେଫ୍ଟ କର୍ନରରେ ଭର୍ତ୍ତି କରାଇବାରେ ସଫଳ ହୋଇଥିଲେ। ମାତ୍ର ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ୮୭ତମ ମିନିଟରେ ଡିଏଗୋ ମରିସିଓ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ରୟ କ୍ରିଷ୍ଣାଙ୍କଠାରୁ ପାଇଥିବା ପାସ୍‌କୁ ମରିସିଓ ଗୋଲପୋଷ୍ଟର ମଧ୍ୟଭାଗରୁ ରାଇଟ୍ ଫୁଟ୍ ଶଟ୍ ମାଧ୍ୟମରେ ଏହି ଗୋଲ କରିଥିଲେ। ଫଳରେ ଘରୋଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଥିଲା। ୭୬ ମିନିଟରେ ଓଡ଼ିଶା ଏଫ୍‌ସିର କାର୍ଲୋସ ଡେଗାଡୋଙ୍କୁ ୟେଲୋ କାର୍ଡ ମିଳିଥିଲା।

୯୦+୭ ମିନିଟ ମଧ୍ୟରେ ଫଳାଫଳ ନ ମିଳିବାରୁ ମ୍ୟାଚ ଅତିରିକ୍ତ ସମୟକୁ ଯାଇଥିଲା। ମାତ୍ର ଏହାର ପ୍ରଥମ ଭାଗରେ କମାଲ ଦେଖାଇଥିଲେ ଓଡ଼ିଶା ଏଫ୍‌ସିର ଇସାକ ଭନଲାଲରୁଆତଫେଲା। ଅତିରିକ୍ତ ସମୟର ୮ମ ମିନିଟରେ ସେ ରୟ କ୍ରିଷ୍ଣାଙ୍କଠାରୁ ପାଇଥିବା ପାସ୍‌କୁ ଲେଫ୍ଟ ଫୁଟ୍ ଶଟ୍ ଜରିଆରେ ଗୋଲରେ ପରିଣତ କରିବାରେ ସକ୍ଷମ ହୋଇଥିଲେ। ଶନିବାର ଏଫ୍‌ସି ଗୋଆ ଓ ଚେନ୍ନାଇନ ଏଫ୍‌ସି ମଧ୍ୟରେ ହେବାକୁଥିବା ପ୍ଲେଅଫ୍‌ର ବିଜେତା ସେମିଫାଇନାଲରେ ପ୍ରବେଶ କରିବ।



ଗୋଲ୍ ସ୍କୋର କରିବା ପରେ ଓଡ଼ିଶା ଏଫ୍‌ସିର ଡିଏଗୋ ମରିସିଓ (ବାମ)ଙ୍କ ସହ ରୟ କ୍ରିଷ୍ଣା। (ଫଟୋ: ବିକାଶ ନାୟକ)

**ଇତିହାସ ରଚିଲା ଓଡ଼ିଶା ଏଫ୍‌ସି। ଅତିରିକ୍ତ ସମୟରେ ଇସାକ ଭନଲାଲରୁଆତଫେଲାଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ପ୍ରଥମଥର ପାଇଁ ଇଣ୍ଡିଆନ ସୁପର ଲିଗ୍-୨୦୨୪ର ସେମିଫାଇନାଲରେ ପ୍ରବେଶ କରିଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଶୁକ୍ରବାର ଅନୁଷ୍ଠିତ ପ୍ଲେ-ଅଫ୍‌ରେ ଘରୋଇ ଦଳ ୨-୧ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ହରାଇ ଦେଇଛି।**

## ଆବାସୋଭଙ୍କୁ ହରାଇଲେ ଗୁକେଶ

**ଟରଣ୍ଟୋ, ୧୯।୪ (ପି.ଟି.):** କ୍ୟାଣ୍ଡିଡେଟ୍ସ ଚେସ୍‌ରେ ସ୍ୱଳ୍ପ ବୟସ୍କ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶଙ୍କ ଆଉ ଏକ ଚମତ୍କାର ପ୍ରଦର୍ଶନ। ଦ୍ୱାଦଶ ରାଉଣ୍ଡରେ ଆଜରବୈଜାନର ନିଜାତ୍ ଆବାସୋଭଙ୍କୁ ପରାସ୍ତ କରି ପୁଣି ଥରେ ମିଳିତ ଅଗ୍ରଣୀ ହୋଇଛନ୍ତି। ଆର. ପ୍ରଜ୍ଞାନନ୍ଦ ଓ ଭିଦିତ ଗୁଜରାଠୀ କିନ୍ତୁ ସେମାନଙ୍କ ଗେମ୍ ହାରିଯାଇଛନ୍ତି। ଫ୍ରାନ୍ସର ଫିରୋଜା ଆଲିରେଜାଙ୍କ ବିପକ୍ଷରେ ବିଜୟ ଦ୍ୱାରା ଆମେରିକାର ହିକାରୁ ନାକାମୁରା ମଧ୍ୟ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଗୁକେଶ ଓ ନାକାମୁରା ପୂର୍ବରୁ ପ୍ରଥମ ସ୍ଥାନରେ ରହିଥିବା ରୁଷିଆର ଇଆନ ନେପମ୍ନିଆଚିଙ୍କ ସହ ଯୋଗ ଦେଇଛନ୍ତି। ପ୍ରଜ୍ଞାନନ୍ଦଙ୍କ ସହ ଡ୍ର’ ରଖି ନେପମନିଆଚି ୭.୫ ପଏଣ୍ଟ ସହ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଏହି ୩ଜଣଙ୍କ ପଛରେ ୭ ପଏଣ୍ଟ ସହ ଆମେରିକାର ଫାବିଆନୋ କାରୁଆନା ରହିଛନ୍ତି। ପ୍ରଜ୍ଞାନନ୍ଦ ପୂର୍ବଭଳି ୬ ପଏଣ୍ଟ ସହ ପୂର୍ବ ଭଳି ୫ମ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ୫ ପଏଣ୍ଟ ଅର୍ଜନ କରିଥିବା ଗୁଜରାଠୀ ରହିଛନ୍ତି। ୮ଜଣ ଖେଳାଳିଙ୍କୁ ନେଇ ଏହି ଡବଲ ରାଉଣ୍ଡ-ରବିନ ଟୁର୍ନାମେଣ୍ଟର ଆଉ ଦୁଇ ରାଉଣ୍ଡ ଖେଳ ବାକି ରହିଛି। ତେଣୁ ଦୁଇଜଣ ପୋଡିୟମ ଫିନିଶ ଅସମ୍ଭବ ମନେ ହେଉଛି। ଅଲିରେଜା ଓ ଆବାସୋଭ ଯଥାକ୍ରମେ ୪.୫ ଏବଂ ୩ ପଏଣ୍ଟ ସହ ଟେବୁଲର ଶେଷ ଦୁଇ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ମହିଳା ବିଭାଗରେ ଚାଇନିଜ ଖେଳାଳିଙ୍କ ଅଧିପତ୍ୟ ଦେଖିବାକୁ ମଳିଛି। ଝୋଙ୍ଗୟି ତାନ୍ ବୁଲଗେରିଆର ନୁର୍ଗୟୁଲ ସାଲିମୋଭାଙ୍କ ବିପକ୍ଷ ଗେମ୍ ଡ୍ର ରଖି ୮ ପଏଣ୍ଟ ସହ ଏକକ ଅଗ୍ରଣୀ ଲାଭ କରିଛନ୍ତି। ରୁଷିଆର କାଟରିନା ଲାଗ୍‌ନୋ ଚାଇନାର ଡିଙ୍ଗ୍‌ଜି ଲେଇଙ୍କ ସହ ତାଙ୍କ ଗମେ୍ ଡ୍ର ରଖି ପଏଣ୍ଟ ବଣ୍ଟୁଆରା କରିଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ